# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୧/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, September 11/2019 | ★★★★

୪୫ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## କଂଗ୍ରେସ ଛାଡ଼ିଲେ ଉର୍ମିଳା ମାତୋଣ୍ଡକର

ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଉର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

୦୨

୧୮

## ଭାରତ 'ଏ' ଦଳରେ ଦିବ୍ୟଦର୍ଶିନୀ

ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ପାଇଁ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ।



### ଅନ୍ତର୍ଜାତୀୟ ମଞ୍ଚରେ ସତ ମାନିଲା ପାକିସ୍ତାନ

## ଜମ୍ମୁ-କଶ୍ମୀର ଭାରତର

**ଜେନେଭା, ୧୦।୯(ଆଇଏଏନ୍ଏସ୍):** ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମଙ୍ଗଳବାର ପାକିସ୍ତାନ ସ୍ୱୀକାର କରିଛି। ସୁଇଜରଲାଣ୍ଡର ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ଅଧିବେଶନରେ ଯୋଗଦେବା ପରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ 'ଜମ୍ମୁ-କଶ୍ମୀର ଭାରତର ରାଜ୍ୟ' ବୋଲି କହୁ କହୁ କହିଦେଇଛନ୍ତି। କୁରେଶୀ କହିଥିଲେ, ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଭାରତ ବିଶ୍ୱକୁ ଏକ ଧାରଣା ଦେଇଛି। ଯଦି ଲୋକଙ୍କ ଜୀବନଯାତ୍ରା ସ୍ୱାଭାବିକ ହୋଇଛି, ତେବେ ସେମାନେ ଆପଣମାନଙ୍କୁ, ଅନ୍ତର୍ଜାତୀୟ ଗଣମାଧ୍ୟମକୁ, ଅନ୍ତର୍ଜାତୀୟ ସଙ୍ଗଠନ, ଏନ୍ଜିଓ, ସିଭିଲ ସୋସାଇଟି ଅର୍ଗାନାଇଜେଶନଗୁଡ଼ିକୁ ଭାରତୀୟ ରାଜ୍ୟ ଜମ୍ମୁ-କଶ୍ମୀରକୁ ବାସ୍ତବତା ଅନୁଧ୍ୟାନ ଲାଗି କାହିଁକି ଯିବାକୁ ଦେଉନାହାନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ଅନେକ ଦାବି କରିବା ସହ ଭାରତ ବିରୋଧରେ ନାନା ଅଭିଯୋଗ ଆଣିଥିଲେ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ପରେ ପାକିସ୍ତାନ ଏହି ପ୍ରସଙ୍ଗ ଜାତିସଂଘରେ ଉଠାଇ ତୃତୀୟ ପକ୍ଷର ହସ୍ତକ୍ଷେପ ଲୋଡ଼ିଥିଲା। ସେଥିରେ ବିଫଳ ହେବା ପରେ ଏବେ କଶ୍ମୀର ପ୍ରସଙ୍ଗକୁ ୟୁଏନ୍ଏଚ୍ଆର୍ସିକୁ ଟାଣିଛି। ୧୯୪୭ରୁ ଭାରତ ଜମ୍ମୁ-କଶ୍ମୀରକୁ ନିଜ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରୁଛି। ଏହାସହ ଏ ସମ୍ପର୍କିତ ସମସ୍ତ ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବୋଲି ଦର୍ଶାଉଛି। ଏବେ ଭାରତକୁ ଅପଦସ୍ଥ କରିବାକୁ ଯାଇ ମିଥ୍ୟା ପ୍ରଚାର ଚଳାଇଥିବା ପାକିସ୍ତାନ ନିଜେ ହଟହଟା ହୋଇଛି।



ଶାହ ମେହମୁଦ୍ କୁରେଶୀ


NATIONAL EGG CO-ORDINATION COMMITTEE 10.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 58 | 103 | 113 |

*Conditions Apply

Eggs Retail Price- 44/-Dozen

Issued in the Interest of Consumers


### ■ ସୀତାରାମନ୍ଙ୍କ ଯୁକ୍ତି

## ଓଲା, ଉବର ଯୋଗୁ ଅଟୋ ସେକ୍ଟରରେ ଆସିଛି ମାନ୍ଦାବସ୍ଥା

**ଚେନ୍ନାଇ, ୧୦।୯**



ଦେଶର ଅଟୋ ସେକ୍ଟର ଏବେ ଜବରଦସ୍ତ ମାନ୍ଦାବସ୍ଥାର ଶିକାର ହୋଇଛି। କେତେକ କମ୍ପାନୀ ଏବେ କିଛିଦିନ ପାଇଁ ଉତ୍ପାଦନ ବନ୍ଦ ଲାଗି ଘୋଷଣା କରିସାରିଲେଣି। ଫଳରେ ଏହି କ୍ଷେତ୍ର ସହ ଜଡ଼ିତ ଲୋକଙ୍କର ଚାକିରି ଚାଲିଯିବା ଆରମ୍ଭ ହୋଇଗଲାଣି। ଏପରିସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ମଙ୍ଗଳବାର ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ଅଟୋମୋବାଇଲ ସେକ୍ଟରରେ କେତେକ କାରଣ ଯୋଗୁ ମାନ୍ଦାବସ୍ଥା ଦେଖାଯାଇଛି। ବିଏସ-୬ ମୁଭମେଣ୍ଟ, ରେଜିଷ୍ଟ୍ରେଶନ ଫି ବୃଦ୍ଧି ପାଇବା, ସର୍ବୋପରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଯୋଗୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ସେ କହିଛନ୍ତି। ତାଙ୍କ ମତରେ ଲୋକେ ଇଏମ୍ଆଇ ଦେଇ ନୂଆ ଗାଡ଼ି କିଣିବା ଅପେକ୍ଷା ଓଲା, ଉବର ଭଳି କ୍ୟାବ୍ରେ ଯାତାୟାତ କରିବାକୁ ଅଧିକ ପସନ୍ଦ କରୁଛନ୍ତି।

ଅଟୋ ସେକ୍ଟରରେ ବିକ୍ରି ହ୍ରାସ ଏକ ଗମ୍ଭୀର ସମସ୍ୟା ବୋଲି ସୀତାରାମନ୍ ସ୍ୱୀକାର କରିଛନ୍ତି ଏବଂ ଏହାର ସମାଧାନ ବାହାରିବା ନିହାତି ଜରୁରୀ ବୋଲି କହିଛନ୍ତି। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ପୂର୍ଣ୍ଣ ହେବା ଅବସରରେ ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ସୀତାରାମନ୍ ସରକାରଙ୍କ ସଫଳତା ବଖାଣିଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ସମସ୍ତ ସେକ୍ଟରରେ ଦେଖାଦେଇଥିବା ସମସ୍ୟାକୁ ନେଇ ଅତ୍ୟନ୍ତ ଗମ୍ଭୀର ଅଛନ୍ତି ଏବଂ ଆବଶ୍ୟକୀୟ ପଦକ୍ଷେପମାନ ମଧ୍ୟ ନେଉଛନ୍ତି। ଅଗଷ୍ଟ ଓ ସେପ୍ଟେମ୍ବରରେ ଦୁଇଟି ବଡ଼ ଘୋଷଣା ହୋଇଛି। ଆବଶ୍ୟକ ହେଲେ ଆହୁରି କିଛି ଘୋଷଣା କରାଯିବ।

## ମହଙ୍ଗା ଯୋଗୁ ଲୋକେ ଗାଡ଼ି କିଣୁନାହାନ୍ତି: ମାରୁତି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୦।୯**



ଓଲା, ଉବର କ୍ୟାବ୍ ଯୋଗୁ ଦେଶରେ କାର୍ ବିକ୍ରି ପ୍ରଭାବିତ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ଙ୍କ ଯୁକ୍ତି ସହ ଏକମତ ନୁହନ୍ତି ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି. ଭାର୍ଗବ। ଏଥିଲାଗି ସରକାରଙ୍କ ନୀତିକୁ ସେ ଦାୟୀ କରିଛନ୍ତି। ତାଙ୍କର କହିବାନୁଯାୟୀ, ପେଟ୍ରୋଲ-ଡିଜେଲ ଉପରେ ଉଚ୍ଚହାରରେ ଟିକସ ଆଦାୟ, ସଡ଼କ ଟିକସ ବୃଦ୍ଧି କରାଯାଉଥିବାରୁ ଲୋକେ ଏବେ କାର୍ କିଣିବାରୁ ଦୂରେଇ ଯାଉଛନ୍ତି। ଏହାଛଡ଼ା ଏୟାର ବ୍ୟାଗ୍ ଓ ଏବିଏସ୍ ଭଳି ନୂଆ ସୁରକ୍ଷା ଫିଚର ଯୋଡାଯିବା କାରଣରୁ ଏବେ କାର୍ ଦାମ ବହୁଗୁଣ ବଢ଼ିଯାଇଛି। ଏହି କାରଣରୁ ଏଣ୍ଟ୍ରି ଲେଭେଲ କାର୍ ଦାମ୍ ମହଙ୍ଗା ହୋଇଗଲାଣି। ଫଳରେ ଏହା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ହାତପାହାନ୍ତାରୁ ବାହାରିଗଲାଣି। ଅଟୋ ଉଦ୍ୟୋଗ ଏବେ ଜିଏସ୍ଟି ହ୍ରାସ ପାଇଁ ଜୋରଦାର ଦାବି କରୁଥିବା ବେଳେ ଭାର୍ଗବଙ୍କ ମତରେ ଏହାଦ୍ୱାରା ସେଭଳି ବିଶେଷ ଫରକ ପଡ଼ିବ ନାହିଁ। ସୂଚନାଥାଉ କି, ଘରୋଇ ପାସେଞ୍ଜର କାର୍ ବିକ୍ରି ବାର୍ଷିକ ଆଧାରରେ ଅଗଷ୍ଟରେ ୩୧.୬% ହ୍ରାସ ପାଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ପକ୍ଷରୁ ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ହୋଇଛି। ୧୯୯୭-୯୮ ପରେ ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି।

### ■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ

**ଜଗତ୍ସିଂହପୁର ଅଫିସ, ୧୦।୯**

ଜଗତ୍ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଡ. ମୁନରାଣୀ ମିଶ୍ର ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୨୬)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ କୋର୍ଟରେ ଉପସ୍ଥିତ ନାବାଳିକାଙ୍କ ମା', ବାପା ଓ ଭଉଣୀ କୋହ ସମ୍ଭରଣ କରିପାରି ନ ଥିଲେ। ସେମାନେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ଯେ, ଦେଢବର୍ଷ ପରେ ଭଗବାନ ସେମାନଙ୍କ ଦୁଃଖ ଶୁଣିଛନ୍ତି। ଦୋଷୀକୁ ଫାଶୀ ଦେବାକୁ ବିଚାରପତି ଯେଉଁ ରାୟ ଶୁଣାଇଛନ୍ତି, ସେଥିରେ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ନ୍ୟାୟପାଳିକା ଉପରେ ସେମାନଙ୍କର ଆସ୍ଥା ଅତୁଟ ରହିଛି। ଯେଉଁଦିନ ଲବ ବେକରେ ରଶି ଲାଗିବ ସେଦିନ ଝିଅର ଆତ୍ମା ଶାନ୍ତି ପାଇବ ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାୟକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ରାୟ ଜିଲାରେ ପ୍ରଥମ ଏବଂ ଉଲ୍ଲେଖନୀୟ ବୋଲି କୁହାଯାଇଛି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ମାଝୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୨୦୧୮ ମାର୍ଚ୍ଚ ୨୦ରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ଅପରାହ୍ନ ପ୍ରାୟ ୩ଟା ବେଳେ ନାବାଳିକା(୯) ନିଜର ୫/୬ଜଣ ଝିଅ ସାଙ୍ଗଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି କୌଣସିମତେ ନାବାଳିକାଙ୍କୁ ମନାଇ ଅନ୍ୟତ୍ର ନେଇଯାଇଥିଲେ। ପରେ ଝିଅ ଘରକୁ ନ ଫେରିବାରୁ ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରଦିନ ଭୋରରୁ ଗ୍ରାମର ଜଣେ ମହିଳା ବାହାରକୁ ଶୌଚ ଯାଇଥିବାବେଳେ କାଜୁ ବଗିଚାରେ ଏକ ମୃତଦେହ ପଡିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନିଜ ପରିବାର ଲୋକଙ୍କୁ କହିଥିଲେ। ଖବରପାଇ ନାବାଳିକାଙ୍କ ପରିବାର ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହା ପରେ ଏରସମା ଥାନାକୁ ଫୋନ ଯୋଗେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପଞ୍ଚନାମା ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ମୃତ ନାବାଳିକାଙ୍କ ବାପା ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ନଂ.୪୨/୧୮ ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତ ଲବଙ୍କୁ କଟକ ବାଦାମବାଡ଼ିରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୨୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଆଇପିସି ଦଫା ୩୦୨ରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।



ଅଭିଯୁକ୍ତ କାଳିଆ

■ ଜଗତ୍ସିଂହପୁର ଜିଲାରେ ପ୍ରଥମ

■ ଭାବବିହ୍ୱଳ ହୋଇପଡ଼ିଲେ ମୃତ ନାବାଳିକାଙ୍କ ପରିବାର

**ସେଦିନ ବି ଥିଲା ମଙ୍ଗଳବାର**
ପୃଷ୍ଠା-୪

## ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

**କେନ୍ଦୁଝର, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ମଙ୍ଗଳବାର କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ବିଚାରପତି ଲୋକନାଥ ସାହୁ ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିଚରଣୀରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ବଡବିଲ ଥାନା ସାଇଡିଂବସ୍ତି ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୫ ନଭେମ୍ବର ୬ରେ ତାଙ୍କ ଘରେ କେହି ନଥିବା ସୁଯୋଗରେ ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏହି ମାମଲା(ନଂ୨୧୭/୧୫) ସେତେବେଳେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏନେଇ ବଡବିଲ ପୋଲିସ ଅଭିଯୁକ୍ତ ବୁଲୁ ପାତ୍ର, ଝଣ୍ଡା ମୁଣ୍ଡା, ଶନି ମହାକୁଡ, ଭରତ ହେସା, ଶ୍ରୀରାମ ଓରାମ ଏବଂ ମନୋଜ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ମଙ୍ଗଳବାର ବିଚାରପତି ଲୋକନାଥ ସାହୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆଇପିସି ଦଫା ୩୭୬(ଘ),୫୦୬,୩୪, ପୋକ୍ସୋ ଆଇନର ଦଫା ୬, ଅନୁସୂଚିତ ଜାତି ଓ ଜନଜାତି ଆଇନର ଦଫା ୩(୧)(୧୧)ରେ ବିଚାର କରି ଏହି ଦଣ୍ଡ କରିଛନ୍ତି। ମୋଟ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡ ଦିଆଯାଇଥିବାବେଳେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରିଥିଲେ।

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

### ଆଜିର ସମ୍ପାଦକୀୟ

**କଡ଼ା କର ସଡ଼କ ନିୟମ**

### ଆଜିର ମନ୍ତବ୍ୟ

"କଶ୍ମୀରକୁ ନେଇ କୌଣସି ଦେଶ ଚିନ୍ତିତ ହେବା ଅନୁଚିତ।

-ମୁଖତାର ଅବ୍ବାସ୍ ନକ୍ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

### କିଛି ତଥ୍ୟ

ଚଳିତବର୍ଷ ଅଗଷ୍ଟ ମାସରେ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ୧୪୫ କୋଟି ଟଙ୍କା ନିବେଶ କରାଯାଇଛି।

- ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ

**ମାନ୍ଦାବସ୍ଥା ଘୋର ସଙ୍କଟ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ**
........୧୭........

## ଧାନ ବିକିବାକୁ ଆଧାର ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ରାଶନ କାର୍ଡ ପରେ ଏବେ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଚାଷୀ ଧାନ ବିକ୍ରି କରିବେ ସେମାନେ ନାମ ପଞ୍ଜୀକରଣ ବେଳେ ଆଧାର କାର୍ଡ ଦେବେ। ଏହାଦ୍ୱାରା ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇପାରିବ ନାହିଁ। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ। କେବଳ ସେତିକି ନୁହେଁ ଧାନ କିଣା ଆରମ୍ଭଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ କେବଳ ଚାଷୀଙ୍କ ନାମ ନବୀକରଣ ହେଉଥିଲା। ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଚାଷୀମାନେ ନିକଟସ୍ଥ ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପ୍ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ଆଧାର କାର୍ଡ ଓ ଜମି ପଟ୍ଟା ଦେଇ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ସେପ୍ଟେମ୍ବର ୧୦ ତାରିଖରେ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଶେଷ ଦିବସ ଘୋଷଣା କରାଯାଇଥିଲା । ତେବେ ଏହି ଅବଧିକୁ ଆସନ୍ତା ସପ୍ତାହେ (୧୭ ତାରିଖ) ଯାଏ ବୃଦ୍ଧି କରାଯାଇଛି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଘୋଷଣା କରିଛନ୍ତି।




■ ଚାଷୀ ନବୀକରଣ ବନ୍ଦ

■ ପଞ୍ଜୀକରଣ ସପ୍ତାହେ ବଢ଼ିଲା



**ଧାନକିଣାରେ ମହିଳା ଏସ୍ଏଚ୍ଜି ସାମିଲ, ମାର୍କଫେଡ୍ ବିଦା**
ପୃଷ୍ଠା-୪



କେନ୍ଦ୍ର ସରକାର ପ୍ରତ୍ୟେକ ଭାରତୀୟଙ୍କ ଅଧିକାରର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ





ଆଇସ୍‌ଲାଣ୍ଡ ଗସ୍ତ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ସ୍ତ୍ରୀ ସବିତା ରିକ୍‌ଜାଭିକ୍‌ଠାରେ କୁନିକୁନି ପିଲାମାନଙ୍କୁ ଭେଟୁଛନ୍ତି।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଣ୍ଟ ଭିନ୍‌ସେଣ୍ଟ ପ୍ରତିପକ୍ଷ ରଫ୍ ଗନ୍‌ସାଲଭେସ୍‌ଙ୍କ ସହ କରମର୍ଦ୍ଦନ କରୁଛନ୍ତି।



ଜମ୍ମୁ-କଶ୍ମୀରରୁ ଆସିଥିବା ସରପଞ୍ଚ ଓ ପ୍ରତିନିଧିମାନଙ୍କୁ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି।

### ■ ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ-ପାକ୍ ମୁହାଁମୁହିଁ

# ୩୭୦ ଉଚ୍ଛେଦ ସାର୍ବଭୌମ ନିଷ୍ପତ୍ତି

**ଜେନେଭା,୧୦।୯ (ପି.ଟି./ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ମଙ୍ଗଳବାର ଭାରତ ଓ ପାକିସ୍ତାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଉଦ୍ୟମ କରିଛି। କଶ୍ମୀର ସ୍ଥିତିକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଏକ ଅନ୍ତର୍ଜାତୀୟ ତଦନ୍ତ କରାଯାଉ ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପକ୍ଷରେ କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ଭାରତର ସାର୍ବଭୌମ ନିଷ୍ପତ୍ତି ବୋଲି ଭାରତ ଜବାବ ରଖିଛି।

ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସିର ୪୨ ତମ ଅଧିବେଶନ ବସିଛି। ଏଥିରେ





ଅଧିବେଶନରେ ଭାରତର ବହିର୍ବ୍ୟାପାର ସଚିବ ବିଜୟ ଠାକୁର ସିଂ (ମଝି)।

ପାକିସ୍ତାନ ପକ୍ଷରୁ ପ୍ରତିନିଧିତ୍ୱ କରି ସେଠାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି, କଶ୍ମୀର ପ୍ରସଙ୍ଗରେ କିଛି ପଦକ୍ଷେପ ନେଇ ନ ଥିବାରୁ ୟୁଏନ୍‌ଏଚ୍‌ଆର୍‌ସି ଲଜ୍ଜିତ ହେବା ଅନୁଚିତ। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତାକୁ ଭାରତ ପ୍ରତ୍ୟାହାର କରିବା ପରେ ଉପତ୍ୟକାର ସ୍ଥିତିକୁ ନେଇ ବିଶ୍ୱ ମାନବାଧିକାର ପରିଷଦ ନିଃସ୍ପୃହ ରହିପାରିବ ନାହିଁ। କଶ୍ମୀରୀଙ୍କୁ ନ୍ୟାୟ ଓ ସମ୍ମାନ ପ୍ରଦାନ ପାଇଁ ମାନବାଧିକାର ପାଇଁ ଆମେ ଏହି ସଂସ୍ଥାର ଦ୍ୱାରସ୍ଥ ହୋଇଛୁ। ଭାରତୀୟ ସେନା ଉପତ୍ୟକାରେ ପେଲେଟ୍ ଗନ୍ ବ୍ୟବହାର ବନ୍ଦ କରିବା ସହ ସମସ୍ତ ପ୍ରକାର କଟକଣା ହଟାଇଦେଇ ଲୋକଙ୍କୁ ସେମାନଙ୍କ ସ୍ୱାଧୀନତା ଦେଉ। ଏହାସହ

**ସ୍ଥିତିର ଅନ୍ତର୍ଜାତୀୟ ତଦନ୍ତ ଦାବି କଲା ପାକିସ୍ତାନ**

**ଆତଙ୍କବାଦର ପୃଷ୍ଠପୋଷକ ମାନବାଧିକାର କଥା କହିବା ଅନୁଚିତ:ଭାରତ**

ଅନ୍ତର୍ଜାତୀୟ ଆଇନାନୁସାରେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରି ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ଓ ମାନବାଧିକାର ଚୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରୁ। ଏଥି ସକାଶେ ୟୁଏନ୍‌ଏଚ୍‌ଆର୍‌ସି ଭାରତକୁ ପରାମର୍ଶ ଦେଉ। ମାନବାଧିକାର ସମ୍ପର୍କିତ ଜାତିସଂଘ ଉଚ୍ଚାୟୁକ୍ତଙ୍କ ସୁପାରିସ ଅନୁସାରେ କଶ୍ମୀର ସ୍ଥିତିର ତଦନ୍ତ ପାଇଁ ଏକ କମିଶନ ଗଠନ କରାଯାଉ ବୋଲି କୁରେଶୀ ଦାବି କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାରତର ଏକତରଫା ଓ ବେଆଇନ ନିଷ୍ପତ୍ତି ବୋଲି ସେ ଅଭିହିତ କରିଥିଲେ, ଯାହାକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତର ବହିର୍ବ୍ୟାପାର ସଚିବ(ପୂର୍ବ) ବିଜୟ ଠାକୁର ସିଂ ପରିଷଦକୁ ସମ୍ବୋଧିତ କରି ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, ନିଜ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ମାନବାଧିକାର ଆଳରେ ୟୁଏନ୍‌ଏଚ୍‌ଆର୍‌ସିକୁ ବ୍ୟବହାର କରୁଥିବା ଦେଶଗୁଡ଼ିକୁ ଡାକି ଦାଗିଦ୍ କରାଯାଉ। ସେମାନେ ପ୍ରକୃତରେ ଅପରାଧୀ ହୋଇଥିବାବେଳେ ନିଜକୁ ପୀଡ଼ିତ ବୋଲି ଦେଖାଇହେଉଛନ୍ତି। ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ଭାରତର ସାର୍ବଭୌମ ଅଧିକାର। କାରଣ ଏହା ଭାରତୀୟ ସମ୍ବିଧାନ ଅନୁସାରେ ନିଆଯାଇଛି। କୌଣସି ଦେଶ ନିଜ ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟ ରାଷ୍ଟ୍ରର ହସ୍ତକ୍ଷେପକୁ ଗ୍ରହଣ କରେନାହିଁ ବୋଲି ସେ କଡ଼ା ଜବାବ ଦେଇଛନ୍ତି।

### ■ ପାକିସ୍ତାନର ମୁଖା ଖୋଲିଲେ ଇମ୍ରାନ୍‌ଙ୍କ ଦଳର ପୂର୍ବତନ ବିଧାୟକ

## ଭାରତର ଶରଣ ପଶିଲେ ବଲଦେବ

**ଚଣ୍ଡିଗଡ଼,୧୦।୯ (ପି.ଟି./ଆଇଏଏନ୍‌ଏସ୍)**



**ପାକ୍‌ରେ ମୌଳିକ ଅଧିକାରରୁ ବଞ୍ଚିତ ସଂଖ୍ୟାଲଘୁ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ)ର ପୂର୍ବତନ ବିଧାୟକ ବଲଦେବ କୁମାର ଭାରତର ଶରଣ ପଶିଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁମାନେ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ। ସେମାନେ ସେଠାରେ ସୁରକ୍ଷିତ ନୁହନ୍ତି। ପଡ଼ୋଶୀ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ବଲଦେବ ଅଭିଯୋଗ ଆଣିଛନ୍ତି। ତାଙ୍କର ଏହି ପଦକ୍ଷେପ ଇମ୍ରାନ୍‌ଙ୍କ 'ନୂଆ ପାକିସ୍ତାନ'ର ଅସଲ ମୁଖା ଖୋଲିଦେଇଛି।

୪୩ ବର୍ଷୀୟ ବଲଦେବ ତାଙ୍କର ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଗତମାସରେ ଭାରତ ଆସିଛନ୍ତି। ସେମାନେ ପଞ୍ଜାବର ଲୁଧିଆନା ଜିଲାସ୍ଥିତ ଖନ୍ନାରେ ରହୁଛନ୍ତି। ବଲଦେବ ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି, ସେ ଭାରତରେ ଆଶ୍ରୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କାରଣ ବର୍ତ୍ତମାନ ପାକିସ୍ତାନର ସ୍ଥିତି ଉପରେ ସାରା ବିଶ୍ୱର ନଜର ରହିଛି। ଇମ୍ରାନ୍ କ୍ଷମତାକୁ ଆସିବା ପରେ ପାକିସ୍ତାନର ଭାଗ୍ୟ ବଦଳିଯିବ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ସେ ଏଥିରେ ବିଫଳ ହୋଇଛନ୍ତି। ଖାନ୍ ସାହେବ୍ ନୂଆ ପାକିସ୍ତାନର କଥା କହୁଛନ୍ତି। କିନ୍ତୁ ବର୍ତ୍ତମାନର ପାକିସ୍ତାନଠାରୁ ପୁରୁଣା ପାକିସ୍ତାନ ଭଲ ଥିଲା। ସେଠାକାର ପଞ୍ଜାବ ପ୍ରଦେଶରେ ଶିଖ୍ ସମ୍ପ୍ରଦାୟର ଜଣେ ଗୁରୁଦ୍ୱାରା ଗ୍ରନ୍ଥୀଙ୍କ ଝିଅଙ୍କୁ ଅପହରଣ ପରେ ଧର୍ମପରିବର୍ତ୍ତନ କରାଗଲା। ଜଣେ ମୁସ୍‌ଲିମ୍ ଯୁବକ ବନ୍ଧୁକମୁନରେ ତାଙ୍କୁ ଜବରଦସ୍ତ ବିବାହ କଲେ। ଏଭଳି ଘଟଣା ଘଟିବା ଅନୁଚିତ। ସଂଖ୍ୟାଲଘୁଙ୍କୁ ସେମାନଙ୍କ ଅଧିକାର ମିଳୁଥିଲେ ପାକିସ୍ତାନରେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା ବୋଲି ବଲଦେବ କହିଛନ୍ତି। ସେହିପରି ଆତଙ୍କବାଦ ପ୍ରସଙ୍ଗରେ ସେ କହିଛନ୍ତି, ପାକିସ୍ତାନର ନେତାମାନେ ନିଜ ଘରକୁ ନ ଦେଖି ଅନ୍ୟମାନଙ୍କ ଆଡ଼କୁ ଅଙ୍ଗୁଳି ଦେଖାଉଛନ୍ତି। ଯେଉଁଠି ମୁସ୍‌ଲିମ୍‌ମାନେ ସୁରକ୍ଷିତ ନୁହନ୍ତି ସେଠାରେ ମୋ ଭଳି ଲୋକେ ନିଜକୁ କିପରି ସୁରକ୍ଷିତ ମଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାରିକୋଟ୍ ଆସନରୁ ବଲଦେବ ପୂର୍ବରୁ ବିଧାୟକ ହୋଇଥିଲେ। ସେ ୨୦୦୭ରେ ଖନ୍ନାର ଭାବନାଙ୍କୁ ବିବାହ କରିଥିଲେ। ପିଲାଙ୍କ ଭବିଷ୍ୟତ ପାଇଁ ସେ ଭାରତରେ ରହିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ■ ପୋଷ୍ଟରରେ ଧମକ

## ୮ ଲଶ୍କର ସହଯୋଗୀ ଗିରଫ

**ଶ୍ରୀନଗର,୧୦।୯ (ପି.ଟି./ଆଇଏଏନ୍‌ଏସ୍)**

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୮ ସହଯୋଗୀ ମଙ୍ଗଳବାର କଶ୍ମୀରରୁ ଗିରଫ ହୋଇଛନ୍ତି। ସେମାନେ ବାରାମୁଲା ଜିଲାର ସୋପୋରରେ ଆତଙ୍କବାଦୀଙ୍କ ଛତ୍ରଛାୟା ତଳେ ରହି ଧମକପୂର୍ଣ୍ଣ ପୋଷ୍ଟର ପ୍ରସାର କରୁଥିଲେ। ଆଇନ ଅମାନ୍ୟ ପାଇଁ ଲୋକଙ୍କୁ ଉସୁକାଇବା ପାଇଁ ଉଦ୍ଦିଷ୍ଟ ଏହି ପୋଷ୍ଟରରେ ସିଭିଲ କର୍ଫ୍ୟୁର ବାର୍ତ୍ତା ରହିଛି। ଏହାସହ ଏଥିରେ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଇଥିବା ପୋଲିସ କହିଛି। ଗିରଫ ଐଜାଜ୍ ମିର, ଓମାର ମିର, ତସିଫ୍ ନଜାର, ଇମ୍‌ତିଆଜ୍ ନଜାର, ଓମାର ଆକ୍‌ବର, ଫୈଜାନ୍ ଲତିଫ୍, ଦାନିଶ, ହବିବ୍ ଓ ଶୌକତ୍ ଅହମ୍ମଦ ମିରଙ୍କଠାରୁ ଏହି କାର୍ଯ୍ୟରେ ବ୍ୟବହୃତ କେତେକ କମ୍ପ୍ୟୁଟର ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

**ଜାତିସଂଘ,୧୦।୯(ପି.ଟି.)**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଛି। ଭାରତ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ପରେ ୟୁଏନ୍‌ଏସ୍‌ସି ଉପତ୍ୟକା ସ୍ଥିତି ଉପରେ କଡ଼ା ନଜର ରଖିବା ସହ ସେଠାରେ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପକ୍ଷରୁ ଦାବି କରାଯାଇଛି।

ଜାତିସଂଘରେ ପାକିସ୍ତାନର ପ୍ରତିନିଧି ମଲିହା ଲୋଧି ମଙ୍ଗଳବାର ସୁରକ୍ଷା ପରିଷଦର ଜାତିସଂଘ ଶାନ୍ତିରକ୍ଷା ସମ୍ପର୍କିତ ବିତର୍କରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀ ପକ୍ଷରୁ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ନିଷ୍ପତ୍ତି ପରେ



**ଗୁଟେରେସ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଲେ ମଲିହା ଲୋଧି**

ଭାରତ ଓ ପାକିସ୍ତାନରେ ଜାତିସଂଘ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀ (ୟୁଏନ୍‌ଏମ୍‌ଓଜିଆଇପି)ର ଭୂମିକା ଓ ଗୁରୁତ୍ୱ ବୃଦ୍ଧି ପାଇଛି। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ସୁରକ୍ଷା ପରିଷଦ ସଂକଳ୍ପନାମାକୁ ଉଲ୍ଲଂଘନ କରିଛି ବୋଲି ଲୋଧି ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ସେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ସାକ୍ଷାତ କରିଛନ୍ତି। ୩୬ ଦିନ ହେଲା ଉପତ୍ୟକାରେ ମାନବିକ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ୧୯୪୯ ଜାନୁୟାରୀରେ ପ୍ରତିଷ୍ଠିତ ୟୁଏନ୍‌ଏମ୍‌ଓଜିଆଇପିର ପ୍ରାସଙ୍ଗିକତା ଶିମ୍‌ଲା ଚୁକ୍ତି ଓ ପରବର୍ତ୍ତୀ ସମୟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ ପରେ ରହିନାହିଁ ବୋଲି ଭାରତ ଯୁକ୍ତି ବାଢ଼ିଛି।

### ■ କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍

## ଭାରତ-ପାକ୍ ଉତ୍ତେଜନା କମିଛି

**ୱାଶିଂଟନ,୧୦।୯(ପି.ଟି.)**



ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇ ସପ୍ତାହ ପୂର୍ବର ସ୍ଥିତି ଏବେ ନାହିଁ। କଶ୍ମୀରକୁ ନେଇ ଦକ୍ଷିଣ-ଏସିଆର ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହାସହ ଦୁଇଦେଶ ଚାହିଁଲେ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ସାହାଯ୍ୟ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅଗଷ୍ଟ ୨୬ରେ ଫ୍ରାନ୍ସରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଥମଥର ପାଇଁ କଶ୍ମୀର ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ରହିଛି। କିନ୍ତୁ ଦୁଇ ସପ୍ତାହ ତଳେ ଯେପରି ଉତ୍ତେଜନା ରହିଥିଲା ଏବେ ଆଉ ତାହା ନାହିଁ। ଦୁଇଦେଶ ଚାହିଁଲେ ସେ ଆଗକୁ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ଥିବା ଟ୍ରମ୍ପ୍ କହିଛନ୍ତି।

## ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ପାଇପ୍‌ଲାଇନ୍ ଉଦ୍‌ଘାଟିତ

**କାଠମାଣ୍ଡୁ/ନୂଆଦିଲ୍ଲୀ, ୧୦।୯ (ପି.ଟି.):** ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ଉତ୍ପାଦ ପାଇପ୍‌ଲାଇନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନେପାଳ ପ୍ରତିପକ୍ଷ କେ.ପି. ଓଲି ମଙ୍ଗଳବାର ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ନେପାଳକୁ କମ ମୂଲ୍ୟରେ ନିରବଚ୍ଛିନ୍ନ ଭାବେ ପେଟ୍ରୋଲିୟମଜାତ ଦ୍ରବ୍ୟ ଯୋଗାଯାଇ ପାରିବ। ବିହାରର ମୋତିହାରି-ନେପାଳର ଆମ୍‌ଲେଖ୍‌ଗଞ୍ଜ ମଧ୍ୟରେ ୬୯ କି.ମି.ବ୍ୟାପୀ ଏହି ପାଇପ୍‌ଲାଇନ୍‌କୁ ଭିଡିଓ ଲିଙ୍କ୍ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ନେପାଳ ତୈଳ ନିଗମ ସହଯୋଗରେ ଭାରତୀୟ ତୈଳ ନିଗମ ପକ୍ଷରୁ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ପାଇପ୍‌ଲାଇନ୍ ନିର୍ମାଣ କରାଯାଇଥିଲା। ଏଥିସହ ୨୦୧୪ରେ ହୋଇଥିବା ଭାରତ-ନେପାଳ ଚୁକ୍ତି ସଫଳ ରୂପ ନେଇଥିବା କୁହାଯାଉଛି। ଦୁଇଦେଶ ଆମ୍‌ଲେଖ୍‌ଗଞ୍ଜ ଡିପୋରେ ଅତିରିକ୍ତ ଷ୍ଟୋରେଜ୍ ସୁବିଧା ଲାଗି କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି।

## ୟୁଏଇରେ ଫସିଛନ୍ତି ୨୦୦ ଭାରତୀୟ ଶ୍ରମିକ

**ଦୁବାଇ, ୧୦।୯ (ପି.ଟି.):** ପେଟ ଲାଗି ୟୁଏଇ ଯାଇ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ପ୍ରାୟ ୨୦୦ ଭାରତୀୟ ଏବେ ସେଠାରେ ଫସି ରହିଛନ୍ତି। ଦୀର୍ଘମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନ ଥିବାରୁ ସେମାନେ ସ୍ୱଦେଶ ଫେରିପାରୁ ନ ଥିବା ଜଣାପଡ଼ିଛି। କେବଳ ଭାରତୀୟ ନୁହନ୍ତି ବାଂଲାଦେଶ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ଫିଲିପାଇନ୍ସ ଓ ଇଜିପ୍ଟରୁ ସେଠାକୁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି। ଅଲ୍ ୱସିତା ଏମିରେଟ୍ସ କ୍ୟାଟରିଂ ସର୍ଭିସେସ୍‌ରେ ଏମାନେ କାମ କରୁଛନ୍ତି। ମାନସିକ ସ୍ତରରେ ଏମାନେ ଦୁର୍ବଳ ହୋଇପଡ଼ି ଥିବାବେଳେ ଫେରିବା ଲାଗି ଭିଜା ଓ ବିମାନ ଟିକେଟ ଲାଗି ପଇସା ଏମାନଙ୍କ ପାଖରେ ନାହିଁ। ସେମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ଆବୁଧାବିସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ପୂଜା ଭର୍ନେକର କହିଛନ୍ତି।

## ୧୧ ଅଭିଯୁକ୍ତଙ୍କ ଉପରୁ ହଟିଲା ହତ୍ୟା ମାମଲା

**ରାଞ୍ଚି, ୧୦।୯ (ପି.ଟି.)**

ମୁସଲ୍‌ମାନ ଯୁବକ ତବ୍‌ରେଜ୍ ଅନ୍‌ସାରି(୨୪) ଭିଡ଼ହିଂସା ମାମଲାରେ ଝାଡ଼ଖଣ୍ଡର ଷଢେଇକଳା-ଖରସୁଆଁ ଜିଲା ପୋଲିସ ୧୧ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ହତ୍ୟା ମାମଲାକୁ ଉଠାଇ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ତବ୍‌ରେଜ୍‌ଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଦର୍ଶାଯିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି କାର୍ତ୍ତିକ ଏସ୍. ପ୍ରକାଶ କରିଛନ୍ତି। ପୁଣେରେ କାମ କରୁଥିବା ତବ୍‌ରେଜ୍ ଇଦ୍ ପାଳନ ଲାଗି ଘରକୁ ଆସିଥିବାବେଳେ କେତେକ ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ିଚୋର



ଭାବି ଖୁଣ୍ଟରେ ବାନ୍ଧିଦେବା ସହ ବାଡ଼ି ଓ ଲୁହାରଡ଼୍‌ରେ ପିଟିଥିଲେ। ତାଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ କରାଯାଇଥିଲା। ଏନେଇ ଭିଡିଓ ଭାଇରାଲ ହୋଇଥିଲା। ତବ୍‌ରେଜ୍‌ଙ୍କୁ ହସ୍ପିଟାଲରେ ଚିକିତ୍ସା

**ତବ୍‌ରେଜ୍ ଭିଡ଼ହିଂସା**

କରାଯାଉଥିବାବେଳେ ଜୁନ୍ ୨ରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ୧୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ୧୧ ଙ୍କ ବିରୋଧରେ ହତ୍ୟା ମାମଲା ଲଗାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ହୃଦ୍‌ଘାତ ବାହାରିବା ପରେ ଅଭିଯୁକ୍ତଙ୍କ ଉପରୁ ହତ୍ୟା ମାମଲା ହଟାଇ ଦିଆଯାଇଥିବା ଜଣାପଡ଼ିଛି।

**[ଇତିହାସର ଆଇନାରେ]**

**ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା**

୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍ କାଏଦା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଆମେରିକାରେ ସିରିଜ୍ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୨,୯୯୬ ଲୋକ ପ୍ରାଣ ହରାଇଥିଲାବେଳେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

୨୦୧୨ ସେପ୍ଟେମ୍ବର ୧୧ରେ ପାକିସ୍ତାନର କରାଚୀ ଓ ଲାହୋରରେ ଥିବା ୨ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିବାରୁ ୩୧୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ପଶ୍ଚିମ କରାଚୀର ଏକ କପଡ଼ା ଦୋକାନ ଓ ଲାହୋରରେ ଥିବା ଏକ ଜୋତା ତିଆରି କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୬୦୦ ଲୋକ ଏଥିରେ ଆହତ ହୋଇଥିଲେ।

## କଂଗ୍ରେସ ଛାଡ଼ିଲେ ଊର୍ମିଳା ମାତୋଣ୍ଡକର

**ମୁମ୍ବାଇ**



ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଊର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ୬ ମାସ ପୂର୍ବରୁ ସେ କଂଗ୍ରେସରେ ଯୋଗଦେଇ ମୁମ୍ବାଇ ନର୍ଥ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଭାଜପା ପ୍ରାର୍ଥୀ ଗୋପାଳ ସେଟ୍ଟୀଙ୍କଠାରୁ ପରାଜୟବରଣ କରିଥିଲେ। ଏନେଇ ଏକ ବିବୃତିରେ ମାତୋଣ୍ଡକର କଂଗ୍ରେସର ସାଙ୍ଗଠନିକ ଉତ୍ତରଦାୟିତ୍ୱକୁ ନାପସନ୍ଦ କରିଛନ୍ତି। ମୁମ୍ବାଇ କଂଗ୍ରେସ ତାଙ୍କ କଥାକୁ ଅଣଦେଖା କରିବା, ଦଳରେ ପରିବର୍ତ୍ତନ ଓ ସ୍ୱଚ୍ଛତା ରକ୍ଷା କରା ନ ଯିବା, ବିନା ଦାୟିତ୍ୱରେ କେତେକଙ୍କୁ ପଦୋନ୍ନତି ଦିଆଯିବା ଭଳି ନିଷ୍ପତ୍ତି ତାଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧ୍ୟକରିଛି ବୋଲି ମାତୋଣ୍ଡକର ପ୍ରକାଶ କରିଛନ୍ତି।

## ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା: ବୁଲା କୁକୁର ଦେଲା ସୂଚନା

# ମିଳିଲା ଆଉ ୨ ମୃତଦେହ

ପରଜଙ୍ଗ, ୧୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁନ୍ଦନଦେଇପୁର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାରେ ମଙ୍ଗଳବାର ଆଉ ୨ ନିଖୋଜଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଛତୁ ବ୍ୟବସାୟୀ ରମେଶ ସାହୁ ଏବଂ ବିଜୟ ନାୟକ ଓରଫ୍ ଲୁଲୁ। ଏହି ଘଟଣା ପରେ ମୃତକଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଅନ୍ୟପଟେ ନିଖୋଜ ଥିବା ସୁଶାନ୍ତ ସାହୁଙ୍କ ଅଦ୍ୟାବଧି କୌଣସି ସନ୍ଧାନ ମିଳିପାରିନାହିଁ। ସୋମବାର ପାଣିଗେଙ୍ଗୁଟିଆ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟରେ କାଉଁସ ଗଛରୁ ବିଶ୍ୱଜିତ ଆଚାର୍ଯ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ନଦୀରେ ପାଣି କମିଯାଇଥିଲା। କେତେଜଣ ଲୋକ ମାଛ ଧରୁଥିବାବେଳେ ନଦୀ ମଝିରେ ବୁଲା କୁକୁର ବାଲି ରାମ୍ପୁଥିବା ଦେଖିଥିଲେ। ସନ୍ଦେହରେ ସେମାନେ ସେଠାକୁ ଯିବାବେଳେ ଏକ ମୃତଦେହର ପୋତି ହୋଇ ରହିଥିବା ଦେଖିଥିଲେ। ମୃତଦେହ ଉଦ୍ଧାର କରାଯିବା ପରେ ତାହା ରମେଶଙ୍କର ବୋଲି ଜଣାପଡ଼ିଥିଲା। ସେଠାରୁ ଅଳ୍ପ ଦୂରରୁ ବାଲିରେ କୁକୁର ରାମ୍ପୁଡ଼ା ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଖୋଳାଯିବା ପରେ ଉକ୍ତ ସ୍ଥାନରୁ ବିଜୟଙ୍କ ମୃତଦେହ ବାହାରିଥିଲା। ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୃତଦେହ ଜବତ କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ନଂ. ୩୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି।

# ବଦଳିବ ଯୁକ୍ତ ୩ ପରୀକ୍ଷା ଢାଞ୍ଚା

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ଯୁକ୍ତ ୩ ପରୀକ୍ଷା ଢାଞ୍ଚା ବଦଳିବ। ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଦୃଷ୍ଟିରେ ରଖି ସିଲାବସ୍ ମଧ୍ୟ ସେହିପରି ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଚଳିତ ବର୍ଷଠାରୁ ନୂଆ ସିଲାବସ୍ ଲାଗୁ ସହ ପରୀକ୍ଷା ପଦ୍ଧତିକୁ ମଧ୍ୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ବଦଳରେ ଆସିବ ମଲ୍ଟି ପ୍ୟାଟର୍ନ ପ୍ରଶ୍ନ। ଏଣିକି ୧, ୨, ୩ ଓ ୫ ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ। ଯୁକ୍ତ ୩ ପରୀକ୍ଷାରେ ପ୍ରଥମ ବର୍ଷରେ ଆଡମିଶନ୍ ନେଇଥିବା ଛାତ୍ରୀଛାତ୍ରଙ୍କଠାରୁ ଏହି ସଂସ୍କାରମୂଳକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ପରେ ହିଁ ନୂଆ ଢାଞ୍ଚାରେ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ ହୋଇସାରିଛି। ପ୍ରଶାସନିକ ପରୀକ୍ଷା କ୍ଷେତ୍ରରେ ଓଡ଼ିଆ ଛାତ୍ରୀଛାତ୍ରମାନେ ବହୁ ପଛରେ ରହୁଛନ୍ତି। ଏହି ସ୍ଥିତିରେ ସୁଧାର ଆଣିବା ଲାଗି ଚଳିତ ବର୍ଷ ଠାରୁ ଲଜିକାଲ୍ ରିଜନିଂ ଓ କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡ୍ ଏବଂ ଇଂରାଜି ବିଷୟ ଛାତ୍ରୀଛାତ୍ରଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ଉଭୟ ବିଷୟ ୧୦୦ ମାର୍କ ଲେଖାଏ ରହିବ। ଫଳରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି କଲେଜ୍ ସ୍ତରରୁ ହିଁ ଶିକ୍ଷା ପାଇପାରିବେ। ସୂଚନାଯୋଗ୍ୟ, ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ପରୀକ୍ଷା ପ୍ରଣାଳୀ ଲାଗୁ ହେବ। କିନ୍ତୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁରୁଣା ଢାଞ୍ଚାରେ ପରୀକ୍ଷା ଦେବେ।






# ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

- ପ୍ରଥମ ପର୍ଯ୍ୟାୟରେ ୧୪ ଜିଲା
- ଆରମ୍ଭ ହେବ ଇ-ଗ୍ରାମ ପଞ୍ଚାୟତ ଯୋଜନା
- ଗ୍ରାମାଞ୍ଚଳ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ସବୁ ସହାୟତା

ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର। ସେଠାରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କୃଷି ଉପକରଣଠାରୁ ଆରମ୍ଭ କରି ପାଣି, ବିଦ୍ୟୁତ୍, ଜମିବାଡ଼ି ଟିକସ ପଇଠ ସୁବିଧା ଯୋଗାଇ ଦିଆଯିବ। ଲୋକମାନଙ୍କୁ ନିଜ ପଞ୍ଚାୟତ ଛାଡ଼ି ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ସହାୟତା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବ। ପ୍ରତ୍ୟେକ ପଞ୍ଚାୟତକୁ ଇ-ଗ୍ରାମପଞ୍ଚାୟତରେ ପରିଣତ କରାଯିବ। ପଞ୍ଚାୟତ କାର୍ଯ୍ୟାଳୟରେ ନାଗରିକ ସେବା କେନ୍ଦ୍ର ରହିବ। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଯୁବତୀଯୁବକଙ୍କୁ ଦିଆଯିବ। ସରକାରୀ ଯୋଜନାଠାରୁ ଆରମ୍ଭ କରି ବ୍ୟକ୍ତିଗତ ସୁବିଧା ସୁଯୋଗ ଏହି ସେବା କେନ୍ଦ୍ରରୁ ଉପଲବ୍ଧ ହୋଇ ପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ ହେବ।

ପ୍ରଥମ ପର୍ଯ୍ୟାୟରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ(ଏନ୍‌ଆରୟୁଏମ)ରେ କାର୍ଯ୍ୟକାରୀ ହେଉଥିବା ୧୪ଟି ଜିଲାରେ ଇ-ଗ୍ରାମ ପଞ୍ଚାୟତ ଓ ନାଗରିକ ସେବାକେନ୍ଦ୍ର ଖୋଲିବ । ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ ଓ ବାଲେଶ୍ୱର। ଏହି ଜିଲାଗୁଡ଼ିକର କ୍ଲଷ୍ଟରରେ ଥିବା ପଞ୍ଚାୟତଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ କେନ୍ଦ୍ର ସରକାର ୬୦ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ଆସନ୍ତା ୧୫ ତାରିଖରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। କମିଟି ଅନୁମୋଦନ ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ।








## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୋଶନ୍ ରାଜ୍
ପରିବାରବର୍ଗ


ସୁମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୁରୀ-ଇନ୍ଦୋର ଏକ୍ସପ୍ରେସ୍ ଦୁଇଦିନ ବାତିଲ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ଭୂପଦେଓପୁର ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଆସନ୍ତା ୧୭ ଓ ୧୮ ତାରିଖରେ ହେବ। ଏଥିପାଇଁ ଏହି ରୁଟ୍‌ରେ ଚଳାଚଳ କରୁଥିବା ପୁରୀ-ଇନ୍ଦୋର (୧୯୩୧୭) ଓ ଇନ୍ଦୋର-ପୁରୀ (୧୯୩୧୮) ଏକ୍ସପ୍ରେସକୁ ଦୁଇଦିନ ପାଇଁ ବାତିଲ କରାଯାଇଛି। ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ସେଦିନ ବି ଥିଲା ମଙ୍ଗଳବାର

**ଜଗତ୍‌ସିଂହପୁର ଅଫିସ, ୧୦।୯:** ନାବାଳିକା ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ସେ ଦିନ ଥିଲା ମଙ୍ଗଳବାର। ସ୍କୁଲରେ ପରୀକ୍ଷା ଦେଇସାରି ସେ ଖୁସିରେ ଘରକୁ ଫେରିଥିଲେ। ପରେ ସାଙ୍ଗସାଥୀଙ୍କ ସହ ଖେଳକୁଦ କରୁଥିଲେ। କିଏ ଜାଣିଥିଲା ସେ ଦିନ ହିଁ ତାଙ୍କ ଜୀବନ ଦୀପ ଲିଭିଯିବ। ଅଭିଯୁକ୍ତ ଲବ ମାନା ବଳାତ୍କାର ପରେ ତାଙ୍କୁ ଅତି ନିଷ୍ଠୁର ଭାବେ ଯେଉଁଭଳି ତଣ୍ଟି ଚିପି ହତ୍ୟା କରିଥିଲେ ଓ ମୃତଦେହ ଉପରେ କାଜୁପତ୍ର ଘୋଡ଼ାଇ ଚାଲିଯାଇଥିଲେ, ତାହାକୁ ଆଜି ମଧ୍ୟ ଗ୍ରାମବାସୀ ଭୁଲି ପାରୁନାହାନ୍ତି। ଭଗବାନଙ୍କ ଇଚ୍ଛାରେ ସେହି ମଙ୍ଗଳବାର ହିଁ ରାୟ ପ୍ରକାଶ ପାଇଛି ଏବଂ ଲବଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି ବୋଲି ଜଗତ୍‌ସିଂହପୁର ଜିଲ୍ଲା ଏରସମା ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପରେ ସ୍ଥାନୀୟ ଲୋକେ କହିଛନ୍ତି।

### ରହସ୍ୟ ଉପରୁ ପର୍ଦ୍ଦା ଉଠାଇଥିଲେ ୨ ନାବାଳିକା

କାଜୁ ଜଙ୍ଗଲରୁ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ କିଏ ତାଙ୍କୁ ହତ୍ୟା କରିଛି ବୋଲି ଗ୍ରାମରେ ଚହଳ ପଡ଼ିଯାଇଥିଲା। ତେବେ ଏହି ରହସ୍ୟ ଉପରୁ ପର୍ଦ୍ଦା ହଟାଇଥିଲେ ୨ ଜଣ ନାବାଳିକା। ସେମାନେ ମିଳିମିଶି ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି ସମ୍ପୃକ୍ତ ଝିଅକୁ ସେଠାରୁ ନେଇଯାଇଥିଲେ ବୋଲି ୨ ନାବାଳିକା ଗାଁରେ କହିଥିଲେ। କେବଳ ଗାଁରେ ନୁହେଁ, କୋର୍ଟରେ ମଧ୍ୟ ସେମାନେ ବୟାନ ଦେଇଥିଲେ। ଯାହାକି ଏହି ମାମଲାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

### ଅଭିଯୁକ୍ତଙ୍କ ହତ୍ୟା ସ୍ୱୀକାର

ଅଭିଯୁକ୍ତ ଲବଙ୍କୁ ଚିହ୍ନଟ ପାଇଁ ଏରସମା ପୋଲିସ ନିଶିକାନ୍ତ କାଣ୍ଡ ଓ ନିତେଲାଲ ଗୁଡିଆ ନାମକ ୨ ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ନେଇ ବାଦାମବାଡ଼ି ବସଷ୍ଟାଣ୍ଡ ଯାଇଥିଲା। ସେଠାରେ ଲବଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ଏହି ୨ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଲବ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। କେବଳ ଏତିକି ନୁହେଁ, ସେଦିନ ସେ ନିଜ ଅନ୍ତଃବସ୍ତ୍ରକୁ ପାଖାପାଖି ୨୦ ଫୁଟ ଦୂର ଏକ କାଜୁଗଛ ମୂଳେ ଲୁଚାଇ ଚାଲିଯାଇଥିବା କହିଥିଲେ। ପୋଲିସ ଉକ୍ତ ଅନ୍ତଃବସ୍ତ୍ରକୁ ଜବତ କରି ସିମେନ୍ ପରୀକ୍ଷା ପାଇଁ ପଠାଇଥିଲା। ଏହା ମଧ୍ୟ ବଳାତ୍କାର ସମ୍ପର୍କିତ ପ୍ରମାଣ ଯୋଗାଇଥିଲା। ସୂଚନାଯୋଗ୍ୟ, ଲବ ବିବାହିତ। ଘରେ ତାଙ୍କ ମା', ବାପା, ଭାଇ, ସ୍ତ୍ରୀ, ୫ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

### ହତ୍ୟାକାରୀଙ୍କୁ ଗିରଫ ଦାବି ତେଜିଥିଲା

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ପ୍ରଚାରିତ ହେବା ପରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ୨୦୧୮ ମାର୍ଚ୍ଚ ୨୧ ତାରିଖରେ ସରପଞ୍ଚ ଭୀମସେନ ରାଉତ, ସମିତି ସଭ୍ୟ ସତ୍ୟରଞ୍ଜନ ଜାନାଙ୍କ ସମେତ ଗଡ଼ହରିଶପୁର ଗାଁ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପାଖାପାଖି ୨ ହଜାର ଲୋକ ଟାୟାର ଜାଳି ଗଡ଼ହରିଶପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେତେବେଳେ ସମସ୍ତେ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ପୋଲିସ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ ସହ ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ନାବାଳିକାଙ୍କ ପରିବାରକୁ ସରକାରୀ ସହାୟତା ଦିଆଯାଇଥିଲା।

### ହାଇକୋର୍ଟ ଯିବେ ଲବ

ଲବଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ନିଜ ତରଫରୁ କୌଣସି ଓକିଲ ନିଯୁକ୍ତ କରିପାରି ନ ଥିଲେ। ତେଣୁ ଏସ୍‌ଡିସି (ଷ୍ଟେଟ୍ ଡିଫେନ୍ସ କାଉନସିଲ୍) ପକ୍ଷରୁ ତାଙ୍କ ପାଇଁ ଓକିଲ ନିଯୁକ୍ତ କରାଯାଇଥିଲା। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରବି ସ୍ୱାଇଁ କହିଛନ୍ତି ଯେ, ପୋକ୍‌ସୋ ଅଦାଲତର ରାୟକୁ ଚ୍ୟାଲେଞ୍ଜ କରି ଲବ ହାଇକୋର୍ଟ ଯିବେ ବୋଲି ତାଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି।

# ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୦ ସୁଦ୍ଧା ରାଜ୍ୟରେ ୯ ଲକ୍ଷ, ୭୯ ହଜାର ୯୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୧୨ ହଜାର ୪୭ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ବରଗଡ଼ ୮୫୫୦୯, ବାଲେଶ୍ୱର ୪୮୮୯୦, ଭଦ୍ରକ ୩୧୧୩୬୧, କଟକ ୪୦୬୯୩, କଳାହାଣ୍ଡି ୬୪୯୪୦, ଖୋର୍ଦ୍ଧା ୩୦୬୦୫, ସମ୍ବଲପୁର ୩୪୨୧୯, ସୁନ୍ଦରଗଡ଼ ୩୨୦୧୩, ସୁବର୍ଣ୍ଣପୁର ୪୪୩୯୦, କେନ୍ଦ୍ରାପଡ଼ାରେ ୨୪୯୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଧାନ କିଣାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କ୍ରୟ ଆରମ୍ଭ ହେବ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଆସନ୍ତା ଖରିଫ୍ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତ ବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଭାଗଚାଷୀମାନେ ସରପଞ୍ଚ କିମ୍ବା ଜମି ମାଲିକଙ୍କଠାରୁ ଅନୁମତି ପତ୍ର ଆଣି ଧାନ ବିକିବା ପାଇଁ ନିଜର ନାମ ପଞ୍ଜୀକୃତ କରିପାରିବେ। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ୨ ଲକ୍ଷ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ କିଭଳି ଚାଲିଛି ସେ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏମାନେ ଦୁଇଦିନ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଚାଷୀମାନଙ୍କର ମଧ୍ୟ ଆପତ୍ତି ଅଭିଯୋଗ ଶୁଣିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ମକର ରାଶିସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ସ୍ୱାଭାବିକ ରଖିବ। କିନ୍ତୁ ଷଷ୍ଠଭାବସ୍ଥ ଶୁକ୍ର ନୀଚସ୍ଥ ଯୋଗୁ ଆର୍ଥିକ ସ୍ଥିତି ବିଗିଡିଯାଇପାରେ, କିନ୍ତୁ ଋଣ ଜରିଆରେ ଟଙ୍କା ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ** ଆଜି ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗ ଫଳରେ ସଭାସମିତି କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କିନ୍ତୁ ପାରିବାରିକ ସମସ୍ୟା ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ସମସ୍ତ ପ୍ରକାରର ସୁବିଧା ହାସଲ କରି ଲକ୍ଷ୍ୟପଥର ପଥିକ ହୋଇପାରନ୍ତି। ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବାର ସମ୍ଭାବନା ରହିଛି। ବୈଷୟିକ ସମ୍ପଦ ହାସଲ ପରିପ୍ରେକ୍ଷୀରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଆପଣ କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି। ଅବଶ୍ୟ ଆର୍ଥିକ, ବ୍ୟବସାୟିକ, ଉପରିସ୍ଥ କର୍ମଚାରୀ କିମ୍ବା ସରକାରୀ କାମ କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ** ସ୍ୱଗୃହୀ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାର ଲକ୍ଷ୍ୟକରି ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ । ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି ।

**କନ୍ୟା** ଶୁକ୍ରଙ୍କ ପ୍ରଭାବକ୍ରମେ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅନୁଭବ କରିବେ। ଏହା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ରାହୁଙ୍କ ସ୍ଥିତି କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** ଦ୍ୱିତୀୟଭାବସ୍ଥ ବୁଧଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କିନ୍ତୁ ସ୍ଥଳ ବିଶେଷରେ ରୋକ୍‌ଠୋକ୍ କଥା କେତେକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କଲେ ସଫଳତା ପାଇବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଶନି ଓ ରାହୁଙ୍କ ସ୍ଥିତିଜନିତ ବିବାଦୀୟ ଘଟଣା କିମ୍ବା ଅସଫଳତା ହେତୁକ ମନସ୍ତାପ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରି ଅଧିକାଂଶ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା କ୍ରମଶଃ ଦୂରେଇବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର** ଆଜି ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ କରି ମନରେ ଉତ୍ସୁକତା ପ୍ରଦାନ କରିବେ। ମାନସିକ ସ୍ଥିରତା କେତେମାତ୍ରାରେ କ୍ଷୁଣ୍ଣ ହୋଇପାରେ। ତଥାପି ସାମୟିକ ଭାବରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ** ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ବୃହସ୍ପତିଙ୍କ ଶୁଭ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଉଚ୍ଚଚିନ୍ତା ଓ ନୂଆ ନୂଆ ଯୋଜନା କରିପାରନ୍ତି। କିନ୍ତୁ ପାଖ ପଡୋଶୀଙ୍କ ସହ ସମ୍ପର୍କରେ ଅବନ୍ନତି ଘଟିବ ଏବଂ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ବୁଧିବାମନ ଓଷା ଶେଷପାଳି, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ (ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋଭାଷଣ-୧୧।୯।୧୮୯୩), ରାଶିନକ୍ଷତ୍ର- ଶ୍ରବଣା/ମକର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୫ମି. ଗତେ ଘ୮।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧।୫୦ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୧୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




**BRIDE WANTED**

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Bhandari / 29years, groom, B.Tech, Burla, MBA, IIM, Indore working as consultant in MNC, Bhubaneswar seeking working bride, Caste-no-bar. 9437756821. D-14255

Brahmin Boy 1991, 6ft, B.Tech, MBA, serving Manager MNC Pune- Sunasansar. 9937512659. D-66779

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

Girl for M.Tech (IIT, Bombay), Internship (Steinbeis University), Germany, qualified karan Commander in Indian Navy. Contact: +919438183860. D-14225

ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ ଶିକ୍ଷିତା, ସୁନ୍ଦର, ଗୌରବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୭୮୯୪୧୭୬୫୧୬। D-14251

Looking Bride (IT/ MBA/MCA) Karan Groom 29/5'7", Senior Consultant, Bangalore. 0674-2382150, 9861006061. D-14259

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

35/5'3" ଏମ୍.ଏସ୍‌ସି, ରେଲୱେ କ୍ଲର୍କ ଭାବେ କାର୍ଯ୍ୟରତ, ମାସିକ 42000 ରୋଜଗାର କରୁଥିବା ସୁନ୍ଦର କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଦୟାକରି ଯୋଗାଯୋଗ କରନ୍ତୁ। 6261597187. D-14254

real estate

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

1500 sqft gharabari plot for sale at Keshura, Cuttack - Puri bypass road Bhubaneswar price 26 lakh. Contact: 9078151122. D-67383

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

to-let

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

Shop on rent of 12ft x 20ft with partitions and furniture at New Care Hospital Road, Chandrasekharpur, Bhubaneswar. 9937000624, 9438080874. D-66959

1500sqft. rooftop godown space near Slughterhouse, Canal road, Laxmisagar: 9861085668. D-67058

**1200sqft full furnished commercial office space for rent, 1st floor Bomikhal CTC Road, Bhubaneswar. Contact: 09880193309, 7411536937.** D-67385

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିଙ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

**ACCOMMODATION**

**Required 1500sqft to 2000sqft hall type area for office purpose. Location: Gandamunda Square to Khandagiri Square. Contact: 9668737327.** D-14291

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

Mishra Milin Basant, S/o - Basant Mishra, 64/6950/9617, Chandrasekharpur, Bhubaneswar, changed my name as Milin Mishra. D-14294


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ୫ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

ଉଚ୍ଚତର ଗବେଷଣା ପାଇଁ ରାଜ୍ୟର ୫ଜଣ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବ ବିଜ୍ଞାନ ଓ କାରିଗରି ବିଭାଗ। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଅଧିକତର ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ମଙ୍ଗଳବାର ବିଜ୍ଞାନ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି। ବାୟୋଟେକ୍ନୋଲୋଜିରେ ଗବେଷଣା ଓ ବିକାଶକୁ ଦୃଷ୍ଟିରେ ରଖି ଏକ ଉପସମିତିର ସୁପାରିସକ୍ରମେ ୫ଜଣ ଗବେଷକ ଏହି ସହାୟତା ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ୫ଜଣ ଗବେଷକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ରାଉରକେଲାସ୍ଥିତ ଏନ୍ଆଇଟିର ଜୀବବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଡ. ସୁମନ ଝା, ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ସ୍ନାୟୁ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ସଂଜୀବ କୁମାର ଭୋଇ ଏବଂ ଆସୋସିଏଟ୍ ପ୍ରଫେସର ଡ. ସୁଚିତ୍ରା କୁମାରୀ, ଭୁବନେଶ୍ୱରସ୍ଥିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଏବଂ ମ୍ୟାଟେରିଆଲ୍ସ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ। ପ୍ରତି ଗବେଷକଙ୍କୁ ୩ ବର୍ଷ ନିମନ୍ତେ ସରକାରଙ୍କ ପକ୍ଷରୁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୋଟ ଭାବେ ୫ଜଣ ଗବେଷକଙ୍କୁ ସହାୟତା ବାବଦରେ ୪୯.୪୮ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଛି।

## ଜିଲ୍ଲା ଚିଠି ସୁନ୍ଦରଗଡ଼



# ଅନିଶ୍ଚିତ ପ୍ରକଳ୍ପ

ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପରେ କାମ ଆରମ୍ଭ ହେବା ନେଇ ଦିନଗଡୁଛି। ତେଣୁ ବିସ୍ଥାପିତ ଓ ପ୍ରଭାବିତ ଅଧିବାସୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ରାଜ୍ୟ ସରକାର ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ କରିବାର ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩୨୪୬ ଏକର ଜମି ଆବଶ୍ୟକ କରି ୨୦୦୬ମସିହାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମାତ୍ର ସେତେବେଳେ ଏହି ଗ୍ରାମସଭାରେ ଲଙ୍କାହୁଡା ଗ୍ରାମପଞ୍ଚାୟତର ସେମନା ଓ ଜପଙ୍ଗା ଗ୍ରାମବାସୀ ଜମି ନ ଦେବା ପାଇଁ ଜିଦ୍ ଧରି ବସିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରୁଥିବା ଇଡ୍କୋକୁ ଏହି ୨ଟି ଗ୍ରାମକୁ ବାଦଦେଇ ଅନ୍ୟ ଗ୍ରାମର ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ପଞ୍ଚାୟତର ରୂପିଡି, ଲଙ୍କାହୁଡା ଓ କୋପସିଂହା ଗ୍ରାମର ଚାଷଜମି ସହ ଘର ନିର୍ମାଣ ହୋଇଥିବା ଜମି ଅଧିଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିଥିଲେ। ଜପଙ୍ଗା ଓ ସେମନା ଗ୍ରାମକୁ ବାଦ ଦେଇ ପ୍ଲାଣ୍ଟ ପାଇଁ ଭେଡାବାହାଲ ଓ କିରେଇ ପଞ୍ଚାୟତରେ ଜମି ଗ୍ରହଣ ହୋଇଥିଲା। ପ୍ଲାଣ୍ଟ ପାଇଁ ଘରୋଇ ଜମି ୨୭୩୩ ଏକର, ୪୪୪ଏକର ସରକାରୀ ଜମି ଓ ୬୯ ଏକର ରାଜସ୍ୱ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ୨୦୦୬ରେ ଜମି ଅଧିଗ୍ରହଣ ସରିବା ପରେ ଏହି ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଦିନ ଗଡୁଥିବା ବେଳେ ଏଣେ ଅଧିଗ୍ରହଣ ସରିଥିବା ଗ୍ରାମବାସୀ ବର୍ତ୍ତମାନ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି କି ଗରିବ ଲୋକେ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଗ୍ରାମଗୁଡିକରେ ରାସ୍ତାଘାଟ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ମଧ୍ୟ ହେଉ ନାହିଁ। ଫଳରେ ଲୋକେ ନାନାଦି ଅସୁବିଧାରେ ରହୁଥିବା ବେଳେ ସରକାରୀ ବାବୁମାନେ ହାତଟେକି ବସିଛନ୍ତି। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନଠାରୁ ସରକାରଙ୍କ ଯାଏ ଗୁହାରି କଲେ ମଧ୍ୟ ସମସ୍ତେ ଚୁପ୍। ଏଭଳି ସ୍ଥିତିରେ ଲୋକେ ସରକାର ତୁରନ୍ତ ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ ନତୁବା ଅଧିକୃତ ଜମି ଫେରସ୍ତ କରନ୍ତୁ ବୋଲି ଦାବି କରୁଛନ୍ତି।

– ଜୟନାରାୟଣ ମେଣ୍ଡୁଲି

# ଶ୍ରୀମନ୍ଦିର ପରି ପ୍ରଭୁ ଲିଙ୍ଗରାଜଙ୍କ ପାଇଁ ପ୍ରସ୍ତୁତ ହେବ ଅଧିନିୟମ: ମନ୍ତ୍ରୀ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ(ଆକ୍ଟ) ଢାଞ୍ଚାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଆଇନ ଖୁବ୍‌ଶୀଘ୍ର ପ୍ରଣୟନ କରାଯିବ। ଲୋକସେବା ଭବନରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପୁରୀ ଶ୍ରୀମନ୍ଦିର ସମସାମୟିକ ହୋଇଥିବାରୁ ଏପରି କରାଯିବାର ଆବଶ୍ୟକତା ରହିଥିବା ବିଜ୍ଞାନ ଓ କାରିଗରି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ମତ ଦେଇଥିଲେ। ଏଥି ସହ ଟ୍ରଷ୍ଟ ବୋର୍ଡର ପୁନର୍ଗଠନ କରିବା, ଆକ୍ଟ ପ୍ରସ୍ତୁତି ପାଇଁ ଟ୍ରଷ୍ଟ ବୋର୍ଡ ଦେବୋତ୍ତର କମିଶନଙ୍କ ମାଧ୍ୟମରେ ଆଇନ ବିଭାଗକୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥିବା ମନ୍ଦିର ସମ୍ବନ୍ଧୀୟ ଆଇନ ବାବଦରେ ଯଥେଷ୍ଟ ଅଭିଜ୍ଞତା ରହିଥିବା ଆଇନଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଅଶୋକ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ, ମାର୍କେଟ କମ୍ପ୍ଲେକ୍ସ ସମ୍ବନ୍ଧିତ ସମସ୍ୟାର ସମାଧାନ, ବ୍ୟାଖ୍ୟାନ କେନ୍ଦ୍ର ସମ୍ମୁଖର ବିକାଶ ଓ ଦେବୀ ପାଦହରା ପୁଷ୍କରିଣୀର ଉନ୍ନୟନ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହୋଇଥିବା ବୈଠକରୁ ସୂଚନା ମିଳିଛି।



ବୈଠକରେ ଉପସ୍ଥିତ ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ପ୍ରମୁଖ ଅଧିକାରୀ।

- ଅନ୍ୟ ୩ ପ୍ରମୁଖ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପ୍ରସ୍ତାବ
- ଦେବୋତ୍ତର କମିଶନ ମାଧ୍ୟମରେ ପରାମର୍ଶ

ଅନୁରୂପ ଭାବେ ଘଟଗାଁ ତାରିଣୀ ମନ୍ଦିର କମିଟି ଓ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରର ଟ୍ରଷ୍ଟ ବୋର୍ଡର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଦେବୋତ୍ତର ବିଭାଗ ଦ୍ୱାରା ତଦନ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଷୋଡ଼ଶ ଶତାବ୍ଦୀର ବାରିପଦା ଜଗନ୍ନାଥ ମନ୍ଦିର କାର୍ଯ୍ୟକାରିତା ସମ୍ପର୍କରେ ମଧ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ମନ୍ଦିର ଅତି ପୁରାତନ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ବାରିପଦା ଉପଜିଲାପାଳ ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଦେବୋତ୍ତର ଜମିରେ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ଅର୍ଥ ଆଦାୟ କରାଯାଉଛି। ତାହାର ଅଂଶ ମନ୍ଦିରକୁ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଦେବୋତ୍ତର ଜମି ଯେଉଁମାନଙ୍କ ଅଧୀନରେ ଅଛି ସେମାନେ ୧୯ ଧାରା ଅନୁଯାୟୀ ନିୟମିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ଉଭୟ ଉପଜିଲାପାଳ ଓ ଦେବୋତ୍ତର ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟ କରିବା ପାଇଁ ପ୍ରଥମେ ୨୫ ଧାରାରେ ସେମାନଙ୍କୁ ନୋଟିସ୍ ପଠାଯିବ। ଆଗାମୀ ଏକ ମାସ ମଧ୍ୟରେ ମନ୍ଦିର ୱେବ୍‌ସାଇଟ୍ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟବୀମା କାର୍ଯ୍ୟ ଶେଷ ହେବ ବୋଲି ବୈଠକରେ ଉପଜିଲାପାଳ ପ୍ରକାଶ କରିଥିଲେ। ସେହିପରି ସେବାୟତମାନଙ୍କର ଯାହାକିଛି ସମସ୍ୟା ରହିଛି ସେ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ପ୍ରକାଶ କରାଯାଇଛି।

## ସଂକ୍ଷେପରେ

### ନିଲମ୍ବିତ କନଷ୍ଟେବଲଙ୍କୁ ମାଲକାନଗିରି ବଦଳି

**କଟକ ଅଫିସ, ୧୦।୯:** ଡିଜିପି ବିଜୟ କୁମାର ଶର୍ମା ମଙ୍ଗଳବାର ଜଣେ କନ୍‌ଷ୍ଟେବଲଙ୍କୁ ମାଲକାନଗିରି ଜିଲାକୁ ବଦଳି କରିଛନ୍ତି। କନଷ୍ଟେବଲ ଜଣକ ହେଉଛନ୍ତି ଅନୁଗୋଳ ଜିଲାର ଗୋପାଳ ଶଙ୍କର ମାରାଣ୍ଡି। ଦୁର୍ବ୍ୟବହାର, ବିଶୃଙ୍ଖଳିତ ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ମାଲକାନଗିରିକୁ ବଦଳି କରାଯାଇଛି। ସୂଚନା ଅନୁଯାୟୀ, ବିଶୃଙ୍ଖଳିତ ଆଚରଣ ପାଇଁ ଗୋପାଳଙ୍କୁ ଗତ ସୋମବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଓଡ଼ିଶା ପୋଲିସ ମାନୁଆଲର ଅଧିନିୟମ ୮୪୦ ଅନୁଯାୟୀ ତାଙ୍କୁ ନିଲମ୍ବିତ କରାଯାଇଥିଲା।

### ହୀରାକୁଦ ଡ୍ୟାମ୍ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ

**ସମ୍ବଲପୁର, ୧୦।୯ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମରୁ ମଙ୍ଗଳବାର ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି । ରାତି ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୩ଲକ୍ଷ ୪୧ ହଜାର ୮୭୬ କ୍ୟୁସେକ ପାଣି ଡ୍ୟାମରୁ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ଡ୍ୟାମକୁ ୩ଲକ୍ଷ ୪୧ ହଜାର ୮୭୬ କ୍ୟୁସେକ ପାଣି ପ୍ରବେଶ କରୁଛି । ପାୱାର ଚ୍ୟାନେଲରେ ୧୮ ହଜାର ୪୮୭, ବିଭିନ୍ନ କେନାଲରେ ୧ହଜାର ୫୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ତଳ ମୁଣ୍ଡ ବେଲଗାଁରେ ୩୫ ହଜାର ୨୦୦, ପର୍ଥଲାରେ ୧ଲକ୍ଷ ୨ ହଜାର ୯୨୩, ଖଇରମାଲରେ ୫ଲକ୍ଷ ୮ ହଜାର, ବଡ଼ମୂଳରେ ୫ଲକ୍ଷ ୨୦ ହଜାର ୫୦୦ ଓ ମୁଣ୍ଡଳିରେ ୬ଲକ୍ଷ ୫୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଡ୍ୟାମ ଉପର ମୁଣ୍ଡରେ ବର୍ଷା ଅଧିକ ପରିମାଣରେ ହୋଇଛି। ଡ୍ୟାମରେ ଜଳସ୍ତର ୬୨୫.୩୯ ଘନଫୁଟ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ବୁର୍ଲାରେ ୫.୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୧.୬ ମି.ମି. ବର୍ଷା ରେକର୍ଡ ହୋଇଛି।

# ଭରତପୁରରେ ସେବା ସପ୍ତାହ ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ୭ଦିନ ପର୍ଯ୍ୟନ୍ତ ସାରା ଦେଶରେ ଭାଜପା ସେବା ସପ୍ତାହଭାବେ ପାଳନ କରିବ । ୧୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପଡୁଛି। ତେଣୁ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ। ସେବା ସମିତିର ରାଜ୍ୟ ସଂଯୋଜକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ସୂଚନା ଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି ଯେ, ୧୪ରେ ଭୁବନେଶ୍ୱରସ୍ଥିତ ଭରତପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେବା ସପ୍ତାହର ଶୁଭାରମ୍ଭ କରିବେ। ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ତଥ୍ୟକୁ ଫଟୋ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ପ୍ରଧାନମନ୍ତ୍ରୀଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମ ଗୁଡିକରେ ଫଳ ବିତରଣ କରାଯିବ । ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସହଭାଗିତାରେ ସେବା କାର୍ଯ୍ୟ କରିବାକୁ ଦଳ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ଆସନ୍ତା ୨୦ରେ ସାରା ରାଜ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ। ଏହା ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତର ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ ବୋଲି ବିଷ୍ଣୁ କହିଛନ୍ତି । ଏହି ସେବା ସପ୍ତାହ ପାଳନର ପ୍ରସ୍ତୁତି ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି ।

## କାନ୍ଧ ଦେବାକୁ କେହି ଆସିଲେ ନାହିଁ

# ୬ ଘଣ୍ଟା ପଡ଼ିରହିଲା ମୃତଦେହ

## ସାହିରୁ ବାସନ୍ଦ ହୋଇଥିଲେ

ନୟାଗଡ଼ ଅଫିସ,୧୦।୯

ସାହି ଲୋକେ ଏକ ପରିବାରକୁ ବାସନ୍ଦ କରିଥିଲେ। ଉକ୍ତ ପରିବାରର ସୁଖଦୁଃଖରେ ସାହିଲୋକେ ସାମିଲ ହେଉ ନ ଥିଲେ। ଫଳରେ ଏକଘରକିଆ ହୋଇ ଖୁବ୍ କଷ୍ଟରେ ଜୀବନ ବିତାଉଥିଲେ ଉକ୍ତ ପରିବାର ସଦସ୍ୟ। ଏପରିସ୍ଥିତିରେ ମଙ୍ଗଳବାର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ପରିବାର ମୁଖ୍ୟଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ଶେଷ ଦର୍ଶନ କରିବା ପାଇଁ କିମ୍ବା ସତ୍କାର ଲାଗି ମୃତଦେହ ମଶାଣିକୁ ନେବାକୁ ସାହିର କେହି ଜଣେ ବି ଉକ୍ତ ପରିବାର ପାଖରେ ଉପସ୍ଥିତ ହେଲେ ନାହିଁ। ମୃତକଙ୍କ ଏକମାତ୍ର ପୁଅ ଥିବାବେଳେ ମଶାଣିକୁ ନେବା ପାଇଁ ଚାରି କାନ୍ଧର ଆବଶ୍ୟକ ଥିବାରୁ ଦୀର୍ଘ ୬ଘଣ୍ଟା କାଳ ଘରେ ପଡିରହିଲା ମୃତଦେହ। ପରେ ସରପଞ୍ଚଙ୍କ ହସ୍ତକ୍ଷେପ ଯୋଗୁ ଗ୍ରାମର ଅନ୍ୟ ଲୋକଙ୍କ ସହଯୋଗରେ ମୃତଦେହ ମଶାଣିକୁ ନିଆଯାଇ ସତ୍କାର କରାଯାଇଥିଲା।



ମୃତକଙ୍କ ନାତି ମଶାଣିକୁ ବାଉଁଶ ନେଇ ଯାଉଛନ୍ତି।

ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ସଦର ବ୍ଲକ ଗମ୍ଭାରିଡିହି ଗ୍ରାମର ବଣିଆସାହିରେ। ବଣିଆସାହିର ଶ୍ରୀଧର ସାଥୁଆଙ୍କ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୃତ୍ୟୁ ଘଟିଥିଲା। କୌଣସି ଏକ ବିବାଦକୁ ନେଇ ତାଙ୍କ ସାହି ଜାତିଭାଇ ଦୀର୍ଘ ବର୍ଷ ହେଲାଣି ଶ୍ରୀଧରଙ୍କ ପରିବାରକୁ ବାସନ୍ଦ କରି ରଖିଥିଲେ। ପୂର୍ବରୁ ଶ୍ରୀଧରଙ୍କ ଘରେ ଯାହାର ମୃତ୍ୟୁ ହେଉଥିଲା ତାଙ୍କ ମୃତଦେହକୁ ଶ୍ରୀଧର ଓ ତାଙ୍କର ଏକମାତ୍ର ପୁଅ ଧନେଶ୍ୱର ମଶାଣିକୁ ନେଇ ସତ୍କାର କରୁଥିଲେ। ତେବେ ଶ୍ରୀଧରଙ୍କ ମୃତ୍ୟୁ ପରେ ଧନେଶ୍ୱର ସାହିଲୋକଙ୍କୁ ଯାଇ ମୃତଦେହ ମଶାଣିକୁ ନେବା ପାଇଁ ଡାକିବାରୁ କେହି ଆସି ନ ଥିଲେ। ପରେ ଧନେଶ୍ୱର ଏ ନେଇ ସରପଞ୍ଚ ଓ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ଗମ୍ଭାରିଡିହି ସରପଞ୍ଚ ଦିବାକର ମିଶ୍ର ଉକ୍ତ ସାହିରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଆସି ନ ଥିଲେ। ପରେ ଗ୍ରାମର ଅନ୍ୟ ସାହିରୁ ଲୋକ ଆସି ଅପରାହ୍ନ ୫ଟାରେ ଦୀର୍ଘ ପ୍ରାୟ ୬ଘଣ୍ଟା ପରେ ଶ୍ରୀଧରଙ୍କ ମୃତଦେହ ମଶାଣିକୁ ନେଇଥିଲେ। ସେହିପରି ସାହିର ଅନ୍ୟ ଲୋକମାନେ ସାହାଯ୍ୟ ନ କରିବାରୁ ଧନେଶ୍ୱରଙ୍କ ଏକମାତ୍ର ନାବାଳକ ପୁଅ ଜେଜେବାପାଙ୍କ ପାଇଁ ମଶାଣିକୁ ବାଉଁଶ ନେଇ ଯାଉଥିବାର ଦେଖିବାକୁ ମିଳିଥିଲା।







ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ

# କଡ଼ା କର ସଡ଼କ ନିୟମ

ଭାରତରେ ୧ ସେପ୍ଟେମ୍ବର ୨୦୧୯ରେ ନୂଆ ମୋଟର ଭେଇକିଲ୍ ଆଇନ ଲାଗୁ ହେବା ପରଠାରୁ ଦେଶବ୍ୟାପୀ କୋହୁଆ ଭୟ ସୃଷ୍ଟି ହୋଇଛି। ଓଡ଼ିଶାରେ ଗୋଟିଏ ସପ୍ତାହ ମଧ୍ୟରେ ଯେଉଁଭଳି ଧରପଗଡ଼ ହେବା ସହ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ମାତ୍ରାର ଜରିମାନା ଲଦାଗଲା, ତାହା ଏବେ ପୁରପଲ୍ଲୀରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ସେତିକି ନୁହେଁ, ଜନସାଧାରଣ ଓ ପୋଲିସ ମଧ୍ୟରେ ୭ ସେପ୍ଟେମ୍ବରରେ ଭୁବନେଶ୍ୱରର ରାଜମହଲ ଛକରେ ଗାଡ଼ି ଯାଞ୍ଚକୁ ନେଇ ତୁମୁଳକାଣ୍ଡ ଘଟିଯାଇଛି। ପୋଲିସ ଗାଡ଼ିଚାଳକଙ୍କ କାଗଜପତ୍ର ମାଗିଥିବା ବେଳେ ଜନସାଧାରଣ ଓଲଟା ପୋଲିସ ଗାଡ଼ିର କାଗଜପତ୍ର ମାଗି ଗଣ୍ଡଗୋଳ ଘଟାଇଥିଲେ। ଏସବୁ ଦେଖି ଅନେକ କହୁଛନ୍ତି, ଯାହା ହେଉ ପୋଲିସ ପାନେ ପାଇଛି। ଏଭଳି ଅସ୍ୱାଭାବିକ କଥା ଶୁଣିଲା ବେଳେ ମନକୁ ପ୍ରଶ୍ନ ଆସୁଛି- ନିୟମଭଙ୍ଗକାରୀ କେଉଁ ସ୍ତରରେ ଅଛନ୍ତି। ୨୦୧୭ରେ ପ୍ରକାଶିତ ସରକାରୀ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସଡ଼କ ଦୁର୍ଘଟଣାରେ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ପ୍ରତି ଘଣ୍ଟାରେ ୧୭ ଜଣଙ୍କ ପ୍ରାଣହାନି ଘଟୁଛି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ମାରାତ୍ମକ ରୋଗଜନିତ ମୃତ୍ୟୁସଂଖ୍ୟା ତୁଳନାରେ ରାସ୍ତା ଦୁର୍ଘଟଣା ଯୋଗୁ ଘଟୁଥିବା ପ୍ରାଣହାନି ଯଥେଷ୍ଟ ଅଧିକ। ଏହାର ଏକମାତ୍ର କାରଣ ହେଲା ଅସାବଧାନତାରେ ଗାଡ଼ି ଚାଳନା। ଏସବୁକୁ ଲକ୍ଷ୍ୟ କରି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ, ଲୋକଙ୍କ ଉପରେ ଅତ୍ୟଧିକ ଜରିମାନା ଆଦାୟ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ, କିନ୍ତୁ ଏଭଳି ପଦକ୍ଷେପ ନିଆଯିବା ଦ୍ୱାରା ଆଗକୁ ସମସ୍ତେ ନିୟମ ମାନିବାକୁ ବାଧ୍ୟ ହେବେ ଓ କେହି ଜରିମାନା ଦେବା ସକାଶେ ଯୋଗ୍ୟ ରହିବେ ନାହିଁ। ଗଡ଼କରୀଙ୍କ ଏହି କଥାକୁ ଆମେ ସମର୍ଥନ କରିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ସମସ୍ତେ ଶୃଙ୍ଖଳିତ ହୋଇ ଚାଲନ୍ତୁ। କେବଳ ଓଡ଼ିଶା ନୁହେଁ, ଦେଶର ପ୍ରାୟ ଅଧିକାଂଶ ଆରଟିଓ ଶାଖା ସମ୍ମୁଖରେ ଲାଗି ରହିଥିବା ଲମ୍ବା ଧାଡ଼ିକୁ ଦେଖିଲେ ସତ୍ୟ ପ୍ରମାଣିତ ହେଉଛି। ହଠାତ୍ ଦୁଇଚକିଆ ଓ ଚାରିଚକିଆ ଚାଳକମାନେ ଲାଇସେନ୍ସ କରିବା ଉଚିତ ବୋଲି ଭାବିଲେଣି। ଇତିମଧ୍ୟରେ ବେଆଇନ ଭାବେ ଚାଲୁଥିବା ବିଭିନ୍ନ ପ୍ରକାରର ଯାନବାହନ ସଂଖ୍ୟା ରାସ୍ତାରେ ହ୍ରାସ ପାଇଥିବା ପରିଲକ୍ଷିତ ହେଉଛି। କେବେ ଯେଉଁମାନେ ଆଇନକୁ ବିରୋଧ କରୁଛନ୍ତି ଓ ବଡ଼ ଆକାରର ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ କାଗଜପତ୍ର ଠିକ୍ ରଖି ନାହାନ୍ତି ବୋଲି ଧରିନେବାକୁ ହେବ। ଯେତେବେଳେ ଏକ ରାଜ୍ୟ ବା ଦେଶରେ ୯୦ ପ୍ରତିଶତ ଲୋକ ଭୁଲକୁ ସମର୍ଥନ କରିବେ ଓ ଆଇନକୁ ଅମାନ୍ୟ କରିବେ, ସେତେବେଳେ ଏହା ଜନଗଣଙ୍କ ପ୍ରତିବାଦ ବୋଲି ଧରିନେବା ଉଚିତ ନୁହେଁ। କାରଣ ଆଇନର ସଂଜ୍ଞା କହେ ଜନସାଧାରଣଙ୍କ ଭଲ ପାଇଁ ଏହା ପ୍ରଣୟନ କରାଯାଇଛି।

ରାଜମହଲ ଛକରେ ଘଟିଯାଇଥିବା ତୁମୁଳକାଣ୍ଡକୁ ଦେଖିବା ପରେ ଓଡ଼ିଶା ସରକାର ଭୟଭୀତ ହେବା ପରି ଲାଗୁଛନ୍ତି। ସେଥିପାଇଁ ୯ ସେପ୍ଟେମ୍ବରରେ ସରକାରୀ ଭାବେ ଘୋଷଣା କରାଯାଇଛି ଯେ, ନୂଆ ମୋଟରଯାନ ଆଇନକୁ ଏଠାରେ ୩ ମାସ ପାଇଁ କୋହଳ କରାଗଲା। ସଂଶୋଧିତ ଆଇନକୁ କଡ଼ାକଡ଼ି ଲାଗୁ ନ କରି ଲୋକଙ୍କୁ ସଚେତନ କରିବାକୁ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଉପରସ୍ତରରୁ ନିର୍ଦ୍ଦେଶ ଦିଆଯାଇଛି। ବାସ୍ତବରେ ସଡ଼କ ଓ ଯାନବାହନ ସମ୍ପର୍କିତ ଆଇନକୁ ଓଡ଼ିଶାରେ ଆଦୌ କଡ଼ାକଡ଼ି ଭାବେ କେବେହେଲେ ଲାଗୁ କରାଯାଉ ନ ଥିଲା। ସେଥିପାଇଁ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ବେଆଇନ ଭାବେ ଗାଡ଼ି ଚଳାଇବା ଏକ ସାଧାରଣ ବିଷୟ ହୋଇପଡ଼ିଥିଲା। ଯେତେବେଳେ ନିୟମ କଡ଼ାକଡ଼ି ଲାଗୁ ହେଲା, ସେତେବେଳେ ମୁଷ୍ଟିମେୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ମୁଷ୍ଟିମେୟ ଏଇଥିପାଇଁ କୁହାଯାଉଛି କାରଣ ଯେଉଁମାନେ ଗଣ୍ଡଗୋଳ କରିଥିଲେ ସେମାନେ ବିନା ଲାଇସେନ୍ସ, ବିନା ଫିଟ୍‌ନେସ କିମ୍ବା ଚୋରାଗାଡ଼ି ଚଳାଉଥିଲେ। ଯେଉଁମାନଙ୍କର ଆଇନଗତ କାଗଜପତ୍ର ରହିଛି, ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଏପରି କି ସେମାନେ ନିଜର ଭବିଷ୍ୟତ ସୁରକ୍ଷିତ ରଖିବା ସକାଶେ ପଦକ୍ଷେପକୁ ସମର୍ଥନ କରିଛନ୍ତି। କାରଣ ଦୁର୍ଘଟଣାରେ ଜୀବନ ଯିବା ଠାରେ କଥା, ତା'ଠାରୁ ଅଧିକ ଦୁଃଖଦାୟକ ହେଉଛି ଶାରୀରିକ ଭାବେ ପଙ୍ଗୁ ପାଲଟିବା।

ଗାଡ଼ି ନିୟମ କଡ଼ାକଡ଼ି ହେବା ପରେ ଲୋକେ ସୁଧୁରିବା ଆରମ୍ଭ କରିଥିଲେ। କାଗଜପତ୍ର ଠିକ୍ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରୁଥିଲେ। ଗତ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ କମ୍ ମଦ ବିକ୍ରି ହୋଇଥିବା ଲକ୍ଷ୍ୟ କରାଯାଇଛି। ସାଧାରଣରେ ଅଧିକାଂଶ ଡ୍ରାଇଭର ଅତ୍ୟଧିକ ମଦ ପିଇ ଗାଡ଼ି ଚଳାଉଥିଲେ। ଯେହେତୁ ଧରପଗଡ଼ ଜୋରଦାର ହେଲା ଓ ଗାଡ଼ିଚାଳକ ମଦ ପିଇବା କମାଇ ଦେଲେଣି, ସେହେତୁ ରାସ୍ତା ଦୁର୍ଘଟଣା ମାତ୍ରା କମିଥିବା ତଥ୍ୟ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଦେଶରେ ମଦ୍ୟପାନ କରି ଗାଡ଼ି ଚଳାଇବା କିମ୍ବା ଏକତରଫା (ୱାନ୍ ୱେ) ରାସ୍ତା ଆଇନ ଭାଙ୍ଗିବା ଏକ ଧର୍ତ୍ତବ୍ୟ ଅପରାଧ। ଭାରତରେ ବର୍ଷବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବା ଦ୍ୱାରା ଯେଉଁ ସଚେତନତା ସୃଷ୍ଟି ହୋଇ ନ ଥିଲା, ତାହା ସେପ୍ଟେମ୍ବରରେ ଗୋଟିଏ ସପ୍ତାହରେ ତା'ଠାରୁ ଅଧିକ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ବୁଝିବାକୁ ହେବ ଯେ, ସାଧାରଣ ଭାରତୀୟଙ୍କୁ ଭଦ୍ର ବ୍ୟବହାର ଦେଖାଇ ସଚେତନ କଲେ ସେମାନେ ପରିବର୍ତ୍ତନକୁ ଗ୍ରହଣ କରନ୍ତି ନାହିଁ। ଏପରି କି ଭୁବନେଶ୍ୱରରେ କୋହଳ ନିର୍ଦ୍ଦେଶରେ ଗୋଟିଏ ଦିନ ନ ବିତୁଣୁ ତିନି ଜଣ ମୋଟର ସାଇକେଲରେ ବସିବା ଓ ଭୁଲ ବାଟରେ ଯିବା ଆରମ୍ଭ ହୋଇଗଲାଣି।

ଏଠାରେ ଆଇନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ଯୁକ୍ତି ଜରିମାନାକୁ ନେଇ ଚାଲିଛି। କେତେକ କହିଲେଣି ଆଦାୟ ହେଉଥିବା ଅର୍ଥରୁ ଅର୍ଦ୍ଧେକ ପୋଲିସ ପକେଟକୁ ଚାଲିଯାଉଛି। ଏଭଳି ଭାବିପାରୁଥିବା ସଚେତନ ନାଗରିକ ସମ୍ପୂର୍ଣ୍ଣ ଭାବେ କିଭଳି ଜରିମାନା ନ ଦେବେ ସେହି କଥା ଚିନ୍ତା କଲେ ସମାଧାନର ବାଟ ପାଇପାରନ୍ତେ। ଚୋରା କିମ୍ବା ଲାଇସେନ୍ସ ନ ଥିବା ଗାଡ଼ି ଦୁର୍ଘଟଣାରେ ପ୍ରାଣହାନି ଘଟୁଥିବା ବ୍ୟକ୍ତିଙ୍କୁ କୌଣସି ଭାବେ ବୀମା ସୁବିଧା ମିଳି ନ ଥାଏ। ଏଭଳି ସ୍ଥଳେ ଯେଉଁମାନେ ପୋଲିସ ଗାଡ଼ିର କାଗଜପତ୍ର ମାଗୁଥିଲେ, ସେମାନେ ବୁଝିବା ଦରକାର ଯେ ସରକାରୀ ଗାଡ଼ି ଦ୍ୱାରା ଦୁର୍ଘଟଣା ଘଟିଲେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିଥାଏ। ଉଦାହରଣ ସ୍ୱରୂପ ରେଳଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ସମ୍ପୃକ୍ତ ପରିବାରବର୍ଗକୁ ଆର୍ଥିକ ସହାୟତା ମିଳିପାରୁଛି। ଏଥିରୁ ବୁଝିବାକୁ ହେବ, ସବୁ ସରକାରୀ ଗାଡ଼ିର ବୀମା ଭାବେ ନିଜେ ସରକାରୀ ବ୍ୟବସ୍ଥା ଛିଡ଼ା ହୋଇଥାଏ। କିନ୍ତୁ ଯେତେବେଳେ ଘରୋଇ କିମ୍ବା ବ୍ୟବସାୟିକ(କମର୍ସିଆଲ୍) ଗାଡ଼ି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ସେହି ଯାନର ଉଚିତ ବୀମା ନ ଥିଲେ ତୃତୀୟ ପକ୍ଷଙ୍କ ପାଇଁ ମୋଟର ଆକ୍ସିଡେଣ୍ଟ କ୍ଲେମ୍ସ ଟ୍ରିବ୍ୟୁନାଲ (ଏମ୍ଏସିଟି) ପାଖରେ କୌଣସି ଦାବି ଉପସ୍ଥାପନ କରାଯାଇପାରେ ନାହିଁ। ଏହିସବୁ ଦିଗକୁ ସଚେତନ କରାଯାଇପାରିଲେ ରାସ୍ତା ଦୁର୍ଘଟଣା ହ୍ରାସ ହେବା ସହ ବହୁ ଅମୂଲ୍ୟ ଜୀବନ ବଞ୍ଚିଯାଇପାରିବ। ଗୋଟିଏ ସପ୍ତାହ ମଧ୍ୟରେ ଦେଖା ଦେଇଥିବା ସ୍ଥିତିରୁ ଫରକ ଅନୁଭୂତ ହୋଇଗଲାଣି।

ଏଠାରେ ଆଉ ଏକ ଦିଗକୁ ଦେଖିଲେ କଟକ ଓ ଭୁବନେଶ୍ୱର ଭଳି ସହରରେ ସବୁବେଳେ ରାହାଜାନି ସଦୃଶ ଅପରାଧ ବିଷୟରେ ଶୁଣିବାକୁ ମିଳେ। ନାଗରିକ ସଚେତନ ହେଉ ନାହାନ୍ତି ଯେ, ଏହି ଅପରାଧ ଘଟାଇଥିବା ଯୁବକମାନେ ଅଧିକାଂଶ ସମୟରେ ଚୋରା ମୋଟର ସାଇକେଲ ବ୍ୟବହାର କରିଥାଆନ୍ତି। ଯେହେତୁ କୌଣସି ସମୟରେ ଯାନବାହନ ଯାଞ୍ଚ କରାଯାଉ ନାହିଁ, ସେଥିପାଇଁ ଓଡ଼ିଶାରେ ମୋଟର ସାଇକେଲ ଚୋରି ମାତ୍ରାଧିକ। ଏଥିସହିତ ମଦ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ବ୍ୟବହାର ଏବଂ ବ୍ୟବସାୟ ଭୁବନେଶ୍ୱରର ଅଟୋରିକ୍ସା ମାଧ୍ୟମରେ କରାଯାଇଥାଏ ବୋଲି କର୍ତ୍ତୃପକ୍ଷଙ୍କ ପାଖରେ ତଥ୍ୟ ରହିଛି। ଯେତେବେଳେ ନିୟମ କଡ଼ାକଡ଼ି କରାଗଲା, ଅନେକ ପ୍ରକାରର ସଡ଼କ ଅପରାଧୀ ନିଜକୁ ଅସୁରକ୍ଷିତ ଭାବି ପୋଲିସକୁ ପ୍ରତିବାଦ କରିବାରେ ଆଗୁସାର ହୋଇଥିଲେ। ସେଥିଲାଗି ସଭ୍ୟ ସମାଜର ଡାକରା ହେବ ଯେ, ତିନି ମାସ ନୁହେଁ, ତିନି ସପ୍ତାହ ପରେ ପୁନର୍ବାର ଏହି ଆଇନକୁ କଡ଼ାକଡ଼ି ଲାଗୁ କରାଗଲେ, ଜନସାଧାରଣ ସୁରକ୍ଷିତ ହୋଇ ବଞ୍ଚିପାରିବେ ଏବଂ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ କମିଯିବ।

## su|do|ku ସୁ–ଡୋ–କୁ

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# ବଢ଼ୁଛି ପିଲାଙ୍କ ପ୍ରତି ଘୃଣିତ ଆଚରଣ



ଅରୁଣ କୁମାର ପଣ୍ଡା

ସୋସିଆଲ ମିଡିଆରେ ସେଦିନ ସେହି ଦୃଶ୍ୟଟି ଦେଖିବା ପରେ ରାତିରେ ନିଦ ହେଲା ନାହିଁ। ଘଟଣାଟି ହେଲା ଜଣେ ଆଈ ତା'ର ୩ ବର୍ଷର ନାତୁଣୀକୁ ଗୋଟିଏ ଛାଟରେ ନିର୍ଦ୍ଦୟ ଭାବେ ପିଟି ଚାଲିଥାଏ। ଶିଶୁଟି କରୁଣ ଭାବେ କାନ୍ଦୁଥାଏ, ସେ ଯେତିକି ଜୋର୍‌ରେ କାନ୍ଦୁଥାଏ, ଆଈ ତାକୁ ସେତିକି ଜୋର୍‌ରେ ପିଟି ଚାଲିଥାଏ। ଆଈମା' ମାଡ଼ରେ ଆହତ ଶିଶୁଟି ଆଉ କାନ୍ଦି ମଧ୍ୟ ପାରିଲା ନାହିଁ। ନିର୍ଜୀବ ଭାବେ ତଳେ ପଡ଼ି ରହିବା ପରେ ମଧ୍ୟ ରାକ୍ଷସୀ ଆଈର ମନ ଶାନ୍ତ ହେଲା ନାହିଁ। ପୁଣି ସେ ତାକୁ ପିଟି ଚାଲିଲା। ଝିଅଟିର ଅପରାଧ ହେଲା ସେ ଆଈକୁ ନ ପଚାରି ପଡ଼ୋଶୀ ଘରେ କ'ଣ ଟିକେ ଖାଇ ଦେଇଥିଲା। ଯେଉଁ ଆଈ ମା'ଛେଉଣ୍ଡ ନାତୁଣୀକୁ ଗେଲ କରିବା କଥା, ତାକୁ ସ୍ନେହ ଦେବା କଥା ସେ ତାକୁ କିପରି ଏତେ ନିର୍ମମ ଭାବେ ପିଟିପାରିଲା, ତାହା ସଭିଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ ଚକିତ କରିବ। ସେହିଭଳି ରାଜ୍ୟର ଏକ ଅନାଥାଶ୍ରମରେ ଜଣେ ତତ୍ତ୍ୱାବଧାରକ ସେଠାରେ ରହୁଥିବା ଅନାଥ ଶିଶୁମାନଙ୍କୁ କେବଳ ଯେ ବାଉଁଶ ବାଡ଼ିରେ ନିର୍ମମ ଭାବେ ପିଟି ଚାଲିଥିଲା, ତାହା ନୁହେଁ ଛୋଟ ପିଲାଙ୍କୁ ଉପରକୁ ଉଠାଇ ତଳେ କଚାଡିବା ଦୃଶ୍ୟ ମଧ୍ୟ ହୃଦୟ ବିଦାରକ ଥିଲା। ପିଲାମାନେ ପ୍ରାଣ ବିକଳରେ ଏଣେତେଣେ ଦଉଡିଥିଲେ ମଧ୍ୟ ରାକ୍ଷସ ଜଣକ ମନରେ ଟିକେ ବି ଦୟା ଆସି ନ ଥିଲା। ଏ ଖବର ପ୍ରକାଶିତ ହେବାପରେ ଆଈ ଓ ତତ୍ତ୍ୱାବଧାରକ ଦୁଇଜଣଙ୍କୁ ପୋଲିସ ଅବଶ୍ୟ ଗିରଫ କରି ଜେଲ ପଠାଇ ଦେଇଛି। ପରନ୍ତୁ ଶିଶୁଙ୍କ ପ୍ରତି ନୃଶଂସତା ନ କମି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ନୃଶଂସତାରେ ଓଡ଼ିଶା ମଧ୍ୟ ରେକର୍ଡ କରିବାରେ ଲାଗିଛି। ଶିଶୁଙ୍କୁ ନିର୍ଯାତନା ଏବଂ ସେମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

ଓଡ଼ିଶା ପୋଲିସର ପୂର୍ବତନ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଗତ ଏପ୍ରିଲ ୨୭ରେ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ନାବାଳିକାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାରେ ସେମାନଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ସମ୍ପୃକ୍ତ। ୯୨.୫ ପ୍ରତିଶତ ଘଟଣାରେ ପୀଡ଼ିତାଙ୍କ ପରିଚିତମାନେ ଜଡ଼ିତ ଥିବା ରିପୋର୍ଟ ହସ୍ତଗତ ହୋଇଛି। ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛି। ଏହିଭଳି ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା କରାଯିବା ପରେ ୨୦୧୮ରେ ୩୮.୫ ପ୍ରତିଶତଙ୍କୁ ଦଣ୍ଡିତ କରାଯାଇପାରିଛି। ୨୦୧୭ରେ ଏହି ହାର ୧୭ ପ୍ରତିଶତ ଥିଲା। ଗତ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି।

ମହିଳା ଏବଂ ବିଶେଷକରି ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଆପରାଧିକ କାର୍ଯ୍ୟ ତଥା ଯୌନ ନିର୍ଯାତନା ସଂକ୍ରାନ୍ତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେଭଳି ତତ୍ପରତା ପ୍ରକାଶ ପାଇବା ଦେଖାଯାଉ ନାହିଁ। କେବଳ ଗତ ଏପ୍ରିଲ ମାସରେ ୪୦ଟି ନାବାଳିକା ବଳାତ୍କାର ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ପୋଲିସ ରେକର୍ଡ କହୁଥିବା ବେଳେ ବାସ୍ତବରେ ଏ ସଂଖ୍ୟା ଅଧିକ। ମେ, ଜୁନ, ଜୁଲାଇ ମାସର ରେକର୍ଡ ଦେଖିଲେ ଏଭଳି ଅପରାଧ ବିଶେଷ ଭାବରେ ହ୍ରାସ ପାଉଛି ବୋଲି କୁହାଯାଇପାରିବ ନାହିଁ। ଏପରି କି ଯୌନ ବିକାରଗ୍ରସ୍ତମାନେ ୩/୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଘଟଣା ପୋଲିସ ଫାଇଲରେ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ବଳାତ୍କାର ପରେ ପୀଡିତାଙ୍କୁ ଅତି ଜଘନ୍ୟ ଭାବରେ ଅପରାଧୀମାନେ ହତ୍ୟା କରି ଫୋପାଡ଼ି ଦେଇଥିବା ଭଳି ଅନେକ ଘଟଣା ନଜରକୁ ଆସିଛି। ଅପରାଧୀଙ୍କ ମଧ୍ୟରେ ଅନେକ ନାବାଳକ ଥିବା ପୋଲିସ ପ୍ରକାଶ କରିଛି। ସୁନ୍ଦରଗଡ଼, ମୟୂରଭଞ୍ଜ ଭଳି ଜିଲାର ବଳାତ୍କାର ଅପରାଧୀଙ୍କ ବିରୋଧରେ ଚାଲିଥିବା ମାମଲାର ବିଚାର ଶେଷ କରାଯାଇ ଇତିମଧ୍ୟରେ ଦୁଇଜଣଙ୍କୁ ଫାଶୀ ଦଣ୍ଡ ଶୁଣାଯିବା ଖୁସିର ଖବର। ପରନ୍ତୁ ସେମାନେ ଏହି ଦଣ୍ଡାଦେଶ ବିରୋଧରେ ଉପର ଅଦାଲତକୁ ଯିବେ ଏବଂ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିବା ବେଳକୁ କ'ଣ ହେବ କହିହେବ ନାହିଁ। ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ମାମଲାରେ କୌଣସି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ନ ହେବା ଯେତିକି ଆଶ୍ଚର୍ଯ୍ୟଜନକ ଦିଲ୍ଲୀ ନିର୍ଭୟା ବଳାତ୍କାର ମାମଲାରେ ଅପରାଧ ବେଳେ ନାବାଳକ ଥିବା କହି ଅଭିଯୁକ୍ତଙ୍କୁ ଖଲାସ କରିଦେବା ସେତିକି ଦୁଃଖଦାୟକ।

୨୦୧୬, ଅଗଷ୍ଟ ୨୫ ତାରିଖରେ ଜଣେ ୪ ବର୍ଷର ଛାତ୍ରୀଙ୍କୁ ବିଦ୍ୟାଳୟର ଶୌଚାଳୟ ଭିତରେ ବଳାତ୍କାର କରିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ପୋଲିସ ପରେ ସ୍କୁଲବସ୍ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେହିପରି ବାଙ୍କୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ମାରିଦେଇ ନଦୀ ଶଯ୍ୟାରେ ଫିଙ୍ଗିଦେବା ଘଟଣା ପଦାକୁ ଆସିବା ପରେ ଡ୍ରାଇଭର, କଣ୍ଡକ୍ଟରଙ୍କୁ ଗିରଫ କରାଯାଇଥିଲେ ମଧ୍ୟ କଚ୍ଛପଗତିରେ ଏସବୁ ମାମଲାର ବିଚାର ଚାଲିଛି। ପୁରୀ ରଥଯାତ୍ରା ବେଳେ ଜନଗହଳି ଗୁଣ୍ଡିଚା ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡରେ ଜଣେ ଆଦିବାସୀ କନ୍ୟାକୁ ବସ୍ ଭିତରେ ବଳାତ୍କାର ଘଟଣା ପରେ ଅଭିଯୁକ୍ତ ବସ୍ ହେଲ୍‌ପର ଗିରଫ ହୋଇଥିଲେ ହେଁ ମାମଲାର ବିଚାର ଗତି ସମ୍ପର୍କରେ ଠିକ୍ ତଥ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ମାମଲାର ବିଚାର ଚାଲୁଛି ଏବଂ ଅନେକ କ୍ଷେତ୍ରରେ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି।

ନ୍ୟାଶ୍‌ନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ଆଦିବାସୀ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ଦୃଷ୍ଟିରୁ ଓଡିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଏ ଦୃଷ୍ଟିରୁ ଏକନମ୍ବରରେ ରହିଛି ମଧ୍ୟପ୍ରଦେଶ ଏବଂ ଦୁଇ ନମ୍ବରରେ ରାଜସ୍ଥାନ। ସେହିପରି ନାବାଳିକା ଏବଂ କିଶୋରୀ ବିଶେଷକରି ସ୍କୁଲ ଓ କଲେଜଛାତ୍ରୀଙ୍କ ସହ ବଳାତ୍କାର କରି ସୋସିଆଲ ମିଡିଆରେ ଫଟୋ ଭାଇରାଲ କରିବା ଘଟଣା ମଧ୍ୟ ଦେଶର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ବୃଦ୍ଧି ପାଇବାରେ ଲାଗିଛି। ଫଟୋ ଭାଇରାଲ କରିବା ପୂର୍ବରୁ ସାଇବର ଅପରାଧୀମାନେ ସମ୍ପୃକ୍ତ କନ୍ୟା ଓ ତାଙ୍କ ପରିବାରକୁ ବ୍ଲାକ୍‌ମେଲ୍ କରୁଛନ୍ତି ଏବଂ ଏଥିରେ ବିଫଳ ହେଲେ ଭାଇରାଲ କରୁଛନ୍ତି। କିଛିବର୍ଷ ତଳେ ରାଜସ୍ଥାନରେ ଜଣେ ଜର୍ମାନ୍ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଉଚ୍ଚପଦବୀଯୁକ୍ତ ଓଡ଼ିଆ ଯୁବକଙ୍କୁ ଗିରଫ କରାଯାଇ ମାତ୍ର ଦୁଇ ସପ୍ତାହ ମଧ୍ୟରେ ତାଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରାଗଲା। ଅନ୍ୟ ଘଟଣାଗୁଡ଼ିକର ବିଚାର ପ୍ରକ୍ରିୟା କାହିଁକି ଏତେ ବିଳମ୍ବିତ ହେଉଛି ଜଣାପଡୁନାହିଁ।

ଦେଶର ରାଜଧାନୀ ଏବଂ ଏହାର ଆଖପାଖ କ୍ଷେତ୍ରରେ ଶିଶୁଙ୍କ ପ୍ରତି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସବୁଠାରୁ ଶିକ୍ଷିତ ପ୍ରଦେଶ କେରଳରେ ମଧ୍ୟ ଶିଶୁଙ୍କ ପ୍ରତି ଅପରାଧର ହାର କିଛି କମ୍ ନୁହେଁ। ରାଜଧାନୀ ଦିଲ୍ଲୀର ବସ୍ତିଗୁଡିକ ଏଭଳି ଅପରାଧର କେନ୍ଦ୍ର ହୋଇଥିବା ଜଣାପଡିଛି। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀଙ୍କ ମତରେ ଶିଶୁ ଓ କିଶୋରୀମାନଙ୍କୁ ଅତ୍ୟଧିକ ସ୍ୱାଧୀନତା ଦେବା, ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ସେମାନଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ କାରଣରୁ ସେମାନଙ୍କ ପ୍ରତି ଯୌନ ନିର୍ଯାତନା ଓ ବଳାତ୍କାର ବୃଦ୍ଧି ପାଇବାରେ ଲାଗିଛି। ଅପରାଧୀର ମନୋବୃତ୍ତି ବା ଉଦ୍ଦେଶ୍ୟକୁ ଏହି ଶିଶୁ ଓ କିଶୋରୀମାନେ ଠିକ୍ ଭାବେ ଜାଣି ନ ପାରି ସେମାନଙ୍କ ସହ ଅବାଧ ମିଳାମିଶା କରୁଥିବା କାରଣରୁ ସହଜରେ ବଳାତ୍କାରର ଶିକାର ହୋଇଥାନ୍ତି।

ଶିଶୁଙ୍କ ସୁରକ୍ଷା ପ୍ରତି ପରିବାର ଲୋକେ ଅଧିକ ଧ୍ୟାନ ଦେବା, ଏ ନେଇ ଥିବା ପୋକ୍‌ସୋ ଆଇନକୁ କଡାକଡି ଲାଗୁ କରି ଅପରାଧୀଙ୍କ ପ୍ରତି ଉଚିତ ଦଣ୍ଡବିଧାନ କରିବା, ଶିକ୍ଷାନୁଷ୍ଠାନରେ ନୀତିଶିକ୍ଷା ସହିତ ଶିକ୍ଷକମାନଙ୍କ ସହ ପିଲାଙ୍କ ମିଳାମିଶା ନେଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତ ଅନୁଧ୍ୟାନ କରିବା ଏବଂ କୋମଳମତି ଶିଶୁ ଭଗବାନଙ୍କ ପ୍ରତିରୂପ ବୋଲି ସାମାଜିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

୧୩୪୮/୪-ସି, ସେକ୍ଟର-୬, ସିଡିଏ,
କଟକ, ମୋ-୯୪୩୭୨୭୦୬୦୫

# ସ୍ୱାମିଜୀ ଓ ଶିକାଗୋର ବାର୍ତ୍ତା



ଗିରିଜା ଶଙ୍କର ଡରାସିଆ

ଆଜକୁ ଠିକ୍ ୧୨୬ ବର୍ଷ ତଳେ ଆମେରିକାର ଶିକାଗୋ ସହରସ୍ଥିତ କଲମ୍ବସ୍ ହଲ୍‌ରେ ଅନୁଷ୍ଠିତ ହେଉଥାଏ ପ୍ରଥମ ବିଶ୍ୱ ଧର୍ମ ମହାସଭା। ୧୮୯୩ ସେପ୍ଟେମ୍ବର ୧୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଧର୍ମ ମହାସଭାରେ ବିଶ୍ୱର ବିଭିନ୍ନ ଧର୍ମ ସମ୍ପ୍ରଦାୟର ଧର୍ମଗୁରୁ ତଥା ବିଦ୍ୱାନ୍‌ମାନେ ଯୋଗ ଦେଇଥାନ୍ତି। ଭାରତବର୍ଷରୁ ବ୍ରହ୍ମବିଦ୍ୟା ସମିତିର ପ୍ରତିନିଧି ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ ତଥା ବ୍ରାହ୍ମ ସମାଜର ପ୍ରତିନିଧି ପ୍ରତାପଚନ୍ଦ୍ର ମଜୁମଦାର ପ୍ରମୁଖ ବିଦ୍ୱାନ୍‌ମାନେ ଏହି ଐତିହାସିକ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଥାନ୍ତି। ଧର୍ମ ମହାସଭାରେ ଯୋଗଦେବା ପାଇଁ ଆସିଥିବା ପ୍ରତିନିଧିଙ୍କୁ ବାଦ୍‌ଦେଇ ସାତ ହଜାର ଦର୍ଶକ ମଧ୍ୟ କଲମ୍ବସ୍ ହଲ୍‌ରେ ଉପସ୍ଥିତ ଥାନ୍ତି। ଅଧିବେଶନର ପ୍ରଥମ ଦିବସରେ ଗୈରିକ ପୋଷାକଧାରୀ ଜଣେ ସୌମ୍ୟ ଯୁବକ ମାତ୍ର ସ୍ୱଳ୍ପ ସମୟ ନିମନ୍ତେ ବକ୍ତୃତା ଦେବା ପାଇଁ ଅନୁମତି ପାଇ କୋମଳ ଅଥଚ ଭାବଗାମ୍ଭୀର୍ଯ୍ୟ କଣ୍ଠରେ ଉଦ୍‌ବୋଧନ ଦେବାକୁ ଆରମ୍ଭ କଲେ– 'ଆମେରିକାବାସୀ ଭାଇ ଓ ଭଉଣୀମାନେ!' ଏହି କଥାପଦକ ଶ୍ରୋତାଙ୍କ ମଧ୍ୟରେ ବିଦ୍ୟୁତ୍ ସଂଚାରଣ ପରି ଏକ ଆଲୋଡ଼ନ ସୃଷ୍ଟି କଲା। କଲମ୍ବସ୍ ହଲ୍ ଘନଘନ କରତାଳିରେ ପ୍ରକମ୍ପିତ ହେବାକୁ ଲାଗିଲା। ମାତ୍ର ଦୁଇ ମିନିଟ୍ ନିମନ୍ତେ ଉଦ୍‌ବୋଧନ ଦେବାକୁ ଅନୁମତି ପାଇଥିବା ଏହି ବିଦ୍ୱାନ ଯୁବକ ତତ୍‌କ୍ଷଣାତ୍ ପାଲଟିଗଲେ ତାରକା ବକ୍ତା। ସେ ଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ ସ୍ୱାମୀ ବିବେକାନନ୍ଦ।

ବିବେକାନନ୍ଦ ଥିଲେ ଶ୍ରୀରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ। ଦେହାବସାନର ମାତ୍ର କିଛିଦିନ ପୂର୍ବରୁ ଶ୍ରୀରାମକୃଷ୍ଣ ନିଜର ସାଧନାଲବ୍‌ଧ ସମସ୍ତ ଶକ୍ତି ବିବେକାନନ୍ଦଙ୍କୁ ଦେଇ କହିଥିଲେ– "ଆଜି ତୋତେ ମୋର ସର୍ବସ୍ୱ ଦେଇ ଫକିର ହୋଇଗଲି। ଏହି ଶକ୍ତିରେ ତୁ ଜଗତର ଅଶେଷ କଲ୍ୟାଣ ସାଧନ କରିବୁ।" ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଗୁରୁ ଶ୍ରୀରାମକୃଷ୍ଣଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ସଂକଳ୍ପ ନେଇ ସ୍ୱାମିଜୀ ବିଶ୍ୱ ଭ୍ରମଣର ପରିକଳ୍ପନା କଲେ।

କପର୍ଦ୍ଦକଶୂନ୍ୟ ଏହି ଅମିତ ତେଜସ୍ୱୀ ଯୁବସନ୍ନ୍ୟାସୀ ଆମେରିକାର ଉକ୍ତ ବିଶ୍ୱ ସର୍ବଧର୍ମ ମହାସଭାରେ ଅଂଶଗ୍ରହଣ କରିବାର ଆକାଂକ୍ଷା ନେଇ ବମ୍ବେ ବନ୍ଦରରୁ ଜାହାଜ ଯୋଗେ ୧୮୯୩ ମେ ୩୧ରେ ଆମେରିକା ଯାତ୍ରା କଲେ। ଯାତ୍ରା ସମୟରେ ସେ କଲମ୍ବୋ, ମାଳୟ ଉପଦ୍ୱୀପର ପେନାଙ୍ଗ ସହର ସମେତ, ସିଙ୍ଗାପୁର, ହଂକଂ, ଚାଇନାର କ୍ୟାଣ୍ଟନ ସହର, ଜାପାନର ଓସାକା,

## ବିଶ୍ୱ ଭ୍ରାତୃତ୍ୱ ଦିବସ ଉପଲକ୍ଷେ

କିୟୋଟୋ ଆଦି ସହରମାନ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଜାପାନରୁ ଜାହାଜ ଯାଇ ଜୁଲାଇ ମାସରେ ଆମେରିକାର ଭାଙ୍କୁଭର ବନ୍ଦରରେ ପହଞ୍ଚିଲା। ସ୍ୱାମିଜୀ ଶିକାଗୋରେ ପହଞ୍ଚି ସେଠାକାର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହେବାରୁ ଶିକାଗୋ ଛାଡ଼ି ବୋଷ୍ଟନ ସହର ଅଭିମୁଖେ ଯାତ୍ରାକଲେ। ବାଟରେ ଟ୍ରେନରେ ଜଣେ ସହୃଦୟ ମହିଳାଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହେଲା। ମହିଳା ଜଣକ ସ୍ୱାମିଜୀଙ୍କ ସହିତ କଥାବାର୍ତ୍ତାରେ ଆକୃଷ୍ଟ ହୋଇ ତାଙ୍କୁ ବୋଷ୍ଟନ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଥିବା ନିଜ ଗୃହରେ ଆଣି ରଖିଲେ। ସଂପୃକ୍ତ ଭଦ୍ର ମହିଳା ସ୍ୱାମିଜୀଙ୍କ ସହିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗ୍ରୀକ୍‌ଭାଷାର ଅଧ୍ୟାପକ ଡ. ରାଇଟ୍‌ଙ୍କ ସାକ୍ଷାତ ଆଲୋଚନାର ବନ୍ଦୋବସ୍ତ କରିଦେଲେ। ମାତ୍ର ତିନିଘଣ୍ଟାର କଥୋପକଥନରେ ଅଧ୍ୟାପକ ରାଇଟ୍ ଏତେ ମୁଗ୍ଧ ହେଲେ ଯେ ସ୍ୱାମିଜୀଙ୍କ ପରିଚୟପତ୍ର ଅଭାବରୁ ଧର୍ମ ମହାସଭାରେ ଯୋଗଦେଇ ପାରୁ ନ ଥିବା ଶୁଣି କହିଥିଲେ– "ଧର୍ମ ମହାସଭାରେ ବକ୍ତୃତା ଦେବାର ଅଧିକାର ପାଇଁ ଆପଣଙ୍କୁ ପରିଚୟପତ୍ର ଦେଖାଇବାକୁ ହେଲେ ସୂର୍ଯ୍ୟଙ୍କୁ ମଧ୍ୟ ଆଲୋକ ଦେଖାଇବାର ଅଧିକାର ପାଇଁ ପରିଚୟପତ୍ର ଦେଖାଇବାକୁ ହେବ।" ସୌଭାଗ୍ୟକୁ ଡ. ରାଇଟ୍‌ଙ୍କର ଜଣେ ବନ୍ଧୁ ଡ. ଜେ.ଏଚ୍. ବ୍ୟାରୋଜ୍ ଧର୍ମ ମହାସଭାର ସଦସ୍ୟ ନିର୍ବାଚନ ସଂସଦର ସଭାପତି ଥିଲେ। ଡ. ରାଇଟ୍ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖି ଦର୍ଶାଇଥିଲେ ଯେ– "ଏହି ବ୍ୟକ୍ତିଙ୍କର ପାଣ୍ଡିତ୍ୟ ଆମ ଦେଶର ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର ସମବେତ ପାଣ୍ଡିତ୍ୟ ଅପେକ୍ଷା ବେଶି।" ଏହି ସୁପାରିସ ପତ୍ରଟି ଧରି ଶିକାଗୋ ଧର୍ମ ମହାସଭାରେ ଯୋଗଦାନ କରିବା ନିମନ୍ତେ ସ୍ୱାମିଜୀ ଯାତ୍ରା କରନ୍ତେ ଦୁର୍ଭାଗ୍ୟକୁ ସମିତି ଠିକଣାଟି ବାଟରେ ହଜାଇଦେଇ ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଷ୍ଟେଶନ ପ୍ରାଙ୍ଗଣରେ ମାଲପରିବହନ ନିମନ୍ତେ ରଖାଯାଇଥିବା ଗୋଟିଏ ଖାଲି କାଠବାକ୍ସ ମଧ୍ୟରେ ପଶି କୌଣସି ପ୍ରକାରେ ପ୍ରାଣରକ୍ଷା କଲେ। ସେ ଆଶଙ୍କା ଭିତରେ କ୍ଳାନ୍ତ ହୋଇ ବସିଥିବା ବେଳେ ଫୁଟ୍‌ପାଥ୍‌ର ଅପରପାର୍ଶ୍ୱରେ ଥିବା ଏକ ଅଟ୍ଟାଳିକାର ଦରଜା ଖୋଲିଗଲା ଏବଂ ମିସେସ୍ ହେଲ୍ ନାମ୍ନୀ ଜନୈକା ସହୃଦୟା ମହିଳା ଦେବଦୂତ ପରି ବାହାରି ଆସି ସ୍ୱାମିଜୀଙ୍କୁ ନିଜ ଗୃହକୁ ନେଇଗଲେ। ଏହି ଭଦ୍ରମହିଳାଙ୍କ ସହାୟତା କ୍ରମେ ସ୍ୱାମିଜୀ ଡ. ବ୍ୟାରୋଜ୍‌ଙ୍କ ସହିତ ସାକ୍ଷାତ୍ କରି ଧର୍ମ ମହାସଭାରେ ଯୋଗଦାନ ପାଇଁ ଅନୁମତି ପାଇଲେ। ସ୍ୱାମିଜୀଙ୍କର ଐତିହାସିକ ଶିକାଗୋ ବକ୍ତୃତା ତାଙ୍କୁ ସମଗ୍ର ବିଶ୍ୱରେ ଜ୍ଞାନର ଏକ ପ୍ରଦୀପ୍ତ ସୂର୍ଯ୍ୟଭାବେ ପରିଚୟ ପ୍ରଦାନ କରିଥିଲା। ଶିକାଗୋ ଧର୍ମସଭାରେ ସ୍ୱାମିଜୀ ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ଦେଇଥିବାରୁ ସେହି ଦିବସକୁ ବିଶ୍ୱ ଭ୍ରାତୃତ୍ୱ ଦିବସ ଭାବେ ପାଳନ କରାଯାଉଛି।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ହିନ୍ଦୁ ଓ ମୁସଲମାନଙ୍କ ପର୍ବ, ପରମ୍ପରା ଭିନ୍ନ ହୋଇଥିଲେ ହେଁ ବିହାରର ଏକ ଗାଁରେ ହିନ୍ଦୁମାନେ ଯେଭଳି ମୁସଲମାନଙ୍କ ପରମ୍ପରାକୁ ଆଦରିନେଇଛନ୍ତି ତାହା ସହାବସ୍ଥାନ ଓ ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ବିହାରର କଟିଆର ଜିଲା ହସନଗଞ୍ଜ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ହରିପୁର ଗାଁ ସାମ୍ପ୍ରଦାୟିକ ସଦ୍‌ଭାବନାର ଭିନ୍ନ ପରିଚୟ ଦେଇଛି। ଏହି ଗାଁର ଅଧିକାଂଶ ହିନ୍ଦୁ ରୋଜା ରଖନ୍ତି ଓ ମହରମର ତାଜିଆ ଶୋଭାଯାତ୍ରା ବାହାର କରନ୍ତି। ଏଥିରେ ଦୁଇ ସମ୍ପ୍ରଦାୟର ଲୋକଙ୍କ ସହଯୋଗ ଥାଏ। ମହରମକୁ ନେଇ ସବୁ ପ୍ରସ୍ତୁତି ଏଠାରେ ପାରମ୍ପରିକ ନୀତି ଅନୁଯାୟୀ କରାଯାଏ। ଲୋକମାନେ ନିୟମ ଅନୁସାରେ ଆଖଡା ସଜାଡ଼ନ୍ତି। ଶୋଭାଯାତ୍ରାରେ ଦୁଇ ସମ୍ପ୍ରଦାୟର ଲୋକେ ବିଭିନ୍ନ ସାହସିକ କଳା ପ୍ରଦର୍ଶନ କରନ୍ତି। ବହୁ ସଂଖ୍ୟାରେ ମହିଳା ବି ଏହି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଗାଁରେ ଥିବା ଛେଦି ଶାହଙ୍କ ସମାଧିରୁ ମହରମର ତାଜିଆ ବାହାରିବା ପରମ୍ପରା ବହୁ ଦିନରୁ ରହିଆସିଛି।

## ଚିରନ୍ତନୀ

ସେହିକାଲୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି
ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ! (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ସେପ୍ଟେମ୍ବର ୧୯୯୪**

- କ୍ୟୁବାରୁ ଆମେରିକାକୁ ବେଆଇନ ଭାବେ ଆସୁଥିବା ଶରଣାର୍ଥୀମାନଙ୍କୁ ରୋକିବା ପାଇଁ କ୍ୟୁବା-ଆମେରିକା ଚୁକ୍ତିପତ୍ର ସ୍ୱାକ୍ଷରିତ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ପିନାକର ଉଡାଣ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ।

## ପାଠକ ଶ୍ରେଷ୍ଠ ବିଚାରକ

### ବହୁମୁଖୀ ଶିକ୍ଷା କର୍ମଚାରୀ

ମହାଶୟ,

ଶିକ୍ଷା ବ୍ୟବସ୍ଥାରେ ଅନବରତ ପରିବର୍ତ୍ତନ ଚାଲିଛି। ଶିକ୍ଷକଙ୍କୁ ପାଠ ପଢାଇବା ସହିତ ଅନେକ ଅଣଶୈକ୍ଷିକ କାର୍ଯ୍ୟରେ ଜୋର ଜବରଦସ୍ତି ନିୟୋଜିତ କରି ଦିଆଯାଉଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସହିତ ଅଣ୍ଡା କିଣି ଏବଂ ସିଝାଇ ପିଲାଙ୍କୁ ଦେବା, ଗୃହ ନିର୍ମାଣ କରିବା, ଆଧାର କାର୍ଡ ପ୍ରସ୍ତୁତି, କୃମିନାଶକ ଔଷଧ, ଆଇରନ ବଟିକା ଦେବା– ଏହିପରି କାର୍ଯ୍ୟର ଶେଷ ନାହିଁ। ଏତେ କାର୍ଯ୍ୟଭାରରେ ଶିକ୍ଷକମାନଙ୍କ ମାନସିକ ତଥା ଶାରୀରିକ ଅବସ୍ଥା ରୁଗ୍ଣ ହୋଇଯାଉଛି। ଉପରୁ ତଳ ପର୍ଯ୍ୟନ୍ତ ଚାଲିଛି କେବଳ ହୁକୁମ୍। ହ୍ୱାଟ୍‌ସଆପ୍‌ରେ ମେସେଜ୍ ଓ ଫଟୋ ଉଠାଇ ଛାଡିଦେଲେ କାମ ଶେଷ। ବାସ୍ତବ ସ୍ଥିତି ସୁଧାରିବାରେ କାହାରି ଆନ୍ତରିକତା ନାହିଁ। ଶିକ୍ଷକମାନଙ୍କର ପାଠ ପଢାଇବା ପାଇଁ ସ୍ୱାଧୀନତା ନାହିଁ। ଏଣୁ ଅଭିଭାବକମାନେ ଯାଉଛନ୍ତି ପ୍ରାଇଭେଟ୍ ସ୍କୁଲକୁ। ଶିକ୍ଷା ବ୍ୟବସ୍ଥା କ'ଣ ହେବ ଭବିଷ୍ୟତ କହିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଭକ୍ତି ନାଁରେ ମସ୍ତି

ଧରିତ୍ରୀ(୨୯।୭)ରେ ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କର (ଭକ୍ତି ନାଁରେ ମସ୍ତି ଓ ବେପାର) ପଢି ଏହା ପଛରେ ଥିବା ଅନେକ କାରଣ ଜଣାପଡିଲା। ସତରେ ଭକ୍ତି କରିବା ସମସ୍ତଙ୍କର ମୌଳିକ ଅଧିକାର। ଯଦି ପଦଯାତ୍ରାରେ ଯାଇ ଘଣ୍ଟା ଘଣ୍ଟା ଲାଇନରେ ଛିଡା ହୋଇ ପାଣି ଢାଳି କାଉଡିଆ ଭାଇ ତପସ୍ୟା କରୁଛନ୍ତି ତେବେ ତପୋବନରେ ସେମିତି ଚାଲି ଚାଲି ଫେରିଲେ ହୁଅନ୍ତାନି? ଫେରିଲା ବେଳେ ଟ୍ରେନ, ବସ ଇତ୍ୟାଦିରେ ଜବରଦସ୍ତି ଦୌରାତ୍ମ୍ୟ, ପେଲାଠେଲାରେ ସେ ପୁଣ୍ୟ ନଷ୍ଟ ହେଉନାହିଁ କି। ଶ୍ରାବଣ ମାସରେ ବରଷାର ଧାରା ବହିଯାଉଥିଲା ବେଳେ ଢାଳେ ଦୁଇ ଢାଳ ପାଣିର ତାତ୍ପର୍ଯ୍ୟ କ'ଣ? ବରଂ ମେ-ଜୁନ୍ ମାସ ମୁଣ୍ଡଫଟା ଖରା ବେଳେ ତୃଷାର୍ତ୍ତ ବାଟୋଇକୁ ସେଇ ଦୁଇଢାଳ ପାଣି ଦାନ ଦେଇ ଅଂଶୁଘାତରୁ ରକ୍ଷା କଲେ କେମିତି ହୁଅନ୍ତା? ଗଳ୍ପଟିଏ କେଉଁଠି ପଢିଥିଲି। ଥରେ କାଉଡିଆଙ୍କୁ ପରୀକ୍ଷା କରିବାକୁ ସ୍ୱୟଂ ଭୋଳାନାଥ ବୃଦ୍ଧ ବେଶରେ ଆବିର୍ଭୂତ ହୋଇ ପାଣି ମାଗିଲେ। କିନ୍ତୁ ବହୁ ପଥଶ୍ରମ କରି ମନ୍ଦିର ନିକଟରେ ହୋଇଥିବା କାଉଡିଆ ଭାଇମାନେ ପାଣି ଦେବାକୁ ମନାକଲେ। କିନ୍ତୁ ଜଣେ ଯୁବକ ଦୁଇ କଳସରୁ ପାଣି ଦେଲେ ଓ ଭୋଳାନାଥ ଆଶୀର୍ବାଦ କରି ଚାଲିଗଲେ। ଶ୍ରାବଣ ମାସ ଆସିଲେ ମନେପଡେ ହାସ୍ୟରସିକ ଫତୁରାନନ୍ଦଙ୍କ ଗଳ୍ପ 'ଶ୍ରାବଣର ଅଗିଆ ବାତ'। ଯାହାହେଉ ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ମାର୍ଶାଘାଇ, ୧୦।୯ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଶ୍ୟାମବଜାର ନିକଟ ଜମ୍ବୁ-ମାର୍ଶାଘାଇ କେନାଲରୁ ମଙ୍ଗଳବାର ଜନୈକା ମହିଳାଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ହିନ୍ଦୁଳିଆ ଗ୍ରାମର ବିରକିଶୋର ରାଉତଙ୍କ ସ୍ତ୍ରୀ ରଜନୀଗନ୍ଧା(୫୩)। ରଜନୀଗନ୍ଧା ରବିବାର ଭୋରରୁ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବି ତାଙ୍କର ସନ୍ଧାନ ମିଳି ନ ଥିଲା। ରଜନୀଗନ୍ଧା ନିଖୋଜ ଥିବା ନେଇ ତାଙ୍କ ପୁଅ କୃପାସିନ୍ଧୁ ଥାନାରେ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ହିନ୍ଦୁଳିଆଠାରୁ ପ୍ରାୟ ଏକ କିଲୋମିଟର ଦୂରରୁ ରଜନୀଗନ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସବ୍ ଇନ୍ସପେକ୍ଟର ଦେବାଶିଷ ପଣ୍ଡା, ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଟି.କେ କାନୁନ୍‌ଗୋ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଥାନାରେ ୧୪/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

### ଅଭିଭାବକ, ଅଧ୍ୟାପିକା ଅଧ୍ୟାପକ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ, ୧୦।୯ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଅଭିଭାବକ, ଅଧ୍ୟାପିକାଅଧ୍ୟାପକଙ୍କ ଏକ ସମ୍ମିଳନୀ କଲେଜ ପରିସରରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡା. ନୀଳମଣି ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ କ୍ଷୀରୋଦ କୁମାର ରାଉତ ମୁଖ୍ୟଅତିଥି, ନିତ୍ୟାନନ୍ଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପିକା ଡ. ପ୍ରେମଲତା ରାଉତ, ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଅଭିଭାବକ ନିରଞ୍ଜନ ପରିଡ଼ା, ରୂପେଶ ବେହେରା, ରାଜେନ୍ଦ୍ର ରାଉତ, କାମିନୀ ପ୍ରଧାନ, ନିତ୍ୟାନନ୍ଦ ନାୟକ, ଗଙ୍ଗାଧର ସୂତାର, ଦୀପ୍ତିମୟୀ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ର ପ୍ରକାଶ ବେହେରା, ବିଶ୍ୱଜିତ ଦାଶ, ଛାତ୍ରୀ ଅମିଶା ସାହୁ, ରାଜେଶ୍ୱରୀ ସିଂହ, ସସ୍ମିତା ପାଢ଼ୀ, ତନୁଶ୍ରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର

# ୨୧୬ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ପାଟକୁରା, ୧୦।୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତି ଶେଖରଙ୍କ ମିଳିତ ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୧୬ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୯୬ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ଅବଶିଷ୍ଟ ସାମୂହିକ ଭାବେ ଅଭିଯୋଗ ହୋଇଥିଲା। ଏହି ଅବସରରେ ବିଭିନ୍ନ ରୋଗରେ ପୀଡ଼ିତ ୨୩ ଜଣ ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ପାଇଲୋ ଡାକ୍ତରଖାନାରେ ଗତ ୫ବର୍ଷ ହେବ ଡାକ୍ତର ନିଯୁକ୍ତ ହୋଇ ନଥିବା ଉଦୟନାଥ ଚୌଧୁରୀ ଅଭିଯୋଗ କରିଥିଲେ। ବିଦ୍ୟୁତ୍ ବିଭାଗ ଅଧିକ ବିଲ କରୁଥିବା ନଇନ୍ଦିପୁର ଗ୍ରାମର ଶିଶିର ପରିଡ଼ା ଅଭିଯୋଗ ଆଣିଥିଲେ। ଗରଦପୁର ଗ୍ରାମରେ ଆବାସ ଯୋଜନାରେ ଘର ହଡ଼ପ କରାଯାଇଥିବା ନେଇ କଳାବୁଦା ଗ୍ରାମର ମିନତି ପଣ୍ଡା ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେହିପରି ବ୍ଲକ ଅଞ୍ଚଳର ଅନେକେ ବାତ୍ୟା ଫନୀ ବାବଦ ସହାୟତା ପାଇ ନ ଥିବା ଓ ଆବାସ ଯୋଜନାରେ ଗୃହ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରିବା ସହ ତୁରନ୍ତ ଏଗୁଡ଼ିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବଡିଓ ଧରଣୀଧର ବେହେରା, ସହକାରୀ ଜିଲାପାଳ ଭରତଚନ୍ଦ୍ର ପରିଡ଼ା, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ସ୍ୱାସ୍ଥ୍ୟ ଅଧିକାରୀ ହିମାଂଶୁ ଷଡ଼ଙ୍ଗୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ, ବ୍ଲକ ପ୍ରାଣୀଧନ ଅଧିକାରୀ ଡା. ସଞ୍ଜୟ ବେହେରା, ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର, ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ, ସବ ରେଜିଷ୍ଟ୍ରାର ଦିଲୀପ ସେଠୀ, ଏଆର୍‌ସିଏସ୍ ଅଶୋକ ବେହେରା, କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ ପ୍ରମୁଖ ଉପସ୍ଥିତ ରହି ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।



ଶିବିରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

# ସୁନିଆରେ ମାଟି ଅନୁକୂଳ

## ମା'ଙ୍କ ଆଗମନ ପାଇଁ ଚଳଚଞ୍ଚଳ ରାଜନଗର

**ରାଜନଗର, ୧୦।୯ (ଡି.ଏନ୍.ଏ.)**

ମା' ଦୁର୍ଗାଙ୍କ ଆଗମନ ପାଇଁ ଚଳଚଞ୍ଚଳ ହୋଇଉଠିଛି ରାଜନଗର। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମଙ୍ଗଳବାର ସୁନିଆ ଅବସରରେ ହଂସୁଆ ନଦୀରୁ ମାଟି ଉଠାଯାଇଛି। ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ୫ଜଣ ପୂଜକ ହଂସୁଆ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ନଦୀରୁ ମାଟି ଉଠାଯାଇଥିଲା। ମାଟିକୁ ଶୋଭାଯାତ୍ରାରେ ଦେବୀଘରକୁ ଅଣାଯାଇଛି। ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା କମିଟି ସଭାପତି ତଥା ଆଇଆଇସି ତପନ କୁମାର ନାୟକ, ସମ୍ପାଦକ ତଥା ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସମେତ ଧ୍ରୁବ ଚରଣ ମଳିକ, ସୁରେନ୍ଦ୍ର କୁମାର ମହାପାତ୍ର, ରମେଶ ଚନ୍ଦ୍ର ଲାଲ, ବାଇଧର ସେଠୀ, ରବୀନ୍ଦ୍ର ନାଥ ନାୟକ, ନାରାୟଣ ମାହୁନ୍ତ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଗଳିଦାଣ୍ଡର ମା' ବନଦୁର୍ଗାଙ୍କ ପାଇଁ ମଙ୍ଗଳବାର ହଂସୁଆ ନଦୀରୁ ମାଟି ଉଠାଯାଇଛି। ପୂଜକ ରବି ନାରାୟଣ ପତି, ବୈକୁଣ୍ଠରଥ ଶୋଭାଯାତ୍ରାରେ ନଦୀକୂଳରେ ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଯାଇଥିଲା। ଏହି କାର୍ଯକ୍ରମରେ ଭିକାରୀ ଚରଣ ବଳ, ଅଭିରାମ ସାହୁ, ସୁଧୀର ରଞ୍ଜନ ସାହୁ, ଦାଶରଥୀ ଲେଙ୍କା, ଜୟୀରାମ ସେଠୀ, ଅକ୍ଷୟ କୁମାର ପରିଡ଼ା, ଦୁର୍ଗାପ୍ରସାଦ ସାହୁ ଯୋଗଦେଇଥିଲେ।



ମାଟି ଉଠାଯିବା ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ଡେରାବିଶ, ୧୦।୯ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ଆମ୍ବୁରା ଅଞ୍ଚଳର ଜନୈକା ନବମ ଶ୍ରେଣୀ ଛାତ୍ରୀ (ନାବାଳିକା)ଙ୍କୁ ସେହି ଗ୍ରାମର ଜଣେ ବିବାହିତ ଯୁବକ ସୋମବାର ରାତିରେ ଅସଦାଚରଣ କରିଥିବା ମଙ୍ଗଳବାର ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ବାହାରେ ଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ପ୍ରେମ ନିବେଦନ କରିବା ସହିତ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଏ ସମ୍ପର୍କରେ ଘର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

# ଖୁଦୁରୁକୁଣୀ ମେଳଣ, ୫୧ ମେଢ଼ ସାମିଲ

**ଡେରାବିଶ, ୧୦।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁରଠାରେ ଖୁଦୁରୁକୁଣୀ ମେଳଣ ଅନୁଷ୍ଠିତ ହୋଇଯାଇଛି। ମା' ଖୁଦୁରୁକୁଣୀ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ମେଳଣରେ ନରସିଂହପୁର, ଗହଗା, ଉଗୁରିବେଣ୍ଟ, ରତାଦିଆ ଓ ଇଷାଣଦିଆ ଗ୍ରାମର ୫୧ ମେଢ଼ ସାମିଲ ହୋଇଥିଲେ। ମେଳଣ କମିଟି ତରଫରୁ ପ୍ରତ୍ୟେକ ମେଢ଼କୁ କାଛିଆ, ଫୁଲ, ପାନ ଦେଇ ବରଣ କରାଯାଇଥିଲା। ଗହଗା ପଟରୁ ଗାଦିଶ୍ୱର ଆସିବା ପରେ ୩୦ ଗାଦି ଠାକୁର ବାଜାବାଣ ରୋଶଣିରେ ମେଳଣ ପଡ଼ିଆକୁ ଆସିଥିଲେ। ସୋରିଷିଆ ପଟରୁ ଆସିଥିବା ୧୬ ଗାଦି ଠାକୁରଙ୍କ ମଧ୍ୟରୁ ପ୍ରଥମେ ଗଜେନ୍ଦ୍ର ସାହୁଙ୍କ ଠାକୁର ଆସିବା ପରେ ଅନ୍ୟ ୧୫ ଗାଦି ଠାକୁର କ୍ରମାନ୍ୱୟରେ ବାଜା ବାଣ ରୋଶଣି ସହ ପଡ଼ିଆକୁ ପ୍ରବେଶ କରିଥିଲେ। ମେଳଣକୁ କମିଟି ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ସମ୍ପାଦକ ପୀତାମ୍ବର ପଣ୍ଡା ପରିଚାଳନା କରୁଥିଲେ। ଜେନାମଣି ବଳ, ସୁଶାନ୍ତ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ଚନ୍ଦନ କୁମାର ନାୟକ, ଅଶୋକ କୁମାର ନନ୍ଦ, ମୋହନ ଚନ୍ଦ୍ର ପଣ୍ଡା, ଗୋଲଖ ବେହେରା, ବିମଳା ସାହୁ, ରଶ୍ମିତା ନାୟକ, ସତ୍ୟସ୍ମିତା ନାୟକ ଓ ମମତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମେଳଣ ଦେଖିବାକୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା।



ମେଳଣରେ ସାମିଲ ହୋଇଥିବା ମେଢ଼।

# ପୁରୀରେ ମଠଭଙ୍ଗାକୁ ବଜରଙ୍ଗ ଦଳର ବିରୋଧ

**କେନ୍ଦ୍ରାପଡ଼ା ଅଫିସ୍, ୧୦।୯**

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ଚାରିପାଖରେ ଉଚ୍ଛେଦ କାର୍ଯ୍ୟ ଚାଲିଛି। ମାତ୍ର ବଜରଙ୍ଗ ଦଳର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଲିଖିତ ପ୍ରତିବାଦ ପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଂଯୋଜକ ଅକ୍ଷୟ କୁମାର ସେନାପତି କୁହନ୍ତି, ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ବିପିଦାସ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବାର ଆବଶ୍ୟକତା ଥିଲା। ଏଥିସହ ଗୋବର୍ଦ୍ଧନ ପୀଠାଧୀଶ୍ୱର ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ନିଷ୍ପତ୍ତି ନେବା ଉଚିତ। ଶ୍ରୀମନ୍ଦିର ଓ ପାର୍ଶ୍ୱ ମଠ ମନ୍ଦିରର ସଂସ୍କୃତି, ନୀତିକାନ୍ତି ପରସ୍ପର ସହ ଓତଃପ୍ରୋତ ଭାବେ ଜଡିତ ହୋଇରହିଛି। ଏନେଇ ମଠଗୁଡିକ ଉଚ୍ଛେଦ କରାଗଲେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତିରେ ବିଭ୍ରାଟ ଉପୁଜିବ ବୋଲି ପ୍ରତିବାଦ ପତ୍ରରେ ଦର୍ଶାଯାଇଛି। ଏନେଇ ମଠ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି ବୋଲି ଜିଲା ସଂଯୋଜକ ସେନାପତି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗୋପିନାଥ ତ୍ରିପାଠି, ଲୋକନାଥ ଦାସ, କାଳିପ୍ରସାଦ ମଣ୍ଡଳ, ରାଜକିଶୋର ନାୟକ, ଶଶାଙ୍କ କୁମାର ଦାସ, ବିରେନ୍ଦ୍ର କୁମାର ସାମଲ, କାହ୍ନୁଚରଣ ଦାସ ଓ ଚନ୍ଦ୍ରମାଧବ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ମାଛଧରାଳିଙ୍କ ମନମୁଖି କାମ ଯୋଗୁ ଉଜୁଡୁଛି ଫସଲ

# ଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ

**ପାଟକୁରା, ୧୦।୯ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ପାଟକୁରା ଦେଇ ପ୍ରବାହିତ ପାଇକା ନଦୀର ତେଣ୍ଡାକୁଡ଼ା ପଞ୍ଚାୟତ ଜଇତଲଙ୍ଗ ଓ ସାନନୟନପୁରଠାରେ ଥିବା ଦୁଇଟି ସ୍ଲୁଇସ୍ ଗେଟ୍ ମାଛ ଧରାଳିଙ୍କ କବଜାରେ ରହିଛି। ମାଛ ଧରାଳିମାନେ ମନ ଇଚ୍ଛା ଏହାକୁ ଖୋଲୁଥିବାରୁ ନିକଟସ୍ଥ ଚାଷଜମିଗୁଡ଼ିକ ଜଳମଗ୍ନ ହୋଇଯାଉଛି। ସେମାନେ ମନ ଇଚ୍ଛା ଗେଟ୍ ଖୋଲିବା ଓ ବନ୍ଦ କରୁଥିବା ଯୋଗୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗରଦପୁର ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ତେଣ୍ଡାକୁଡ଼ା, ପଳସୁଧା ଓ ବନ୍ତଳା ପଞ୍ଚାୟତର ଚାଷୀ ଏ ନେଇ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ୨୬୧ ଜଣ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ମନ ଇଚ୍ଛା ସ୍ଲୁଇସ୍ ଗେଟ୍ ଖୋଲା ଓ ବନ୍ଦ କରାଯାଉ ଥିବାରୁ ତେଣ୍ଡାକୁଡ଼ା, ବନ୍ତଳା ଓ ପଳସୁଧା ପଞ୍ଚାୟତ ଅଧୀନ ଆଳିଜଙ୍ଗା, ଶଙ୍କରଭୋଳ, ପୁରୁଣାଗୋପୀନାଥପୁର, ପୁଟଲିଙ୍ଗ, ଅରାବୋଳ, ଦାଆଁଳ, ରାଆଁଳ, ନରଡ଼ା, ଖରିସାଣ, ରାଏସର, କହଣା, ଭଦିଳ, କୁସୁନୁପୁରା ଓ ପଳସୁଧା ଗ୍ରାମର ଶହଶହ ଏକର ଜମିର ଧାନ ଫସଲ ନଷ୍ଟ ହେଉଛି। ଚାଷୀଙ୍କ ଅଭିଯୋଗ ପାଇବା ପରେ ଜିଲାପାଳ ସମର୍ଥ ବର୍ମା ଜଇତଲଙ୍ଗଠାରେ ଥିବା ସ୍ଲୁଇସ ଗେଟ୍ ପରିଦର୍ଶନ କରିଥିଲେ। ଏହାପରେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଡ୍ରେନେଜ ଡିଭିଜନ୍ ଅଧିକାରୀଙ୍କ ସହ ଆଲୋଚନା କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


**ଭାରତ ସରକାର**
**ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ**

Digital India Power To Empower — सत्यमेव जयते — ELECTRONICS INDIA Billion Needs Million Chips

ଅଣପଞ୍ଜୀକୃତ/ମରାମତିକୃତ/ନବୀକୃତ/ସେକେଣ୍ଡ ହ୍ୟାଣ୍ଡ ଏମ୍‌ଏଫ୍‌ଡିଗୁଡ଼ିକର
ବ୍ୟବସାୟର ପ୍ରଭାବ ଅଧ୍ୟୟନ
ସଞ୍ଚାଳନ ନିମନ୍ତେ କାର୍ଯ୍ୟଭାର ନ୍ୟସ୍ତ କରିବା
ନିମନ୍ତେ
ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି

ବିବରଣୀ ନିମ୍ନପ୍ରଦତ୍ତ ୟୁଆର୍‌ଏଲ୍‌ରେ ଉପଲବ୍ଧ:
http://meity.gov.in/esdm/standards

ଅଫର୍ ଦାଖଲର ଶେଷ ତାରିଖ:
ବିଜ୍ଞାପନ ପ୍ରକାଶନ ତାରିଖରୁ ୨୧ ଦିନ

davp 06101/11/0008/1920


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ସ୍ମୃତି ରଞ୍ଜନ ମିଶ୍ର (ପପୁ)**
ତଡ଼ାସ ରାମହଂସପୁର
ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୪୨୯୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରସନ୍ନ କୁମାର ପାଲ**
N-4/ 244, ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ତିରୋଧାନ: ୨୨।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି)
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା,
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
କ୍ରିଷ୍ଣା କୁମାରୀ ପାଲ, ମନୀଷା, ବବଲୁ, ଇଟୁନା, ପାକିନା, ବାବୁ ଓ ପରିବାରବର୍ଗ।

ଧ-୫୬୬୫୪


**ପୂର୍ବ ତଟ ରେଳପଥ**
**ଦୂରସଂଚାର ଜୋନାଲ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-JJKR-159, ତା.05.09.2019ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ଯାଜପୁର କେନ୍ଦୁଝର ରୋଡ଼ ଏବଂ ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 48,51,435/-, EMD (ଟଙ୍କାରେ): 97,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-(18% GST ସହିତ)। ବିଡ୍ ଆରମ୍ଭ ହେବା ତାରିଖ : ତା.13.09.2019 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.09.2019 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-359/K/19-20



**IDBI BANK** ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| କ୍ର. ନଂ. | ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାର ଗୁଡ଼ିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ନିଲାମ ସ୍ଥାନ |
|---|---|---|---|---|---|
| ୧. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୬୦୮/ ଦୁର୍ଗା ମେଡିସିନ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ, ସା.: ହେରାଗୋହିରି ସାହି, ପୁରୀ ଟାଉନ, ପୁରୀ, ପିନ୍-୭୫୨୦୦୧ | ହାର-୧ଟି / ଚେନ୍-୧ଟି<br>ସମୁଦାୟ | ୨୧.୩୬୫/୩.୪୯୫<br>୩୪.୮୬୦ | ଟ.୯୭,୩୫୦/-* / ଟ.୯,୭୩୫/- | ଆଇଡିବିଆଇ ଲିଃ., ବଡଶଙ୍ଖ, ଗ୍ରାଣ୍ଡ କନଭେସନ୍ ତଳ, ପୁରୀ-୭୫୨୦୦୨ |
| ୨. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୫୫୪/ ଶ୍ରୀ ସାଇ ଗାର୍ମେଣ୍ଟସ୍, ସ୍ୱତ୍ୱାଧିକାରୀ: ଶ୍ରୀ ହେମନ୍ତ କୁମାର ମହାରଣା, ସା.: ବାଲିସାହି ସାମିଲ ସିଦ୍ଧବକୁଳ ଲେନ୍, ପୁରୀ ମ୍ୟୁନିସ୍‌ପାଲଟି, ପୁରୀ ଟାଉନ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ହାର-୧ଟି ସହିତ ଚେନ୍-୧ଟି<br>ଝରା-୬ଟି / ହାତ ମୁଦି-୪ଟି<br>ବ୍ରୁଚ-୧ଟି ସହିତ ଲକେଟ-୧ଟି<br>ନୋଳି ଲକେଟ-୧ଟି<br>ସମୁଦାୟ | ୨୩.୩୬୫<br>୧୧.୧୧୦/୧୩.୨୩୫<br>୧୫.୭୧୦<br>୪.୧୮୫<br>୬୭.୬୦୫ | ଟ.୧,୭୯,୮୫୦/-* / ଟ.୧୭,୯୮୫/- | |
| ୩. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୯୦୫/ ଶ୍ରୀ ସୌମ୍ୟ ରଞ୍ଜନ ଦାସ, ସା.: ଦଉଡୋଟା, ଗ୍ରାମ ପଞ୍ଚାୟତ: ପୁରୀ ନଗର ପାଳିକା, କୁମ୍ଭାରପଡା, ପୁରୀ-୭୫୨୦୦୧ | ହାର-୫ଟି / ଚେନ୍-୧ଟି<br>ଚୁଲି-୨ଟି / ହାତ ମୁଦି- ୧୬ଟି<br>ଝରା ଏବଂ ଟପ- ୧୦ଟି /<br>ଶଙ୍ଖା-୪ଟି<br>ସମୁଦାୟ | ୧୨୧.୩୪୦/୧୭.୨୦୫<br>୩୬.୬୪୦/୫୫.୮୧୫<br>୨୦.୧୫୫/<br>୫୫.୧୨୦<br>୩୦୬.୨୭୫ | ଟ.୭,୧୧,୧୫୦/-* / ଟ.୭୧,୧୧୫/- | |
| ୪. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୩୩୮୪/ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: କେ. ସୁରେଶ କୁମାର, ଦେବୀଘାଟ, ବାରବାଟି ଲେନ୍, ପୁରୀ-୭୫୨୦୦୧, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୧୮୨୬, ସି-୩, ସିଦ୍ଧି ବିହାର, ଜାଗମରା, ଭୁବନେଶ୍ୱର-୭୫୧୦୩୦ | ହାର-୧ଟି / ଚୁଡ଼-୩ଟି<br>ଝିଙ୍କା ଝରା-୧୦ଟି/ ହାତ ମୁଦି-୩ଟି<br>କଏନ- ୧ଟି / ବାହୁଟି-୪ଟି<br>ସମୁଦାୟ | ୧୯.୭୨୫/୧୦୩.୪୮୦<br>୩୧.୪୧୫/୮.୬୮୫<br>୧୦.୦୦/୩୯.୮୧୫<br>୨୧୩.୧୨୦ | ଟ.୫,୭୯,୧୫୦/-* / ଟ.୫୭,୯୧୫/- | |

* ଦର୍ଶିତ ମୂଲ୍ୟ GST ବ୍ୟତିତ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ (Closed Bid Public Auction) ସମ୍ପନ୍ନ ହେବ। ଏହାର କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୧୧.୦୯.୨୦୧୯ରିଖ ରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡ଼ରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।

ସ୍ଥାନ : ପୁରୀ, ତାରିଖ : ୧୦.୦୯.୨୦୧୯ — ସ୍ୱା/- ଶାଖା ପ୍ରବନ୍ଧକ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.



**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 06/ET/SBP/ENGG/2019-20 ତା. 30.08.2019 ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.17-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ପରିକ୍ଷେତ୍ର ଏବଂ କଲୋନୀଗୁଡ଼ିକରେ କ୍ଷତିଗ୍ରସ୍ତ ସଡ଼କଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,54,18,873.97, EMD(ଟଙ୍କାରେ): 2,27,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.18-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରେଢ଼ାଖୋଲ ଏବଂ ସିନିୟର ସେକ୍ସନ ଇଂଜିନିୟର(P.Way)/ଅନଗୁଳ ପରିସୀମା ଅଧୀନରେ ପଏଣ୍ଟ ଏବଂ କ୍ରସିଙ୍ଗ ତଥା ୟାର୍ଡ଼ ଲାଇନଗୁଡ଼ିକର ମାନୁଆଲ ଡିପ୍ ସ୍କ୍ରିନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,21,87,140.41, EMD (ଟଙ୍କାରେ): 2,10,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.19-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ଼ (Ex)-ବଲାଙ୍ଗୀର (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,84,496.70, EMD (ଟଙ୍କାରେ): 2,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.20-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସର୍ଲେଡ଼ଳା ଅଧୀନସ୍ଥ ବଲାଙ୍ଗୀର (Ex)-ଟିଟିଲାଗଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,97,806.24, EMD (ଟଙ୍କାରେ): 2,05,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.21-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ସମ୍ବଲପୁର (Ex)-ବାମୁର(Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 98,84,712.91, EMD (ଟଙ୍କାରେ): 1,97,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.22-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଅନଗୁଳ ପରିସୀମା ଅଧୀନସ୍ଥ ବାମୁର (In)-ଅନଗୁଳ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 98,74,498.54, EMD (ଟଙ୍କାରେ): 1,97,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.21-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲାଖୋଲି (Ex)-ଖରିଆର ରୋଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,65,982.14, EMD (ଟଙ୍କାରେ): 1,99,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.22-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଖରିଆର ରୋଡ଼ (In)-ରହେନବଟା(In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,75,983.67, EMD (ଟଙ୍କାରେ): 1,99,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.23-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଲାଞ୍ଜିଗଡ଼ ରୋଡ଼(Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,98,245.17, EMD (ଟଙ୍କାରେ): 2,00,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.24-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଅମ୍ଭୋଦଳା ପରିସୀମା ଅଧୀନସ୍ଥ ଲାଞ୍ଜିଗଡ଼ ରୋଡ଼(In)-ମୁନିଗୁଡ଼ା (Ex) ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 75,99,184.12, EMD (ଟଙ୍କାରେ): 1,52,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.25-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ମୁନିଗୁଡ଼ା(In)-ଥେରୁବାଲି (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 64,88,392.65, EMD (ଟଙ୍କାରେ): 1,29,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.26-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନ ମଧ୍ୟରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 89,92,693.14, EMD (ଟଙ୍କାରେ): 1,79,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.27-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ରହେନବଟା(Ex)-ଥେରୁବାଲି (In) ସେକ୍ସନ ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ସେକ୍ସନ ମଧ୍ୟରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 94,75,917.37, EMD (ଟଙ୍କାରେ): 1,89,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.19-eT-DENC-SBP-19
କାର୍ଯ୍ୟର ନାମ: ସିନିୟର ସେକ୍ସନ ଇଂଜିନିୟର (P.Way)/ରେଙ୍ଗାଲି ଅଧୀନସ୍ଥ ଝାରସୁଗୁଡ଼ା (Ex)-ସମ୍ବଲପୁର (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,66,448.13, EMD (ଟଙ୍କାରେ): 2,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.20-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର (In)-ବରଗଡ଼ ରୋଡ଼ (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,04,91,556.34, EMD (ଟଙ୍କାରେ): 2,02,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.27.09.2019ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-355/K/19-20

**ସଂକ୍ଷେପରେ**

## ସାଉଦି ଆରବରେ ଫସିଛନ୍ତି ଓଡ଼ିଆ ଶ୍ରମିକ

କେନ୍ଦ୍ରାପଡା ଅଫିସ, ୧୦।୯: ଦାଦନ ଖଟିବାକୁ ଯାଇ ସୁଦୂର ସାଉଦି ଆରବରେ ଫସିଛନ୍ତି ଓଡ଼ିଆ ଶ୍ରମିକ। ସେ ହେଲେ କେନ୍ଦ୍ରାପଡା ଜିଲା ରାଜକନିକା ଅଞ୍ଚଳର ସିବୁନ ନାୟକ। ଏସମ୍ପର୍କରେ ତାଙ୍କ ବଡ଼ ଭାଇ ଅର୍ଜୁନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ସିବୁନ ପ୍ଲମ୍ବର କାର୍ଯ୍ୟ କରନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଏଜେଣ୍ଟ ଜୁଲାଇ ୧୩ ତାରିଖରେ ସାନଭାଇ ସିବୁନ୍‌ଙ୍କୁ ଏହି କାର୍ଯ୍ୟରେ ଅଧିକ ରୋଜଗାର ଆଶା ଦେଖାଇ ସାଉଦିଆରବର ରିଆଦକୁ ନେଇଥିଲେ। ସେ ସେଠାରେ ହାରୁନ ଅଲ ରସିଦ ସେଣ୍ଟ ଅଲ ସୁଲାଇ କମ୍ପାନୀରେ ଯୋଗଦେଇଥିଲେ। ତେବେ ଦେଢ଼ ମାସ ପରେ ଏହି କମ୍ପାନୀ ସିବୁନ୍‌ଙ୍କୁ ଅନ୍ୟ ଏକ କମ୍ପାନୀରେ ହେଲପର ଭାବେ କାର୍ଯ୍ୟ କରିବାକୁ ବାଧ କରିଥିଲା। ମାତ୍ର ସେ ମନା କରିବାରୁ ସମ୍ପୃକ୍ତ କମ୍ପାନୀ ତାଙ୍କୁ ବିଭିନ୍ନ ନିର୍ଯାତନା ଦେଉଛି। ତାଙ୍କ ଖାଦ୍ୟ ଓ ପାନୀୟ ଆଦି ବନ୍ଦ କରିଦେଇଛି ବୋଲି ଭାଇ ଅର୍ଜୁନ କହିଛନ୍ତି। ଏନେଇ ସାନଭାଇଙ୍କୁ ସାଉଦି ଆରବରୁ ଫେରାଇ ଆଣିବା ପାଇଁ ସେ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି।

### ■ଖରସ୍ରୋତା ଓ ବୈତରଣୀ ନଦୀରେ ବନ୍ୟା

# ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟଯନ୍ତ୍ରୀ

■ବହୁ ଏକର ଚାଷଜମି ଜଳମଗ୍ନ
■ଘେରିବନ୍ଧ ନିର୍ମାଣ କରିବାକୁ ଦାବି
■ନଦୀକୂଳରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ଭୟଭୀତ

ରାଜକନିକା,୧୦।୯ (ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ଖରସ୍ରୋତା ଓ ବୈତରଣୀ ନଦୀରେ ବନ୍ୟା ଆସିଛି। ଗତ ୨ ଦିନ ହେବ ଏହି ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ରାଜକନିକା ବ୍ଲକର ବହୁ ଚାଷଜମି ଜଳମଗ୍ନ ହୋଇଯାଇଛି। ଏନେଇ ସୋମବାର ଅପରାହ୍ନରେ ରାଜ୍ୟ ଲିଫ୍ଟ ମେଗା ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଗୌରିଶଙ୍କର କରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଯନ୍ତ୍ରୀ ଦଳ ବ୍ଲକ ଅନ୍ତର୍ଗତ କନପୁର ଗ୍ରାମରେ ପହଞ୍ଚି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛି।

ସୂଚନାଯୋଗ୍ୟ, ଏହି ୨ ନଦୀରେ ବନ୍ୟା ଯୋଗୁ ବ୍ଲକର କନପୁର ସମେତ ଅବଦୁଲପୁର, ଚରପଡ଼ା, ପଧାନପଡ଼ା, ପଣସଗଣ୍ଡ, ଫାଜିଲପୁର, ହାଟସାହି, ଭେଡାର, କଳଅଣ୍ଡା, ବରଗଡ଼ିଆ, ଆଠମାଣିଆ, ଚକରାପାଟ, ଲୁଣିଆ, ସିହୋପଡ଼ା, ବଟରପଡ଼ା, ଅରଗଳଶାସନ, ଅରଗଳ, ମାହାରାକୂଳ, ମଧୁବନ ଆଦି ଅଞ୍ଚଳର ବହୁ ଏକର ଚାଷଜମି ଜଳାର୍ଣ୍ଣବ ହୋଇଯାଇଛି। ଏହି ବନ୍ୟା ଜଳରେ ଅରଗଳ ଶାସନରୁ ବାଙ୍ଗରା ସେତୁକୁ ସଂଯୋଗ କରୁଥିବା ଆପ୍ରୋଚ ରାସ୍ତା ବୁଡିଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ବୈତରଣୀ ନଦୀର ଜଳରେ ପଧାନପଡା ଗାଁ ମୁଣ୍ଡରୁ ବିଦ୍ୟାଳୟକୁ ଯାଇଥିବା ରାସ୍ତା ବୁଡ଼ିଯାଇଛି । ଏଥିସହ ଗାଁ ନିକଟରେ ଥିବା ବୈତରଣୀର ଶାଖା ବେଙ୍ଗା ନଦୀରେ ମଧ ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ଏହି ନଦୀକୂଳରେ ଥିବା ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯିବାକୁ ଭୟ କରୁଛନ୍ତି । ସେହିପରି ଅବଦୁଲପୁର ପଡ଼ିଆ ବନ୍ୟାଜଳରେ ବୁଡ଼ିଯାଇଛି। ଏଥିଯୋଗୁ ଗୋରୁ ଓ ଲୋକେ ପଡ଼ିଆକୁ ଯାଇପାରୁ ନାହାନ୍ତି। କନପୁର- ଦୋମଣ୍ଡା ନଦୀ ବନ୍ଧରେ ପୂର୍ବରୁ ହୋଇଥିବା ଘାଇ ପୋତାଯାଇ ନ ଥିବାରୁ ସେହି ବାଟଦେଇ ବୈତରଣୀର ବନ୍ୟାଜଳ ପ୍ରବେଶ କରୁଛି। ଫଳରେ ଗାଁ ପ୍ରତି ବିପଦ ଆଶଙ୍କା ରହିଛି ।

ଏସବୁ ସ୍ଥିତି ଅନୁଧ୍ୟାନ ପାଇଁ କର ଏକ ଯନ୍ତ୍ରୀ ଦଳ ସହ କନପୁର ଗ୍ରାମକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଭେଟିଛନ୍ତି। ଗ୍ରାମକୁ ବନ୍ୟା ଦାଉରୁ ଗ୍ରାମକୁ ସୁରକ୍ଷା ଦେବାପାଇଁ ଘେରିବନ୍ଧ ନିର୍ମାଣ କରିବାକୁ ଏହି ଅବସରରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ରାଜ୍ୟ ସରକାରଙ୍କୁ ଗ୍ରାମବାସୀ ଦାନସୂତ୍ରରେ ଜମି ଯୋଗାଇଦେଲେ ଏହି ଘେରିବନ୍ଧ ନିର୍ମାଣ ହୋଇପାରିବ ବୋଲି ଚଣ୍ଡିଖୋଲ ଅଧୀକ୍ଷଣଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଯନ୍ତ୍ରୀ ଦଳରେ ଆଳି ତଟବନ୍ଧ ଡିଭିଜନର ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ଓ ରାଜକନିକା ଜଳ ସମ୍ପଦ ବିଭାଗର ଉପ ନିର୍ବାହିଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ଏହାପରେ ଯନ୍ତ୍ରୀ ଦଳ ପଙ୍କି ଓ ମାନପୁର ଗସ୍ତରେ ଯାଇ ବୈତରଣୀ ନଦୀ ଗ୍ରାସ କରୁଥିବା ସ୍ଥାନ ପରିଦର୍ଶନ କରିଥିଲେ । ଏଠାରେ ଅଧିକ ପଥରପ୍ୟାକିଂ ଓ ସ୍ପର ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ସେମାନେ ଆଲୋଚନା କରିଥିଲେ।

## ଋଣ ଟଙ୍କା ହଡ଼ପ କରି ଏଜେଣ୍ଟ ଫେରାର
## ସଂସ୍ଥା ଅଧିକାରୀଙ୍କୁ ଅଟକ ରଖିଲେ ହିତାଧିକାରୀ



ମହାକାଳପଡା,୧୦।୯(ଡି.ଏନ୍.ଏ.)

ଋଣ ଦେବା ନାମରେ ବହୁ ହିତାଧିକାରୀଙ୍କଠାରୁ ଟଙ୍କା ହଡ଼ପ କରି ଏକ ଅର୍ଥ ଲଗାଣକାରୀ ସଂସ୍ଥାର କିଛି ଏଜେଣ୍ଟ ଫେରାର ହୋଇଯାଇଛନ୍ତି। ଉକ୍ତ ସଂସ୍ଥାର ୩ ଜଣ ଅଧିକାରୀ ଋଣ ଅର୍ଥ ପରିଶୋଧ ଲାଗି ମଙ୍ଗଳବାର ବ୍ଲକ ଅନ୍ତର୍ଗତ ରଡିଆ ଗ୍ରାମକୁ ଆସିଥିବା ବେଳେ ସ୍ଥାନୀୟ ମହିଳା ହିତାଧିକାରୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସେମାନଙ୍କୁ ହିତାଧିକାରୀ ଅଟକ ରଖି ପଚାରାଉଚୁରା କରିଛନ୍ତି। ରାଜନଗରରେ ଏହି ସଂସ୍ଥାର ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ମହାକାଳପଡା ବ୍ଲକ ଅନ୍ତର୍ଗତ କଂସାରବଡ଼ଦାଣ୍ଡୁଆ ପଞ୍ଚାୟତର ରଡ଼ିଆ, କଂସାର, ଅରତ, ବଇଞ୍ଚା, ବଡ ଦାଣ୍ଡୁଆ ଓ ତରପଡ଼ା ଗ୍ରାମର ବହୁ ହିତାଧିକାରୀଙ୍କୁ ଏହି ସଂସ୍ଥା ଏଜେଣ୍ଟଙ୍କ ଜରିଆରେ ଋଣ ପ୍ରଦାନ କରିଛି। ଏହି ଋଣ ଅର୍ଥ ଆଦାୟ କରିବାକୁ ସଂସ୍ଥାର ୩ ଜଣ ଅଧିକାରୀ ରଡିଆ ଗ୍ରାମକୁ ଆସିଥିଲେ। ସଂସ୍ଥା ପକ୍ଷରୁ ଦିଆଯାଇଥିବା ଟଙ୍କା ମିଳିନାହିଁ ବୋଲି ଅଭିଯୋଗ କରି ହିତାଧିକାରୀମାନେ ସେମାନଙ୍କୁ ଅଟକ ରଖିଥିଲେ। ସୂଚନାଯୋଗ୍ୟ, ପ୍ରତି ହିତାଧିକାରୀଙ୍କୁ ଋଣ ବାବଦରେ ଏହି ସଂସ୍ଥା ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲା। ସେଥିମଧ୍ୟରୁ ବହୁ ହିତାଧିକାରୀଙ୍କୁ ମାତ୍ର ୬ ହଜାର ଟଙ୍କା ଲେଖାଏଁ ଦେଇ ଏହି ସଂସ୍ଥାର କିଛି ଏଜେଣ୍ଟ ବାକି ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏନେଇ ତଣ୍ଡିଆପାଳ ମେରାଇନ୍ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖ ପାଇଲା ବେଳର କଥା**
**ଉଠିଆରି ବେଳକୁ ନ ଥାଏ ।**

ଯେତେବେଳେ ଦୁଃଖ ଆସେ ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ସେଥିରୁ କେମିତି ଉଦ୍ଧାର ପାଇବ ସେ ନେଇ ଭାଳି ହୋଇଥାଏ। ତେବେ ଯେତେବେଳେ ଦୁଃଖଦୁର୍ଦ୍ଦଶା ଟଳିଯାଏ ସେତେବେଳେ ମଣିଷ ହାଲୁକା ଅନୁଭବ କରିବା ସହ ଦୁଃଖ ବେଳର କଥାକୁ ପାସୋରି ଦେଇଥାଏ। ସୁଖ ଭୋଗ ହେବା ବେଳେ ଦୁଃଖ ବେଳର ଯାତନା ମନରୁ ଶୀଘ୍ର ଭୁଲି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖିଲେ କଥା ନ କହେ,**
**ନ ଦେଖିଲେ କାନ୍ଦୁଥାଏ ।**

ଉପର ଠାଉରିଆ ଭଲ ପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିଥାନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଜରା ନିବାସରେ ରହିଲେ ୫ ପୁଅର ମା'

କେନ୍ଦ୍ରାପଡା ଅଫିସ, ୧୦।୯

ବୁଢ଼ା ଅବସ୍ଥାରେ ସାହା ହେବା ପାଇଁ ମା'ପୁଅଟିଏ ମନାସିଥାଏ। ତେବେ ୫ ପୁଅ ଥିବା ସତ୍ତ୍ୱେ ଜରା ନିବାସରେ ରହିବାକୁ ମା ବାଧ ହୋଇଛନ୍ତି। ଏପରି ଘଟଣା ଘଟିଛି ଡେରାବିଶ ଥାନା କୁସୁନୁପୁର ପଞ୍ଚାୟତର ଭଣଗାଁରେ। ଏହି ଗାଁରେ ରୁହନ୍ତି ଦୂର ସାମଲ। ତାଙ୍କର ୫ ପୁଅ ଥିବା ସତ୍ତ୍ୱେ ଘରେ ଅତ୍ୟାଚାର ସହି ନ ପାରି ପୂର୍ବରୁ ଡେରାବିଶ ଥାନାରେ ଗୁହାରି କରିଥିଲେ। ପ୍ରଶାସନ ତାଙ୍କ ଅସହାୟତାକୁ ବୁଝିପାରି ମଙ୍ଗଳବାର ଜରାନିବାସରେ ରହିବା ପାଇଁ ବ୍ୟବସ୍ଥା କରିଦେଇଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଏସମ୍ପର୍କରେ ଅଭିଯୋଗକାରିଣୀ ଦୂର କୁହନ୍ତି, କିଛି ବର୍ଷ ପୂର୍ବେ ସ୍ୱାମୀ ଧ୍ରୁବଚରଣଙ୍କ ମୃତ୍ୟୁ ଘଟିଛି । ତେବେ ତାଙ୍କ ମୃତ୍ୟୁ ପୂର୍ବରୁ ଗୋଟିଏ ଘରେ ସମସ୍ତ ୫ ପୁତ୍ର ଏକାଠି ରହିବା ପାଇଁ ସ୍ୱାମୀ ବ୍ୟବସ୍ଥା କରିଥିଲେ। ମାତ୍ର ଧ୍ରୁବଙ୍କ ମୃତ୍ୟୁ ପରେ ୪ ପୁଅ ୨ୟ ପୁଅର ଦୌରାତ୍ମ୍ୟ ସହି ନ ପାରି ଘର ଛାଡ଼ି ଚାଲିଯାଇଛନ୍ତି। ଏବେ ମଝିଆ ପୁଅ ମଦ ଖାଇ ତାଙ୍କୁ ନିର୍ଯାତନା ଦେଉଛି ବୋଲି ଦୂର ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ପ୍ରାଥମିକ ଅବସ୍ଥାରେ ତାଙ୍କୁ ସହରର ହଜାରି ବଗିଚାସ୍ଥିତ ଜରାନିବାସରେ ଅସ୍ଥାୟୀ ଭାବେ ରଖାଯାଇଛି।

# ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ

**ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ**

କେନ୍ଦ୍ରାପଡା ଅଫିସ, ୧୦।୯

କେନ୍ଦ୍ରାପଡା ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସହରର ଇଚ୍ଛାପୁରସ୍ଥିତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ ହୋଇଥିଲା । ଏଥିରେ ଏମ୍‌ପି ଅନୁଭବ ମହାନ୍ତି, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଜିଲା ସଭାପତି କିଶୋର ଚନ୍ଦ୍ର ତରାଇ ଯୋଗଦେଇଥିଲେ। ଦଳୀୟ କର୍ମୀଙ୍କୁ ଏମ୍‌ପି ଓ ବିଧାୟକମାନେ ଦଳର ସଦସ୍ୟତା ଅଭିଯାନକୁ ଆଗେଇ ନେବା ପାଇଁ ମତବ୍ୟକ୍ତ କରିଥିଲେ । ସେହିପରି ଗ୍ରାମାଞ୍ଚଳରେ ସଦସ୍ୟତା ଗ୍ରହଣ କ୍ଷେତ୍ରରେ ତୃଣମୂଳ କର୍ମୀଙ୍କ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ରାଜ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ସାମଲ, ରାଜେଶ ଦାସ, କୃତ୍ତିବାସ ପାତ୍ର, ଉତ୍କଳକେଶରୀ ପରିଡା, ଜିଲା ପରିଷଦ ସଭାପତି ମାନସ ପରିଡା, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ଓ ମହିଳା ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଦସ୍ୟତା ଅଭିଯାନରେ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ସାମିଲ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସଭାରେ ଜିଲାର ବ୍ଲକ ଅଧ୍ୟକ୍ଷ, ଜିଲାପରିଷଦ ସଭ୍ୟ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
JIWAN JYOTI FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

BUSINESS

EDUCATION

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ଆପଣଙ୍କ ଖର୍ଚ୍ଚାଭ୍ୟାସ ଆପଣଙ୍କ ବିଷୟରେ କ'ଣ କହିଥାଏ

ଆପଣଙ୍କ ପ୍ରଥମ ଦରମା ଯେବେ ଆପଣଙ୍କ ବ୍ୟାଙ୍କ ଖାତାରେ କ୍ରେଡିଟ୍ ହୁଏ ସେ ସମୟରେ ଆପଣ ଯେଉଁ ଖୁସି ଅନୁଭବ କରନ୍ତି ତାହାର ତୁଳନା ଆଉ କାହା ସହ କରାଯାଇପାରିବ ନାହିଁ । ନିଜ ଭାବାବେଗର ବଶବର୍ତ୍ତୀ ହୋଇ ଆପଣ ବୋଧହୁଏ ତାହାକୁ ମନ ମୁତାବକ ଖର୍ଚ୍ଚ କରିଥିବେ। ନିଶ୍ଚିତ ଭାବେ ନିଜର ପ୍ରଥମ ଦରମାକୁ ଖର୍ଚ୍ଚ କରିବାର ତାହା ଏକ ଯୁକ୍ତିସଙ୍ଗତ ଉପାୟ ହୋଇପାରେ। କିନ୍ତୁ, ଦ୍ୱିତୀୟ, ତୃତୀୟ ଆଉ ଚତୁର୍ଥ ଦରମା କଥା କ'ଣ? ଆପଣ ସେଗୁଡ଼ିକୁ ମଧ୍ୟ ସେହିଭଳି ଖର୍ଚ୍ଚ କରିଦେଇଥିଲେ କି? ଯଦି ହଁ, ତେବେ ତାହା ଆପଣଙ୍କ ପ୍ରଥମ ଚାକିରି ପାଇବାର ଖୁସିର ମନଖୋଲା ଖର୍ଚ୍ଚ କୁହାଯାଇପାରିବ ନାହିଁ । ବରଂ ତାହା ଆପଣଙ୍କ ଖର୍ଚ୍ଚାଭ୍ୟାସ ଅଟେ।

## ଆପଣ କେଉଁ ଧରଣର ଖର୍ଚ୍ଚୀ ଆଉ ନିଜ ଖର୍ଚ୍ଚାଭ୍ୟାସକୁ ଆପଣ କିପରି ଉନ୍ନତ କରିପାରିବେ ତାହା ଜାଣିବା ପାଇଁ ଏହି କୁଇଜ୍‌ର ସହାୟତା ନିଅନ୍ତୁ

**୧** ଶୀଘ୍ର! ଆଉ ନ ଦେଖି କୁହନ୍ତୁ, ଆପଣଙ୍କ ୱାଲେଟ୍‌ରେ ବର୍ତ୍ତମାନ କେତେ ଟଙ୍କା ଅଛି?
କ) ମୁଁ ସେ ଖବର ଆଦୌ ରଖେ ନାହିଁ।
ଖ) ଟଙ୍କା ବିଷୟରେ ମୋ ପାଖରେ ଅସ୍ପଷ୍ଟ ଆଇଡିଆ ଅଛି ।
ଗ) କେତେ ଟଙ୍କା ଅଛି ମୁଁ ତାହା ଠିକ୍ ଭାବେ ଜାଣିଛି ।

**୨** ବିଶେଷ ଅବସରରେ ନିଜ ମାତାପିତା କିମ୍ବା ବନ୍ଧୁବାନ୍ଧବଙ୍କ ଠାରୁ ପାଉଥିବା ଟଙ୍କାକୁ ଆପଣ କ'ଣ କରନ୍ତି?
କ) ତାକୁ ମୁଁ ମନଖୋଲି ଖର୍ଚ୍ଚ କରେ ।
ଖ) ମୋ ପାଇଁ ଆବଶ୍ୟକ ଜିନିଷଗୁଡ଼ିକୁ କିଣେ ।
ଗ) ଅଳ୍ପକିଛି ଖର୍ଚ୍ଚ କରେ କିନ୍ତୁ ଅଧିକ ସାଇତି ରଖେ ।

**୩** ଅତ୍ୟଧିକ ପରିଶ୍ରମ କାରଣରୁ ଆପଣ ଥକିପଡ଼ିଛନ୍ତି ଆଉ ଆପଣଙ୍କ ଘର ୧୦ ମିନିଟ୍ ଦୂରରେ ଅଛି । ଆପଣ ଘରକୁ କେମିତି ଯିବେ?
କ) ନିଶ୍ଚିତ ଭାବେ, ମୁଁ ଟ୍ୟାକ୍ସିରେ ଯିବି ।
ଖ) ମୁଁ ବସ୍ କିମ୍ବା ଶେୟାର୍ ଅଟୋ/ଟ୍ୟାକ୍ସିକୁ ଅପେକ୍ଷା କରିବି।
ଗ) ମୁଁ ଚାଲି ଚାଲି ପହଞ୍ଚିଯିବି, ମାତ୍ର ୧୦ ମିନିଟ୍‌ର ବାଟ ତ ।

**୪** ଆପଣ ଏକ ଅତ୍ୟାଧୁନିକ ଫୋନ୍ କିଣିବାକୁ ଚାହୁଁଛନ୍ତି, ଆପଣ କ'ଣ କରିବେ?
କ) ମୋ କ୍ରେଡିଟ୍ କାର୍ଡ ସ୍ୱାଇପ୍ କରିବି ।
ଖ) ମୋ ସଞ୍ଚିତ ଟଙ୍କାକୁ ବ୍ୟବହାର କରିବି, ବାକି ଟଙ୍କା କରଜ କରିପାରେ।
ଗ) ଆଗେ ସେଥିପାଇଁ ସଞ୍ଚୟ କରିବି, ତା' ପରେ କିଣିବି।

**୫** ଆଜି ଆପଣଙ୍କ ମନ ଭଲ ଲାଗୁନାହିଁ । ନିଜକୁ ଖୁସି କରିବା ପାଇଁ ଆପଣ କ'ଣ କରିବେ?
କ) ଶପିଂ ହେଉଛି ସର୍ବୋତ୍ତମ ଉପଚାର ।
ଖ) ଚାଲି ବୁଲିବାକୁ ଯିବି କିମ୍ବା ସାଙ୍ଗସାଥୀଙ୍କ ସହ କଫି ପିଇବା ପାଇଁ ଯିବି।
ଗ) ନିଜକୁ କାମରେ ବ୍ୟସ୍ତ ରଖିବାର ଚେଷ୍ଟା କରିବି।

**ଅଧିକାଂଶ ଉତ୍ତର ଯଦି କ ହୁଏ** ତେବେ ଆପଣ: ଜଣେ ଅମିତବ୍ୟୟୀ ଓ ଆବେଗଗତ ଖର୍ଚ୍ଚୀ ବ୍ୟକ୍ତି ଅଟନ୍ତି।
**କାହିଁକି:** ଆପଣ ବିଳାସପୂର୍ଣ୍ଣ ଜୀବନ ଜିଇଁବାରେ ବିଶ୍ୱାସ ରଖନ୍ତି, ନିଜ ଆର୍ଥିକ ପରିସ୍ଥିତି ଯାହା ବି ହେଉ ନା କାହିଁକି। ନିଜ ଇଚ୍ଛାଗୁଡ଼ିକ ସହ ସାଲିସ୍ କରିବାକୁ ଆପଣ ଭଲ ପାଆନ୍ତି ନାହିଁ। ଆବେଗ ଆପଣଙ୍କ ଖର୍ଚ୍ଚାଭ୍ୟାସକୁ ପ୍ରେରିତ କରିଥାଏ ।
**କ'ଣ କରାଯିବା ଉଚିତ:** ମନଖୋଲା ଖର୍ଚ୍ଚ କରନ୍ତୁ, କିନ୍ତୁ ତାହା ନିଜ ଭବିଷ୍ୟତ ପାଇଁ କରନ୍ତୁ! ନିଜର ବିଭିନ୍ନ ଇଚ୍ଛା – ଫୋନ୍, କାର୍ କିମ୍ବା ଘର ପାଇଁ ଭିନ୍ନ ଭିନ୍ନ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ (ଏସ୍ଆଇପି) ଆରମ୍ଭ କରନ୍ତୁ।

**ଅଧିକାଂଶ ଉତ୍ତର ଯଦି ଖ ହୁଏ** ତେବେ ଆପଣ: ଜଣେ ସନ୍ତୁଳିତ ଖର୍ଚ୍ଚୀ ।
**କାହିଁକି:** ଆପଣ ନିଜ ଇଚ୍ଛା ପଛରେ ବୁଝିଶୁଝି ଖର୍ଚ୍ଚ କରିଥାନ୍ତି । ନିଜ ଇଚ୍ଛାଗୁଡ଼ିକୁ ଚପାଇ ନ ରଖି ନିଜ ଟଙ୍କାକୁ ଭଲ ଭାବେ ଉପଯୋଗ କରିପାରନ୍ତି ।
**କ'ଣ କରାଯିବା ଉଚିତ:** ରିସ୍କ ଓ ରିଟର୍ନକୁ ସନ୍ତୁଳିତ କରୁଥିବା ନିବେଶଗୁଡ଼ିକୁ ବାଛନ୍ତୁ – ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡ । ଏପରି ଫଣ୍ଡଗୁଡ଼ିକ ହେଉଛି ଇକ୍ୱିଟି ଓ ଡେବ୍‌ଟର ଏକ ସମଷ୍ଟି ଯାହା ଆପଣଙ୍କୁ ସମାନ ସମୟରେ ନିରନ୍ତର ରିଟର୍ନ ସହ ସ୍ଥାୟିତ୍ୱ ଯୋଗାଇଥାଏ ।

**ଅଧିକାଂଶ ଉତ୍ତର ଯଦି ଗ ହୁଏ** ତେବେ ଆପଣ: ଜଣେ ରକ୍ଷଣଶୀଳ ଖର୍ଚ୍ଚୀ ।
**କାହିଁକି:** ଆପଣ ନିଜ ଆବଶ୍ୟକତାଗୁଡ଼ିକୁ ପ୍ରାଧାନ୍ୟ ଦିଅନ୍ତି, ଇଚ୍ଛାଗୁଡ଼ିକୁ ନୁହେଁ । ଆପଣ ରିସ୍କ ପ୍ରତି ବିମୁଖ ଓ କଠିନ ଦିନଗୁଡ଼ିକୁ ନେଇ ସର୍ବଦା ଚିନ୍ତିତ ରହିଥାନ୍ତି ।
**କ'ଣ କରାଯିବା ଉଚିତ:** ବଜେଟିଂର ୫୦-୨୦-୩୦ ନିୟମକୁ ବ୍ୟବହାର କରନ୍ତୁ । ଏହାଦ୍ୱାରା ଆପଣ ଖର୍ଚ୍ଚ, ସଞ୍ଚୟ ଓ ନିବେଶରେ ଏକ ସନ୍ତୁଳନ ରକ୍ଷା କରିପାରିବେ ।

ଏହାପରେ କ'ଣ: ନିବେଶ କଥା ଆସିଲେ, ନିଜର ପ୍ରଥମ ଚାକିରିକୁ ହିଁ ମହତ୍ତ୍ୱପୂର୍ଣ୍ଣ କରନ୍ତୁ । ଏହା କିପରି କରିପାରିବେ ଆସନ୍ତୁ ଦେଖିବା ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ନିକଟ ଅତୀତରେ ଏକ ଟେଲିକମ୍ କମ୍ପାନୀରେ କାମ କରିବା ଆରମ୍ଭ କରିଛି । ସେମାନେ ମୋ ପାଇଁ ବୀମା ଓ ମେଡିକ୍ଲେମ୍‌ର ବ୍ୟବସ୍ଥା କରିଛନ୍ତି । ତଥାପି କ'ଣ ମୁଁ ଜରୁରିକାଳୀନ ପାଣ୍ଠି ଆବଶ୍ୟକ କରିବି?

### ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି

**ପ୍ରଫୁଲ୍ଲ କୁମାର ପଣ୍ଡା**
ଆର୍ଥିକ ବିଶେଷଜ୍ଞ

ଏକ ଜରୁରିକାଳୀନ ପାଣ୍ଠିର ଅଭିପ୍ରାୟ ହେଉଛି ଆକସ୍ମିକ ବା ଜରୁରିକାଳୀନ ସ୍ଥିତି ପାଇଁ କିଛି ପରିମାଣର ଟଙ୍କା ଅଲଗା ରଖିବା । ଏହି ପାଣ୍ଠି ଆପଣ ନିଜ ସଙ୍କଟକାଳୀନ ପରିସ୍ଥିତି ବା ଅପ୍ରତ୍ୟାଶିତ ବା ଯୋଜନା ବାହାରେ ଥିବା ପରିସ୍ଥିତିରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ, ଆପଣଙ୍କ ନିୟମିତ ବା ଦୈନନ୍ଦିନ ଖର୍ଚ୍ଚ ପାଇଁ ନୁହେଁ । ଆହୁରି ମଧ୍ୟ, ଏକ ଜରୁରିକାଳୀନ ପାଣ୍ଠି ପାଇଁ ସର୍ବୋତ୍ତମ ବିକଳ୍ପ ହେଉଛି ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡ । ଆବଶ୍ୟକତା ସମୟରେ ଆପଣ ଯେବେ ଚାହିଁବେ, ବିନା ବିଳମ୍ବରେ ନିଜ ଟଙ୍କା ଉଠାଣ କରିବାରେ ସକ୍ଷମ ହେବେ । ସମାନ ସମୟରେ, ଆପଣ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ଆପଣ ପ୍ରସ୍ଥାନ ଭାର ବା ପ୍ରାକ୍-ଉଠାଣ ଜରିମାନା ଦେୟ ଆକାରରେ ଦଣ୍ଡିତ ନ ହୁଅନ୍ତି । ନିବେଶ କରାଯାଇଥିବା ଅର୍ଥରାଶିର ମୂଲ୍ୟ ହ୍ରାସିତ ନ ହେବା ଏବଂ ନିଶ୍ଚିତ ଭାବେ ଗ୍ୟାରେଣ୍ଟିଯୁକ୍ତ ରିଟର୍ନ ଯୋଗାଇବା ମଧ୍ୟ ଜରୁରୀ ।

## ଗୁରୁ କୁହନ୍ତି

**ପ୍ରମୋଦ କୁମାର ଖିଲାର**
ଆର୍ଥିକ ପରାମର୍ଶଦାତା

**ନିଜ ଅବସରକାଳ ପାଇଁ ଆପଣ କେତେ ଶୀଘ୍ର ନିବେଶ ଆରମ୍ଭ କରିବା ଉଚିତ?**

ଆପଣ ଯେଉଁଦିନଠାରୁ ରୋଜଗାର କରିବା ଆରମ୍ଭ କରିବେ, ସେହିଦିନଠାରୁ ଆପଣଙ୍କୁ ନିଜ ଅବସରକାଳ ପାଇଁ ଯୋଜନା ଆରମ୍ଭ କରିଦେବା ଉଚିତ । ବୃଦ୍ଧିଶୀଳ ଜୀବନ ପ୍ରତ୍ୟାଶା ଓ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖିଲେ, ଆପଣ ଏକ ବିଶାଳ ପାଣ୍ଠି ଆବଶ୍ୟକ କରିବେ । ତେଣୁ ନିଜର ପ୍ରଥମ ଦରମା ପାଇବା ମୁହୂର୍ତ୍ତରୁ ହିଁ ଅବସରକାଳୀନ ଯୋଜନା ପାଇଁ ଆପଣ ନିବେଶ ଆରମ୍ଭ କରିବା ଉଚିତ । ଆପଣ ନିଜର ଟିକସ ସଞ୍ଚୟ ଲକ୍ଷ୍ୟକୁ ନିଜର ଅବସରକାଳୀନ ଯୋଜନା ଲକ୍ଷ୍ୟ ସହ ସମ୍ମିଶ୍ରିତ କରିବା ଉଚିତ ଏବଂ ଏଥିରେ ଆପଣଙ୍କୁ ଇଏଲ୍ଏସ୍ଏସ୍ ମ୍ୟୁଚୁଆଲ ଫଣ୍ଡ ଯୋଜନା ସହାୟକ ହୋଇପାରିବ। ଇଏଲ୍ଏସ୍ଏସ୍‌ଗୁଡ଼ିକ କ୍ଲୋଜ୍-ଏଣ୍ଡେଡ୍, ବିବିଧକୃତ ଇକ୍ୱିଟି ସ୍କିମ୍ ହୋଇଥାଏ, ଯାହା ୩ ବର୍ଷର ଲକ୍-ଇନ୍ ଅବଧି ସହ ଆସିଥାଏ । ଏହା ହେଉଛି ଆୟକର ଅଧିନିୟମର ଧାରା ୮୦ସି ଅଧୀନରେ ଅନୁମୋଦିତଯୋଗ୍ୟ ଟିକସ ସଞ୍ଚୟକାରୀ ସାଧନ । ଏହା ଆପଣଙ୍କୁ ଦୀର୍ଘ ମିଆଦରେ ଆପଣଙ୍କ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ଏବଂ ଟିକସ ସଞ୍ଚୟ ସମେତ ଏକ ବଡ଼ ଅବସରକାଳୀନ ପାଣ୍ଠି ଗଠନ କରିବାରେ ସାହାଯ୍ୟ କରିଥାଏ ।

## ନିଜର ପ୍ରଥମ ଦରମା ପାଇବା ଦିନରୁ ହିଁ ନିବେଶ ଆରମ୍ଭ କାହିଁକି କରିବା ଉଚିତ ତାହା ଜାଣିରଖନ୍ତୁ

ଚାରିଜଣ ଗ୍ରାଜୁଏଟ୍ – ଆରକେ, ପିସି, ଦୀପି ଏବଂ ସିକେ ୫ ବର୍ଷ ତଳେ ସମାନ କମ୍ପାନୀରେ ସମାନ ଦରମାରେ ଚାକିରି ପାଇଥିଲେ। ନିଜ ପ୍ରଥମ ଚାକିରିର ମହତ୍ତ୍ୱକୁ ବୁଝି ସେମାନେ ସମସ୍ତେ ସମାନ ପରିମାଣର ଅର୍ଥରାଶି ନିବେଶ କରିବା ଆରମ୍ଭ କଲେ । କିନ୍ତୁ, ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟମାନଙ୍କୁ ପଛରେ ପକାଇଦେଲେ । କାହିଁକି ଜାଣନ୍ତୁ:

| ବିବରଣୀ | ଆର୍‌କେ | ପିସି | ଦୀପି | ସିକେ |
|---|---|---|---|---|
| ନିବେଶ ଆରମ୍ଭ କରିଥିଲେ | ୫ ବର୍ଷ ପୂର୍ବେ | ୪ ବର୍ଷ ପୂର୍ବେ | ୩ ବର୍ଷ ପୂର୍ବେ | ୧ ବର୍ଷ ପୂର୍ବେ |
| ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ମାସିକ ଏସ୍ଆଇପି ପରିମାଣ | ₹୧୦,୦୦୦ | ₹୧୦,୦୦୦ | ₹୧୦,୦୦୦ | ₹୧୦,୦୦୦ |
| ରିଟର୍ନ* | ୧୭.୭୩% | ୧୬.୯୪% | ୯.୧୪% | ୧୦.୫୮% |
| ନିବେଶର ମୂଲ୍ୟ | ₹୯.୭ ଲକ୍ଷ | ₹୬.୯ ଲକ୍ଷ | ₹୪.୨ ଲକ୍ଷ | ₹୧.୩ ଲକ୍ଷ |

* କ୍ରିସିଲ ଏଏମ୍ଏଫ୍ଆଇ ଇକ୍ୱିଟି ଫଣ୍ଡ ପରଫର୍ମାନ୍ସ ଇଣ୍ଡେକ୍ସ, ମାର୍ଚ୍ଚ ୨୮, ୨୦୧୮ ସୁଦ୍ଧା ରିଟର୍ନ।

**କମ୍ପାଉଣ୍ଡିଂର ଶକ୍ତିକୁ ଧନ୍ୟବାଦ, ଉଚ୍ଚତର ରିଟର୍ନ ହେଉଛି ଅନ୍ୟତମ କାରଣ ଯେଉଁଥିପାଇଁ ଆପଣ ନିଜର ପ୍ରଥମ ଦରମା ପାଇବା ଦିନଠାରୁ ହିଁ ନିବେଶ କରିଦେବା ଆବଶ୍ୟକ । ଅନ୍ୟାନ୍ୟ ଲାଭଗୁଡ଼ିକ ଉପରେ ଆସନ୍ତୁ ନଜର ପକାଇବା:**

### ରିସ୍କ ନେବାର ଉତ୍ତମ ସାମର୍ଥ୍ୟ

- ଆର୍‌କେ ଅଧିକ ରିସ୍କ ନେଇପାରିବେ, କାରଣ ତାଙ୍କର ବେଶି କିଛି କିମ୍ବା ଆଦୌ କୌଣସି ଦାୟିତ୍ୱର ବୋଝ ନାହିଁ
- ରିସ୍କ-ଓ-ମିଟରରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଉଚ୍ଚରେ ରହିଥାଇପାରେ, କିନ୍ତୁ ଦୀର୍ଘମିଆଦରେ ତାହାର ଉତ୍ତମ ରିଟର୍ନ ଦେବାର ସାମର୍ଥ୍ୟ ରହିଛି
- ତେଣୁ, ଆର୍‌କେ ରିସ୍କଗୁଡ଼ିକୁ ବିଚାରକୁ ନେଲେ, ଇକ୍ୱିଟି ବଜାରର ଭରପୂର ଫାଇଦା ଉଠାଇଲେ ଏବଂ ଦ୍ରୁତ ଗତିରେ ନିଜର ଧନ ସୃଜନ କରିପାରିଲେ

### ଟଙ୍କାପଇସା ପ୍ରବନ୍ଧନରେ ଦକ୍ଷତା

- ସିକେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ସଂଘର୍ଷରତ, କିନ୍ତୁ ଆର୍‌କେ ଓ ପିସି ତାଙ୍କଠାରୁ ଅଧିକ ଆରାମଦାୟକ ସ୍ଥିତିରେ ଅଛନ୍ତି
- ବିବେକୀ ଭାବେ ଖର୍ଚ୍ଚ କରିବା ଓ ନିୟମିତ ସଞ୍ଚୟ କରିବା ଏବେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି
- ତେଣୁ, ସେମାନେ ଅନ୍ୟ ଦୁଇଜଣଙ୍କ ତୁଳନାରେ ନିଜ ଆର୍ଥିକ ଜୀବନକୁ ଅଧିକ ଭଲ ଭାବେ ପରିଚାଳନା କରିପାରୁଛନ୍ତି

### ବର୍ଦ୍ଧିତ ନିବେଶ ନମନୀୟତା

- ଆର୍‌କେ, ପିସି ଏପରିକି ଦୀପିଙ୍କ ନିବେଶ ମୂଲ୍ୟରେ ପହଞ୍ଚିବା ପାଇଁ ସିକେଙ୍କୁ ଅଧିକ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ।
- ଅଧିକନ୍ତୁ, ନିଜ ନିବେଶ ତ୍ରୁଟିଗୁଡ଼ିକୁ, ଯଦି ଥାଏ, ସୁଧାରିବା ପାଇଁ ଏବେ ସିକେଙ୍କ ନିକଟରେ ସମୟ ମଧ୍ୟ ନାହିଁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ପାଠକୀୟ ମତ

ନୂଆ ଚାକିରିଆଙ୍କ ପ୍ରଥମ ନିବେଶ ତାଙ୍କ ପିତାମାତାଙ୍କ ଦ୍ୱାରା କରାଯିବା ଉଚିତ। ଆପଣ ଏକଥାରେ ସମ୍ମତ କି?
ହଁ | ନା

ନିଜ ଉତ୍ତର ଏସ୍ଏମ୍ଏସ୍ ମାଧ୍ୟମରେ ପଠାନ୍ତୁ।
Poll<SPACE>YES କିମ୍ବା
Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ
ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

## ଫଳାଫଳ

ଶେଷ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ଯେମିତି ପ୍ରତ୍ୟେକ ମାରାଥନ୍ ଦୌଡ଼ାଳି କୋଚ୍ ଆବଶ୍ୟକ କରନ୍ତି, ଠିକ୍ ସେମିତି ପ୍ରତ୍ୟେକ ନିବେଶକ ଜଣେ ଆର୍ଥିକ ପରାମର୍ଶଦାତା ଆବଶ୍ୟକ କରନ୍ତି। ଆପଣ ସମ୍ମତ କି?

ଆପଣଙ୍କ ମତାମତ ଏହିପରି ଥିଲା
ହଁ ୯୬% | ନା ୪%

ଏସ୍ଆଇପି ଆପଣଙ୍କୁ ଅତିରିକ୍ତ ଆୟ ଦେଇପାରିବ | ପାଣ୍ଠିର ଏକ ବିକଳ୍ପ ଉତ୍ସ ହାସଲ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଯେହେତୁ ମାର୍ଚ୍ଚ ୨୦୧୯ ପାଇଁ ସଦ୍ୟତମ ରିପୋର୍ଟ ଏପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇନାହିଁ, ତେଣୁ ଇକ୍ୱିଟି ରିଟର୍ନ ତଥ୍ୟକୁ ମାର୍ଚ୍ଚ ୨୦୧୮ର କ୍ରିସିଲ୍ – ଏଏମ୍ଏଫ୍ଆଇ ଇକ୍ୱିଟି ଫଣ୍ଡ ପରଫର୍ମାନ୍ସ ଇଣ୍ଡେକ୍ସ ଫ୍ୟାକ୍ଟଶିଟ୍‌ରୁ ନିଆଯାଇଛି । ମାର୍ଚ୍ଚ ୨୦୧୮ରେ ସମାପ୍ତ ହୋଇଥିବା ଆର୍ଥିକ ବର୍ଷର ତଥ୍ୟ ବ୍ୟବହାର କରିବାର ଅଭିପ୍ରାୟ ସଂଖ୍ୟାଗୁଡ଼ିକୁ କମ୍ କିମ୍ବା ବେଶୀ କରି ଦେଖାଇବା ନୁହେଁ । ଅଧିକନ୍ତୁ, ମାର୍ଚ୍ଚ ୨୦୧୯ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ନିଫ୍ଟି ୫୦ ୧୪.୯୩% ବୃଦ୍ଧି ହାସଲ କରିଥିବା ବେଳେ ଏବଂ ବିଏସ୍ଇ ସେନସେକ୍ସ ୧୮.୭୭% ବୃଦ୍ଧି ହାସଲ କରିଛି ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ମ୍ୟୁଚୁଆଲ ଫଣ୍ଡ ଆପଣଙ୍କ ଟେକ୍-ହୋମ୍ ଦରମାକୁ ବୃଦ୍ଧି କରିବାରେ କିପରି ସହାୟକ ହୋଇପାରିବ

ବିଜ୍ଞ ଆର୍‌କେ ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍)ରେ ନିବେଶ କରି କେବଳ ଯେ ଉତ୍ତମ ରିଟର୍ନ ପାଇଲେ ତାହା ନୁହେଁ ବରଂ ₹୧.୫ ଲକ୍ଷ ନିବେଶ କରି ସେ ଅଧିକ ଟିକସ ସଞ୍ଚୟ କଲେ।

**ଇଏଲ୍ଏସ୍ଏସ୍ କ'ଣ?**
ଇଏଲ୍ଏସ୍ଏସ୍ ହେଉଛି ଏକ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଯୋଜନା। ଅନ୍ୟାନ୍ୟ ସମାନ ଧରଣର ଟିକସ-ସଞ୍ଚୟ ସାଧନ ତୁଳନାରେ ଏହାର ସର୍ବନିମ୍ନ ଲକ୍-ଇନ୍ ଅବଧି ହେଉଛି ତିନିବର୍ଷ।
ଏହା ଦୀର୍ଘ ମିଆଦରେ ଉତ୍ତମ ରିଟର୍ନ ଯୋଗାଇବା ପାଇଁ ମଧ୍ୟ ବେଶ୍ ଜଣାଶୁଣା।
ଇଏଲ୍ଏସ୍ଏସ୍ ସହିତ ଆପଣ ଧନ ସୃଜନ କରିବା ସହ ଟିକସ ସଞ୍ଚୟ କରିପାରିବେ। କାରଣ ଇଏଲ୍ଏସ୍ଏସ୍ ନିବେଶରେ ଆପଣ ₹୧.୫ ଲକ୍ଷ ପର୍ଯ୍ୟନ୍ତ କାଟ ଭାବେ ଦାବି କରାଯାଇପାରିବ।

୨୭-ବର୍ଷୀୟ ଆର୍‌କେ ସର୍ବୋଚ୍ଚ ଟିକସ ସ୍ଲାବରେ ପହଞ୍ଚିଯାଇଛନ୍ତି। ୩୦% ଟିକସ ଏବଂ ୪% ସେସ୍ ସହିତ, ସେ ଟିକସରେ ₹୪୬,୮୦୦ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। କମ୍ ଟିକସ ଦେଇ କରି ସେ, ଇଏଲ୍ଏସ୍ଏସ୍‌ରେ ନିବେଶ କରି ନ ଥିବା ଅନ୍ୟମାନଙ୍କ ତୁଳନାରେ ସେ ଅଧିକ ଦରମା ଘରକୁ ନେଇପାରିବେ।


*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ପରବର୍ତ୍ତୀ ସଂସ୍କରଣରେ: ଜୀବନରେ ଅନେକ ପ୍ରଥମ ରହିଛି - ପ୍ରଥମ ଚାକିରି, ପ୍ରଥମ ଦରମା, କିମ୍ବା ପ୍ରଥମ ବିଦେଶ ଭ୍ରମଣ ମଧ୍ୟ । ଭ୍ରମଣ ମଜାଦାର ହୋଇପାରେ, କିନ୍ତୁ ଏହି ସର୍ତ୍ତରେ ଯେ ଆପଣ ସେଥିପାଇଁ ଭଲ ଭାବେ ଯୋଜନା ପ୍ରସ୍ତୁତ କରିଥିବେ। ନିବେଶ ମଧ୍ୟ ସେହିଭଳି। ଆସନ୍ତା ସଂସ୍କରଣରେ, ଏକ ଟ୍ରିପ୍‌ର ଯୋଜନା ପ୍ରସ୍ତୁତ କରିବା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ମଧ୍ୟରେ ରହିଥିବା ସମାନତାଗୁଡ଼ିକ ଉପରେ ଆମେ ନଜର ପକାଇବା।

f LIVE
ବିଶ୍ୱଭ୍ରମଣ ଏବେ କେବଳ ଆପଣଙ୍କ ସ୍ୱପ୍ନରେ ହିଁ ରହିଯିବ ନାହିଁ । ଉପଯୁକ୍ତ ଯୋଜନା ଓ ଉତ୍ତମ ନିବେଶ ରଣନୀତି ସହିତ ଏହି ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇପାରିବ। ୧୧ ସେପ୍ଟେମ୍ବର, ୨୦୧୯ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ "ମନରେ ବିଶ୍ୱ ଭ୍ରମଣର ଯୋଜନା ଅଛି? ଆଜି ହିଁ ନିଜ ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତୁ" ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।





ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଭାଗବତ କଥା ସିଡ଼ୀ ଜିଲାପାଳଙ୍କ ଦ୍ୱାରା ଉନ୍ମୋଚିତ

**ଯାଜପୁର ଟାଉନ,୧୦।୯(ଡି.ଏନ୍.ଏ.):** ଆଜିର ଆଧୁନିକ ଯୁଗରେ ବର୍ତ୍ତମାନର ପିଢ଼ି ପରମ୍ପରା ଓ ସଂସ୍କୃତିକୁ ଭୂଲି ଯାଉଛନ୍ତି। କିଛି ବର୍ଷ ପୂର୍ବେ ଗାଁଗାଁରେ ଭାଗବତ ଟୁଙ୍ଗି ଥିଲା। ଭାଗବତ ଭଳି ମହାନ କାବ୍ୟରୁ ମାନବ ସମାଜ ଅନେକ କିଛି ଶିଖିବାର କଥା ରହିଛି। ଭାଗବତ ପାଠ ଦ୍ୱାରା କେବଳ ଆଧାତ୍ମିକ ଚେତନା ଜାଗ୍ରତ ହୁଏ ତାହା ନୁହେଁ ଏହା ପରିବାର ଓ ସମାଜରେ ସୁଖ ଶାନ୍ତିରେ ଏବଂ ଶୃଙ୍ଖଳିତ ଭାବରେ ଜୀବନଯାପନ କରିବା ପାଇଁ ରାସ୍ତା ଦେଖାଇଥାଏ। ଏଣୁ ଭାଗବତ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସରକାର ପ୍ରୟାସ ଆରମ୍ଭ କରିଥିବା ବେଳେ ବିଶିଷ୍ଟ ଗୀତିକାର ତଥା ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମଧ ଏହି ଅଭିଯାନକୁ ଆଗେଇ ନେବାକୁ ଚେଷ୍ଟା କରିଛନ୍ତି। ଜିଲାପାଳ ଦାସଙ୍କ ପ୍ରୋତ୍ସାହନ କ୍ରମେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଏନେଇ ଏକ ସିଡି ପ୍ରସ୍ତୁତ କରିଛନ୍ତି। ଭାଗବତର କଥାକୁ ନେଇ ପ୍ରସ୍ତୁତ ଭଜନକୁ ଗୀତିକାର ଅନ୍ତର୍ଯ୍ୟାମୀ ସାମଲ ରଚନା କରିଛନ୍ତି। ଏହି ସିଡିକୁ ମଙ୍ଗଳବାର ଜିଲାପାଳ ଦାସ ଆବାସିକ କାର୍ଯ୍ୟାଳୟ ଠାରେ ଲୋକାର୍ପଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଗୀତିକାର ସାମଲ, ସଙ୍ଗୀତକାର ମଲ୍ଲିକ, ଅରୁଣ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ।

### ୪ ମଦ୍ୟପ ବାଇକ ଆରୋହୀ କୋର୍ଟ ଚାଲାଣ

**ଯାଜପୁର ରୋଡ,୧୦।୯(ନି.ପ୍ର.):** ପାଣିକୋଇଲି ପୋଲିସ ୪ଜଣ ମଦ୍ୟପ ବାଇକ ଆରୋହୀଙ୍କୁ ମଦ ପିଇ ଗାଡି ଚଳାଉଥିବା ଅବସ୍ଥାରେ ଧରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଚକ୍ରଧର ରାଉତ, ସୋଡି ଗ୍ରାମର ସର୍ବେଶ୍ୱର ସାହୁ, ସମକ୍ଷଦ ଜମାଲପୁର ଗ୍ରାମର ଶରଥ ବୋଇତାଇ ଓ ବର୍ତ୍ତମଣା ଗ୍ରାମର ସଞ୍ଜୟ ସାହୁ ବୋଲି ବୋଲି ପୋଲିସ ସୂଚନା ଦେଇଛି।

### ଆନ୍ଦୋଳନକୁ ଓହ୍ଲାଇବ ପଞ୍ଚାୟତ କର୍ମଚାରୀ ସଂଘ

**ଯାଜପୁର ରୋଡ,୧୦।୯(ନି.ପ୍ର.):** ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଙ୍ଘର ଯାଜପୁର ଜିଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ବଳରାମ ଚୁହାଣଙ୍କ ସଭାପତିତ୍ୱରେ ପାଣିକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତରେ କାର୍ଯ୍ୟରତ, ପିଅନ, ରାତ୍ରୀ ଜଗୁଆଳୀ ଓ ଝାଡୁଦାରମାନେ ଏହି ବୈଠକରେ ଯୋଗଦେଇଥିବାବେଳେ ସମ୍ପାଦକ ଗଙ୍ଗାଧର ରାଉତ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସରକାରୀ ଘୋଷଣା ମୁତାବକ ସେମାନଙ୍କୁ ସର୍ବନିମ୍ନ ମଜୁରୀ ପରିବର୍ତ୍ତେ ସରପଞ୍ଚମାନଙ୍କ ହାତଟେକାରେ ଦରମା ମିଳୁଥିବା ଅଭିଯୋଗ ହୋଇଥିଲା। ଫଳରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହେଉଛି। ଯଦି ସରକାର ଏମାନଙ୍କ ଯଥାର୍ଥ ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି ତାହେଲେ ଅକ୍ଟୋବର ମାସରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ସୁବାସ ସାହୁ, ଲକ୍ଷ୍ମୀଧର ଦାସ, ଅଶେଷ ସାହୁ, ଧରଣୀଧର ପ୍ରଧାନ, ଚନ୍ଦ୍ରମଣୀ ସ୍ୱାଇଁ, ରଶିକେଶ ସାହୁ, ସଂଗ୍ରାମ ପଣ୍ଡା, ଭରତ ସେଠୀ, ମହେଶ୍ୱର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ୍ ଡ୍ରାଇଭର ଗିରଫ

**ଯାଜପୁର ରୋଡ,୧୦।୯(ନି.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ନିକଟରେ ଗତ ୩୧ତାରିଖରେ ଏକ ବାଇକକୁ ଧକ୍କା ଦେଇ ଫେରାର ଥିବା ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଡ୍ରାଇଭର ଜଣଙ୍କ ପଶ୍ଚିମବଙ୍ଗ ହାୱାଡା ଜିଲା ଶିବପୁର ଥାନା ଅନ୍ତର୍ଗତ ସାଲିମାର ଗ୍ରାମର ରାମ କୁମାର ନନିଆ(୫୦)। ତାଙ୍କୁ ଆଇପିସି ଦଫା ୨୭୯, ୩୦୪ରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସୟଦ ବକ୍ସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଯାଜପୁର ସଦରଥାନା ଅନ୍ତର୍ଗତ ବେରୁଦା ଗ୍ରାମର ଚୈତନ୍ୟ ମୁଣ୍ଡାଙ୍କ ପୁଅ ଆକା ମୁଣ୍ଡା(୧୫) ଓ ଆରେହୀ ପଞ୍ଜୁଆ ମୁଣ୍ଡାଙ୍କ ପୁଅ ଜଗା ମୁଣ୍ଡା ଏକ ବାଇକ (ଓଡି୩୧-ଏଚ- ୯୬୦୧) ଯୋଗେ ଷଠିପୁର ବଜାରରୁ ରାଜପଥକୁ ଉଠୁଥିବାବେଳେ ଗୋଟିଏ ଟ୍ରକ ପଛରେ ପିଟି ହୋଇଯାଇଥିଲେ। ଜଗା ରାସ୍ତା ପାର୍ଶ୍ୱକୁ ପଡ଼ିଯାଇଥିବାବେଳେ ଆକା ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଫଳରେ ପଛରୁ ଆସୁଥିବା ଟ୍ରକ୍ ତାଙ୍କ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ଆକାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ଥିଲେ।

## ବୈତରଣୀ ନଦୀରେ ବନ୍ୟାଜଳ

# କାଣୀନଦୀର କଣ୍ଟପଡ଼ାଠାରେ ୪୦ଫୁଟ ଘାଇ

**ଦଶରଥପୁର, ୧୦।୯(ଡିଏନ୍ଏ)**

ଲଘୁଚାପ ବର୍ଷାରେ ବୈତରଣୀ ନଦୀରେ ବନ୍ୟା ଆସିବା ଫଳରେ ଏହାର ଶାଖା କାଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ଯାହଫଳରେ ଦଶରଥପୁରବ୍ଲକସ୍ଥିତ ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡ଼ାଠାରେ କାଣୀନଦୀ ବନ୍ଧରେ ସୋମବାର ୪୦ଫୁଟ ଚଉଡ଼ାର ଘାଇ ସୃଷ୍ଟି ହୋଇଛି। ଏହି ଘାଇ ହେବା ଦ୍ୱାରା ଦୁଦୁରାଅଣ୍ଟା, ମଲ୍ଲିକାପୁର, ଶୁଗୁଆ, ଦତ୍ତପୁର, ନିଜାମପୁର ଆଦି ପଞ୍ଚାୟତର ଧାନବିଲରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହାଛଡ଼ା ଗଣ୍ଡକୂଳ ଶିବମନ୍ଦିର ଠାରେ ଏକ ଗଛ ପଡ଼ି ବନ୍ଧ ଦୁର୍ବଳ ହୋଇଯାଇଥିବାବେଳେ ଏହାକୁ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ମରାମତି କରାଯାଇପାରି ନ ଥିବା କନିଷ୍ଠ ଯନ୍ତ୍ରୀ ଭଗତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ତେବେ ମଙ୍ଗଳବାର ଜଳସ୍ତର ସମ୍ପୂର୍ଣ୍ଣଭାବେ କମିଥିବା ପରିଲକ୍ଷିତ ହୋଇଛି। ସୋମବାର ଦଶରଥପୁରଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୯.୫୨ ମିଟରକୁ ଟପି ୧୦.୯୮ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ମଙ୍ଗଳବାର ଏହା ବିପଦ ସଙ୍କେତ ତଳକୁ ଖସିଯାଇଛି। ସେହିପରି କାଣି ନଦୀରେ ବିପଦ ସଂକେତ ୭.୩୧ ଥିବାବେଳେ ସଂଧ୍ୟା ସୁଧା ୮.୮୨ ରହିଥିଲା ମାତ୍ର ମଙ୍ଗଳବାର ଏହା ୫.୬୨ କୁ ଖସିଯାଇଛି। ଦଶରଥପୁର ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ବନ୍ୟାଜଳ କମୁଥିବା ନେଇ ସୂଚନା ଦେଇଥିବାବେଳେ ଏହି ବନ୍ୟାରେ ମଲ୍ଲିକାପୁର-ପଲ୍ଲାସାହି ରାସ୍ତାର ମଲ୍ଲିକାପୁର ଗ୍ରାମ ଶେଷ ସୀମାରେ ଥିବା କାଣୀନଦୀର ପୋଲ ଉପରେ ସୋମବାର ୧ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିଲା। କଣ୍ଟପଡାଠାରେ ହୋଇଥିବା ଘାଇଟି ବିଲ ପାର୍ଶ୍ୱରେ ହୋଇଥିବାରୁ ବିଶେଷ କରି ଚାଷ ଜମି ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଏହି ବନ୍ୟା ଜଳ ୨ ଶହ ହେକ୍ଟରରୁ ଅଧିକ ଚାଷ ଜମିରେ ମାଡି ରହିଛି । ପ୍ରକାଶଥାଉକି ଏବେ ଘାଇ ହୋଇଥିବା ସ୍ଥାନରେ ୨୦୧୮ସେପ୍ଟେମ୍ବର ୨ତାରିଖରେ ମଧ ଘାଇ ସୃଷ୍ଟି ହୋଇଥିଲା। ଘାଇ ହୋଇଥିବା ସ୍ଥାନଟି ଡ୍ରେନେଜ ବିଭାଗ ପକ୍ଷରୁ ଖନନ କରାଯାଇ ନୂତନ ବନ୍ଧ ନିର୍ମାଣ ହୋଇଥିଲା। ଏଥିପୂର୍ବରୁ ବହୁ ବାର ଜଳସମ୍ପଦ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କାର କାମ ହୋଇଥିବାବେଳେ ବାରମ୍ବାର ସେଠାରେ ବନ୍ଧ ଭାଙ୍ଗିବା ଠିକାଦାରଙ୍କ କାର୍ଯ୍ୟଶୈଳୀ ଓ ବିଭାଗୀୟ ଅଧିକାରୀଙ୍କ ତଦାରଖର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ।



- ୨ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ
- ମରାମତି ସ୍ଥାନରେ ବାରମ୍ବାର ଘାଇ ହେବା ନେଇ ଅସନ୍ତୋଷ

## ନିଶାସକ୍ତ ଗାଡ଼ି ଚାଳକ କୋର୍ଟ ଚାଲାଣ

**ଧର୍ମଶାଳା,୧୦।୯(ଡି.ଏନ୍.ଏ.)**

ଧର୍ମଶାଳା ଥାନା ପୋଲିସ ପକ୍ଷରୁ ସୋମବାର ରାତିରେ ଶ୍ରୀରାମପୁର ଟୋଲଗେଟ୍‌ଠାରେ ଗାଡି ଯାଞ୍ଚ ହୋଇଥିଲା। ଏହି ସମୟରେ ୩୦ଟି ଟ୍ରକ୍, ୨୮ କାର୍ ଓ ୪୦ ବାଇକ ଚାଳକଙ୍କୁ ବ୍ରେଜ୍ ଆନାଲାଇଜର ଯନ୍ତ୍ର ଜରିଆରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଉତ୍ତରପ୍ରଦେଶ ଉଦୟପୁର ଅଞ୍ଚଳର ଟ୍ରେଲର ଡ୍ରାଇଭର ମହେନ୍ଦ୍ର ରାଜବାହାର(୪୨) ଓ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ରମେଇଖମାର ଗ୍ରାମର ବାଇକ ଚାଳକ ସୁନାରାମ ପୃଷ୍ଟି (୨୪) ମଦ୍ୟପାନ କରି ଗାଡି ଚଲାଉଥିବା ଅବସ୍ଥାରେ ଧରାପଡିଥିଲେ । ଏ ନେଇ ମଙ୍ଗଳବାର ପୋଲିସ ଦୁଇ ପୃଥକ୍ ମାମଲା ରୁଜୁକରି ଉଭୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପରେ ଚଣ୍ଡିଖୋଲ କୋର୍ଟଚାଲାଣ କରିଥିବା ଜଣାପଡିଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସହ ଅନ୍ୟ ଅଧିକାରୀମାନେ ଯାଞ୍ଚରେ ସାମିଲ ହୋଇଥିଲେ ।

## ଅଶୋକ ଦାସ ଫାଉଣ୍ଡେଶନ୍ ପକ୍ଷରୁ ୨୬୦ ରକ୍ତଦାତା ସମ୍ବର୍ଦ୍ଧିତ

**ଯାଜପୁର ଟାଉନ,୧୦।୯(ଡି.ଏନ୍.ଏ.)**

ଅଶୋକ ଦାସ ଫାଉଣ୍ଡେଶନ୍ ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କ୍ରମରେ ଯାଜପୁର ନିର୍ବାଚନମଣ୍ଡଳୀର ସୁଜନପୁର, ସିମିଳିଆ, ଜାଫରପୁର, ବେରୁଦା ଆଦି ୪ଟି ପଞ୍ଚାୟତରୁ ୨୬୦ଜଣ ଯୁବତୀଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ ରକ୍ତଦାତାଙ୍କୁ ମଙ୍ଗଳବାର ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବରୀ ବିଧାୟିକା ସୁନନ୍ଦା ଦାସ ଅତିଥି ଭାବେ ଯୋଗଦେଇ ରକ୍ତର ଅଭାବରୁ କୌଣସି ରୋଗୀ ମୃତ୍ୟୁବରଣ କରିବେ ନାହିଁ ବୋଲି ସୂଚନା ଦେଇଥିଲେ। ଜିଲାରେ ପର୍ଯ୍ୟାପ୍ତ ପରିମାଣର ରକ୍ତ ସଂଗ୍ରହ କରାଯାଇ ରକ୍ତ ଭଣ୍ଡାରରେ ସୁରକ୍ଷିତ ଅବସ୍ଥାରେ ରଖାଯିବା ଓ ରୋଗୀଙ୍କ ସେବାରେ ନିୟୋଜିତ କରାଯିବ। ଏହି ଜିଲାରେ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତର ଅଭାବ ରହିବ ନାହିଁ ବୋଲି ବିଧାୟକ ଦାସ ପ୍ରକାଶ କରିଥିଲେ। ରକ୍ତ ସଂଗ୍ରହରେ ଯାଜପୁର ଜିଲା ଯେପରି ରାଜ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିବ ସେ ଦିଗରେ ପ୍ରାଧାନ୍ୟ ଦିଆଯାଉଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ଯାଜପୁର ଯାହା ଆଜି କରି ଦେଖାଉଛି ତାହା ୧୦୦ଦିନ ପରେ ଅନ୍ୟ ଜିଲାଗୁଡ଼ିକ କରିବାକୁ ପ୍ରୟାସ କରୁଛନ୍ତି। ଅସହାୟମାନଙ୍କ ଦଳ ନାହିଁ, ସମସ୍ତଙ୍କ ରକ୍ତ ଗୋଟିଏ ବୋଲି ମତବ୍ୟକ୍ତ କରି ରାଜନୈତିକ ବାଛ ବିଚାର ବ୍ୟତିରେକ ସାର୍ବଜନିନ ଭାବେ କାର୍ଯ୍ୟ କରିବା ପାଇଁ ଜିଲାପାଳ ଦାସ ପରାମର୍ଶ ଦେଇଥିଲେ। ଏସ୍‌ପି ଚରଣ ସିଂ ମୀନା ଏହି ଜିଲାକୁ ସୁନ୍ଦର ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ରଖିବା ପାଇଁ ପରାମର୍ଶ ଦେଇଥିଲେ। ରକ୍ତଦାତାଙ୍କ ଟୋପାଏ ରକ୍ତ ଅନ୍ୟର ଜୀବନକୁ ରକ୍ଷା କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ରେଡ଼କ୍ରସ ସୋସାଇଟିର ସମ୍ପାଦକ କୁଳମଣୀ ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଜୀବନ ବିନ୍ଦୁ ପକ୍ଷରୁ ସ୍ୱରୂପ ଦାସ, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଅଶୋକ ଦାସ ଉଦ୍‌ବୋଧନ ଦେଉଛନ୍ତି।

## ଜମି ପଟ୍ଟା ଯୋଗାଇଦେବାକୁ ଜିଲାପାଳଙ୍କୁ ନିବେଦନ

**ଯାଜପୁର ଟାଉନ,୧୦।୯(ଡି.ଏନ୍.ଏ.)**

ଯାଜପୁର ବ୍ଲକର ସିମିଳିଆ ପଞ୍ଚାୟତର ଶହ ଶହ ଲୋକମାନେ ଜମିପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଏନେଇ ଗତ ମାର୍ଚ୍ଚ ୬ ତାରିଖରେ ଏହି ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏବଂ ଅଲଇଣ୍ଡିଆ କୃଷକ କ୍ଷେତ ମଜଦୂର ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ବନ୍ଦୋବସ୍ତ ପୂର୍ବକ ପଟ୍ଟା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଇତିମଧ୍ୟରେ ୬ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇ ନାହିଁ। ଏପରିସ୍ଥଳେ କୃଷକ ନେତା ପ୍ରମୋଦ ମଲ୍ଲିକ, ଭୀମସେନ ରାଉତ, ଘନଶ୍ୟାମ ପରିଡା, ମେଘନାଦ ଜେନା, ଉପେନ୍ଦ୍ର ସାମଲ, ହରେକୃଷ୍ଣ ନାୟକ, ଘନଶ୍ୟାମ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଓ ଗ୍ରାମବାସୀ ମଙ୍ଗଳବାର ମିଳିତ ଅଭିଯୋଗ ଶୁଣାଣି ଶିବିରକୁ ଆସି ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧ମାସ ମଧ୍ୟରେ ଏହି ପଞ୍ଚାୟତର ବନ୍ଦୋବସ୍ତ ସମାପ୍ତ ପୂର୍ବକ ସମସ୍ତଙ୍କୁ ଜମି ପଟ୍ଟା ଯୋଗାଇ ନ ଦେଲେ ଆସନ୍ତା ଅକ୍ଟୋବର ୧୫ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣାରେ ବସିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ୧୪୪ ଅଭିଯୋଗରୁ ୭୧ର ତତ୍କାଳ ସମାଧାନ

**ଯାଜପୁର ଟାଉନ,୧୦।୯(ଡି.ଏନ୍.ଏ.)**

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସ୍ଥାନୀୟ ଜିଲାପରିଷଦ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତେବେ କ୍ରମାଗତ ଛୁଟି, ବର୍ଷାଋତୁ ଓ ବିଶେଷ ପ୍ରଚାରପ୍ରସାର ନ ଥିବାରୁ ଏହି ଶିବିରରେ ଗତମାସ ଭଳି ବିଶେଷ ଭିଡ଼ ପରିଲକ୍ଷିତ ହୋଇ ନ ଥିଲା। ମାତ୍ର ୧୪୪ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିରୁ ୧୧୮ଟି ବ୍ୟକ୍ତିଗତ ଏବଂ ୬ଟି ସାମୁହିକ ଅଭିଯୋଗ ରହିଥିଲା। ୨୦ ଜଣ ଅସହାୟ ରୋଗୀ ଚିକିତ୍ସା ନିମନ୍ତେ ସହାୟତା ରାଶି ପାଇବା ପାଇଁ ଜିଲାପାଳଙ୍କ ନିକଟରେ ପହଞ୍ଚିଥିବାବେଳେ ଦାସ ମଧ ସେମାନଙ୍କୁ ଖାଲି ହାତରେ ଫେରାଇ ଦେଇ ନ ଥିଲେ। ଏହି ସବୁ ରୋଗୀଙ୍କୁ ମୋଟ ୧ଲକ୍ଷ ୪୬ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନାମୁତାବକ ୭୧ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏସ୍‌ପି ଚରଣ ସିଂ ମୀନା ଏହି ଶିବିରରେ ଉପସ୍ଥିତ ରହିଥିବାବେଳେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରଜ୍ଞା ହୋତା, ତହସିଲଦାର ଅନୁପ କୁମାର ମେହେର, ଏସଡିପିଓ ରବିନ୍ଦ୍ର ଜେନା, ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ସୁତାର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ରୁଦ୍ର ପ୍ରତାପ କର, ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ନିରଞ୍ଜନ କର, ଜିଲା କଲ୍ୟାଣ ଅଧିକାରୀ ଚେତନା ସେଠୀ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରଜତ ପ୍ରହରାଜ, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଆରଡିର ନିର୍ବାହୀଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜନଶୁଣାଣି ଶିବିରରେ ଜିଲାପାଳ ଲୋକଙ୍କ ଠାରୁ ଅଭିଯୋଗ ଶୁଣୁଛନ୍ତି।

## ଜନନୀ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ, ପ୍ରସୂତିଙ୍କ ସହ ୨ ଗୁରୁତର

**ଚଣ୍ଡିଖୋଲ,୧୦।୯(ଡି.ଏନ୍.ଏ.)**

ବାଲେଶ୍ୱରରୁ ଜଣେ ପ୍ରସୂତିଙ୍କୁ ଧରି ଏକ ଜନନୀ ଏକ୍ସପ୍ରେସ ଗାଡ଼ି କଟକ ବଡ଼ ମେଡ଼ିକାଲ ଯାଉଥିବା ସମୟରେ ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବନ୍ଦାଲୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଯାଉଥିବା ପ୍ରସୂତିଙ୍କ ସହ ଡ୍ରାଇଭର ମଧ ଗୁରୁତର ଆହତ ହୋଇଛନ୍ତି। ଖବରରୁ ପ୍ରକାଶ, ସୋମବାର ରାତି ୨ଟା ସମୟରେ ଇଣ୍ଡିୟାନ ଅଏଲ ପାଖରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରଲରକୁ ପଛପଟୁ ୧୦୮ ଜନନୀ ଏକ୍ସପ୍ରେସ ଗାଡ଼ିଟି ପିଟିଦେବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନଙ୍କୁ ଅନ୍ୟ ଏକ ଗାଡ଼ିରେ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି।

## ବାର୍ଦ୍ଧକ୍ୟ ଭତ୍ତାରୁ ରୋଗିଣା ବୃଦ୍ଧା ବାଦ୍

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସମ୍ମୁଖରେ ଧାରଣା

**ଯାଜପୁର ଟାଉନ,୧୦।୯(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅନ୍ତର୍ଗତ ଇଜାପୁର ପଞ୍ଚାୟତ ଇଜାପୁର ଗ୍ରାମର ଜଣୈକା ୬୪ ବର୍ଷୀୟା ବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସେ ଅତ୍ୟନ୍ତ ଗରିବ ହୋଇଥିବା ସତ୍ତ୍ୱେ ତାଙ୍କୁ ଭତ୍ତା ମିଳୁ ନାହିଁ। ତେଣୁ ସେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଆଗରେ ସପରିବାର ଧାରଣା ଦେଇଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ଏହା ଜାଣିବା ପରେ ଦଶରଥପୁର ବ୍ଲକ ବିଡିଓଙ୍କୁ ଏହି ଘଟଣାର ତୁରନ୍ତ ତଦନ୍ତ କରି ଭତ୍ତା ପ୍ରଦାନ କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଇଜାପୁର ଗ୍ରାମର ସେକ୍ ଜାହାଙ୍ଗିରଙ୍କ ପତ୍ନୀ ହବୁ ବିବି(୬୪) ମଧୁମେହ ଓ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଅଟନ୍ତି। ଜାହାଙ୍ଗିରଙ୍କ ପରିବାରରେ ସେଭଳି ରୋଜଗାରକ୍ଷମ ବ୍ୟକ୍ତି କେହି ନ ଥିବାବେଳେ ପରିବାର ଉପରେ ୧୫ଜଣ ନିର୍ଭରଶୀଳ। ବୃଦ୍ଧା ହବୁ ବିବି ୨୦୧୪ରୁ ବାର୍ଦ୍ଧକ୍ୟ ଭତ୍ତା ଚଳିତବର୍ଷ ଜୁନମାସ ପର୍ଯ୍ୟନ୍ତ ପାଇ ଆସୁଥିଲେ। କିନ୍ତୁ ଆକ୍ରୋଶମୂଳକ ଭାବେ ତାଙ୍କର ବୟସ ହୋଇ ନ ଥିବା ଦର୍ଶାଯାଇ ସରକାରଙ୍କ ଏହି ସୁବିଧାରୁ ତାଙ୍କୁ ବଞ୍ଚିତ କରାଯାଇଛି। ଅସୁସ୍ଥତା ପାଇଁ ଔଷଧ ଟିକେ ଖାଇବା ପାଇଁ ପାଖରେ ପଇସା ନ ଥିବା ବେଳେ ପେଟକୁ ଗଣ୍ଡେ ଦାନା ମଧ ମିଳୁ ନାହିଁ । ପୁଣିଥରେ ତାଙ୍କୁ ଭତ୍ତା ସୁବିଧାରେ ସାମିଲ କରିବା ସହିତ ରୋଗ ଚିକିତ୍ସା ପାଇଁ ସହାୟତା ପାଇବା ଆଶାରେ ବିଛଣାରୁ ଉଠି ପାରୁ ନ ଥିବା ଏହି ବୃଦ୍ଧାଙ୍କୁ ପରିବାର ଲୋକେ ଜିଲାପାଳଙ୍କ ଅଭିଯୋଗ ଶିବିରକୁ ଟେକି ଟେକି ଆଣି ଧାରଣାରେ ବସିଥିଲେ।



ଅଭିଯୋଗ ଶୁଣାଣି ଶିବିର ସମ୍ମୁଖରେ ଧାରଣା ଦେଉଥିବା ବୃଦ୍ଧା।

## ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ

# ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ଯାଜପୁର ରୋଡ,୧୦।୯(ନି.ପ୍ର.)**

ପ୍ରଦୂଷଣ ଆଇନକୁ କଡ଼ାକଡ଼ି ଭାବେ ପାଳନ ସହିତ ପ୍ରଦୂଷଣ ସୃଷ୍ଟିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଏକ ପ୍ରଦୂଷଣ ମୁକ୍ତ ସମାଜ ଗଠନ କରିବାକୁ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ଆହ୍ୱାନ ଦେଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟ ସଂଯୋଜକ ପ୍ରସନ୍ନ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଭିନ୍ନ ହୋତା ଯୋଗ ଦେଇ ଯାଜପୁର ଜିଲା ଶିଳ୍ପ ଓ ଖଣି ଯୋଗୁ ବିଶେଷ ଭାବରେ ବାୟୁ, ଜଳ ପ୍ରଦୂଷିତ ହେଉଛି। ଏଥିପ୍ରତି ଶିଳ୍ପାନୁଷ୍ଠାନ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଜିଲାର ପରିବେଶକୁ ସୁସ୍ଥ ରଖିବାପାଇଁ ଏହି ସଂଗଠନ ଏବେଠାରୁ କାର୍ଯ୍ୟ କରିବ। ଆବଶ୍ୟକ ପଡ଼ିଲେ ପ୍ରଦୂଷଣ କରୁଥିବା ସଂସ୍ଥା ବିରୋଧରେ ମାନବାଧିକାର ଉଲ୍ଲଂଘନ ଆଇନ ଅନୁଯାୟୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ହୋତା ସୂଚନା ଦେଇଥିଲେ। ହୋତା ବିଭିନ୍ନ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ ଯେ ଭାରତୀୟ ସମ୍ବିଧାନର ୨୧ ଧାରା ଅନୁଯାୟୀ ସମସ୍ତଙ୍କ ବଞ୍ଚିବାର ଅଧିକାର ରହିଛି। କେହି କାହାର ବଞ୍ଚିବା ଉପରେ ବାଧା ସୃଷ୍ଟି କରିପାରିବେ ନାହିଁ। ସ୍ୱଚ୍ଛ ପାନୀୟ, ବାୟୁ, ପରିବେଶ ଜୀବନକୁ ସୁସ୍ଥ ରଖିଥାଏ। ମାତ୍ର ଏବେ ପରିବେଶପ୍ରତି ବିପଦ ଘନେଇ ଆସୁଛି। ଶିଳ୍ପ କାରାଖାନା ଓ ଖଣି ମାଲିକମାନେ ବ୍ୟାପକ ଜଙ୍ଗଲ କ୍ଷୟ କରୁଛନ୍ତି। ଯେତିକି ଗଛ ନଷ୍ଟ କରୁଛନ୍ତି ସେହିଅନୁସାରେ ଜଙ୍ଗଲ ସୃଷ୍ଟି କରୁ ନାହାନ୍ତି। କାରାଖାନାର ଧୂଆଁରେ ବାୟୁମଣ୍ଡଳ ଦୂଷିତ ହେଉଛି। କାରଖାନାର ଦୂଷିତ ପାଣି ଓ ବର୍ଜ୍ୟବସ୍ତୁଗୁଡ଼ିକ ଗଣ୍ଡାନାଳ ଓ ନଦୀରେ ଛାଡ଼ି ଦିଆଯାଉଛି ଫଳରେ ଜଳ ପ୍ରଦୂଷିତ ହେଉଛି। ବିଶେଷକରି ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସୁକିନ୍ଦା ଖଣି ଉପତ୍ୟକାରେ ପ୍ରଦୂଷଣମାତ୍ରା ବୃଦ୍ଧି ପାଉଛି। ଫଳରେ ଲୋକଙ୍କ ଜୀବନ ବିପଦରେ ପଡୁଛି। ଏପରି କି ଅକାଳରେ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। ପରିବେଶକୁ ସୁସ୍ଥ ରଖିବାପାଇଁ ଏହି ସଂଗଠନ ଜିଲାର ପ୍ରତେକ ପଞ୍ଚାୟତସ୍ତରରେ ସଂଗଠନକୁ ସୁଦୃଢ଼ କରିବାପାଇଁ ନିଷ୍ପତି ନେଇଛି। ପ୍ରଦୂଷଣ କରୁଥିବା ସଂସ୍ଥା ଉପରେ ଲଗାମ ଲଗାଇବା ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ହୋତା କହିଛନ୍ତି। ବୈଠକରେ ଢେଙ୍କାନାଳ ଓ ଅନୁଗୋଳ ଜିଲା ମାନବାଧିକାର ସୁରକ୍ଷା ସଂଗଠନ ସଭାପତି ରାମଚନ୍ଦ୍ର ରାଉତ ରାଏ, କଟକ ଜିଲା ସଭାପତି ସନ୍ତୋଷ କୁମାର ବଳ, ବାଲେଶ୍ୱର ଜିଲା ସଭାପତି ସଂଘମିତ୍ରା ମହାନ୍ତି, ରାଷ୍ଟ୍ରୀୟ ସଂଯୋଜକ ଆଇନ୍‌ଜୀବୀ ପ୍ରଦୀପ୍ତ ହୋତା, ଯାଜପୁର ଜିଲା ସଂଯୋଜକ ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ପ୍ରଦୂଷଣ ଦିନକୁ ଦିନ କିପରି ବୃଦ୍ଧିପାଉଛି ଏବଂ ଏହାକୁ କିପରି ହ୍ରାସ କରାଯାଇପାରିବ ସେନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ହୋତା, ତପନ ଦେଓ, ଗୋପାଳ ଖଣ୍ଡଲୱାଲ, ଆଶୁତୋଷ ଲେଙ୍କା, ରଶ୍ମୀକାନ୍ତ ସ୍ୱାଇଁ, ନାନକ ପରିଡା, ସୁରେଶ ଧଳ, ବିଷ୍ଣୁ ଦେଓ, ପ୍ରଦୀପ ବଳ, ତୁଷାରକାନ୍ତ ଷଣ୍ଡ, ପୁଷ୍ପକ ମହାପାତ୍ର, ହରେକୃଷ୍ଣ ଭଞ୍ଜ, ନିରୋଧ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ଖବରଦାତା ସମ୍ମିଳନୀରେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।





## ସଂକ୍ଷେପରେ

### ଯୁବତୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ଯୁବକ ଗିରଫ

**କଳିଙ୍ଗନଗର,୧୦।୯(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ମୋବାଇଲକୁ ଅଶ୍ଳୀଳ ମେସେଜ୍ ପଠାଇବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ଯୁବକ ଜଣଙ୍କ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳ କୋଠଡ଼ିଆ ଗ୍ରାମର ରମେଶ ଜିଓଗାମ(୨୫)। ପ୍ରକାଶ ଯେ, ରମେଶ ଗତ ୧୪ ତାରିଖରେ ଉକ୍ତ ଯୁବତୀଙ୍କ ମୋବାଇଲ୍‌କୁ ମେସେଜ୍ ପଠାଇଥିଲେ। ଏ ନେଇ ଯୁବତୀ ଜଣଙ୍କ ୧୭ ତାରିଖରେ ଥାନରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୪୨/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଅଭିଯୋଗ ପରେ ରମେଶ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଘରକୁ ଫେରିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଖୁଦୁରୁକୁଣୀ ଭସାଣି ଗଣ୍ଡଗୋଳରେ ୨ଆହତ

**ରସୁଲପୁର,୧୦।୯(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତ କଣ୍ଟିଆକଣ ଗ୍ରାମରେ ସୋମବାର ରାତିରେ ଖୁଦୁରୁକୁଣୀ ଭସାଣ ବେଳେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏଥିରେ ୨ଜଣ ଆହତ ହୋଇଥିବା ଜଣାପଡିଛି। ଉକ୍ତ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷରୁ ୨ଟି ପୃଥକ୍ ମାମଲା କୁଆଖିଆ ଥାନାରେ ରୁଜୁ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଖୁଦୁରୁକୁଣୀ ମେଢ ଭସାଣରେ ସନ୍ତୋଷ ପଣ୍ଡା ଓ ତାଙ୍କ ସମର୍ଥକମାନେ ଯାଉଥିଲେ। ମେଢ ଶରତ ପଣ୍ଡାଙ୍କ ଦୋକାନ ବାଟ ଦେଇ ଯାଉଥିବା ସମୟରେ ସେ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ସନ୍ତୋଷଙ୍କ ଭାଇ ସୁକାନ୍ତ ପଣ୍ଡା ଶରତ ମଧ୍ୟରେ ବଚସା ହୋଇଥିଲା। ଶରତ ଓ ତାଙ୍କ ସମର୍ଥକମାନେ ଆସି ଭସାଣରେ ସାମିଲ ବ୍ୟକ୍ତିଙ୍କ ଉପରକୁ ଆକ୍ରମଣ କରିଥିଲେ। ଉକ୍ତ ମାରପିଟରେ ସୁକାନ୍ତ ଓ ଶରତ ଆହତ ହୋଇଥିଲେ । ଏ ସମ୍ପର୍କରେ ସନ୍ତୋଷ ଓ ଶରତଙ୍କ ଭାଇ ଭରତ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ସନ୍ତୋଷ ଦେଇଥିବା ଅଭିଯୋଗରେ ୬/୭ଜଣଙ୍କ ନାମ ଦର୍ଶାଇ ଯାଇଥିବାବେଳେ ଭରତଙ୍କ ପକ୍ଷରୁ ଜଣଙ୍କ ନାଁରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ୨/୩ଜଣ ଗଣ୍ଡଗୋଳକାରୀଙ୍କୁ ଧରି ଆଣି ପଚରା ଉଚୁରା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା ଅଭିଯୋଗ

**ଯାଜପୁର ରୋଡ୍,୧୦।୯(ନି.ପ୍ର.):** ଯାଜପୁର ରୋଡ୍ ଥାନା ଅନ୍ତର୍ଗତ କନ୍ହେଇପୁର ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ବୃଦ୍ଧ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ରବୀ ବିଶ୍ୱାଳ (୭୦)। ଏଠାରେ ରବୀ ୫ ବର୍ଷ ହେବ ସ୍ତ୍ରୀଙ୍କ ସହ ରହି ଶ୍ରମିକଭାବେ କାମ କରୁଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଶିମୁଳିଆ ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ପ୍ରକାଶ ଯେ, ରବୀ ରାତିରେ ରଶି ଲଗାଇଦେଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଯାଜପୁର ରୋଡ୍ ଡାକ୍ତରଖାନାକୁ ଅଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଜଣାପଡିଛି।

# ଅସରାଏ ବର୍ଷାରେ ଚିପ୍ସ ଉଠିଲା

## ଡିଏମ୍‌ଏଫ୍ ଅର୍ଥରେ ନିର୍ମାଣାଧୀନ ରାସ୍ତା

**ସୁକିନ୍ଦା,୧୦।୯(ଡି.ଏନ୍.ଏ.)**



ଯାଜପୁର ଜିଲା ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତର ମୂଳଖମ୍ବ ଗ୍ରାମରେ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍‌ଏଫ) ଅର୍ଥରେ ନିର୍ମାଣାଧୀନ କଂକ୍ରିଟ ରାସ୍ତାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ସପ୍ତାହରେ ରାସ୍ତାର କିଛି ଅଂଶ ନିର୍ମାଣ ସରିଥିଲା। କିନ୍ତୁ ଦୁଇଦିନ ଲଘୁଚାପଜନିତ ବର୍ଷାରେ ଏହା ଶୋଚନୀୟ ହୋଇପଡିଛି। ଏଭଳି ସ୍ଥିତିରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ନିର୍ବାଚନ ପୂର୍ବରୁ ଏପ୍ରିଲରେ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଉକ୍ତ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏ ନେଇ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଜଣାପଡିଛି। ପୂର୍ତ୍ତ ବିଭାଗ ରାସ୍ତା ନିକଟ ମୂଳଖମ୍ବ ଗ୍ରାମ ମୁଣ୍ଡରୁ ଏହି ରାସ୍ତା କାମ ଆରମ୍ଭ କରାଯାଇଛି। ଉଦ୍‌ଘାଟନ କରିବାର ଦୀର୍ଘଦିନର ବ୍ୟବଧାନ ପରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପଲ୍ଲିସଭା କିମ୍ବା ସୂଚନା ପ୍ରଦାନ କରାଯାଇ ନ ଥିଲା। ଅପରପକ୍ଷେ କାମସ୍ଥଳରେ ସୂଚନା ଫଳକ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାଯାଇ ନାହିଁ। ଏକ ସପ୍ତାହ ହେବ ଠିକାଦାର ଏବେ ରାସ୍ତା କାମ ଆରମ୍ଭ କରିଛନ୍ତି। ହେଲେ କାମ ସ୍ଥଳରେ ବିଭାଗୀୟ ଜେଇ ଅନୁପସ୍ଥିତ ରହୁଥିବାରୁ ଏହାର ସୁଯୋଗ ନେଇ ଠିକାଦାର କମ୍ ପରିମାଣର ଭାଗମାପରେ ବାଲି, ସିମେଣ୍ଟ ଓ ଚିପ୍ସ ଦେଇ କାମ କରିଥିବା ଅଭିଯୋଗ ହୋଇଛି। ଫଳରେ ଲଘୁଚାପ ବର୍ଷାରେ ରାସ୍ତାରୁ ଚିପ୍ସ ଉଠିଯାଇ ଛୋଟଛୋଟ ଖାଲ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସୁକିନ୍ଦା ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମଦନ ମୋହନ ମାହାରାଙ୍କୁ ପଚାରିବାରୁ, ରାସ୍ତା ସମ୍ବନ୍ଧରେ ତଦନ୍ତ କରି କହିବେ ବୋଲି କହିଛନ୍ତି।

## ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣା

# ୩ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୧୦।୯(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ପୁରୁଣାବଉଳମାଳ ପଞ୍ଚାୟତ ଭାଲିଆପାଳ ଗ୍ରାମର ଚିନ୍ମୟ ସାମଲଙ୍କ ହତ୍ୟା ମାମଲାରେ ମଙ୍ଗଳବାର ପୋଲିସ ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ସେଠାରେ ସେମାନଙ୍କ ବେଲ ଆବେଦନ ଖାରଜ ହେବାରୁ ଯାଜପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଉତ୍ତରପଶୀ ଗ୍ରାମର ଅମୂଲ୍ୟ ଦେହୁରୀ(୨୫), ବାଉରୀ ଦେହୁରୀ(୨୨) ଓ ସୁକୁଟିଝର ଗ୍ରାମର ପ୍ରଫୁଲ୍ଲ ସାମଲ (୩୫)।

ପ୍ରକାଶ ଯେ, ଚାରିଘରିଆ ଗ୍ରାମରେ ରବିବାର ସନ୍ଧ୍ୟାରେ ସାଇକେଲ ହଜିବାକୁ ନେଇ ଚିନ୍ମୟ, ବାଉରୀ, ଅମୂଲ୍ୟ ଏବଂ ପ୍ରଫୁଲ୍ଲଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ସେମାନେ ଚିନ୍ମୟଙ୍କୁ ଠେଙ୍ଗାରେ ବାଡେଇ ଥିଲେ। ଗୁରୁତର ଅବସ୍ଥାରେ ଖଜୁରିବାଟି ନିକଟସ୍ଥ ରାସ୍ତାକଡରେ ଥିବା ଏକ ଡ୍ରେନ୍‌ରେ ପକାଇ ପଳାଇଥିଲେ। ଖବର ପାଇ ପରିବାର ଲୋକେ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିନ୍ମୟଙ୍କୁ ପ୍ରଥମେ ଧର୍ମଶାଳା ଡାକ୍ତରଖାନା ପରେ କଟକ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ମୃତ ଚିନ୍ମୟଙ୍କ ସ୍ତ୍ରୀ ଶାନ୍ତି ସାମଲ ପ୍ରଫୁଲ, ବାଉରୀ ଏବଂ ଅମୂଲ୍ୟ ସ୍ୱାମୀଙ୍କୁ ହତ୍ୟାକରିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୦୦/୧୯) ରୁଜୁକରି ସେମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା।

## ଦୌଡ଼ରାଣୀ ଦୂତୀଙ୍କ ଖୁଦୁରୁକୁଣୀ ଓଷା

# ଯୋଗଦେଲେ ଜିଲାପାଳ, ବିଧାୟିକା, ସିନେ ତାରକା

**ରସୁଲପୁର,୧୦।୯(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଚକଗୋପାଳପୁର ଗ୍ରାମ ମଙ୍ଗଳବାର ସନ୍ଧ୍ୟାରେ ଲୋକାରଣ୍ୟ ହୋଇ ଉଠିଥିଲା। ଅନ୍ତର୍ଜାତୀୟ ଧାବିକା ଦୌଡ଼ରାଣୀ ଦୂତୀ ଚାନ୍ଦ ଗାଁକୁ ଫେରି ଅନ୍ୟ ଝିଅଙ୍କ ସହ ମିଶି ରବିବାର ଖୁଦୁରୁକୁଣୀ ଓଷା ପାଳନ କରିଥିଲେ। ଦୂତିଙ୍କ ସହ ଓଷା କରିବାକୁ ନେଇ ଗାଁର ଯୁବତୀମାନେ ବିଶେଷ ଉତ୍ସାହିତ ଥିଲେ । ମଙ୍ଗଳବାର ଶେଷ ଦିନରେ ପ୍ରଶାସକ, ନେତା, ସେଲିବ୍ରିଟିଙ୍କ ଗହଣରେ ବ୍ରତଧାରୀମାନେ ଖୁସି ମନାଇ ଥିଲେ। ଦର୍ଶକମାନେ ବି ଖୁବ୍ ଭିଡ ଜମାଇଥିଲେ। ବେଶି ଭିଡ଼ ଜମିଥିଲା ସିନେତାରକାଙ୍କୁ ଦେଖିବାକୁ ନେଇ। ସେମାନଙ୍କ ସହ କରମର୍ଦ୍ଦନ ଓ ସେଲ୍‌ଫି ନେବାକୁ ଝିଅମାନଙ୍କ ମଧ୍ୟରେ ଏକପ୍ରକାର ଅଘୋଷିତ ପ୍ରତିଯୋଗିତା ଦେଖାଯାଇଥିଲା। ଅତିଥିଙ୍କ ଉପସ୍ଥିତିରେ ସାଂସ୍କୃତିକ ମଞ୍ଚରୁ ନାଚ, ଗୀତ, ଅନୁଭବ, ଅନୁଭୂତି, ଅନୁଶାସନ ଭରା ମତାମତରେ ଦର୍ଶକ ବିଭୋର ହୋଇଉଠିଥିଲେ। ସମସ୍ତେ ଦୂତୀଙ୍କ ପ୍ରସଂଶାରେ ଶତମୁଖ ହୋଇଉଠିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ବରୀ ବିଧାୟିକା ସୁନନ୍ଦା ଦାସ, ସିନେତାରକା ସବ୍ୟସାଚୀ ମିଶ୍ର ପ୍ରମୁଖ ଯୋଗଦେଇ ଗାଁର ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଥିଲେ। ବିଭିନ୍ନ ପୂଜା ସ୍ଥାନ ବୁଲିବାପରେ ଅତିଥିମାନେ ମଞ୍ଚାସୀନ ହୋଇଥିଲେ। ଦୂତୀ ବାହିନୀପକ୍ଷରୁ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦୂତୀ ନିଜର ଅଧ୍ୟବସାୟ, କଠିନ ପରିଶ୍ରମ ବଳରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ମାତ୍ର ସେ ଜଣେ ସାଧାରଣ ଝିଅ ଭଳି ଗାଁର ଯୁବତୀଙ୍କ ସହ ମିଶି ଖୁଦୁରୁକୁଣୀ ଓଷା ପାଳନ କରି ମହାନତାର ନିର୍ଦ୍ଦଶନ ଦେଇଛନ୍ତି । ତାଙ୍କ ଯୋଗୁ ଗୋପାଳପୁର ଗାଁ ଆଜି ସମଗ୍ର ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି ବୋଲି ମତ ପ୍ରକାଶ ପାଇଥିଲା।

# ବଡ଼ଚଣା ପୋଲିସର ସଡ଼କ ସୁରକ୍ଷା ସଚେତନତା

**ଚଣ୍ଡିଖୋଲ,୧୦।୯(ଡି.ଏନ.ଏ)**

ନୂଆ ମୋଟରଯାନ ଆଇନ କଡ଼ାକଡ଼ି ଲାଗୁ ହେବା ପରଠାରୁ ମୋଟରସାଇକେଲ ଆରୋହୀମାନେ ବିଶେଷଭାବେ ଭୟଭିତ ହୋଇପଡ଼ିଛନ୍ତି। ବହୁ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ଓ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଯୋଗୁ ସାଧାରଣ ଲୋକେ ଗାଡ଼ି ପଦାକୁ ବାହାର କରୁନାହାନ୍ତି। ତେବେ ଇତିମଧ୍ୟରେ ଏହି ନିୟମକୁ ୩ମାସ ପର୍ଯ୍ୟନ୍ତ କୋହଳ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ମଙ୍ଗଳବାର ବଡ଼ଚଣା ପୋଲିସ ଚଣ୍ଡିଖୋଲଠାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବାଇକ ଆରୋହୀଙ୍କୁ ଅଟକାଇ ସେମାନଙ୍କୁ କିପରି କାଗଜପତ୍ର ଠିକ୍ କରିବେ ସେଥିନେଇ ପୋଲିସ ବୁଝାଉଥିବା ଦେଖାଯାଇଥିଲା। ବିନା ହେଲମେଟ୍‌ରେ ମୋଟର ସାଇକେଲ ନ ଚଳାଇବା, ସିଟ୍ ବେଲ୍‌ଟ ପିନ୍ଧିବା ସହିତ ଆବଶ୍ୟକୀୟ କାଗଜପତ୍ର ଠିକ୍ କରିବାକୁ ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଥିଲା। ପୋଲିସ ଗାଡ଼ିଚାଳକଙ୍କୁ ପ୍ରଚାର ପତ୍ର, ଚକୋଲେଟ୍ ଓ ଗୋଲାପ ଫୁଲ ଦେଇ ସଚେତନ କରାଉଥିବା ମଧ୍ୟ ଦେଖାଯାଇଥିଲା। ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଶୁଶିଲ କୁମାର ନାୟକ, ସଇଦ୍ ଖାଁ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ସଞ୍ଜିବ ଥାଟୋଇ ସମେତ ବହୁ ପୋଲିସ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ଚଣ୍ଡିଖୋଲ ଛକରେ ପୋଲିସ ତରଫରୁ ସଚେତନତା କାର୍ଯ୍ୟକ୍ରମ।

# ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ପାଳିତ



ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୧୦।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ୍ ସେଣ୍ଟର ପରିସରରେ ମଙ୍ଗଳବାର ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଜିଲା ସଂସ୍କୃତି ପରିଷଦ ଓ ଯାଜପୁର ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ସମ୍ବର୍ଦ୍ଧିତ କବିଙ୍କ କବିତା ପାଠ କରିଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ, ଉପସଭାପତି ମିନତୀ ସାହୁ ଅତିଥି ପରିଚୟ ପ୍ରଦାନ, ସଂଗ୍ରାମ ଜେନା ସ୍ୱାଗତ ଭାଷଣ ଏବଂ ବ୍ରଜ କିଶୋର ଦାଶ ବେଦପାଠ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ବଂଶୀଧର ସେଠୀଙ୍କ ଶିଶୁ କବିତା ପୁସ୍ତକ 'ସାଧବବୋହୂ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଚଳିତ ବର୍ଷର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଶିଶୁ ସାହିତ୍ୟିକ ଦେବେନ୍ଦ୍ର ଚୌଧୁରୀଙ୍କୁ ଓ ଶିଶୁ ସାହିତ୍ୟ ସମ୍ମାନ ଶିଶୁ ସାହିତ୍ୟିକ ରତ୍ନାକର ନାୟକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା ଓ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ପୁରୁଷୋତ୍ତମ ବିଶ୍ୱାଳ, ବିଦ୍ୟାଧର ସାହୁ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପଣ୍ଡିତ ତ୍ରିପାଠୀଙ୍କ ରଚିତ 'ହେ ମୋର ଅନ୍ତରର୍ଯ୍ୟାମୀ' ପରିବେଷଣ କରାଯାଇଥିଲା। ଶେଷରେ ସହ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମଣ୍ଡଳସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

**ବରୀ,୧୦।୯(ସ୍ୱ.ପ୍ର.)**

ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବରୀ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବିଧାନ ଚନ୍ଦ୍ର ଏକାଡ଼େମୀ ବାଲିଆପାଳ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଧାନ ଚନ୍ଦ୍ର ଏକାଡ଼େମୀର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏବିଇଓ ବାଙ୍କ ବିହାରୀ ପଣ୍ଡା, ଦୁଃଶାସନ ବାରିକ, ସମ୍ମାନିତ ଅତିଥିଭାବେ ଯୋଗଦାନ କରି କ୍ରୀଡ଼ା ଉପରେ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟରୁ ମୋଟ୍ ୧୯୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ଜଣାପଡିଛି। ଶିକ୍ଷକ ଗତିକୃଷ୍ଣ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ କ୍ରୀଡ଼ା ସମ୍ପାଦିକା ବିନୟିନୀ ସାହୁ, ଖେଳ ଶିକ୍ଷକ ସୁବାସ ବିଶ୍ୱାଳ, ଅକ୍ଷୟ ମଲ୍ଲିକ୍, ଅନୀତା ଯେନା, ସୁଶାନ୍ତ ସ୍ୱାଇଁ, ଶଙ୍କର୍ଷଣ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବୁଧବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ସୀତାକାନ୍ତ ସୂଚନା ଦେଇଛନ୍ତି।

## ସାର୍ବଜନୀନ ପୂଜା କମିଟିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ମୂର୍ତ୍ତି ନିର୍ମାଣ ପାଇଁ ଉଠିଲା ମାଟି



ମୂର୍ତ୍ତି ନିର୍ମାଣ ପାଇଁ ଗ୍ରାମ ମଶାଣିରୁ ମାଟି ଉଠାଣ ପୂଜା କରାଯାଉଛି।

**ଡୁବୁରୀ,୧୦।୯(ଡି.ଏନ୍.ଏ.)**

ଡୁବୁରୀ ଅଞ୍ଚଳର ଅଗ୍ରଣୀ ପୂଜା ଅନୁଷ୍ଠାନ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଆଗାମୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏ ନେଇ କମିଟି ଆହ୍ୱାନ କ୍ରମେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ହାଟ ଛକ ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ସଞ୍ଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂଜାଦିନ ରାବଣ ପୋଡି ମଧ୍ୟ ଆୟୋଜିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା କମିଟିର ସଭାପତି ବିଷ୍ଣୁରଞ୍ଜନ ଦାସ, ଅଜୟ ସାହୁ, ଅକ୍ଷୟ ମହାରଣା, ଗୌତମ ଦାସ, ଟିକିନା ରାଉତ, ବୁଲୁ ମହାରଣା, ନୀଳମଣି ଜେନା, ସିଦ୍ଧେଶ୍ୱର ପାତ୍ର, ଶତ୍ରୁଘନ ସାହୁ ପ୍ରମୁଖ କହିଛନ୍ତି। ବୈଠକ ପରେ ନୀତିକାନ୍ତି ଅନୁସାରେ ପୂଜା କରାଯାଇ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଗ୍ରାମ ମଶାଣିରୁ ମାଟି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଦଶରଥପୁର,୧୦।୯(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦୁଇଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଠାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶିକାନ୍ତ ଦାଶଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଏବିଇଓ ରବିନାରାୟଣ ତ୍ରିପାଠୀ, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ୍ ଦାସ, ସମିତିସଭ୍ୟ ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ କମଳ ଲୋଚନ ବେହୁରିଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ



କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକର ଚାରୋଟି ଜୋନ୍ ଯଥା ଦଶରଥପୁର, ମଙ୍ଗଳପୁର, ଅହିୟାସ ଓ ରାମବାଗରୁ ୨୮୦ଜଣ ପ୍ରତିଯୋଗୀ ଯୋଗଦେଇଛନ୍ତି। ୧୪ବର୍ଷରୁ କମ୍ ବାଳିକାବାଳକ ଓ ୧୭ବର୍ଷରୁ କମ୍ ବାଳିକାବାଳକ ଜୁନିୟର ଓ ସିନିୟରଭାବେ ଭାଗନେବେ। ଉକ୍ତ ପ୍ରତିଯୋଗିତାରେ କବାଡ଼ି, ବ୍ୟାଡ଼ମିଣ୍ଟନ୍‌ଖୋ ଖୋ ପ୍ରତିଯୋଗିତା କରାଯିବ। ଖେଳ ଶିକ୍ଷକ ସର୍ବେଶ୍ୱର ରାଉତ, ଖଗେଶ୍ୱର ରାଉତ, ବିନୟ ବେହେରା, ହୃଷୀକେଶ ମୁଦୁଲି, ଜ୍ୟୋତିରଞ୍ଜନ ସାମଲ, ହରିହର ଜେନା, ଦୀନବନ୍ଧୁ ବେହେରା, ବିନୟ ବେହେରା, ଖେଳ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମହାନ୍ତି, ପ୍ରତିମା ପଣ୍ଡା, ସୁନୀତା ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୪, ୧୫ ଓ ୧୬ତାରିଖ ତିନିଦିନ ଧରି ସୁକିନ୍ଦାଠାରେ ହେବାକୁଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ଏଥିରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁର୍ନୀତି

# ଆରମ୍ଭ ହେଲା ସ୍ୱତନ୍ତ୍ର ଅଡିଟ୍

**ଯାଜପୁର ରୋଡ,୧୦।୯(ନି.ପ୍ର.)**

ବ୍ୟାସନଗର ସ୍ୱଂୟଶାସିତ ମହାବିଦ୍ୟାଳୟର ୟୁଜିସି ଅନୁଦାନ(ବିଶ୍ୱବିଦ୍ୟାଳୟ ଆୟୋଗ ପାଣ୍ଠି) ଠିକ୍ ବିନିଯୋଗ ନ କରାଯାଇ ବ୍ୟାପକ ଦୁର୍ନୀତି ଓ ନିଯୁକ୍ତ କ୍ଷେତ୍ରରେ ଅନିମିୟତା ଘଟଣାର ସ୍ୱତନ୍ତ୍ର ଅଡିଟ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସୋମବାରଠାରୁ ମହାବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଅଡିଟ ଚାଲିଛି। ଜଣେ ଅଧ୍ୟାପକଙ୍କୁ ଅନିମିୟତ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ତରୁଣ କୁମାର ଦାସ ନାମକ ଜଣେ ବରିଷ୍ଠ ନାଗରିକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ମଧ୍ୟ ତଦନ୍ତ ପରିସରକୁ ନିଆଯାଇଛି। ଉକ୍ତ ଅଧ୍ୟାପକ ଜଣକ ୟୁଜିସି ଅନୁଦାନ ଅନିମିୟତତା କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଏଚଇ-ଏୟୁଡି-୦୦୦୬/୨୦୧୯, ୧୭୪୨୪ତା୨୭/୮/୧୯ରିଖରେ ଜୈନିକ ଅଧ୍ୟାପକଙ୍କ ନିଯୁକ୍ତି ସମ୍ପର୍କରେ ଅଡିଟ୍ କରାଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବତନ ପରିଚାଳନା କମିଟି ଏହି ଅଧ୍ୟାପକଙ୍କ ନିଯୁକ୍ତି ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଅନିମିୟତା ଭାବେ ନିଯୁକ୍ତି ପାଇଥିବା ଅଧ୍ୟାପକଙ୍କ କାଗଜ ପତ୍ରକୁ ମଧ୍ୟ ସ୍ୱତନ୍ତ୍ର ଅଡିଟ୍ କରାଯିବ। ଏହି ଅଡିଟ କରିବାପାଇଁ ଏକ ସ୍ୱତନ୍ତ୍ର ଟିମ୍ କଲେଜରେ ପହଞ୍ଚି କାଗଜପତ୍ର ଯାଞ୍ଚ କରୁଛନ୍ତି। ୟୁଜିସି ଅର୍ଥର ବିନିଯୋଗକୁ ନେଇ ତଦନ୍ତ କରାଯାଉଛି। ୟୁଜିସି ଅନୁଦାନ ଠିକ ଭାବରେ ଖର୍ଚ୍ଚ କରାଯାଇ ନ ଥିବାରୁ ୪ବର୍ଷହେଲା ବିନିଯୋଗପତ୍ର ବିଶ୍ୱବିଦ୍ୟାଳୟ ଆୟୋଗ ପାଣ୍ଠିକୁ ଦିଆଯାଇ ପାରିନାହିଁ। ଫଳରେ ୟୁଜିସି ଗ୍ରାଣ୍ଟ ବନ୍ଦ ରହିଛି। ଏହାଦ୍ୱାରା କଲେଜର ବିକାଶ ମଧ୍ୟ ବାଧକ ସାଜିଛି। ୨୦୧୧ରୁ ୨୦୧୯ମସିହା ପର୍ଯ୍ୟନ୍ତ ୮ବର୍ଷର ବିଶ୍ୱବିଦ୍ୟାଳୟ ଆୟୋଗ ଅନୁଦାନକୁ ସ୍ୱତନ୍ତ୍ରଭାବେ ଅଡିଟ କରାଯିବ। ଅନ୍ୟପକ୍ଷରେ ମହାବିଦ୍ୟାଳୟର ଅନିମିୟତାକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଖୋଲତାଡ଼ କରାଯିବ। ଏ ସମ୍ପର୍କରେ ଅଭିଯୋଗ କରିଥିବା ଉମାପଦାର ଗ୍ରାମର ତରୁଣ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଜୈନିକ ଅଧ୍ୟାପକଙ୍କ ନିଯୁକ୍ତି ବେନିୟମ ଭାବରେ କରାଯାଇଛି । ୮ମାସ ଧରି ଚାକିରିରୁ ଛଟେଇ ହେଲାପରେ କିପରି ତାଙ୍କୁ ନିଯୁକ୍ତି ଦିଆଗଲା ସେନେଇ ଦାସ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଆବୁ ତାହିର୍‌ଙ୍କୁ ପଚାରିବାରୁ ଉଚ୍ଚ ଶିକ୍ଷା ବିଭାଗ ଫାଇନାନ୍ସ ଏଫଏ କମ-ସ୍ପେଶାଲ ସେକ୍ରେଟାରି ସୁରେଶ ପ୍ରସାଦ ତ୍ରିପାଠୀ, ଓଏଫ୍‌ଏସ୍‌ଙ୍କଠାରୁ ସ୍ପେଶାଲ ଅଡିଟରେ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଆସିଛି। ସେହି ଅନୁସାରେ ମହାବିଦ୍ୟାଳୟ ପକ୍ଷରୁ ସମସ୍ତ ନଥିପତ୍ର ରେଜିଷ୍ଟାର ଯୋଗାଇ ଦିଆଯାଉଛି ବୋଲି ତାହିର କହିଛନ୍ତି।



## ସଂକ୍ଷେପରେ

### ଶ୍ରୀନଅରରେ ସୁନିଆଁ ଚାଲିଲା ୬୨ ଅଙ୍କ, ୧୪୨୭ ସାଲ



**ପୁରୀ ଅଫିସ, ୧୦।୯:** ଗଜପତି ମହାରାଜା ଦିବ୍ୟ ସିଂହଦେବଙ୍କ ଶାସନରେ ୬୧ ଅଙ୍କ ଶେଷ ହୋଇଛି। ମଙ୍ଗଳବାର ସୁନିଆଁ ଅବସରରେ ୬୨ଅଙ୍କ ଏବଂ ୧୪୨୭ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୨ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଏହାପରେ ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆଁ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆଁ ପରମ୍ପରା ସମ୍ପର୍କରେ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୨ଅଙ୍କ ପ୍ରଚଳିତ ହେଲା ୧୪୨୭ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

### ମଧ୍ୟାହ୍ନଭୋଜନ ଖାଇ ଛାତ୍ର ମୃତ୍ୟୁ ଘଟଣା
### ନବରଙ୍ଗପୁର ଜିଲାପାଳଙ୍କୁ ଏନ୍‌ଏଚଆରସିଙ୍କ ତାଗିଦ୍

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ନବରଙ୍ଗପୁର ଜିଲାରେ ୨୦୧୮ ମସିହାରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ସେହି ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚଆରସି) ନବରଙ୍ଗପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ପ୍ରମାଣ ସହ ଦାଖଲ କରିବାକୁ କୁହାଯାଇଛି। ଆଡଭୋକେଟ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଏର କରାଯାଇଥିବା ମାମଲାର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ନବରଙ୍ଗପୁର ଜିଲାର ଏକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୧୪ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୦୧୮ ଫେବୃୟାରୀ ୧୯ ତାରିଖରେ ସେମାନଙ୍କ ମଧ୍ୟରୁ ଗୁରୁବନ୍ଧୁ ଭାତ୍ରାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ମୃତ ଛାତ୍ରଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ମୃତ ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ନବରଙ୍ଗପୁର ଜିଲାପାଳ କ୍ଷତିପୂରଣ ରାଶି ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଜଣାଇବା ସତ୍ତ୍ୱେ ମୃତ ଛାତ୍ରଙ୍କର ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣପତ୍ର ଆସନ୍ତା ୬ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରାଫିକ ନିୟମ କୋହଳ ପରେ ସମୀକ୍ଷା
# ଛୁଟିଦିନରେ ଖୋଲିବ ଆର୍‌ଟିଓ

- ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ଲାଗିବ ରେଟ୍ ଚାର୍ଟ
- ଆର୍‌ଟିଓରେ ରହିବେ ଇନସ୍ୟୁରାନ୍ସ ଅଧିକାରୀ
- ଡିଜିଙ୍କୁ ଚିଠି ଲେଖିଲେ ପରିବହନ ସଚିବ
- ଦଲାଲ୍‌ଙ୍କ ଉପରେ ରହିବ ନଜର

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଓଡ଼ିଶାରେ ଲାଗୁ କରାଯିବାର ଦିନ କେଇଟା ମଧ୍ୟରେ ଲୋକମାନଙ୍କ ନିଦ ହଜିଯାଇଥିଲା। ନିୟମ ଅନୁଯାୟୀ ଗାଡ଼ି ଚାଳକମାନଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ନ ଥିବା କାରଣରୁ ଲୋକେ ଟ୍ରାଫିକ ନିୟମ ଏବଂ ମୋଟା ଅଙ୍କର ଜରିମାନା ଦେଖି ଗାଡି ଚଳାଇବା ଏକ ପ୍ରକାର ବନ୍ଦ କରିଦେଲେ। ଏହାର ଦିନ କେଇଟା ପରେ ଭୁବନେଶ୍ୱର ରାଜମହଲ ଛକଠାରେ ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଲଙ୍କାକାଣ୍ଡରୁ ସ୍ପଷ୍ଟ ହୋଇଥିଲା ଏହି ନିୟମ ପରେ ଲୋକେ କେତେ ମାତ୍ରାରେ ବ୍ୟଥିତ ଥିଲେ। କୌଣସି ସଙ୍ଗଠନ ନୁହେଁ ବରଂ ସାଧାରଣ ଲୋକମାନେ ସ୍ୱତଃସ୍ଫୂର୍ତ୍ତଭାବେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଅପରପକ୍ଷରେ ଏଭଳି ନିୟମ ଯୋଗୁ ଲୋକଙ୍କ ଗାଡି ଚଳାଇବା ବନ୍ଦ ହୋଇଯିବା ସଙ୍ଗେ ସଙ୍ଗେ ପେଟ୍ରୋଲ, ଡିଜେଲ ସହିତ ମଦ ବିକ୍ରି ମଧ୍ୟ ହ୍ରାସ ପାଇଲା। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସୋମବାର ଟ୍ରାଫିକ ନିୟମକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ କୋହଳ କରିବା ପାଇଁ ପରିବହନ ଏବଂ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଲେ। ଟ୍ରାଫିକର କଡ଼ାକଡି ନିୟମ ଆରମ୍ଭ ହୋଇ ହଠାତ୍ ବନ୍ଦ କରିଦିଆଯିବା ପରେ



ଭୁବନେଶ୍ୱର ଆର୍‌ଟିଓ ଅଫିସ ସମ୍ମୁଖରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼।

ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା ହେଲେ ଜିଲା ଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ପରିବହନ ଏବଂ ପୋଲିସ ଅଧିକାରୀ କିପରି କାର୍ଯ୍ୟ କରିବେ ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନ ଥିଲା। ତେଣୁ ମଙ୍ଗଳବାର ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଏବଂ ପରିବହନ କମିଶନର ଭିଡିଓ କନଫରେନ୍ସିଂ ଜରିଆରେ ଆର୍‌ଟିଓମାନଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୩ ମାସ ପର୍ଯ୍ୟନ୍ତ ଲୋକମାନଙ୍କ ଗାଡି ମୋଟର କାଗଜପତ୍ର କିପରି ସଜଡା ଯାଇପାରିବ ସେନେଇ ଆଲୋଚନା ହୋଇଛି। ଅନ୍ୟପଟେ ଲୋକମାନେ ଛୁଟିଦିନରେ ନିଜର କାଗଜ ପତ୍ର ଆର୍‌ଟିଓ ଅଫିସରେ କରିପାରିବେ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ମନ୍ତ୍ରୀ ବେହେରା କହିଛନ୍ତି, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ ଏବଂ ପ୍ରଦୂଷଣ ସାର୍ଟିଫିକେଟ ଆଦି କାର୍ଯ୍ୟ ଛୁଟିଦିନରେ କରିହେବ। ସେଥିଲାଗି ସରକାରୀ ସ୍ତରରେ ଲୋକଙ୍କୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ। ଆବଶ୍ୟକୀୟ ସ୍ଥାନରେ ଏ ସମସ୍ତ କାର୍ଯ୍ୟାଳୟ ଛୁଟିଦିନରେ ଖୋଲା ରହିବ। ଏହାସହ ବିଭିନ୍ନ କ୍ୟାମ୍ପ କରାଯାଇ ଲୋକଙ୍କୁ କାଗଜପତ୍ର କାମରେ ସହଯୋଗ କରାଯିବ। ୩ ମାସ ମଧ୍ୟରେ ଜନସାଧାରଣ ନିଜ ଗାଡ଼ିର କାଗଜପତ୍ର ଠିକ୍ କରାଇ ନେବା ପାଇଁ ବେହେରା କହିଛନ୍ତି। ଏହାସହ ବିରୋଧୀ ଦଳ ନେତାମାନେ ମୋଟା ଅଙ୍କର ଜରିମାନା ପୈଠ କରିଥିବା ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ଲାଗି ଦାବି କରିଥିବା ବେଳେ ମନ୍ତ୍ରୀ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପଟେ ବୈଠକ ପରେ ଜି. ଶ୍ରୀନିବାସ କହିଛନ୍ତି ଯେ, ଆର୍‌ଟିଓ ଅଫିସରେ ଅଧିକ କ୍ୟାମ୍ପ ଖୋଲାଯିବ। ବର୍ତ୍ତମାନ ସ୍ଥିତିରେ ବହୁ ସଂଖ୍ୟାରେ ଲୋକମାନେ ଡ୍ରାଇଭିଂ ଲାଇସେନ୍ସ ଆବେଦନ କରୁଥିବାରୁ ବର୍ତ୍ତମାନ ଦୈନିକ ଯେତିକି ଲର୍ନିଂ ପ୍ରଦାନ କରାଯାଉଥିଲା ସେହି ସଂଖ୍ୟା ବୃଦ୍ଧି କରାଯାଇଛି। ଯେଉଁମାନେ ଲାଇସେନ୍ସ କରାଇବା ଲାଗି ଦଲାଲି କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ। ସେହିପରି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ରେଟ୍ ଚାର୍ଟ ଲଗାଯିବ। ଅଧିକ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ମଧ୍ୟ ଖୋଲିବ। ଏହାସହ ଆର୍‌ଟିଓ କାର୍ଯ୍ୟାଳୟରେ ଇନସ୍ୟୁରାନ୍ସ ଅଧିକାରୀଙ୍କୁ ରଖାଯିବ ବୋଲି ସେ କହିଛନ୍ତି।

ଅନ୍ୟ ଜଣେ ପରିବହନ ଅଧିକାରୀଙ୍କ କହିବାନୁଯାୟୀ, ଦୈନିକ ଭୁବନେଶ୍ୱର ଆର୍‌ଟିଓ କାର୍ଯ୍ୟାଳୟରେ ୧୫୦ ଲର୍ନିଂ ପ୍ରଦାନ କରାଯାଉଥିଲା। ଏବେ ସେହି ସଂଖ୍ୟା ୩ଶହକୁ ବୃଦ୍ଧି କରାଯାଇଛି। ଆଜିଠାରୁ ଦୁଇଜଣ ଲେଖା ଇନସ୍ୟୁରାନ୍ସ କର୍ମଚାରୀଙ୍କୁ ଆରଟିଓରେ ବସାଇବାର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ଅଧିକ ସଂଖ୍ୟାରେ ଲୋକ ରହିଥିବାରୁ ଏଠାରେ ଅଧିକ ଭିଡ଼ ରହୁଛି। ସେହିଭଳି ବ୍ରହ୍ମପୁର, ବାଲେଶ୍ୱର, କଟକ ଆଦି କେତୋଟି ଜିଲାରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ପରିବହନ ସଚିବ ଜି. ଶ୍ରୀନିବାସ ପୋଲିସ ଡିଜି ଏବଂ କମିଶନରଙ୍କୁ ଚିଠି ଲେଖି ପୋଲିସ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ସୂଚନା ଦେଇଛନ୍ତି। ପରିବହନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗାଡ଼ି ଚାଳକମାନଙ୍କୁ ଅଯଥାରେ ହଇରାଣ ନ କରିବା ପାଇଁ ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଉ। ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରିବାବେଳେ ଲୋକଙ୍କୁ ପୋଲିସ ହଇରାଣ କରିବାର ବହୁ ଘଟଣା ସାମ୍ନାକୁ ଆସିଛି। ଟ୍ରାଫିକ ନିୟମର ପ୍ରାବଧାନ ଅନୁଯାୟୀ ଦାୟିତ୍ୱରେ ଥିବା କୌଣସି ପୋଲିସ ଅଧିକାରୀ ଯଦି ଭୁଲ୍ କରନ୍ତି ତେବେ ସେମାନଙ୍କଠାରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଏ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ସମସ୍ତ ଜିଲା ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଜଣାଇବା ପାଇଁ ଡିଜିଙ୍କୁ ପରିବହନ ସଚିବ ଅନୁରୋଧ କରିଥିବା ଜଣାପଡିଛି।

## ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଚାଷୀଙ୍କ ଦାବି
# ମଧ୍ୟାହ୍ନ ଭୋଜନରେ ଦିଆଯିବ ଦୁଗ୍ଧଜାତ ଦ୍ରବ୍ୟ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବିଗତ ବର୍ଷଗୁଡ଼ିକରେ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଅଧିକରୁ ଅଧିକ ଲୋକ ଦୁଗ୍ଧ ଚାଷକୁ ଆପଣେଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଏହାର ଠିକ୍ ବିକ୍ରିବଟା ଏବଂ ଖାଉଟିମାନଙ୍କୁ ଉନ୍ନତ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୈନିକ ୧୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କୃଷିଭବନଠାରେ ଆୟୋଜିତ 'ଗୋସମ୍ପଦର ବିକାଶରେ ଉଦ୍ୟୋଗୀମାନଙ୍କ ଭୂମିକା' ଶୀର୍ଷକ କର୍ମଶାଳାରେ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗୋପାଳନ ରାଜ୍ୟ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ। କୃଷକମାନଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀପାଳନ ବିଶେଷ କରି ଗୋପାଳନ ଏକାନ୍ତ ଆବଶ୍ୟକ। ତେଣୁ ଗୋପାଳନର ବିକାଶ ନିମନ୍ତେ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଅରୁଣ ସାହୁ କହିଛନ୍ତି।

ସେପଟେ ଘରୋଇ ଦୁଗ୍ଧ ସଂସ୍ଥା ଆଗୁଆ ଦର ବୃଦ୍ଧି କରିଛନ୍ତି। କର୍ମଶାଳାରେ ବିଭିନ୍ନ ଜିଲାର ଚାଷୀମାନେ ଦୁଗ୍ଧ ଦର ବଢ଼ାଇବା ପାଇଁ ଜୋର ଦେଇଥିଲେ। ବିଶେଷକରି କୋରୁପୁଟ, ପୁରୀ, ମାଲକାନଗିରି ଭଳି ଜିଲାର ଚାଷୀମାନେ ଜୋରଦାର ଦାବି ଉଠାଇଥିଲେ। ଖର୍ଚ୍ଚ ଅନୁସାରେ ଆୟ ହେଉନାହିଁ ବୋଲି ଚାଷୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଛନ୍ତି। ଉଭୟ ଖାଉଟି ଓ ଦୁଗ୍ଧ ଚାଷୀଙ୍କୁ ସୁହାଇଲା ଭଳି ଦର ଧାର୍ଯ୍ୟ ହେବ ବୋଲି ଅରୁଣ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବାକୁ ସରକାର ଯୋଜନା କରୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କର୍ମଶାଳାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗଦେଇ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବା ପ୍ରସ୍ତାବକୁ ନେଇ ସରକାର ତର୍ଜମା କରୁଛନ୍ତି। ଏପରି ହେଲେ ରାଜ୍ୟର ଦୁଗ୍ଧ ଚାଷୀ ଉପକୃତ ହେବେ। ପିଲାମାନେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇବାକୁ ସକ୍ଷମ ହେବେ।


ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଦୁଗ୍ଧ ଚାଷୀମାନେ ଦୁଗ୍ଧଚାଷ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା, ଅସୁବିଧା ଓ ଦୁଗ୍ଧର କ୍ରୟମୂଲ୍ୟ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କର୍ମଶାଳା ଅବସରରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଯୋଗଦେଇ ବିଭାଗ ପକ୍ଷରୁ ଗୋସମ୍ପଦର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳା ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଓମ୍‌ଫେଡ୍‌ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକ
# ଭାରତ ଉର୍ଜା ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଭାରତରେ ଉର୍ଜା ନ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ଆବୁଧାବୀଠାରେ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ଶକ୍ତି ଫୋରମର ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ୟୁଏଇ ଓ ଭିଏତନାମର ମନ୍ତ୍ରୀ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରମୁଖ ଅଧିକାରୀ, ଓପେକ୍‌ର ସାଧାରଣ ସଚିବ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟି ଭାରତ ଓ ୟୁଏଇ ସହ ଆର୍ଥିକ ଏବଂ ଅନ୍ୟାନ୍ୟ ସହଯୋଗ ଉପରେ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ତା ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ। ଭାରତ ଓ ଚାଇନା ଏହାର ୮୦ ଭାଗ ଅଂଶୀଦାର ହେବେ । ବିଶ୍ୱର ଶକ୍ତି ଚାହିଦା ବଢିବା ସହ ଅକ୍ଷୟ ଶକ୍ତିର ବ୍ୟବହାରରେ ଦ୍ରୁତ ପ୍ରଗତି ଘଟିବ। ୨୦୪୦ ସୁଦ୍ଧା ଅକ୍ଷୟ ଶକ୍ତି ଯୋଗାଣରେ ଦୁଇ ତୃତୀୟାଂଶ ବୃଦ୍ଧି ପାଇବ ଭବିଷ୍ୟତରେ ଉର୍ଜା ମିଶ୍ରଣ ୩୦ ପ୍ରତିଶତରେ ପହଞ୍ଚିବ । ଦୁର୍ବଳ ଏବଂ ଅସନ୍ତୁଳିତ ଉର୍ଜା କାରଣରୁ ଏସିଆରେ ୪ଶହ ମିଲିୟନରୁ ଉର୍ଦ୍ଧ୍ୱ ଲୋକ ବିଜୁଳି ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପାଇଁ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ପ୍ରଦାନ କରିବା ସବୁ ଦେଶର ସରକାରଙ୍କ ପାଇଁ ପ୍ରାଥମିକତା ରହିଛି। ବିଗତ ୫ବର୍ଷରେ ଭାରତ ଉର୍ଜା ନ୍ୟାୟ ଏବଂ ଉର୍ଜାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉପରେ ଅଧିକ ଜୋର ଦେଇଛି । ଏହି ସମୟରେ ଭାରତ ଦେଶର ୧.୩ ବିଲିୟନର ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଉର୍ଜା ନ୍ୟାୟ ଅନୁଭବ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି।



ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

- ଚଣ୍ଡିଖୋଲ ରଣନୈତିକ ତୈଳ ଭଣ୍ଡାର କାମରେ ଅଂଶଗ୍ରହଣ ପାଇଁ ୟୁଏଇକୁ ଅନୁରୋଧ
- ତୈଳ ଉତ୍ପାଦନ ଓ ରପ୍ତାନି ସ୍ଥିର ପାଇଁ ଓପେକ୍ ଅଧିକାରୀଙ୍କ ସହ ଆଲୋଚନା
- ଆଗାମୀ ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବୈଠକ ଉର୍ଜା ସୁରକ୍ଷାକୁ ମଜବୁତ୍ କରିବାର ନୂଆ ରାସ୍ତା ଦେଖାଇବ। ଏହିଅବସରରେ ୟୁଏଇର ଶକ୍ତି ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଭାରତ-ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗକୁ ଦୃଢ କରିବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବିଶେଷଭାବେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ହାଇଡ୍ରୋକାର୍ବନ କ୍ଷେତ୍ରର କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ ରାସ୍ତା ବାହାର କରିବା ଓ ଇସ୍ପାତ୍ ରପ୍ତାନି ଚାହିଦାକୁ ବୃଦ୍ଧି ଉପରେ ଆଲୋଚନା ହୋଇଛି। ଓଡ଼ିଶାର ଚଣ୍ଡିଖୋଲ ଏବଂ କର୍ନାଟକର ପାଦୁରଠାରେ ହେବାକୁ ଥିବା ଭାରତର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ପୁନର୍ବାର ଅଂଶଗ୍ରହଣ କରିବା ପାଇଁ ସେମାନଙ୍କୁ କହିଛନ୍ତି। ଷ୍ଟ୍ରେଟ୍ ଅଫ୍ ହରମୁଜରେ ଦେଖାଯାଇଥିବା ବିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ପାଦନ ହ୍ରାସକୁ ଓପେକ୍‌ର ସଦସ୍ୟମାନେ ସମର୍ଥନ କରିବା ଦ୍ୱାରା ପ୍ରତିକୂଳଭାବେ ଏହି ନିଷ୍ପତ୍ତି ଭାରତୀୟ ଉପଭୋକ୍ତାଙ୍କ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି ।

ସେହିପରି ଓପେକ୍‌ର ସାଧାରଣ ସଚିବ ଏଚ୍‌ଇ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସାକ୍ଷାତ କରିଛନ୍ତି। ସମ୍ପ୍ରତି ଭୂ-ରାଜନୈତିକ ବିକାଶ ଦ୍ୱାରା ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟର ସ୍ଥିରତା ଏବଂ ଏହାର ରପ୍ତାନି ଉପରେ ପଡିଥିବା ପ୍ରଭାବ ସମ୍ବନ୍ଧରେ ସେ ଆଲୋଚନା କରିଛନ୍ତି। ବିଶ୍ୱସ୍ତରର ଅଶୋଧିତ ତୈଳର ସନ୍ତୁଳନ ଏବଂ ହାରାହାରି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦୁଇ ଦେଶ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା । ଭାରତ ଏବଂ ଓପେକ୍ ମଧ୍ୟରେ ଆସନ୍ତା ଉଚ୍ଚସ୍ତରୀୟ ବୈଠକ ଚଳିତବର୍ଷ ଶେଷ ଆଡ଼କୁ ଆୟୋଜନ କରିବା ପାଇଁ ବାର୍କିଣ୍ଡୋ ଇଚ୍ଛା ପ୍ରକାଶ କରିଛନ୍ତି । ଏହାସହ ଧର୍ମେନ୍ଦ୍ର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଇଡି ଫତେହ ବିରୋଲଙ୍କୁ ଭେଟି ବିଶ୍ୱ ବଜାରରେ ତୈଳ ଏବଂ ଗ୍ୟାସର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରି ଏହାର ସମୀକ୍ଷା କରିଛନ୍ତି।

## ୨ ପୁଅ, ମା'ଙ୍କ ମୃତଦେହ ମିଳିବା ଘଟଣା
# ସ୍ୱାମୀ ହିଁ ହତ୍ୟାକାରୀ
## ପ୍ରେମିକାଙ୍କ ସମେତ ୩ ଅଟକ

ଭବାନୀପାଟଣା,୧୦।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଂଝରଣ ଗ୍ରାମରେ ସୋମବାର ୨ ଶିଶୁଙ୍କ ସମେତ ସ୍ତ୍ରୀଙ୍କୁ ତଣ୍ଟି କାଟି ହତ୍ୟା କରିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲିଙ୍ଗ ମାଝିଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଏହାସହ ତାଙ୍କ ପ୍ରେମିକାଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଲିଙ୍ଗ ମାଝି।

ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଲିଙ୍ଗ ମାଝି ତାଙ୍କ ସ୍ତ୍ରୀ ବିମଳା ମାଝି ଓ ଦୁଇ ଶିଶୁ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨) ଙ୍କୁ ଛାଡି ୪ ମାସ ହେଲା ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସମ୍ପୃକ୍ତ ମହିଳା ଲିଙ୍ଗଙ୍କ ସହ ଗୋଟିଏ ମାସ ରହିବା ପରେ ପ୍ରଥମ ସ୍ୱାମୀ ନିକଟକୁ ଫେରି ଯାଇଥିଲେ। ପରେ ଲିଙ୍ଗ ଯେତେବେଳେ ସ୍ତ୍ରୀ ବିମଳାଙ୍କ ନିକଟକୁ ଯାଇ ପୂର୍ବ ଭଳି ଘର ସଂସାର କରି ରହିବା ପାଇଁ କହିଥିଲେ। ଏଥିରେ ବିମଳା ରାଜି ହୋଇ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମନାନ୍ତର ରହିବା ସହ ଅଶାନ୍ତି ଲାଗି ରହିଥିଲା। ୩ ମାସ ଧରି ଲିଙ୍ଗ ଭବାନୀପାଟଣାରେ ଏକା ରହୁଥିଲେ। ଗତ ରବିବାର ଲିଙ୍ଗ ସିଂଝରଣ ଗ୍ରାମସ୍ଥିତ ନିଜ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସ୍ତ୍ରୀ ବିମଳା ଶୋଇଥିବା ଅବସ୍ଥାରେ ପ୍ରଥମେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ବିମଳା ଅଚେତ ହୋଇଯିବା ପରେ ତାଙ୍କୁ ଟେକି ନେଇ ନିକଟସ୍ଥ ରେଳଧାରଣା ପର୍ଯ୍ୟନ୍ତ ନେଇ ଯାଇଥିଲେ। ରେଳଧାରଣା ନିକଟରେ ଏକ ଟାଙ୍ଗିଆରେ ସେ ବିମଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରିବା ପରେ ରେଳଧାରଣାରେ ମୃତଦେହକୁ ଆତ୍ମହତ୍ୟା ଭଳି ପକାଇ ଘରକୁ ଫେରିଆସିଥିଲେ। ଏପଟେ ଘରେ ଶୋଇଥିବା ଅବସ୍ଥାରେ ଦୁଇ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ରଙ୍କୁ ଟାଙ୍ଗିଆରେ ଗଳା କାଟି ହତ୍ୟା କରିଥିଲେ। ୩ ଜଣଙ୍କୁ ହତ୍ୟା କରିବା ପରେ ଲିଙ୍ଗ ରାତିରେ ହିଁ ଭବାନୀପାଟଣା ଫେରି ଆସିଥିଲେ। ଯୋଜନାବଦ୍ଧ ଭାବରେ ୩ ଜଣଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା ସେ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା ଘଟଣାକୁ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଝିଅକୁ ଧରି ନଦୀକୁ ଡେଇଁପଡ଼ିଲେ ମା'
## କାରଣ ଅସ୍ପଷ୍ଟ, ଉଭୟ ନିଖୋଜ

ନାଉଗାଁ,୧୦।୯(ସ୍ୱ.ପ୍ର.)

ନାଉଗାଁ ଥାନା ବଛାଳୋ ପଞ୍ଚାୟତ ପୋକାମୂଳ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜ ୫ମାସର ଶିଶୁକନ୍ୟାକୁ ଧରି ଦେବୀ ନଦୀକୁ ଡେଇଁପଡିଥିବା ଜଣାପଡ଼ିଛି। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପ୍ରଖର ସ୍ରୋତରେ ଉଭୟ ମା'ଓ ଝିଅ ଭାସିଯାଇଥିଲେ। ଅନ୍ଧାର ଯୋଗୁ ସେମାନଙ୍କ ପତ୍ତା ମିଳିନାହିଁ। ସେ ହେଲେ ଗ୍ରାମର ଅରକ୍ଷିତ ରାଉତଙ୍କ ସ୍ତ୍ରୀ ଇତି ରାଉତ। କେଉଁ କାରଣରୁ ସେ ନଦୀକୁ ଡେଇଁଲେ ତାହା ଜଣାପଡିନାହିଁ। ସରପଞ୍ଚ ନରୋତ୍ତମ କାଣ୍ଡିଙ୍କ କହିବା ଅନୁଯାୟୀ, ରାଶନ କାର୍ଡରେ ଆଧାର ସଂଯୋଗ ପାଇଁ ଇତି ନିଜ ଛୋଟ ଝିଅକୁ ଧରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ରାଶନ କାର୍ଡ ନମ୍ବର ନେଇ ନ ଥିବାରୁ ଆଧାର ସଂଯୋଗ ହୋଇପାରି ନ ଥିଲା। ତେଣୁ ଇତି ଘରକୁ ଫେରିଆସିଥିଲେ। ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଭାଗୁ ରାଉତ ଆଧାର ସଂଯୋଗ ପାଇଁ ବିଭିନ୍ନ କାଗଜପତ୍ର ଧରି ସରପଞ୍ଚଙ୍କ ଘରେ ପହଞ୍ଚିଥିଲେ। ଶ୍ୱଶୁର ଘରେ ଅନୁପସ୍ଥିତ ଥିବାବେଳେ ଇତି ନିଜ ୫ ମାସର ଝିଅକୁ ଧରି ଗ୍ରାମ ନିକଟରେ ପ୍ରବାହିତ ଦେବୀ ନଦୀକୁ ଡେଇଁ ପଡିଥିଲେ। ନଦୀକୂଳରେ ଗାଁର କେତେଜଣ ଯୁବକ ବସିଥିବାବେଳେ କ'ଣ ପଡ଼ିଲା ବୋଲି ଟର୍ଚ୍ଚ ଲାଇଟ ମାରି ଦେଖିବାବେଳକୁ ଇତି ଓ ତାଙ୍କ ଝିଅ ଭାସିଯାଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେମାନେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଭାଗୁ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଦମକଳ ବାହିନୀ ପକ୍ଷରୁ ପାଣିରେ ଖୋଜାଖୋଜି କରାଯାଇଛି। ତେବେ ରିପୋର୍ଟ ଲେଖାଯିବା ବେଳକୁ ମା'ଓ ଶିଶୁକନ୍ୟାଙ୍କ ପତ୍ତା ମିଳିନାହିଁ। ସୂଚନାଯୋଗ୍ୟ, ଇତିଙ୍କ ସ୍ୱାମୀ ବାହାରେ ରହି କାମ କରୁଛନ୍ତି। ତାଙ୍କର ଏକ ୫ ବର୍ଷ ବୟସର ପୁଅ ଅଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

କୁଜଙ୍ଗ,୧୦।୯(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ପାରିଅଙ୍ଗ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷଜମିରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଭୟ ପ୍ରଧାନ (୫୨)। ସେ ଧାନ ତଳି ରୋଇବାକୁ ଯିବା ସମୟରେ ଜମିରେ ଝୁଲି ରହିଥିବା ଏଲ୍‌ଟି ଲାଇନ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ପାଖ ଜମିରେ ଚାଷ କରୁଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଅଭୟଙ୍କ ପୁଅ ବିରଜା କୁଜଙ୍ଗ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଅଭୟ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ତାଙ୍କ ପିତାଙ୍କ ମୃତ୍ୟୁ ଘଟିଲା ବୋଲି ବିରଜା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାର ଉପରକୁ ଟାଣିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତାଙ୍କ ବିୟୋଗରେ ସରପଞ୍ଚ ପବିତ୍ର ସେଠୀ, ଆଲୋକ ସ୍ୱାଇଁ, ପ୍ରଭାସ ଗୋଛାୟତ, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଲକ୍ଷ୍ମୀଧର ପ୍ରଧାନ, କୃଷକ ନେତା ନୂତନ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚ ଭାରତ ଭୂଷଣ ନାୟକ, ଓକିଲ ସଂଘ ପୂର୍ବତନ ସଭାପତି ଏଏନ୍‌ଡି ଯାଦବ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।

### ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ନାଉଗାଁ,୧୦।୯(ସ୍ୱ.ପ୍ର.): ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ମଙ୍ଗୁଳିଆକଣ୍ଠା ସରିଆ ବରପାଟଣାରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କୁ କେହି ଆକ୍ରଣ କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଶରତ ଚନ୍ଦ୍ର ସାହୁ। ଏନେଇ ତାଙ୍କ ସ୍ତ୍ରୀ ରତନି ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶରତ ରାତିରେ ବାହାରକୁ ପରିସ୍ରା ଆସିଥିଲେ। ଏହି ସମୟରେ କେହି ଜଣେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିଥିଲେ। ତାଙ୍କ ଚିତ୍କାର ଶୁଣି ରତନୀ ବାହାରକୁ ଆସି ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଚାନ୍ଦା ଆଦାୟକୁ ନେଇ ଏପରି ହୋଇଥିବା କୁହାଯାଉଛି। ଶରତଙ୍କ ଏକ ସିମେଣ୍ଟ ଦୋକାନ, ଟ୍ରକ ଓ ଅନ୍ୟାନ୍ୟ ଗାଡ଼ି ରହିଛି। ସେ ଜଣେ ବ୍ୟବସାୟୀ ହୋଇଥିବାରୁ କେତେଜଣ ଯୁବକ ତାଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରୁଥିଲେ। କିଛିଦିନ ହେବ ସେ ଚାନ୍ଦା ଦେଇ ନ ଥିବାରୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏନେଇ କେସ୍ ନଂ. ୧୪୧/୧୯ ରୁଜୁ ହୋଇଛି। ଥାନା ଅଧୀକାରୀ ପ୍ରଜ୍ଞାରିତାମ୍ବର କର ଘଟଣାର ତଦନ୍ତ କରୁଛନ୍ତି।

### ୫ କିଲୋ ଗଞ୍ଜେଇ ଜବତ, ମହିଳା ଗିରଫ

ବାଲିକୁଦା,୧୦।୯(ସ୍ୱ.ପ୍ର.): ବାଲିକୁଦା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ମଲିକାପୁର ଗାଁରୁ ୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଚୋରା ଗଞ୍ଜେଇ ବ୍ୟବସାୟ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ହେଲେ ଅନ୍ନପୂର୍ଣ୍ଣା ସାହୁ। ସେ ଦୀର୍ଘଦିନ ହେଲା ଗଞ୍ଜେଇ ବିକ୍ରି କରୁଥିବା ବାଲିକୁଦା ଥାନା ଏସଆଇ ଚିରଞ୍ଜୀବ ବେହେରା ଖବର ପାଇଥିଲେ। ଏସଆଇ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅନ୍ନପୂର୍ଣ୍ଣାଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ମହରମ ପର୍ବ ପାଳିତ

ବିରିଡ଼ି,୧୦।୯ (ଡି.ଏନ.ଏ.): ବିରିଡ଼ି ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ବସ୍ତିରେ ମହରମ ପର୍ବ ପାଳିତ ହୋଇଛି। ଏହି ଉପଲକ୍ଷେ ମୁସଲମାନ ଭାଇମାନେ କୋରାନ ଓ ନମାଜ ପାଠ କରିଥିଲେ। ପରେ ସିରିଣୀ ଲାଗି କରାଯାଇଥିଲା। ପ୍ରତ୍ୟେକ ପରିବାର ଏହାକୁ ପାଇଥିଲେ। ୧୦ ଦିନ ଧରି ଏହି ପର୍ବ ପାଳନ କରାଯାଇ ମଙ୍ଗଳବାର ସମାପନ କରାଯାଇଥିଲା। ବେତମାଳିଆ ମୁସଲମାନ ବସ୍ତିରେ ତାଜିଆ ବାହରିବା ସହ ଆଖଡ଼ା କରାଯାଇଥିଲା। ଶୃଙ୍ଖଳାର ସହ ଏହି ପର୍ବ ପାଳିତ ହୋଇଥିବା ଜିଲା ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମୀର ଅଲ୍ଲୀ ପ୍ରକାଶ କରିଛନ୍ତି।

## ସାର କଳାବଜାରକୁ ନବନିର୍ମାଣ କୃଷକ ସଙ୍ଗଠନର ବିରୋଧ

# ବ୍ଲକ କୃଷି କାର୍ଯ୍ୟାଳୟ ଘେରାଉ

ନାଉଗାଁ,୧୦।୯(ସ୍ୱ.ପ୍ର.)

ସାର କଳାବଜାରକୁ ବିରୋଧ କରି ମଙ୍ଗଳବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନାଉଗାଁ ବ୍ଲକ ଦାଣ୍ଡୁଆ ପଡ଼ିଆଠାରେ ଥିବା କୃଷି କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ଗତ ଅଗଷ୍ଟ ୨୬ରେ ଅନୁଷ୍ଠିତ ଜନଶୁଣାଣିରେ ନାଉଗାଁ ବ୍ଲକ ସମେତ ଜଗତ୍‌ସିଂହପୁର ଜିଲାର ୮ ବ୍ଲକରେ ସରକାରୀ ସ୍ୱିକୃତିପ୍ରାପ୍ତ ସାର ଦୋକାନୀମାନେ ଦୋକାନର ନାମ ଓ ମୂଲ୍ୟସୂଚୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରିବାକୁ ଦାବି କରାଯାଇଥିଲା। କିନ୍ତୁ ଅଦ୍ୟାବଧି କୌଣସି ଦୋକାନୀ ଏହି ମୂଲ୍ୟସୂଚୀ ଲେଖି ନାହାନ୍ତି। ତେଣୁ ସାଧାରଣ ଚାଷୀ ସାର କିଣିବାକୁ ଆସି ଠକାମିର ଶିକାର ହେଉଛନ୍ତି। ବ୍ୟବସାୟୀମାନେ ସାର କଳାବଜାର କରୁଛନ୍ତି। ୟୁରିଆ ପ୍ୟାକେଟ ସରକାରୀ ମୂଲ୍ୟ ୨୫୬ ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଥିବାବେଳେ ଅସାଧୁ ବ୍ୟବସାୟୀମାନେ ୪୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରଙ୍କ ନିୟମକୁ କୌଣସି ଦୋକାନୀ ମାନୁନାହାନ୍ତି। ସେହିପରି ବ୍ଲକରେ ଥିବା ୬ କୃଷି ସମବାୟ ସମିତିର ସମ୍ପାଦକ ଗୋଦାମ ଗୃହ ନ ଥିବା ଦର୍ଶାଇ ସାର ଗଚ୍ଛିତ ରଖୁନାହାନ୍ତି। ଯଦି ଗୋଦାମ ଗୃହ ନାହିଁ, ତେବେ ମଣ୍ଡିରେ ଧାନ ବିକ୍ରି ସମୟରେ କୁଇଣ୍ଟାଲ ପିଛା ୩୧ ଟଙ୍କା ୫୦ ପଇସା କ'ଣ ପାଇଁ ସମବାୟ ସମିତି ନେଉଛି ଓ ତାହା କେଉଁ କାର୍ଯ୍ୟରେ ଲଗାଯାଉଛି ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ସରକାର ଚାଷୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି ବୋଲି ବଡ଼ ବଡ଼ ବିଜ୍ଞାପନ ମାଧ୍ୟମରେ ସୂଚନା ଦେଉଥିବାବେଳେ ଚାଷୀ ବାସ୍ତବରେ ଉପକୃତ ହେଉଛନ୍ତି କି ନାହିଁ ଅନୁଧ୍ୟାନ କରାଯାଉନାହିଁ। ବର୍ତ୍ତମାନ ଚାଷ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ସରକାରୀ ଅଧିକୃତ ସାର ବିକ୍ରେତାମାନେ ନିଜ ଦୋକାନ ଆଗରେ କାହିଁକି ମୂଲ୍ୟସୂଚୀ ପ୍ରଦର୍ଶନ କରୁନାହାନ୍ତି ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ତେଣୁ ତୁରନ୍ତ ମୂଲ୍ୟସୂଚୀ ଲଗାଇବା ସହ ସମବାୟ ସମିତିରେ ଆବଶ୍ୟକ ସାର ମହଜୁଦ ରଖିବାକୁ ସଙ୍ଗଠନ ଜିଲା ସହସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡା, ଉପଦେଷ୍ଟା ବଂଶୀଧର ବେହେରା, ନବକିଶୋର ମହାନ୍ତି, ପ୍ରଫୁଲ୍ଲ ପରିଡା, ବିଜୟ ମହାନ୍ତି, ଅକ୍ଷୟ ସ୍ୱାଇଁ, ମଙ୍ଗୁଳି ରାଉତ, ଶରତ ନାୟକ, ତ୍ରିଲୋଚନ ରାଉଳ, ଶରତ ଦାସ, ରଞ୍ଜିତ ମହାନ୍ତି, କୈଳାସ ଦାସ, ବିନୋଦ ସ୍ୱାଇଁ, ପ୍ରିୟ ରଞ୍ଜନ ମହାନ୍ତି, ଦୀପକ ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ ଓ ବ୍ଲକ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ସ୍ୱାଇଁ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ସହ ଖୁବ୍ ଶୀଘ୍ର ସାରର ମୂଲ୍ୟ ସୂଚୀ ଲେଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ୨ ଦିନ ମଧ୍ୟରେ ମୂଲ୍ୟସୂଚୀ ଲେଖା ନ ଯାଏ, ତେବେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।



ବ୍ଲକ କୃଷି କାର୍ଯ୍ୟାଳୟ ଆଗରେ ପ୍ରତିବାଦ ପ୍ରଦର୍ଶନ କରୁଥିବା ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

## ଜିଲାପାଳଙ୍କ ଜନଶୁଣାଣି : ୨୨୨ ଅଭିଯୋଗ

ଏରସମା,୧୦।୯(ସ୍ୱ.ପ୍ର.)

ଏରସମା ବ୍ଲକ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ୨୨୨ ଅଭିଯୋଗ ଶୁଣାଣି କରିଥିଲେ। ବିଭିନ୍ନ ଗ୍ରାମ ସମସ୍ୟା ସମ୍ପର୍କିତ ୧୭, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସମ୍ପର୍କିତ ୨୦, ରେଡକ୍ରସ ୨, ସାଧାରଣ ଯୋଗାଣ ବିଭାଗ ୫୨, ବିଜୁ ପକ୍କା ଘର ୪୨, ବାର୍ଦ୍ଧକ୍ୟ ଭତ୍ତା ୨୬, ସିଭିଲ ମ୍ୟାଟର ୧୧, ବିଦ୍ୟୁତ ୬, କାଳିଆ ଯୋଜନା ୫ ଓ ଅନ୍ୟାନ୍ୟ ୪୧ ଟି ଅଭିଯୋଗ କରାଯାଇଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଜାନକାଦେଈପୁର ପଞ୍ଚାୟତସ୍ଥିତ ନରସିଂହପୁର ଗ୍ରାମର ପ୍ରାଣକୃଷ୍ଣ ପ୍ରଧାନଙ୍କ ବୟସ ୭୨ ବର୍ଷ ହୋଇଥିଲେ ମଧ୍ୟ ସେ ଭତ୍ତା ପାଉନାହାନ୍ତି। ତାଙ୍କୁ ଜିଲାପାଳଙ୍କ ଭତ୍ତା ଦେବାର ବ୍ୟବସ୍ଥା କରିଥିଲେ। ଏରସମା ବଜାରର ଉଠା ବ୍ୟବସାୟୀଙ୍କୁ ଉପଯୁକ୍ତ ଥଇଥାନ କରିବା ପରେ ଦୋକାନ ଉଚ୍ଛେଦ କରାଯାଉ ବୋଲି ସଂଘ ପକ୍ଷରୁ ଜିଲାପାଳଙ୍କୁ ସଭାପତି କେଦାର ରାଉତ, ଦଶରଥ ଖଟୁଆ ଦାବିପତ୍ର ପ୍ରଦାନ କରିଥିଲେ। ଶିବିରରେ ବିଡିଓ କୈଳାସ ଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଏରସମା ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ମହାନ୍ତି, ସାଲାଇନ ବିଭାଗର ଏସଡିଓ ପ୍ରତାପ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି।



ନୂଆଦିଲ୍ଲୀରୁ ଫେରିଥିବା ଉପଭୋକ୍ତା ସୁରକ୍ଷା ଅଭିଯାନର ପ୍ରତିନିଧି ଦଳ।

## ଉପଭୋକ୍ତା ସୁରକ୍ଷା ଅଭିଯାନ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର, ୧୦।୯ (ଡି.ଏନ.ଏ.)

ଉପଭୋକ୍ତା ସୁରକ୍ଷା ଅଭିଯାନର ସଭାପତି ତଥା ସିସିଆଇ (କନଜ୍ୟୁମର କନଫେଡେରେଶନ ଅଫ ଇଣ୍ଡିଆ)ର ସମ୍ପାଦକ ବଂଶୀଧର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀସ୍ଥିତ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଫେରିବା ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ଓ କଲ୍ୟାଣ ପାଇଁ ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା ସଙ୍ଗଠନ ଗତ ୬ ତାରିଖରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆୟୋଜିତ ବୈଠକରେ ଯୋଗ ଦେଇଥିଲେ। ଏହି ପ୍ରତିନିଧି ଦଳ ଉପଭୋକ୍ତାଙ୍କ ସୁରକ୍ଷା ଓ କଲ୍ୟାଣ ଉଦ୍ଦେଶ୍ୟରେ ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶୱାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଖାଉଟିମାନଙ୍କ ସ୍ୱାର୍ଥର କଲ୍ୟାଣ ପାଇଁ କେନ୍ଦ୍ରୀୟ ଅନୁଦାନ, ରାଜ୍ୟର ସ୍ୱତନ୍ତ୍ର ବିକାଶ, ପରୀକ୍ଷାଗାର, ପାଠାଗାର, ଖାଉଟି କର୍ମୀ ତଥା ସଙ୍ଗଠନଗୁଡ଼ିକର ଚିହ୍ନଟୀକରଣ ଇତ୍ୟାଦି କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ସିସିଆଇ ପକ୍ଷରୁ ଓଡ଼ିଶା ଉପଭୋକ୍ତା ଆନ୍ଦୋଳନର ପ୍ରମୁଖ ବଂଶୀଧର ଆଚାର୍ଯ୍ୟଙ୍କୁ ଜାତୀୟ ଉପସଭାପତି ରୂପେ ଚୟନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ଅଭିଯାନର ସମ୍ପାଦକ ଗୋବିନ୍ଦ ଓଝା, ହୃଷୀକେଶ ପଣ୍ଡା, ଯାମିନୀକାନ୍ତ ନନ୍ଦ, ମହିଳା କଲ୍ୟାଣ ମହାସଂଘର ସମ୍ପାଦିକା ସ୍ନେହମୟୀ ଅଚାର୍ଯ୍ୟ, ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ର, ରାଜେଶ ଚୌଧୁରୀ ସାମିଲ ହୋଇଥିଲେ। ଏମାନେ ଦିଲ୍ଲୀରୁ ଫେରି ଓଡ଼ିଶାରେ ପହଞ୍ଚିବା ପରେ ଉପଭୋକ୍ତା ମହାସଂଘ ପକ୍ଷରୁ ନିରଞ୍ଜନ ବାରିକ, ବିଜନ ମହାପାତ୍ର, ପ୍ରଦୀପ ଦାସମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ବଟଦୁର୍ଗାଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ

ବାଲିଆ,୧୦।୯

ବିରିଡ଼ି ବ୍ଲକ ଚାନ୍ଦପୁର ନାଥସାହି (ଜାମୁଗୁରୁଡି)ଠାରେ ଗ୍ରାମର ବୟଜ୍ୟୋଷ୍ଠ ବ୍ୟକ୍ତି ଦେବେନ୍ଦ୍ର କୁମାର ନାଥଙ୍କ ଦ୍ୱାରା ୩୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲେ ମା' ବଟ ଦୁର୍ଗା। ସେବେଠାରୁ ପ୍ରତିବର୍ଷ ଦଶହରାରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଗଢାଯାଇ ପୂଜା କରାଯାଉଛି। ଚଳିତବର୍ଷ ମା'ଙ୍କ ମୂର୍ତ୍ତି ଗଢିବା ପାଇଁ ମାଟି ଅନୁକୂଳ କରାଯାଇଛି। ମା'ଙ୍କ ଅବସ୍ଥାନ ସ୍ଥଳରୁ ପାରମ୍ପରିକ ବାଦ୍ୟ, ଘଣ୍ଟ, ଢୋଲ, ମହୁରୀ ଓ ଶଙ୍ଖ ବଜାଇ କୁଳ ପୁରୋହିତ ପ୍ରଭାତ ଚନ୍ଦ୍ର କର, ପୂଜକ ଜ୍ଞାନରଞ୍ଜନ ମିଶ୍ର, ସମ୍ପଦ ନାଥ ଓ ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ମା'ଙ୍କ ପୁଷ୍କରିଣୀ ପାଖରେ ପହଞ୍ଚିଥିଲେ। ସେଠାରେ ଯଥା ବିଧି ପୂଜା କରାଯାଇ ମାଟି ଅନୁକୂଳ କାରାଯାଇଥିଲା। କର୍ତ୍ତା ସମ୍ପଦ ନାଥ ମାଟି ଉଠାଇ ମା'ଙ୍କ ବିଜେସ୍ଥଳରେ ସ୍ଥାପନ କରିଥିଲେ। ଦେବେନ୍ଦ୍ର ନାଥ, ସନ୍ତୋଷ ନାଥ, ପ୍ରତାପ ନାଥ, ପ୍ରଶାନ୍ତ ନାଥ, ସୁଚିତ୍ରା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବଟଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଉଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନ ଘଟଣା

## ପ୍ରତ୍ୟାହାର ଦାବିରେ ଅଭିଭାବକଙ୍କ ଧାରଣା

ମହାକାଳପଡା,୧୦।୯(ଡି.ଏନ୍.ଏ.)

ମହାକାଳପଡା ରାମନଗର ଉତ୍ତରପଡା ୟୁପି ସ୍କୁଲରେ ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମାଇତିଙ୍କୁ ନିଲମ୍ବନ କରିବା ଲାଗି ଗତ ଶନିବାର ଜିଲାପାଳ ବିଇଓଙ୍କୁ ନିର୍ଦ୍ଦେଶ ଦେଇ ଚିଠି (ନଂ– ୧୬୪୩) ପଠାଇଥିଲେ। ଏହି ନିର୍ଦ୍ଦେଶନାମା ନେଇ ସିଆରସିସି ପ୍ରମୋଦ କୁମାର ଜେନା ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚିବା ପରେ ଏହି ନିଲମ୍ବନ ଆଦେଶକୁ ମାଇତି ଗ୍ରହଣ କରି ନଥିଲେ। ଏଥିସହ ଆଦେଶ ପ୍ରତ୍ୟାହାର କରିବାକୁ ସେଠାରେ ଥିବା କିଛି ଅଭିଭାବକ ଦାବି କରିଥିଲେ। ଏନେଇ ଅଭିଭାବକମାନେ ଜେନାଙ୍କୁ ଅଟକ ରଖି ଧାରଣା ଦେଇଥିଲେ। ଏହା ଜିଲାପାଳଙ୍କ ନିର୍ଦ୍ଦେଶ ବୋଲି ସେ କହିବା ପରେ ଗ୍ରାମବାସୀ ତାଙ୍କୁ ଛାଡି ଦେଇଥିଲେ। ପରେ ଅଭିଭାବଙ୍କ ଏକ ଟିମ୍ ଅପରାହ୍ନରେ ଜିଲାପାଳ ସମର୍ଥ ବର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲା। ମାତ୍ର ସରକାରୀ ନିୟମର ଉଲ୍ଲଂଘନ କରିଥିବାରୁ ମାଇତିଙ୍କୁ ନିଲମ୍ବନ କରାଯାଇଛି ବୋଲି ଜିଲାପାଳ କହିଥିଲେ।

ସୂଚନାଯୋଗ୍ୟ, ଅଗଷ୍ଟ ୧୭ରେ ଶିକ୍ଷୟିତ୍ରୀ ମାଇତି ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ରାହୁଲ ବେହେରାଙ୍କୁ ଦୁଷ୍ଟାମି ପାଇଁ ମାଡ଼ ମାରିଥିଲେ। ଏଥିସହ ଗଣେଶ ପୂଜା ପାଇଁ ଚାନ୍ଦା ଆଦାୟ କରିଥିବା ନେଇ ଜିଲାପାଳଙ୍କଜନ ଶୁଣାଣି ଶିବିରରେ କିଛି ଅଭିଭାବକ ମାଇତି ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଗ୍ୟାସ୍ ବିତରକ ସଂସ୍ଥା ମାଲିକାଣୀଙ୍କୁ ହତ୍ୟା ଧମକ

ରଘୁନାଥପୁର, ୧୦।୯ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଜଇପୁର ହାଟ ପାଖରେ ଥିବା ଏମ୍.ଏସ. କିଙ୍ଗ ଇଣ୍ଡେନ ଗ୍ରାମୀଣ ଗ୍ୟାସ ବିତରକ ସଂସ୍ଥାକୁ ବୁଝାଶୁଝା କରୁଥିବା ଯୁବକ ସଂସ୍ଥାକୁ ବମ୍ ପକାଇ ଉଡାଇଦେବା ସହ ଏହାର ମାଲିକାଣୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏ ସମ୍ପର୍କରେ ସଂସ୍ଥାର ମାଲିକାଣୀ ସ୍ୱର୍ଣ୍ଣଲତା ବାରିକ ଗତ ୬ ତାରିଖରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ମାଲିକାଣୀ ବାରିକ ସଂସ୍ଥାକୁ ବୁଝାଶୁଝା କରିବାକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଦାୟିତ୍ୱ ଦେଇଥିଲେ। ତେବେ ଦୀର୍ଘ ବର୍ଷେ ଧରି ଯୁବକ ଜଣକ ସଂସ୍ଥାର ହିସାବ ନ ଦେଇ ଗଡେଇ ଚାଲିଥିଲେ। ବାଧ୍ୟ ହୋଇ ସଂସ୍ଥାକୁ ନିଜ ଅକ୍ତିଆରକୁ ବାରିକ ନେଇଥିଲେ। ତେବେ ସମ୍ପୃକ୍ତ ଯୁବକ ଏଥିରେ ଉତ୍କ୍ଷିପ୍ତ ହୋଇ ବିତରଣ ସଂସ୍ଥାକୁ ବମ୍ ପକାଇ ଉଡାଇ ଦେବାକୁ ମାଲିକାଣୀ ବାରିକଙ୍କୁ ଧମକ ଦେବା ପରେ ବାଧ୍ୟ ହୋଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାଲିକାଣୀ ବାରିକଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବକ ପ୍ରଥମେ ବିଶ୍ୱାସଭାଜନ ହୋଇ କାର୍ଯ୍ୟରେ ଅଗ୍ରଗତି ହେବା ପରେ ମାଲିକାଣୀଙ୍କ ସରଳତାର ସୁଯୋଗକ୍ରମେ ସମସ୍ତ ଓରିଜିନାଲ କାଗଜପତ୍ର ହାତେଇ ନେଇଥିଲେ। ଏହାଛଡା ବ୍ୟାଙ୍କରେ ଥିବା ମାଲିକାଣୀଙ୍କ ସ୍ୱାକ୍ଷରକୁ ଚଞ୍ଚକତା କରି ନିଜେ କାରବାର କରୁଥିଲେ। ବର୍ତ୍ତମାନ ସଂସ୍ଥାରେ ୫ ହଜାରରୁ ଉର୍ଦ୍ଧ୍ୱ କନେକ୍‌ଶନ ଦିଆଯାଇଥିବାବେଳେ ପ୍ରତ୍ୟେକ ଥର ଲାଭ ହେଉନି କହି ଯୁବକ ଜଣକ କଥାକୁ ଆଡେଇ ଦେଉଥିଲେ ବୋଲି ମାଲିକାଣୀ ବାରିକ ଅଭିଯୋଗ କରିଛନ୍ତି। ଅଦ୍ୟାବଧି ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାରେ ଶିଥିଳତା ଅନୁଭବ କରାଯାଉଥିବା ବେଳେ, ଉକ୍ତ ଯୁବକଙ୍କ ହାତରୁ ସଂସ୍ଥା ପଳାଇ ଯାଇଛି। ଏଥିରେ ଉତ୍କ୍ଷିପ୍ତ ହୋଇ ମାଲିକାଣୀଙ୍କ ପରିବାର ବର୍ଗଙ୍କୁ ଧମକ ଚମକ ଦିଆଯାଉଥିବା ସମ୍ପର୍କରେ ବାରିକ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ତିର୍ତ୍ତୋଲ ଥାନା ଆଇଆଇସି କେ.ପି. ମିଶ୍ରଙ୍କୁ ପଚାରିବାରେ ସଂସ୍ଥାର ମାଲିକାଣୀ ବାରିକଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ପ୍ରଗତି କ୍ଲବର ରଜତ ଜୟନ୍ତୀ

ବିରିଡ଼ି,୧୦।୯ (ଡି.ଏନ.ଏ)

ବିରିଡ଼ି ବ୍ଲକ ସଢେଇଶାସନ ପ୍ରଗତି କ୍ଲବ ତରଫରୁ ଏବର୍ଷ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ୨୫ ବର୍ଷ ପୂର୍ତ୍ତି ଅବସରରେ ସୋମବାର କ୍ଲବର ରଜତ ଜୟନ୍ତୀ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା। ସୁକାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି, ଅଧ୍ୟାପକ ଡ. ବିଶ୍ୱଜିତ ରାୟ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଜିତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷର ଉତ୍ତମ ସଙ୍ଗଠକ ଭାବେ ପପୁନା ମଲ୍ଲିକ ଓ ଦୀପକ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋହିତ ଦାସ, ତୁଷାର ଧାରୁଆ, ଅନ୍ତର୍ଯ୍ୟାମୀ ମଲ୍ଲିକ, ସୌମ୍ୟଜିତ ସ୍ୱାଇଁ, ପ୍ରଶାନ୍ତ ଓଝା, ଦିଲୀପ ରାଉତ, ବିଶ୍ୱନାଥ ସ୍ୱାଇଁ, ଦେବବ୍ରତ ନାୟକ, ସୁଜିତ ସ୍ୱାଇଁ, ବିଶ୍ୱମୋହନ ଓଝା, ରଶ୍ମୀରଞ୍ଜନ ଓଝା, ଦୀପକ ରାଉତ ପରିଚାଳନାରେ ସହାୟତା କରିଥିଲେ। ସୂର୍ଯ୍ୟକୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବଟି ପାଇଁ ଯୁବକଙ୍କୁ ଆକ୍ରମଣ ଅଭିଯୋଗ

## ସ୍କୁଲରେ ତାଲା ପକାଇଲେ ମହିଳା

ବାଲିକୁଦା,୧୦।୯(ସ୍ୱ.ପ୍ର.)

ଠିକାଦାରି କାମରେ ବଟି ଆଦାୟକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ମଙ୍ଗଳବାର ବାଲିକୁଦା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଆହତ ଯୁବକ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ରାହାଣ ପଞ୍ଚାୟତ ମୁରୁଣିଆ ଗାଁର ଭଞ୍ଜ କୁମାର ସ୍ୱାଇଁ(୩୫)। ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଚାଲିଛି। ବ୍ଲକ ପକ୍ଷରୁ ଏହି କାର୍ଯ୍ୟ କରାଯାଉଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ଭଞ୍ଜ ସେହି କାମ ଦାୟିତ୍ୱ ନେଇଛନ୍ତି। ସକାଳେ ସେ କାର୍ଯ୍ୟସ୍ଥଳରେ ଛିଡ଼ା ହୋଇଥିଲେ। ଏହି ସମୟରେ ରାହାଣ ଗାଁର ବିଭୁତି ବେହେରା, ଈଶ୍ୱର ବେହେରା ଓ ପବନି ବେହେରା ପହଞ୍ଚି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ବଟି ମାଗିଥିଲେ। ଭଞ୍ଜ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ପରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିଲେ। ସ୍କୁଲରେ ଗଣ୍ଡଗୋଳ ହେଉଥିବା ଖବରପାଇ ଗାଁର ମହିଳାମାନେ ପହଞ୍ଚିଥିଲେ। ସେମାନେ ଶିକ୍ଷୟିତ୍ରୀ ଓ ପିଲାମାନଙ୍କୁ ଶ୍ରେଣୀଗୃହରୁ ବାହାର କରି ସ୍କୁଲରେ ତାଲା ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପକ୍ଷରୁ ଅନନ୍ତପୁର ଫାଣ୍ଡିରେ ପାଲଟା ଅଭିଯୋଗ କରାଯାଇଛି। ଆକ୍ରମଣରେ ବିଭୁ ମଧ୍ୟ ଆହତ ହୋଇଥିବା ତାଙ୍କ ଦାଦା ବାବାଜୀ ବେହେରା ଅଭିଯୋଗ କରିଛନ୍ତି।

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

ତିର୍ତ୍ତୋଲ,୧୦।୯(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତ ଖଣ୍ଡାସାହି, ଆହାଣା, ବାଲିଝରି, ଦଣ୍ଡମୀର ଆଦି ଗ୍ରାମରେ ଚୋରା ମଦ ଓ ମାଦକ ଦ୍ରବ୍ୟ କାରବାର ବୃଦ୍ଧିପାଇବାରେ ଲାଗିଛି। ଏହାକୁ ବିରୋଧ କରି ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ମଙ୍ଗଳବାର ମଦ ବିରୋଧୀ ଆନ୍ଦୋଳନ କରିଛନ୍ତି। ସେମାନେ ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ତିର୍ତ୍ତୋଲ ଥାନା ପରିସରକୁ ଯାଇ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ପଞ୍ଚାୟତରେ ଚୋରା ମଦ ଓ ମାଦକ ଦ୍ରବ୍ୟ ବିକ୍ରି ହେବା ଦ୍ୱାରା ମଦ୍ୟପଙ୍କ ସୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ମାଦକ ଦ୍ରବ୍ୟର ଶୀକାର ହୋଇ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ମହିଳାମାନେ ଘରୁ ବାହାରି ପାରୁନାହାନ୍ତି। ବିଶେଷ କରି ତ୍ରିନାଥ ମନ୍ଦିର ଛକ ଖଣ୍ଡାସାହି ସ୍କୁଲ ନିକଟରେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଛାତ୍ରୀମାନେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ତିର୍ତ୍ତୋଲ ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ରଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। ମିଶ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ମହିଳାମାନେ ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ଦାବି ଜଣାଉଛନ୍ତି।



ରୋହିତ ସେଟ୍ଟୀଙ୍କ ସହ କାମ କରିବାକୁ ମୋତେ ବହୁତ ଭଲ ଲାଗେ।

-ଆୟୁଷ୍ମାନ୍ ଖୁରାନା,
ଫିଲ୍ମ ଅଭିନେତା



# ବହି କିଣିବାକୁ ଚାପ ପ୍ରୟୋଗ କଲେ ସ୍କୁଲ ଦେବ ଜରିମାନା

ପାଟନା



ପାଟନା ଡିଭିଜନର ବେସରକାରୀ ସ୍କୁଲ୍ ଆଗାମୀ ସେଶନ୍‌ରେ ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରିପାରିବେ ନାହିଁ ବୋଲି ଡିଭିଜନ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟଠାରୁ ବେଶି ବୃଦ୍ଧି କରିବାକୁ ହେଲେ ତା'ର କାରଣ ଜଣାଇବାକୁ ପଡିବ ଓ ଡିଭିଜନର ମୁଖ୍ୟଙ୍କ ବିନା ଅନୁମତିରେ ଯଦି ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଟନା, ନାଲନ୍ଦା,ଭୋଜପୁର,ବକ୍ସର, ରୋହତାସ ଓ କୈମୁର ଜିଲାର ବେସରକାରୀ ସ୍କୁଲ ଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ବର୍ଷର ଦେୟ ବୃଦ୍ଧି ଲାଗି ନଭେମ୍ବର ୩୦ ସୁଦ୍ଧା ପ୍ରସ୍ତାବ ଦେବା ପାଇଁ କୁହାଯାଇଛି । ଅଭିଭାବକମାନେ ନିଜ ଇଚ୍ଛାରେ ଦେକାନରୁ ବହି ଓ ଖାତା କିଣିପାରିବେ। ସ୍କୁଲ ସେମାନଙ୍କ ଜଣାଶୁଣା ଦୋକାନରୁ ଏସବୁ କିଣିବା ଲାଗି ଚାପ ପକାଇ ପରିବନାହିଁ। ଯଦି ପକାନ୍ତି , ଅଭିଯୋଗ ଆସିଲେ ପ୍ରଥମ ଥର ୧ ଲକ୍ଷ ଓ ଦ୍ୱିତୀୟ ଥର ଅଭିଯୋଗ ହେଲେ ୨ ଲକ୍ଷ ଟଙ୍କା ଜରିମାନା ଦେବେ । ଏ ବାବଦରେ ତୃତୀୟଥର ଅଭିଯୋଗ ହେଲେ ସ୍କୁଲର ଆଫିଲେଶନ ରଦ୍ଦ କରାଯିବ। ପ୍ରତ୍ୟେକ ସ୍କୁଲ୍ ନିଜ ୱେବ୍‌ସାଇଟ ଖୋଲିବେ । ଏଥିରେ ଦେୟ ବାବଦରେ ସବୁ ବିବରଣୀ ପ୍ରଦାନ କରିବେ ଓ ଏହାର ଏକ କପି ନୋଟିସ ବୋର୍ଡରେ ବି ଲଗାଇବେ । ଛାତ୍ରୀ ଓ ଛାତ୍ରଙ୍କ ଲାଗି ଅଲଗା ଅଲଗା ଟଏଲେଟ କରିବାକୁ ପଡିବ। ଛାତ୍ରୀଙ୍କ ଟଏଲେଟ ସଫା କରିବା ପାଇଁ ମହିଳା ସଫେଇକର୍ମୀ ନିଯୁକ୍ତ ହେବେ। ଛାତ୍ରୀଙ୍କ ପାଇଁ ମହିଳା କାଉନସିଲର ବି ରହିବେ । ସ୍କୁଲର କାର୍ଯ୍ୟରତ ଗାର୍ଡ,ସଫେଇକର୍ମୀ,ଡ୍ରାଇଭର,ପିଅନଙ୍କ ଠିକଣା ୧୫ ଦିନ ମଧ୍ୟରେ ଥାନାରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସ୍‌ରେ ମ୍ୟୁଜିକ ସିଷ୍ଟମ ବି ରହିବନି। ଜିଲା ପରିବହନ ଅଧିକାରୀ ବସ୍‌ର ଯାଞ୍ଚ କରିବେ। ଯଦି ଏହାର ଉଲ୍ଲଂଘନ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲରେ ବୃଦ୍ଧି ପାଉଥିବା ଅପରାଧ ଆଶଙ୍କା କମ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

# ଟୁଇଟରରେ ବଢୁଛି ମୋଦିଙ୍କ କ୍ରେଜ୍



## ବିଶ୍ୱର ତୃତୀୟ ଲୋକପ୍ରିୟ ନେତା

**ନୂଆଦିଲ୍ଲୀ:** ମାଇକ୍ରୋ ବ୍ଲଗିଂ ଆକାଉଣ୍ଟ ଟୁଇଟରରେ ବିଶ୍ୱର ସବୁଠୁ ଅଧିକ ଫଲୋଅର୍ସ ଥିବା ନେତାଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ବର୍ଷକ ମଧ୍ୟରେ ୬୦ ଲକ୍ଷ ଟୁଇଟର ୟୁଜର୍ସ ମୋଦିଙ୍କୁ ଫଲୋ କରିଥିବାବେଳେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୫ କୋଟିରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ୬ କୋଟି ୪୦ ଲକ୍ଷ ଫଲୋଅର୍ସ ଥିବାବେଳେ ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦ କୋଟି ୮୦ ଲକ୍ଷ ଫଲୋଅର୍ସ ଥିବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରଥମ ସ୍ଥାନରେ ଅଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୯ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଟୁଇଟର ବ୍ୟବହାର ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ବେଶ୍ ସକ୍ରିୟ ରହିଛନ୍ତି। ଫେସ୍‌ବୁକ୍‌ରେ ତାଙ୍କର ୩ କୋଟି ୪୦ ଲକ୍ଷ ପ୍ରଶଂସକ ଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ୨କୋଟି ୫୦ ଲକ୍ଷ ଫଲୋଅର୍ସ ଅଛନ୍ତି। ମୋଦି ପାର୍ଲାମେଣ୍ଟ ଭିତରେ ଏକ ଛୋଟ ପିଲା ସହ ଖେଳୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏହି ଫଟୋକୁ ସବୁଠୁ ଅଧିକ ଲାଇକ୍ ମିଳିଥିଲା।

# ଚାଇନାର ସବୁଠୁ ଧନୀ ବ୍ୟବସାୟୀ ଜ୍ୟାକ୍ ମା



**ବେଜିଂ:** ଅଭାବ ଅନଟନର ଦ୍ୱାହି ଦେଇ ସଂଘର୍ଷ କରିବାକୁ ପଛଘୁଞ୍ଚା ଦେଉଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକ ଉଦାହରଣ ହେଉଛନ୍ତି ଜ୍ୟାକ୍ ମା। ବାଲ୍ୟକାଳରୁ ଏକ ଦୁର୍ବଳ ଛାତ୍ର, ଯିଏ କି ଏକାଧିକ ଥର ଶ୍ରେଣୀରେ ଫେଲ୍ ହୋଇଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଜଣେ ଇଂଲିଶ ଶିକ୍ଷକ ହୋଇପାରିଲେ। କେବଳ ଏତିକି ନୁହେଁ, ସେ ଜୀବନ ସହ ସଂଘର୍ଷ କରି, ସବୁ ପ୍ରତିକୂଳ ପରିବେଶକୁ ନିଜ ସପକ୍ଷରେ କରି ଚାଇନାର ସବୁଠାରୁ ବଡ଼ ଧନୀ ହେବା ସହ ସଫଳ ବ୍ୟବସାୟୀ ମଧ୍ୟ ହୋଇପାରିଲେ।

ଆଲିବାବା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଲୋକପ୍ରିୟ ବ୍ୟବସାୟୀ ଜ୍ୟାକ୍ ମା ୨୦୧୯ ସେପ୍ଟେମ୍ବର ୧୦ ତଥା ନିଜ ୫୫ତମ ଜନ୍ମଦିବସରେ ନିଜ କମ୍ପାନୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଆଲିବାବା କମ୍ପାନୀ ଆରମ୍ଭ କରିବା ପୂର୍ବରୁ ଜ୍ୟାକ୍ ମା ଶିକ୍ଷକତା କରୁଥିଲେ। ପିଲାବେଳେ ତାଙ୍କର ପାଠ ହେଉ ନ ଥିବାରୁ ସେ ଅନେକ ଥର ଶ୍ରେଣୀରେ ଫେଲ୍ ହୋଇଛନ୍ତି। ପରେ ସଂକଳ୍ପ ଓ ସଂଘର୍ଷ କରି ସେ ଜଣେ ସଫଳ ଶିକ୍ଷକ ହୋଇପାରିଥିଲେ। ଶିକ୍ଷକତା କରୁଥିବା ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଆବେଦନ କରୁଥିଲେ। କେଏଫ୍ ସି ଭଳି ପ୍ରାୟ ୩୦ଟି କମ୍ପାନୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିରେ କିନ୍ତୁ ଜ୍ୟାକ୍ ଭାଙ୍ଗି ପଡ଼ି ନ ଥିଲେ। ବ୍ୟବସାୟ ପାଇଁ ମନବଳାଇ ନିଜର ୧୭ଜଣ ବନ୍ଧୁଙ୍କ ସହ ମିଶି ୧୯୯୯ରେ ଚାଇନାର ଝେଜିୟାଂଗର ହାଙ୍ଗଝୁଙ୍ଗ୍‌ରେ ଏକ ଆପାର୍ଟମେଣ୍ଟର ଛୋଟ ରୁମ୍‌ରୁ ଅନ୍‌ଲାଇନ୍ କମ୍ପାନୀ 'ଆଲିବାବା' ଆରମ୍ଭ କରିଥିଲେ। ତେବେ ସବୁଠାରୁ ମଜାକଥା ହେଲା ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାର ନିଷ୍ପତି ନେବାବେଳେ ଜ୍ୟାକ୍‌ଙ୍କ କମ୍ପ୍ୟୁଟର ଜ୍ଞାନ ମଧ୍ୟ ସେତେଟା ନ ଥିଲା। ଜ୍ୟାକ୍ ୨୦୧୩ ଯାଏ ଅଲିବାବା କମ୍ପାନୀର ଅଧ୍ୟକ୍ଷ ରହିଲେ। ୨୦୧୪ରେ ସେ 'ଜ୍ୟାକ୍ ମା ଫାଉଣ୍ଡେଶନ୍' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ। ଏବେ ଅବସର ନେବା ପରେ ଏହି ଫାଉଣ୍ଡେଶନ୍‌କୁ ଜ୍ୟାକ୍ ନିଜର ସମ୍ପୂର୍ଣ୍ଣ ସମୟ ଦେବେ। ଶିକ୍ଷା କ୍ଷେତ୍ରରେ ଲୋକଙ୍କୁ ସେବା ଯୋଗାଇବା ଏହି ସଂସ୍ଥାର ମୂଳ ଉଦ୍ଦେଶ୍ୟ। ଆମ ସମସ୍ତଙ୍କୁ ଜ୍ୟାକ୍ ମାଙ୍କ କାହାଣୀରୁ ଅନୁପ୍ରାଣିତ ହେବା ଉଚିତ୍।

**ଶ୍ରେଣୀରେ ଅନେକଥର ଫେଲ୍, ୩୦ କମ୍ପାନୀଠାରୁ ପ୍ରତ୍ୟାଖ୍ୟାତ**

# ମୃତ ବ୍ୟକ୍ତିଙ୍କ ନାମରେ ମାମଲା



କୋର୍ଟରୁ ଆସିଛି ନୋଟିସ

ପାଟନା: ମୃତକ ହିତାଧିକାରୀ ହୋଇ ରାଶନ, ଘର ତଥା ଭତ୍ତା ପାଇବା କଥା ଶୁଣିଛନ୍ତି। ମାତ୍ର ମୃତକଙ୍କ ନାମରେ କେସ୍ ହେବା କଥା କେବେ ଶୁଣିଛନ୍ତି କି? ବିହାରରେ ଘଟିଛି ଏମିତି ଏକ ଘଟଣା। ମୃତ ବ୍ୟକ୍ତିଙ୍କ ନାମରେ କେସ୍ କରି ପୋଲିସ ତା' ଅପାରଗ ପଣିଆ ପଦାରେ ପକାଇ ଦେଇଛି। ପାଟନା ଜିଲାର ବରହ ଅଞ୍ଚଳରେ ଶାନ୍ତି ଭଙ୍ଗ ପାଇଁ ପୋଲିସ ଏଫ୍‌ଆଇଆରରେ୍ ପାଞ୍ଚଜଣଙ୍କ ସହ ଜଣେ ମୃତ ବ୍ୟକ୍ତିଙ୍କ ନାମ ସାମିଲ କରିଥିଲା । ମୃତ ବ୍ୟକ୍ତିଙ୍କ ନାମ ଅଜୟ କୁମାର ଯାଦବ। ଏହାପରେ ୧୦୭ ଧାରାରେ ଏହି ୬ ଜଣଙ୍କ ନାମରେ କେସ୍ ଦାଏର କରି କୋର୍ଟରେ ଦାଖଲ କରିଥିଲା। ବରହ ଅଞ୍ଚଳରେ ମନ୍ଦିରକୁ ଦିଆଯାଉଥିବା ଦାନକୁ ନେଇ ଏକ ବିବାଦୀୟ ପରିସ୍ଥିତିରେ ଶାନ୍ତି ଭଙ୍ଗ ହେବା ଆଶଙ୍କା କରି ଏହି କେସ କରାଯାଇଥିଲା। ପୋଲିସ କୋର୍ଟ ଏବେ ଅଜୟଙ୍କ ନାମରେ ନୋଟିସ ପଠାଇ ସେପ୍ଟେମ୍ବର ୧୧ରେ ହାଜର ହେବାକୁ ନେର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଘର ଲୋକ ଏହି ନୋଟିସ ପାଇବା ପରେ ଅଜୟଙ୍କର ୫ ବର୍ଷ ହେବ ମୃତ୍ୟୁ ହୋଇଛି ବୋଲି ଜଣାଇଛନ୍ତି। ଅଜୟଙ୍କ ମୃତ୍ୟୁ ହୋଇଥିଲେ ବି ପୋଲିସ ଅଜୟଙ୍କ ନାମରେ ଜାନୁୟାରୀ, ୨୦୧୯ରେ ଏଫ୍‌ଆଇଆର୍ ଦାଏର କରିଛି ବୋଲି ତାଙ୍କ ପିତା ରାମକୃଷ୍ଣ ଯାଦବ କହିଛନ୍ତି। ବରହ ଥାନା ଏସ୍‌ଏଚଓ ସଞ୍ଜିତ କୁମାର ଏହି ଘଟଣାକୁ ଏକ ତ୍ରୁଟି ବୋଲି ଦର୍ଶାଇ ତାହାକୁ ଠିକ୍ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ନ୍ୟୁୟର୍କରୁ କ୍ୟାନ୍‌ସର ଚିକିତ୍ସା ସାରି ଘର ବାହୁଡ଼ିଲେ ଋଷି

**ମୁମ୍ବାଇ:** ସାରା ବଲିଉଡ୍ ଓ ଋଷିଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ବି-ଟାଉନର କପୁର ପରିବାରରେ ମଧ୍ୟ ଖୁସିର ମାହୋଲ୍ ରହିଛି। କାରଣ ପ୍ରାୟ ବର୍ଷେ ପରେ ନ୍ୟୁୟର୍କରୁ କ୍ୟାନ୍‌ସରର ସଫଳ ଚିକିତ୍ସା କରାଇ ଭାରତ ଫେରିଛନ୍ତି ଅଭିନେତା ଋଷି କପୁର। ଏଥିପାଇଁ ସୋସିଆଲ ମିଡିଆରେ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।

ସୂଚନାଥାଉ କି, କ୍ୟାନ୍‌ସର ପୀଡ଼ିତ ଋଷି କପୁର ପ୍ରାୟ ୧ବର୍ଷ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ବାପା ଋଷି କପୁରଙ୍କୁ କ୍ୟାନ୍‌ସର ହୋଇଥିବା ସୂଚନା ମିଳିବା କ୍ଷଣି ପୁଅ ରଣବୀର କପୁର ତାଙ୍କୁ ନ୍ୟୁୟର୍କକୁ ଚିକିତ୍ସା ପାଇଁ ପଠାଇଥିଲେ। ସୂଚନା ଅନୁସାରେ ଦିଲ୍ଲୀରେ ଏକ ଫିଲ୍ମର ଶୁଟିଂ ଚାଲିଥିବାବେଳେ ରଣବୀର ଏବଂ ତାଙ୍କ ପରିବାରର କିଛି ସଦସ୍ୟ ଦିଲ୍ଲୀରେ ଆସି ପହଞ୍ଚିଥିଲେ। ସେମାନେ ଫିଲ୍ମ ପ୍ରଯୋଜକଙ୍କ ସହ କଥା ହୋଇ ଋଷିଙ୍କ କ୍ୟାନ୍‌ସର ବାବଦରେ ସମସ୍ତ ବିଷୟ ଜଣାଇଥିଲେ। ସେହି ଦିନ ସନ୍ଧ୍ୟା ସୁଦ୍ଧା ସମସ୍ତେ ମିଶି ଋଷିଙ୍କୁ ମୁମ୍ବାଇ ନେଇଆସିଥିଲେ ଏବଂ ଯଥାଶୀଘ୍ର ତାଙ୍କୁ ନ୍ୟୁୟର୍କ ପଠାଇଥିଲେ। ରଣବୀର ବାପା ଋଷିଙ୍କୁ ନୂଆ ଫିଲ୍ମର ଶୁଟିଂ ଛାଡ଼ି ନ୍ୟୁୟର୍କରେ ଚିକିତ୍ସା ପାଇଁ ବାଧ୍ୟ କରିଥିଲେ। ତେବେ ଚିକିତ୍ସା ସମୟରେ ମଧ୍ୟ ସେ ନିଜ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଜରିଆରେ ଯୋଡ଼ି ହୋଇ ରହିଥିଲେ।




# ଧରିତ୍ରୀ DHARITRI — CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385, 7894447169
Email : advt@dharitri.com

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

**REFCEM® SITUATION VACANT**
Since 1983...
RRPL, Bhubaneswar invites application for the following Posts;

| | Post | Qualification | Experience |
|---|---|---|---|
| 1. | Accountant | B.com with Tally & above | Min 5 yrs |
| 2. | Welder, Cutter & Electrician | ITI & Diploma | Min 5 yrs |

Salary is based on industry and experience.
Mail your CV / Contact on:
rrpl2019@rediffmail.com
Contact: 7381095402 & 7381095422

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
ଭୁବନେଶ୍ୱରରେ ପ୍ରତିଷ୍ଠିତ କମ୍ପାନୀର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୟ କରିବା ପାଇଁ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା (+2) ରହିବା ସୁବିଧା ଅଛି। ଦରମା ମାସିକ 15,000/- Contact :
7978049094, 9178362001

Need an experienced (10yrs. or more)
**DRIVER in BBSR**
to drive personal cars.
- One should not have any bad habit.
- He should be highly disciplined and sober.
- Should be ready to help in household works.
- Should have a good character.
- Valid Driving License and Adhaar Card are needed.

*Salary is negotiable.*
Contact: 9437180218

**VACANCY**
An accounting firm requires an experienced **Data Entry Operator** having experience in operation of Tally package and drafting of letters.
Apply with confidence to
**Box No. 386, DHARITRI,**
B-15, Industrial Estate,
Rasulgarh, Bhubaneswar-10.

**URGENTLY REQUIRED FOR REAL ESTATE COMPANY**
Related Jobs
1. ACCOUNTS MANAGER (Male), 2. JUNIOR ACCOUNTANT (Male), 3. FRONT OFFICE EXECUTIVE (Ladies), 4. SUPERVISOR (Male), 5. COOK (Male).
Experience needed 2 to 3 years
**SHREEHARI CONSTRUCTIONS**
Shreehari Bihar, Batamangala, Puri- 752002
Mail ID: shreeharipuri@gmail.com, Contact No. 9439537644 / 9861796270
Send CV with colour photograph to this above address or Email id.

ପୁରୀ ସହରରେ ବୟସ୍କ ଦମ୍ପତିଙ୍କ ସହିତ ରହି ଗୃହ କର୍ମରେ ସହଯୋଗ କରିବା ପାଇଁ ଜଞ୍ଜାଳ ନଥିବା କର୍ମନିପୁଣା
**ମହିଳା ଆବଶ୍ୟକ।**
ଯୋଗାଯୋଗ କରନ୍ତୁ
8763329788

**PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER**
For Pre-Cast Manufacturing Unit
Two-Wheeler must; All Odisha
CONTACT :
9040019196 / 9778821577

**WALK IN INTERVIEW**
**HOTEL PURI BEACH RESORT PVT. LTD.**
New Marine Drive Road, Near Light House, Puri
▶ Housekeeping Supervisor, ▶ Room Boy, ▶ Store Keeper & Restaurant Supervisor, ▶ Laundry man, ▶ Accountant, ▶ Security Guard.
A walk in interview will be held at **Hotel campus on dt.16.09.2019, 10.30AM** for the above posts. Candidates should have experience of 2 years for all posts.
Contact: MD- 9437444444
S.K. Mishra- 9937231888

**APPOINTMENT**
**Need the following personnel for** SALES.
SALES OFFICER :
Graduate having minimum 1-2 years experience in consumer durable/FFCG/Furniture industry/Lights division will be preferred. He must have the ability to develop & manage the dealer network with good knowledge of sales & marketing.
In case of experience candidate qualification no bar.
*Please send your Biodata within 7 days to*
PATRIOT
Rajpath Group SCR-14, Surya Nagar, 1st Floor Bhubaneswar-751003,
Email: hrd@rajpathgroup.in
Mob.: 9337724585

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
**OMI MANAGEMENT**
Plot no : 551, Samantarapur
Chhak, Behind Reliance Fresh, Bhubaneswar
Ph : 7992848615, 9114237051

**ସଫେଇ କର୍ମଚାରୀ ଆବଶ୍ୟକ**
ରାୟଗଡ ନଗର ନିଗମ (ଛତିଶଗଡ) ରେ ସହରର ସଫେଇ କାର୍ଯ୍ୟ ପାଇଁ ଏକ ସଂସ୍ଥାରେ ୨୦ ରୁ ୫୦ ସଫେଇ କର୍ମଚାରୀ ଆବଶ୍ୟକ । ରହିବା, ଖାଇବା ସହ ଦରମା ୧୦,୦୦୦/- ଦିଆଯିବ
ବର୍ଫାନୀ ସିକ୍ୟୁରିଟି ସର୍ଭିସ୍ । ଯୋଗାଯୋଗ - ପ୍ରିୟରଞ୍ଜନ ଦାସ (Supervisor)
7735833199 (11AM - 2PM)

**RECRUITMENT NOTICE**

**Kaapro** invites online applications for Water Testing Laboratory at State, District and Sub-Divisional Laboratories under Rural Water Supply and Sanitation (RWSS), Panchayati Raj & Drinking Water Department, Government of Odisha, from candidates for deployment on outsource basis covering the following posts located at **different places of Odisha** :-

STATE LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Project Manager | 1 | Bachelor in Arts/Science/Commerce/ Engineering and MBA | 5 | 40000 |
| Lab. Chemist/ Microbiologist | 1 | Graduation in Science with Biology & PGDCA | 3 | 20000 |
| Lab. Chemist | 3 | Graduation in Science with Chemistry & PGDCA | 3 | 20000 |
| Data Entry Operator | 2 | Graduation with PGDCA or equivalent certification with 1 years' experience | 3 | 8800 |
| Lab. Assistant | 2 | +2 Science with Chemistry & DCA | 3 | 10000 |

DISTRICT AND SUB DIVISIONAL LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Lab. Chemist/ Microbiologist | 76 | Graduation in Science with Chemistry/Biology & PGDCA | 3 | 20000 |
| Lab. Assistant | 46 | +2 Science with Chemistry & DCA | 3 | 10000 |
| Lab.Attendant cum Sample Collector | 76 | 10th Pass | 2 | Salary 7300 + 1500 other Expenses |

**For Details of Role Responsibilities, Qualification and other Eligibility criteria for each position and online application can be accessed at recruitment.kaapro.co.in The last date of receipt of application is 28.09.2019 (17.00 Hrs. IST).**

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ । ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ **Office Staff** ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto **Rs.27,000/-.**
**(Part Time / Full Time)**
Contact: 9938676412

**PART TIME JOB**
**DETECTIVES / VERIFIERS / INVESTIGATORS**
GRADUATES
Per Assignment Basis
Email : ceebak@gmail.com

**ଚେନ୍ନାଇ ପାଇଁ ଆବଶ୍ୟକ**
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

**CLOTHES CARE LAUNDRY**
ଦୋକାନ ପାଇଁ ପିଲା ଆବଶ୍ୟକ, ବୟସ–18+, ସ୍ଥାନ–ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର
8249233993
8895200115

**WANTED**
COMPUTER OPERATOR FOR HOTEL AT TALCHER
CONTACT :
9776331667

**WALK-IN-INTERVIEW**
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. **307 Nirmala Plaza, Forest Park, BBSR.**
Contact: 0674-2595911
Mob : 7504008200

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଡିଏମ୍ଏଫ୍ ବିନିଯୋଗରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ) ବିନିଯୋଗ କରାଯାଇ ଗତ ଜୁଲାଇ ଶେଷ ସୁଦ୍ଧା ବିଭିନ୍ନ ଜିଲାରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକ ପାଇଁ ୮୦୭୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡିଛି। ଏହି ପାଣ୍ଠିର ବିନିଯୋଗ ସମୟରେ ଜିଲା ଟ୍ରଷ୍ଟମାନଙ୍କ ସହାୟତାରେ ୫ ବର୍ଷିଆ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ବାଦ୍ ପଡିଥିବା ପ୍ରକଳ୍ପକୁ ଏହି ୫ ବର୍ଷିଆ ଯୋଜନା ମଧ୍ୟରେ ସାମିଲ କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।



ଡିଏମ୍ଏଫ୍ ସମ୍ପର୍କିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ପ୍ରକଳ୍ପଗୁଡିକର ମଞ୍ଜୁରୀ ପାଇଁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ୪ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକ ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ସମୀକ୍ଷା କରାଯିବ। ଜିଲାୱାରି ସମୀକ୍ଷାରୁ ଜଣାପଡିଛି ଯେ ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଆଦି ଜିଲାରେ ଖଣିଜ ପାଣ୍ଠି ସର୍ବାଧିକ ସଂଗ୍ରହ ହେବା ସହ ବିନିଯୋଗ ହୋଇପାରିଛି। ଗତ ଜୁଲାଇ ଶେଷ ସୁଦ୍ଧା ୧୨,୬୪୯ ପ୍ରକଳ୍ପ ମଧ୍ୟରୁ ୧୧,୧୨୬ ପ୍ରକଳ୍ପ ଉପରୋକ୍ତ ୫ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଜଣାପଡିଛି। ବିଭିନ୍ନ ଜିଲାରୁ ୭୬୦୦ କୋଟି ସଂଗୃହୀତ ହୋଇଥିବାବେଳେ ୮୦୭୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିବା ଜଣାପଡିଛି।

# ତସିଫ, ସୋଆଇବ, ଅବୁଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ମଙ୍ଗଳବାର ସାହସିକତା ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ୩ ଜଣ ବାଳକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ସେକ୍ ତସିଫ୍ ରାଜା, ମହମ୍ମଦ ସୋଆଇବ ଏବଂ ଅବୁଲ ରୁମନ୍ ଖାଁ। ବିଶେଷ କରି ତସିଫ ଏବଂ ସୋଆଇବଙ୍କ ସାହସିକତାର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡିକ୍ସନାରି, ବ୍ୟାକରଣ ପୁସ୍ତକ, ପାଠ୍ୟ ଉପକରଣ ଓ ଚକୋଲେଟ ଆଦି ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅବୁଲଙ୍କୁ ମଧ୍ୟ ପାଠ୍ୟ ଉପକରଣ ଏବଂ ଚକୋଲେଟ ପ୍ରଦାନ କରାଯାଇଥିଲା।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବାଳକ।

## ସାହସିକତା ପାଇଁ ସାଧୁବାଦ

ଉଲ୍ଲେଖଯୋଗ୍ୟ, ଚଳିତ ମାସ ୨ ତାରିଖ ଗଣେଶ ପୂଜା ଦିନ ଯାଜପୁର ସଡକ ପ୍ରାଇମେରୀ ସ୍କୁଲରେ ପଢୁଥିବା ୬ ବର୍ଷୀୟ ଅବୁଲ ସ୍କୁଲରୁ ଫେରୁଥିଲେ। ଏହି ସମୟରେ ଏକ ପୋଖରୀରେ ତାଙ୍କ ଗୋଡ ଖସି ଯିବା ସହ ସେ ବୁଡିଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଫଜଲପୁର ଗାଁ କୋରେଇ ହାଇସ୍କୁଲ ୮ମ ଶ୍ରେଣୀର ଦୁଇ ଛାତ୍ର(ତସିଫ୍ ଓ ସୋଆଇବ) ପୋଖରୀକୁ ଲମ୍ଫ ପ୍ରଦାନ କରିବା ସହ ଅବୁଲଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ଏହି ସାହସିକତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ସମୟରେ ଯାଜପୁର ଏମ୍ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କୁ ଭେଟିଲେ ଚାଇନା ପ୍ରତିନିଧି ଦଳ


ଚାଇନା ପ୍ରତିନିଧିଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ହଂକଂସ୍ଥିତ ଚାଇନା-ଭାରତ ବାଣିଜ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ଚାଇନା ପ୍ରତିନିଧି ଦଳ ଅଧ୍ୟକ୍ଷ କ୍ୱାଇ ଶୁନ ଚୋ ପଲ୍ଙ୍କ ନେତୃତ୍ୱରେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଚାଇନା-ଭାରତ ଦ୍ୱିପାକ୍ଷିକ ସମ୍ପର୍କ, ବିଶେଷତଃ ସଂସ୍କୃତି, ଭାରତରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ସୁଯୋଗ ଓ ସମ୍ଭାବନା ଅନ୍ୱେଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳ ବାଚସ୍ପତିଙ୍କୁ ପରିଷଦର କାର୍ଯ୍ୟାବଳୀ ସହିତ ପୂର୍ବରୁ ତିଆରି ହୋଇଥିବା ନିର୍ମାଣ ସାମଗ୍ରୀ ଓ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣ ଉପରେ ଅବଗତ କରାଇଥିଲେ।

ପରିଷଦ ଏହା ପୂର୍ବରୁ ବହୁଥର ଭାରତୀୟ ଓ ଚାଇନା କମ୍ପାନୀ ମଧ୍ୟରେ ବ୍ୟବସାୟ ସମ୍ପର୍କିତ ଆଲୋଚନା ଆୟୋଜନ କରି ସାରିଛି। ଭାରତରେ ପୁଞ୍ଜିନିବେଶ ସମ୍ପର୍କରେ ପରାମର୍ଶ ଦେବା ସହ ନେଟୱର୍କିଂ, ଆର୍ଥିକ ସହାୟତା, ସେବା ଯୋଗାଣ ଲକ୍ଷ୍ୟ ନେଇ ଏଥିନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହାଦ୍ୱାରା ଚାଇନା ଓ ଭାରତୀୟ କମ୍ପାନୀମାନେ ଉଭୟ ଦେଶରେ ବ୍ୟବସାୟ ବିସ୍ତାର କରି ପାରିବେ। ପରିଷଦ ପୁଞ୍ଜିନିବେଶକଙ୍କ ବୈଠକ, ସମ୍ମିଳନୀ , ପ୍ରଦର୍ଶନୀ, ବିପଣନ ସମ୍ପର୍କିତ ଆଲୋଚନା ସହିତ ସୁଯୋଗ ଓ ଭାଗୀଦାରିକୁ ଗୁରୁତ୍ୱ ଦେଇ ଗବେଷଣା ଜାରି ରଖିଛି।

ଏହିପ୍ରତିନିଧିଦଳରେପରିଷଦରସଚିବଅଜୟ ଠାକୁରଙ୍କ ସମେତ ଇଲଡ ଗ୍ରୁପର ଲଙ୍ଗମିନ ଲାଉ ରନସନ, ଟିଙ୍ଗ ହନଜନ କ୍ୱାନ, ଝେଜିୟାନ ଗ୍ରୀନ ବିଲ୍ଡିଂର ୱାଇ ହୁଙ୍ଗ ହୋ ବ୍ରିୟାନ, ୱେ ପାସିଫିକର ଜିଆନହୁଆଙ୍ଗ ହୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷକ ସଂଘ ସହିତ ସରକାରଙ୍କ ଆଲୋଚନା

# ଦାବି ପୂରଣ ପାଇଁ ସମୟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଶିକ୍ଷକ ସଙ୍ଗଠନ ସହିତ ସଚିବାଳୟରେ ଆଲୋଚନା ହୋଇଛି। ନିଜ ନିଜର ସମସ୍ୟା ନେଇ ସଂଗଠନଗୁଡ଼ିକ ବିଭାଗ ପାଖରେ ଦାବି ଉପସ୍ଥାପନା କରିଛନ୍ତି। ପ୍ରଥମେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଏକ ପ୍ରତିନିଧି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହ ସପ୍ତମ ପେ' ଓ ଅବସରକାଳୀନ ସୁବିଧା ଭଳି ସଂଘର ବିଭିନ୍ନ ଦାବି ଉପରେ ଦୁଇଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ଆଲୋଚନା ସକାରାତ୍ମକ ଥିଲା ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଚିତ୍ରା ଅରୁମୁଗମ୍, ଅତିରିକ୍ତ ସଚିବ ବିଶ୍ୱନାଥ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଷ୍ଟା ପକ୍ଷରୁ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଭୟ ମନ୍ତ୍ରୀ ଏବଂ କମିଶନର ବିଭାଗ ପାଇଁ ନୂଆ ସେଥିପାଇଁ ସମସ୍ୟାର ସମାଧାନ ପାଇଁ କିଛି ସମୟ ଲାଗିପାରେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କର ପଡ଼ି ରହିଥିବା ସମସ୍ୟାର ସମାଧାନ, ଶିକ୍ଷକ ନିଯୁକ୍ତି ଓ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବହି, ପୋଷାକ ଆଦି ଯୋଗାଇ ଦେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଓଷ୍ଟା ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ମଧ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଫେଡେରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମିୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ୧୧ଜଣିଆ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକଙ୍କୁ ଚାପମୁକ୍ତ ସହ ଅଧିକ ସ୍ୱାଧୀନତା ଦେବା ପାଇଁ ଦାବି ହୋଇଛି।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ ରୋଡ,୧୦।୯(ଡି.ଏନ୍.ଏ.): କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ରାଜଧାନୀରେ ଚଢ଼ାଉ କରି ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ରଞ୍ଜିତ୍ ସାହୁ। ତାଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ରଞ୍ଜିତଙ୍କ କିଟ ଛକରେ ଏକ ଜଳଖିଆ ଦୋକାନରେ ସେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ତଥ୍ୟ ମିଳିଥିଲା।


**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର, ମଠସାହି, ଦେବଗଡ଼**

୧୪ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯେକୌଣସି କାମରେ ଓ ୧୮ ବର୍ଷରୁ କମ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଅଟେ, ଏଥିରେ ଖିଲାପ କଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା/ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର'' ଖୋଲାଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯ରୁ ୧୪ ବର୍ଷର ଶିଶୁ ଶ୍ରମିକମାନଙ୍କୁ ଉଭୟ ଶିକ୍ଷା ଓ ବୃତ୍ତିଗତ ଟ୍ରେନିଂ, ମାସିକ ଚାରିଶତ ଟଙ୍କା ଷ୍ଟାଇପେଣ୍ଡ, ମଧ୍ୟାହ୍ନ ଭୋଜନ, ସ୍ୱାସ୍ଥ୍ୟସେବା ଓ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।

ଆପଣଙ୍କ ନଜରରେ କେହି ଶିଶୁ ଶ୍ରମିକ ଥିଲେ ତୁରନ୍ତ ନିକଟସ୍ଥ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର''ରେ ନାମଲେଖାଇ ଜିଲ୍ଲାକୁ ଶିଶୁ ଶ୍ରମିକ ପ୍ରଥା କବଳରୁ ମୁକ୍ତ କରିବାରେ ପ୍ରଶାସନକୁ ସହଯୋଗ କରନ୍ତୁ।
**ଶିଶୁ ଶ୍ରମିକ ମୁହଁରେ ହସ-ଆମର ଲକ୍ଷ୍ୟ**

ଶ୍ରୀ ପ୍ରସନ୍ନ କୁମାର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ | ଡକ୍ଟର ସମୀର କୁମାର ନନ୍ଦ, ପ୍ରୋଗ୍ରାମ ମ୍ୟାନେଜର ଓ ନିରୀକ୍ଷକ | ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଆଇଏଏସ୍, ଜିଲ୍ଲାପାଳ ଓ ଅଧ୍ୟକ୍ଷ

**ICDS PROJECT, CHHENDIPADA**

No.404 **TENDER CALL NOTICE** Date: 07.09.19

The tender papers containing detailed Terms and conditions for hiring of vehicle can be available in the office of the CDPO Chhendipada and while submitting such tender paper a DD of Rs.1000/- Rupees (One Thousand ) only in favour of CDPO Chhendipada payable at ICICI Bank, Chhendipada is to be submitted failing which the tender paper will be rejected . The Tender cost of Rs. 1000/- Rupees (One Thousand ) only fixed is refundable . Tender paper complete in all respect (Technical & Financial ) in separate cover along with all required documents and both cover to be kept in a separate big cover is super scribed "for Hiring of Vehicle for Mission Shakti " to be submitted to the CDPO, Chhendipada on or before 16.09.2019, 5.00 P.M. The tender shall be opened on the date i.e on 17.09.2019 at 3.30 P.M in Office of the CDPO, Chhendipada in presence of the members of Tender Committee and renderers or their authorized representatives. The tender received beyond the scheduled date and time shall not be taken into consideration. **Sd./- CDPO, Chhendipada**

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି**

Dist.- Malkangiri-764048, Phone No.06861-230409
Fax No.06861-230279, E-Mail : ori-dmalkangiri@nic.in

ପତ୍ର ସଂଖ୍ୟା.୨୫୦୧/୨୦୧୯ ତା.୧୦।୦୯।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆନୁକୂଲ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୦.୦୦ଟିକାଠାରୁ | ସ୍ଥାନ |
|---|---|---|
| କୋରୁକୋଣ୍ଡା | ୨୪।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା |
| ପଡ଼ିଆ | ୨୬।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଖଇରପୁଟ |
| ଖଇରପୁଟ | ୨୭।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଡ଼ିଆ |
| କାଲିମେଳା | ୨୪।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଲିମେଳା |
| ମାଲକାନଗିରି | ୨୬।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଲକାନଗିରି |
| ମାଥିଲି | ୨୭।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି |
| ଚିତ୍ରକୋଣ୍ଡା | ୨୮।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି

**OFFICE OF THE EXECUTIVE ENGINEER**
**ADDITIONAL SPILLWAY DIVISION, HIRAKUD, Camp Office-Burla**
**Phone No.: 0663-2430080, 'e' mail ID: eeasdhirakud@gmail.com**

No............ **QUOTATION CALL NOTICE** Dt..............

No.228-A :- Sealed quotations in plain paper/ letter pad are invited from reputed Travel agencies/ Tour operators or Private individuals having valid GST/ TIN/ SRIN registration number under the OGST Act-2017, Income Tax clearance certificate, Pan card etc. for providing Non AC/ AC diesel driven vehicle (Bolero/ Marshal/ Tata Sumo/ Mahindra Max) for office use, having seating capacity as mentioned below so that it should reach office of the undersigned or Liaison office of the Chief Engineer & Basin Manager, Upper Mahanadi Basin, Secha Sadan, Bhubaneswar on or before dt.21.09.2019 up to 04.00 P.M. through Registered post/ Sped post or in person.

The details are available in office of the undersigned as well as in the Liaison Office of the Chief Engineer and Basin Manager, Upper Mahanadi Basin, o/o the Engineer-in-Chief, Water Resources, Odisha, Secha Sadan, Bhubaneswar during office hours or they may visit the websites **http://dowrodisha.gov.in or http://tendersodisha.gov.in or https://sambalpur.nic.in.**

| Sl. No. | Name of work | No. | Seating Capacity including Driver not more than |
|---|---|---|---|
| 1 | Hire and running charges of Private Inspection vehicle for official use of the Executive Engineer, Additional Spillway Division, Hirakud for the period from 01.10.2019 to 31.03.2020. | 01 (One) | 07 |
| 2 | Hire and running charges of Private Inspection vehicle for official use of the Sub Divisional Officer, Additional Spillway Sub Division No.-I, of Additional Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |
| 3 | Hire of Private Inspection vehicle for official use of the Sub Divisional Officer, Additional Spillway Sub Division No.-II of Addl. Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |

32394/11/0003/1920 **Sd./- Executive Engineer, Additional Spillway Division, Hirakud**

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ନଂ ୧୦୩୦୦ ତା୧୦।୦୯।୨୦୧୯

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/-ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୧୬।୦୯।୨୦୧୯ଠାରୁ ୩୦।୦୯।୨୦୧୯ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ **OSRTC website www.osrtc.in**ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ODISHA NEW OPPORTUNITIES

Tender Call Notice No. IFCAL/ Elect/1124 Date: 09.09.2019

**FOR ELECTRICAL MAINTENANCE AT IFCAL COLONY INCLUDING 33/11KV, 1x5MVA SUB-STATION, IFCAL PLANT INCLUDING 33/11KV, 2X20 MVA SUB-STATIONS, ELECTRICAL INSTALLATIONS AT IFCAL PLANT & COLONY, OPERATION & MAINTENANCE OF APC PLANT, BOREWELL PUMP ETC. ON ANNUAL CONTRACT BASIS.**

Date of downloading of Tender : 11.09.2019 to 20.09.2019.
Last date of receipt of Tender : 23.09.2019 (5.00P.M.).
For details, please log on to : www.idcorissa.com/ www.ifcal.nic.in

**MANAGING DIRECTOR**

**IDCOL FERRO CHROME & ALLOYS LIMITED**
(A Wholly Owned Subsidiary of IDCOL) A Govt. of Odisha Undertaking)
CIN-U27109OR1999SGC005736
Regd. Office : Ferro Chrome Project - 755020, Jajpur Road, Dist : Jajpur (Odisha), India
Tel. No. 06726 - 220212 / 220508, Fax No. 06726 - 220524, E-mail ID : ifcal@nic.in

**OFFICE OF THE NOTIFIED AREA COUNCIL, KHARIAR ROAD**

e-mail: nackhrd@rediffmail.com
No. 3228 Dated: 07.9.2019

**DETAILED TENDER CALL NOTICE**

| | | |
|---|---|---|
| Name of work | : | Supply, transportation, installation, testing and commissioning of SWM-MCC equipment |
| E.M.D. | : | Rs. 10,000.00 |
| Tender Notice No & Date | : | No. 3228 Dt. 07.9.2019 |
| Agency | : | As per eligibility |
| Period of Tender | : | Three Months |
| Cost of Bid documents | : | Rs. 2,000.00 |
| Sale of Documents | : | 10.09.2019 to 21.09.2019 during office hour |
| Last date of Receipt of filled up bid documents | : | Up to 4.00 PM of 26.09.2019 |
| Date of Opening of Tender | : | 11.30 AM of 06.09.2019 |
| Name & address of the Officer inviting the notice | : | Executive Officer, NAC, Khariar Road |
| Details can be seen from | : | http://www.nuapada.nic.in |

Sd./- Executive Officer, NAC, Khariar Road

**OFFICE OF THE MUNICIPAL COUNCIL, CHOUDWAR**
**"e" Procurement Notice**
**Bid Reference No. ChM- 01/2019-20**

| | | | |
|---|---|---|---|
| 1. | Name of the Work | : | Construction of 2TPD Capacity Micro Composting Centers and repair of Kalyan Mandap under Choudwar Municipality |
| 2. | No. of Work | : | 06 Nos. |
| 3. | Bid Value | : | Rs. 1.86 to 47.09 Lakh |
| 4. | Period of Completion | : | Three Calendar Months |
| 5. | Date and Time of availability of the bid documents in the Portal | : | From 10.00 AM of 12.09.2019 to 05.00 PM of 24.09.2019. |
| 6. | Last Date/ Time for receipt of bid in the portal | : | 24.09.2019 upto 05.00 PM. |
| 7. | Bids received online shall be opened on dt. 30.09.2019 at 11.00 AM. | | |
| 8. | Name and address of the officer inviting Bid | : | Executive Officer, Choudwar Municipality, Choudwar. Further details can be seen from the procurement Portal **www.tendersorissa.gov.in**. |
| 9. | The tender paper should be accompanied with valid xerox copy of Contractory Licence, PAN Card, GST, Labour Contract Licence, Cost of tender paper in shape of Bankers Cheque/ Demand Draft in favour of the undersigned, 1% EMD separately in shape of NSC/TDR of Schedule Bank/ NSC/Post Office time deposit should be pledged in favour of the undersigned. | | |

**N.B.:-** Without labour contractor licence, Valid contractory licence, PAN CARD, GST, Cost of tender paper (Non-refundable) & EMD separately, the tender will be automatically rejected.

**Sd./- Executive Officer, Choudwar Municipality**

**DIRECTORATE OF MEDICAL EDUCATION & TRAINING, ODISHA**
**WALK-IN-INTERVIEW**
**FOR PROFESSOR IN RADIOTHERAPY AT MKCG MEDICAL COLLEGE, BRAHMAPUR**

**No.: 12305** **Dt. 10.09.2019**

No.: 312-E: Eligible and qualified candidates are invited to appear for a Walk-in-Interview for the Posts of Professor in Radiotherapy at MKCG MC, Brahmapur. The details of Posts, Mode of recruitment, Essential Qualifications etc. is available in the website of DMET, Odisha i.e. **www.dmetodisha.gov.in**. Candidates may appear for the interview with required original documents in the Office of the DMET, Odisha, Heads of Department Building, Bhubaneswar - 751001.

10016/11/0024/1920 **Sd./- Jt. DMET, Odisha**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, Ph.No.7328840415,**
**E-mail: sgmel_uihep@ohpcltd.com**
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD.
**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102,**
**E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**
**No. UIHEP/SGM (EL.)/TW/ 2330 (Part – II) (Vol.-I)/ 3866 / Date.07.09.2019**
**NOTICE INVITING TENDER No.12/2019-20 DATE.07.09.2019**

No.CAD-370 :- Tenders are invited in .sealed envelopes from the registered travel agencies / vehicle owners for providing services as mentioned below.

| Description of Materials / Services | Cost of tender paper (Nonrefundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Deployment of one no. of diesel run 13 seater vehicle on hire basis for a period of 03 (Three) years. | 7,080/- (inclusive GST) | 19,700/- |

For details of the tender documents, terms and conditions please visit our website **www.ohpcltd.com**

**32136/11/0019/1920** **Sd./- Unit Head UIHEP, Mukhiguda**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MAIN DAM DIVISION, BURLA**
**GOVERNMENT OF ORISSA 'e' PROCUREMENT NOTICE**
**BID IDENTIFICATION NO. MDD-e-02/2019-20 (ONLINE)**
**Email : ee_mddburla@rediffmail.com**

No.227-A

No. 8539 Date : 09.09.2019

| | | | |
|---|---|---|---|
| 1. | No. of Work | : | 05 Nos |
| 2. | Estimated Cost | : | Rs. 2.11 to 7.32 lakhs |
| 3. | Period of completion | : | 6 months |
| 4. | Date & Time of available of bid document in the Portal | : | 13.09.2019 at 10 A.M. |
| 5. | Last date / Time for receipt of bids in the portal | : | 22.09.2019 upto 05.00 P.M. |
| 6. | Date of opening of bid | : | 23.09.2019 at 11.00 A.M. |
| 7. | Name & Address of the Officer inviting bid | : | Executive Engineer, Main Dam Division, Burla, At/ Po- Burla, Dist- Sambalpur, Odisha Email : ee_mddburla@rediffmail.com |

Further details, any corrigendum or addendum can be seen from the e-procurement portal http://tendersorissa.gov.in

32017/11/0002/1920 **Sd./- Executive Engineer, Main Dam Division, Burla**

No. 178-C

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, JHARSUGUDA**
**e-mail ID- eephjsg@gmail.com**

**REQUEST FOR PROPOSAL (RFP) CONSULTANCY SERVICES FOR PREPARATION OF DETAILED PROJECT REPORT (DPR)**

The Executive Engineer, PH Division, Jharsuguda on behalf of Governor of Odisha invites proposals from empanelled consultants of Odisha for preparation of DPR of piped water supply projects.

| | | | |
|---|---|---|---|
| 1. | Name of the work. | :- | 1. Consultancy services for preparation of DPR for the project "Laying of Distribution Pipe line in Uncovered area of Jharsuguda Municipality under GAP closing for Universal coverage of Water Supply" under DMF funding. 2. Consultancy services for preparation of DPR for the project "Laying of distribution pipe line in the uncovered areas of Brajrajnagar & Belpahar Municipality under GAP closing for Universal Coverage of water supply" under DMF funding. |
| 2 | Indicative area | | Within Jharsuguda, Brajrajnagar & Belpahar Municipality |
| 3 | Period of completion | :- | 100 (hundred) Days. |
| 4 | Date & time of availability of bid document in the portal | :- | From 11.00 AM of 14.09.19 to 5.00 PM of 27.09.19. |
| 5 | Last date / time of receipt of bids in the portal | :- | 5.00 PM of 27.09.19 |
| 6 | Date & time of opening of Technical proposal | :- | 11.30 AM of 30.09.19 |
| 7 | Name and address of the Officer Inviting Bid | :- | The Executive Engineer, P.H. Division, Jharsuguda 768204, Odisha. email:eephjsg@gmail.com |

Further details can be seen from e-procurement portal https:// www.tendersodisha.gov.in

13057/11/0002/1920 **Sd/- Executive Engineer, PH. Division, Jharsuguda**

## ଗେଣ୍ଡୁଫୁଲ



ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଆଫ୍ରିକୀୟ ଗେଣ୍ଡୁର କିସମ ଗୁଡିକ ଯଥା-ଜାଏଣ୍ଟବଲ,ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ,ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ,କ୍ରାଉନ୍‌ଅଫ୍ ଗୋଲ୍‌ଡ,ସ୍ୱନ୍ ଗୋଲ୍‌ଡ,କ୍ୟୁପିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେ.ମି ଓ ଗଛକୁ ଗଛ ୨୦ସେ.ମି ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ୪୦କି.ଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

## ଚିନାବାଦାମ ଅମଳ ଅବସ୍ଥା ଆସିବା ବେଳେ



ସଅଳ ଲଗାଯାଇଥିବା ଚିନା ବାଦାମ ଫସଲ ଅମଳ ଅବସ୍ଥାରେ ଅଛି। ଚିନାବାଦାମ ଫଳର ଭିତର ଶୀରା କଳାପଡିଥିଲେ ପାକଳ ହୋଇଥିବା ଜଣାପଡେ। ଏହି ସମୟରେ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ରହିଥିଲେ ପତ୍ରପୋଡା ଲାଗିବାର ଆଶଙ୍କା ରହିଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ମାତ୍ର ଫସଲ ଅମଳ ଅବସ୍ଥାକୁ ଆସିଥିଲେ ଏହା ପ୍ରୟୋଗ କରନ୍ତୁ ନାହିଁ। ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ଆଶଙ୍କା ଥାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ୨ଗ୍ରାମ୍ ହିସାବରେ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ।



# ଗୋରୁଙ୍କ ଫାଟୁଆ ରୋଗ ନିୟନ୍ତ୍ରଣ



ଡା. ବୀର କିଶୋର ପରିଡ଼ା



ଫାଟୁଆ ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ବିଭିନ୍ନ କ୍ଷୁରାଯୁକ୍ତ ଗୃହପାଳିତ ପ୍ରାଣୀ ଯଥା ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହେବା ସହିତ ବିଭିନ୍ନ ବନ୍ୟପ୍ରାଣୀ ଯଥା – ଚମରୀ ଗାଈ, ହାତୀ ଆଦି ମଧ୍ୟ ପୀଡ଼ିତ ହୋଇଥାନ୍ତି । ଘୁଷୁରିମାନେ ମଧ୍ୟ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ଉଭୟ ବଡ଼ ଓ ଛୋଟ ଘୁଷୁରି ଛୁଆ ବିଶେଷ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

**ଲକ୍ଷଣ:** ଶାରୀରିକ ଉତ୍ତାପ ୧୦୨ରୁ ୧୦୫ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟେ । ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣୀ ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନା ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା' ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା' ବା କ୍ଷତ ସୃଷ୍ଟି ହୁଏ । ସଂକ୍ରମିତ ଗୋରୁ ଦୁର୍ବଳ ଦିଶନ୍ତି । ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା' ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ । ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି । ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ । ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍‌ଶୀଘ୍ର ଆରୋଗ୍ୟଲାଭ କରନ୍ତି । ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଯାଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ ।

**ଚିକିତ୍ସା:** ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି)ରେ ପାଟି ଭିତର ଓ ଗୋଡ଼ର କ୍ଷୁରା ଘା', ପହ୍ନାର ଚିର ଘା' କୁ ଦିନକୁ ଥରେ ଭଲଭାବେ ଧୋଇଦେବା ଆବଶ୍ୟକ । ପାଟିରେ ଘା' ହୋଇଥିଲେ ଘା' କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା' ଉପର, ଦାନ୍ତମୂଳ ଘା' ଓ ପାଟିରେ ଲଗାଇବା ଦରକାର । ଏହିପରି ଭାବେ ୩-୫ ଦିନ ପର୍ଯ୍ୟନ୍ତ ଅନ୍ୟୂନ ପାଟିରେ ଲଗାଇବା ପ୍ରୟୋଜନ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ୍ୟ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩-୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଯଥା- ଟେଟ୍ରାସାଇକ୍ଲିନ୍, ଡାଇକ୍ରିଷ୍ଟିସିନ୍ ଇତ୍ୟାଦି ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଓ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା' ହୋଇଥିଲେ, ଘା'କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୋଇବା ପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା' ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା'ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେୟ ଆକାରରେ ଦୈନିକ ଖାଇବାକୁ ଦେଲେ ୭-୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦-୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୂନି, ବିରିଚୂନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି।

**ରୋଗ ନିୟନ୍ତ୍ରଣ:** ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ପାଇଁ ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ।

- ୪ ମାସରୁ ଉର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରିବା ଉଚିତ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦେବା ଦରକାର।
- ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦେବା ଜରୁରୀ।
- ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ-ନିରାପତ୍ତା ଓ ଜୈବ-ନିରାପଦ ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ।
- ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୂନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାଇବା ପ୍ରୟୋଜନ।
- ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରିବା ଦରକାର।
- ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ।
- ଡାକ୍ତରଖାନାକୁ ନ ଆଣି ସଂକ୍ରମିତ
- ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ।
- ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିକ୍ସ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ଯଥା – ଥେଇଲେରିଆ, ସରା ଆଦି ରୋଗ ହେବାର ଆଶଙ୍କା ଥାଏ। ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇନେବା ଆବଶ୍ୟକ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା କରିବା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରିବା ଜରୁରୀ।
- ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ।

*ମୋ: ୯୪୩୭୬୦୭୩୧୨*

### କ'ଣ କରିବେ

- ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ।
- ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ।
- ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୂନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାନ୍ତୁ।
- ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ।
- ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ।
- ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ।
- ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରିବା ଆବଶ୍ୟକ।
- ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ।

### କ'ଣ କରିବେ ନାହିଁ

- ଗୋଟିଏ ସାଧାରଣ ସ୍ଥାନରେ ପ୍ରାଣୀ ବା ଗୋରୁଙ୍କୁ ବାରମ୍ବାର ଚରିବାକୁ ଛାଡ଼ନ୍ତୁ ନାହିଁ।
- ଗୋଟିଏ ଜଳାଶୟକୁ ପାଣି ପିଇବା ପାଇଁ ଛାଡ଼ନ୍ତୁ ନାହିଁ । ଗୋରୁଙ୍କ ପିଇବା ପାଣିରେ ୨% ଖାଇବାସୋଡ଼ା ମିଶାନ୍ତୁ।
- ଆପାତତଃ ସୁସ୍ଥ ପ୍ରାଣୀଙ୍କଠାରୁ ଅସୁସ୍ଥ ପ୍ରାଣୀଙ୍କୁ ଅଲଗା ରଖନ୍ତୁ।
- ସଂକ୍ରମିତ ଗୋରୁଙ୍କ ଯତ୍ନ ନେଉଥିବା ମନୁଷ୍ୟ ମାଧ୍ୟମରେ ସୁସ୍ଥ ପ୍ରାଣୀଙ୍କୁ ଏହା ବ୍ୟାପିବାର ଆଶଙ୍କା ଥାଏ। ତେଣୁ ସେମାନଙ୍କ ଚଳାଚଳ ସୀମିତ ରଖନ୍ତୁ।
- ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ ବା ଚାଷ କାମରେ ଲଗାନ୍ତୁ ନାହିଁ।
- ସଂକ୍ରମିତ ଅଞ୍ଚଳରୁ ନୂତନ ପ୍ରାଣୀ କ୍ରୟ କରି ଆଣି ସୁସ୍ଥ ପ୍ରାଣୀଙ୍କ ସଙ୍ଗେ ମିଶାଇବା ଉଚିତ ନୁହେଁ।
- ସଂକ୍ରମିତ ଅଞ୍ଚଳରୁ ଗୋରୁଙ୍କ ଖାଦ୍ୟ ଯଥା – ନଡ଼ା, କୁଟା, କୁଣ୍ଡା, ଚୋକଡ଼, ଘାସ ଆଦି ଆଣି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ।
- ସୁସ୍ଥ ଅଞ୍ଚଳର ଗୋରୁଙ୍କୁ ଅସୁସ୍ଥ ଅଞ୍ଚଳର ଗୋରୁଙ୍କ ସହିତ ମିଶିବାକୁ ଦିଅନ୍ତୁ ନାହିଁ।

## କୃଷି ଯୋଜନା

ଆମ ରାଜ୍ୟରେ କୃଷକ ତଥା କୃଷି ପରିବାରର ଉନ୍ନତି ଓ ଆର୍ଥିକ ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୨୦୧୯-୨୦ ବର୍ଷ ନିମନ୍ତେ ପ୍ରବର୍ତ୍ତିତ ହୋଇଛି। ରାଜ୍ୟ ଯୋଜନାଗୁଡ଼ିକ ୭ଟି ବର୍ଗରେ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୬ଟି ବର୍ଗରେ ରଖାଯାଇଛି। ରାଜ୍ୟ ଯୋଜନାର ବର୍ଗଗୁଡ଼ିକ ହେଲା- ଫସଲ ଉତ୍ପାଦନ ପରିଚାଳନା (ତନ୍ମଧ୍ୟରେ ଇନ୍‌ପୁଟ୍ ବା ଉପାଦାନ ଉପରେ ରିହାତି, ସାର, ସମନ୍ୱିତ କୃଷି, ଆଖୁ ବୈଷୟିକ ମିଶନ, କପା ବୈଷୟିକ ମିଶନ, ଫସଲ ବୀମା, ଜୈବିକ କୃଷି, ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା, ଫସଲ ସଂରକ୍ଷଣ ପ୍ରୋତ୍ସାହନ, ଅଣଧାନ ଉପରେ ଗୁରୁତ୍ୱ ଆଦି), କୃଷି ଯାନ୍ତ୍ରିକୀକରଣ ଓ ଅର୍ଥ ବିନିଯୋଗ, କୃଷି ତାଲିମ୍, ଭୂପୃଷ୍ଠ ଓ ଭୂତଳ ଜଳର ସୁବ୍ୟବହାର, ବିଜୁ କୃଷକ କଲ୍ୟାଣ ଯୋଜନା, କୃଷି ଶିକ୍ଷା ଓ ଯୋଗାଯୋଗ ଏବଂ କୃଷକ କଲ୍ୟାଣ ଯୋଜନା ସବୁ ରହିଛି। ସେହିପରି କେନ୍ଦ୍ରୀୟ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ତୈଳବୀଜ ଓ ତାଳତେଲ ମିଶନ, ଚିରପୋଷ୍ୟମାନ କୃଷିର ଜାତୀୟ ମିଶନ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲିଜାତୀୟ, ମୋଟା ଶସ୍ୟ -ମକା ଓ ମାଣ୍ଡିଆ, ନ୍ୟୁଟ୍ରିଶସ୍ୟ, ବାଣିଜ୍ୟିକ ଫସଲ- କପା, ଝୋଟ ଓ ଆଖୁ ଏବଂ ତୈଳବୀଜ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ବିଶେଷକରି ପୂର୍ବ ଭାରତର ଦ୍ୱିତୀୟ ସବୁଜ ବିପ୍ଳବ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟରେ ପ୍ରଚଳିତ ହୋଇଛି।

***ରାଜ୍ୟ ଯୋଜନା:*** ଫସଲ ଉତ୍ପାଦନ ପରିଚାଳନାରେ ଧାଡ଼ି ବୁଣା/ରୁଆ ଧାନ ଚାଷରେ ହେକ୍ଟର ପ୍ରତି ୧୫୪୦ ଟଙ୍କାର ପ୍ରୋତ୍ସାହନ ଦିଆଯାଇଥାଏ। ବିହନ ବିଶୋଧନ ଲାଗି ବିଶୋଧକ



କିଣାରେ ହେକ୍ଟର ପ୍ରତି ୬୨.୫୦ ଟଙ୍କା ରିହାତି ରହିଛି। ସମନ୍ୱିତ କୃଷି ପ୍ରୋତ୍ସାହନରେ ପ୍ରକଳ୍ପ ପ୍ରତି ୧ଲକ୍ଷ ଟଙ୍କାର ସହାୟତା/ ରିହାତି ରଖାଯାଇଛି। ରାଜ୍ୟର ୭ଟି ଆଦିବାସୀ ଅଧ୍ୟୁଷିତ ଜିଲାର ଚିହ୍ନଟ ହୋଇଥିବା ୩୦ଟି ବ୍ଲକରେ ଲଘୁ ଶସ୍ୟ ଉତ୍ପାଦନ ନିମନ୍ତେ (କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ନୂଆପଡ଼ା ଜିଲା) ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି। ତାହା ପାର୍ଶ୍ୱବର୍ତ୍ତୀ ୧୪ଟି ଜିଲାର ୭୨ଟି ବ୍ଲକକୁ ସଂପ୍ରସାରଣ ନିମନ୍ତେ ଯୋଜନା ହୋଇଛି। ଏହି ଯୋଜନା ମାଧ୍ୟମରେ ଆଦିବାସୀ/ଅନୁସୂଚିତ ଜନଜାତି ପରିବାରର ପୋଷଣ ସୁରକ୍ଷିତ ହୋଇପାରିବ ତଥା ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ। ଗ୍ରାମୀଣ ତଥା ସହରୀ ବଜାରକୁ ଲଘୁଶସ୍ୟର ବିକ୍ରିବଟା ମଧ୍ୟ ଏହାର ଅଂଶଭାବେ ପାଳିତ ହେବ। (କ୍ରମଶଃ....)

*–ଡ. ପରେଶ କୁମାର ପଣ୍ଡା, ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*

# ପ୍ରାକ୍ ରବିଋତୁରେ ମୁଗ ଓ ବିରି ଚାଷ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ପ୍ରାକ୍ ରବିଋତୁ ଅର୍ଥାତ୍ ବର୍ଷାଋତୁ ସରିଯାଉଥିବ ଏବଂ ରବିଋତୁ ଆରମ୍ଭ ହେବା ପୂର୍ବ ସମୟକୁ ବୁଝାଇଥାଏ। ଏହି ସମୟରେ ବର୍ଷାର ବଳ ହଟିଯାଇ ଥିବାରୁ ଢିପ ଜମିର ଧାନ ଓ ବିଆଳି ଧାନ ଅମଳ ହୋଇଯାଇଥାଏ। ପ୍ରାକ୍ ରବିଋତୁରେ ମୁଗ ଓ ବିରି ଫସଲ ଚାଷ କରାଯାଇପାରେ। ଢିପ ଓ ମଧ୍ୟମ କିସମ ଜମିର ଦୋରସା, ଲାଲ ଓ ମଟାଳ ମାଟିରେ ମୁଗ ବିରି ଫସଲ ଭଲ ହୁଏ। ନିଗିଡା ଦୋରସା, ପଟୁ ମାଟିରେ ମୁଗ ବିରି ଫସଲ ଭଲ ଅମଳ ଦେଇଥାଏ। ବିରି ଚାଷ ପାଇଁ ମାଟି ଲୁଣି କିମ୍ବା କ୍ଷାରୀ ହେବା ଉଚିତ ନୁହେଁ। ବିରି ପାଇଁ ମାଟିର ପିଏଚ୍ ୪.୭ ରୁ ୭.୫ ହେବା ବାଞ୍ଛନୀୟ। ମୁଗ ଓ ବିରି ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଭଲ। ପ୍ରାକ୍ ରବିଋତୁରେ ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ମୁଗ ବୁଣିବା ଆବଶ୍ୟକ। ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣା ହୋଇଥିବା ମୁଗ ଭଲ ଅମଳ ଦିଏ। ପ୍ରାକ୍ ରବିଋତୁରେ ଅଗଷ୍ଟଠାରୁ ଅକ୍ଟୋବର ମାସ ମଧ୍ୟରେ ବିରି ବୁଣାଯାଇ ପାରିବ। ପ୍ରାକ୍ ରବି ଋତୁରେ ଧଉଳି, ସୁଜାତା, ଜ୍ୟୋତି ପିଡିଏମ୍ ୫୪ ଇତ୍ୟାଦି ଉନ୍ନତ କିସମର ମୁଗ ବିହନ ବୁଣିବା ଆବଶ୍ୟକ, ଯାହା କି ୬୦ରୁ ୭୦ ଦିନ ମଧ୍ୟରେ ଅମଳ ହୋଇଥାଏ। ସେହିଭଳି ପ୍ରାକ୍ ରବିଋତୁରେ ଟି-୯, ଶାରଳା, ପିୟୁ-୩୦, ପିୟୁ-୩୫ ଇତ୍ୟାଦି ଉନ୍ନତ କିସମର ବିରି ବିହନ ବାଛନ୍ତୁ, ଯାହା କି ୬୫ରୁ ୭୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଏକର ପ୍ରତି ୧୦ କିଗ୍ରା ମୁଗ ବିହନ ଆବଶ୍ୟକ ହେଉଥିବା ସ୍ଥଳେ ୧୦ରୁ ୧୨ କିଗ୍ରା ବିରି ବିହନ ଦରକାର ହୋଇଥାଏ। ଧାନ କାଟିବା ପୂର୍ବରୁ ଛଟା ଫସଲ ରୂପେ ବିରି ବୁଣୁଥିଲେ ଏକର ପ୍ରତି ୧୨ରୁ ୧୬ କିଗ୍ରା ବିହନ ବ୍ୟବହାର କରିବା ପ୍ରୟୋଜନ। ମୁଗ ଓ ବିରି ବୁଣିବାର ୭ ଦିନ ପୂର୍ବରୁ ୧ କିଲୋଗ୍ରାମ ବିହନ ପିଛା ୩ ଗ୍ରାମ କ୍ୟାପଟାନ କିମ୍ବା ଥିରାମ ଗୁଣ୍ଡ ମିଶାଇ ବିଶୋଧନ କରନ୍ତୁ। ମୁଗ ଓ ବିରି ଫସଲ ଛୁଇଁ ଜାତୀୟ ଫସଲ ହୋଇଥିବାରୁ ପ୍ରାକୃତିକ ଉପାୟରେ ଗଛ ଭୂମିରୁ ଯବକ୍ଷାରଯାନ ଆହରଣ କରିବା ଲାଗି ରାଇଜୋବିୟମ୍ ଜୀବାଣୁ କଲଚରରେ ମୁଗ ଓ ବିରି ବିହନକୁ ଉପଚାର କରନ୍ତୁ। ୨୦୦ ଗ୍ରାମ ବୀଜାଣୁ କଲଚରରେ ୫୦ ଗ୍ରାମ ଗୁଡରୁ ପ୍ରସ୍ତୁତ ହୋଇଥିବା ୫୦୦ ମିଲି ଲିଟର ଗୁଡ ପାଣି ଗୋଳାଇ ଏବଂ ସେଥିରେ ୧୦ ଗ୍ରାମ ଆମୋନିୟମ ମଲିବଡେଟ୍ କିମ୍ବା ସୋଡିୟମ ମଲିବଡେଟ୍ ମିଶାଇ ଦ୍ରବଣରେ ଭଲ ଭାବରେ ୧୦ କେଜି ମୁଗ ବା ବିରି ବିହନକୁ ଗୋଳାନ୍ତୁ ଓ ଛାଇରେ ଶୁଖାଇ ଦିଅନ୍ତୁ। ଉପର ବେଳା ଉପଚାରିତ ବିହନକୁ ଜମିରେ ବୁଣନ୍ତୁ।

ଜମିକୁ ଭଲ ଭାବରେ ଚାଷ କରି ଘାସ ବାଛି ମାଟିକୁ ଗୁଣ୍ଡ କରନ୍ତୁ। ଏକର ପ୍ରତି ୪-୫ ଗାଡି ଶଢ଼ା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ। ଶେଷ ସମୟରେ ଏକର ପିଛା ୩୫ କିଲୋ ଡିଏପି ଓ ୧୩ କେଜି ପଟାସ୍ ସାର ମାଟିରେ ମିଶାଇ ଦିଅନ୍ତୁ।

ମୁଗ ଓ ବିରି ଫସଲକୁ ଛଟା ବୁଣା କିମ୍ବା ଧାଡିରେ ମଧ୍ୟ ଲଗାଯାଇପାରେ। ଧାଡିରେ ଲଗାଉଥିଲେ ଧାଡିକୁ ଧାଡି ୧ ଫୁଟ ଏବଂ ଗଛକୁ ଗଛ ୪ ଇଞ୍ଚ ବ୍ୟବଧାନରେ ବିହନ ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ଫସଲକୁ କୋଡା ଖୁସା କରନ୍ତୁ । ଧାଡିରେ ବୁଣିଥିଲେ ଘାସ ମରା ଔଷଧ ମଧ୍ୟ ପ୍ରୟୋଗ କରାଯାଇପାରେ। ଠିକ୍ ସମୟରେ ରୋଗ ପୋକ ନିୟନ୍ତ୍ରଣ ଲାଗି ରାସାୟନିକ ଔଷଧ ବ୍ୟବହାର କରନ୍ତୁ। ଛୁଇଁଗୁଡିକ କଳା ହୋଇଗଲେ ଅମଳ କରନ୍ତୁ ।

ଅମଳ ହୋଇଥିବା ମୁଗ ଓ ବିରିକୁ ଭଲ ଭାବରେ ଖରାରେ ଶୁଖାଇ କୁଇଣ୍ଟାଲ ପିଛା ୨୦୦ ଗ୍ରାମ ସୋରିଷ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ କମ ଲାଗିଥାନ୍ତି। ଏକ ଏକର ଜମିରୁ ୪-୬ କୁଇଣ୍ଟାଲ ଅମଳ ମିଳିଥାଏ।



*ମୋ: ୭୮୯୪୩୩୫୩୭୧*

## ସଂକ୍ଷେପରେ

### ଅଧସ୍ତନଙ୍କ ୩୮ କୋଟି ହଡ଼ପ
## ଗୋଲ୍ଡମ୍ୟାନ ସାକ୍ସର ଭିପି ଗିରଫ



**ବେଙ୍ଗାଲୁରୁ,୧୦-୯:** ଅନ୍‌ଲାଇନ ପୋକର୍ ଗେମ୍ ଖେଳି ବିଶ୍ୱ ନିବେଶକାରୀ କମ୍ପାନୀ ଗୋଲ୍ଡମ୍ୟାନ ସ୍ୟାକ୍ସର ବେଙ୍ଗାଲୁରୁ ଅଫିସର ଭାଇସ୍ ପ୍ରେସିଡେଣ୍ଟ(ଭିପି) ଅଶ୍ୱିନୀ ଝୁନ୍‌ଝୁନ୍‌ୱାଲା ବହୁ କୋଟି ଟଙ୍କା ହରାଇଛନ୍ତି। ଏହି ଅର୍ଥ ପରିଶୋଧ କରିବାକୁ ଯାଇ ସେ ଅଧସ୍ତନ କର୍ମଚାରୀଙ୍କ ଆକାଉଣ୍ଟକୁ ବ୍ୟବହାର କରି ପ୍ରାୟ ୩୮ କୋଟି ଟଙ୍କା(୫.୪ ମିଲିୟନ ଡଲାର) ହଡପ କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ମରାଠାହାଲି ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। କମ୍ପାନୀର ଆଇନ ବିଭାଗ ମୁଖ୍ୟ ଅଭିଷେକ ପର୍‌ସିରାଙ୍କ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଙ୍କର ସହଯୋଗୀ ବେଦାନ୍ତ ଫେରାର ହୋଇଯାଇଛନ୍ତି। ପ୍ରାରମ୍ଭିକ ଅଭିଯୋଗ ଅନୁଯାୟୀ, ଝୁନ୍‌ଝୁନ୍‌ୱାଲା ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ନିଜ ଅଧୀନରେ ଥିବା ୩ ଜଣ କର୍ମଚାରୀ ଗୌରବ ମିଶ୍ରା, ଅଭିଷେକ ଯାଦବ ଏବଂ ସୁଜିତ୍ ଅପ୍ପୈୟାଙ୍କୁ ବ୍ୟବହାର କରିଥିଲେ। ସେମାନଙ୍କୁ ପ୍ରଶିକ୍ଷଣ ଦେବା ବାହାନାରେ ସେ ନିଜ ଆଡକୁ ଆକର୍ଷିତ କରିଥିଲେ। ଝୁନ୍‌ଝୁନ୍‌ୱାଲା ସେମାନଙ୍କ କମ୍ପ୍ୟୁଟରରୁ ଲଗ୍ ଇନ୍ କରିବା ବେଳେ ଅନ୍ୟ କାମରେ ନିୟୋଜିତ କରିଥିଲେ। ପେମେଣ୍ଟ ଫେରସ୍ତ ପାଇବା ଲାଗି ସେଟେଲ୍‌ମେଣ୍ଟ ରିକନ୍‌ସିଲିଏଶନ ସର୍ଭିସର ଆବଶ୍ୟକତା ରହିଥିବାରୁ ଗୌରବଙ୍କୁ ଏଥିପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୂଆ ନିଯୁକ୍ତି ପାଇଥିବାରୁ ସେ ଏହା ଜାଣି ନ ଥିବା କହିବା ପରେ ଝୁନ୍‌ଝୁନ୍‌ୱାଲା ତାଙ୍କର କମ୍ପ୍ୟୁଟର ବ୍ୟବହାର କରି କମ୍ପାନୀ ଆକାଉଣ୍ଟରୁ ୩୮.୮ କୋଟି ଟଙ୍କା ହଡପ୍ କରିନେଇଥିଲେ। ଆଭ୍ୟନ୍ତରୀଣ ତଦନ୍ତ ପରେ ସେ ସବୁ କଥା ମାନି ଯାଇଥିଲେ। ଗୌରବଙ୍କ କମ୍ପ୍ୟୁଟର ମାଧ୍ୟମରେ ସେ ସେପ୍ଟେମ୍ବର ୪ରେ ହଂକଂସ୍ଥିତ ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନାରେ ଥିବା ସିନର୍ଜି ୱିଜ୍‌ଡମ୍ ଲିମିଟେଡ ଆକାଉଣ୍ଟକୁ ଉକ୍ତ ଅର୍ଥ ପଠାଇଥିବା ଝୁନ୍‌ଝୁନ୍‌ୱାଲା ସ୍ୱୀକାର କରିଥିଲେ। ସେ ଅନ୍‌ଲାଇନ ପକର ଖେଳି ୭୦ ହଜାର ଡଲାର ହାରି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ନିୟନ୍ତ୍ରଣ ପାଇଁ ପ୍ରତିଷ୍ଠା ହେବ ନିୟାମକ
## ତେଜସ୍ ଟ୍ରେନ ଭଡ଼ା ବଢ଼ାଇ ପାରିବେନି ଘରୋଇ ଅପରେଟର




**ନୂଆଦିଲ୍ଲୀ,୧୦-୯:** ଦେଶର ପ୍ରଥମ ଘରୋଇ ଟ୍ରେନ ତେଜସ୍ ଏକ୍ସପ୍ରେସ୍ ଆସନ୍ତା ମାସରେ ଚଳାଚଳ କରିବା ସମ୍ଭାବନା ରହିଛି। ଭାରତୀୟ ରେଳର ସହାୟକ କମ୍ପାନୀ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ତେଜସ୍ ଏକ୍ସପ୍ରେସର ପରିଚାଳନା ଭାର ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ-ଲକ୍ଷ୍ନୌ ଓ ଅହମ୍ମଦାବାଦ୍- ମୁମ୍ବାଇ ମଧ୍ୟରେ ଦୁଇଟି ତେଜସ୍ ଏକ୍ସପ୍ରେସ ଚାଲିବ। ଏହି ଟ୍ରେନରେ ବିମାନ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଆଯିବ। ତେବେ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଘରୋଇ ଅପରେଟର ଯେପରି ଭଡ଼ା ବୃଦ୍ଧି ନ କରିବେ ସେଥିଲାଗି ରେଳ ବିକାଶ ପ୍ରାଧିକରଣର କ୍ଷମତାକୁ ବୃଦ୍ଧି କରାଯାଇ ଏହାକୁ ଏକ ରେଗୁଲେଟର ବା ନିୟାମକ ଭାବେ ଗଠନ କରାଯିବ। ଘରୋଇ ଟ୍ରେନର ଟିକେଟ ମୂଲ୍ୟ ନିର୍ଦ୍ଧାରଣ କରିବା ଏହାର ଦାୟିତ୍ୱ ହେବ। ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ କହିଛନ୍ତି ଯେ, ଯାତ୍ରୀଙ୍କୁ ସୁବିଧାସୁଯୋଗ ଯୋଗାଇବା କ୍ଷେତ୍ରରେ ଘରୋଇ ଅପରେଟରଙ୍କୁ ସମସ୍ତ ପ୍ରକାର ଅନୁମତି ଦିଆଯାଇଛି। ଇତିମଧ୍ୟରେ ଆଇଆର୍‌ସିଟିସି ପକ୍ଷରୁ ତେଜସ୍ ଏକ୍ସପ୍ରେସର ଯାତ୍ରୀଙ୍କ ପାଇଁ ହୋଟେଲ ବୁକିଂ, ଟ୍ୟାକ୍ସି, ବ୍ୟାଗେଜ ପିକ୍‌ଅପ୍ ଏବଂ ଡ୍ରପ୍ ଭଳି ସୁବିଧା ଯୋଗାଇ ଦିଆଯିବ। ଏହାଛଡ଼ା ଆବଶ୍ୟକ କରୁଥିବା ଯାତ୍ରୀଙ୍କୁ ଆଇଆର୍‌ସିଟିସି ହୁଇଲଚେୟାର ଯୋଗାଇବ।

---

> ଗ୍ରାହକଙ୍କୁ ଭିଡିଓ ମାଧ୍ୟମରେ ଆକର୍ଷିତ କରି ସାମଗ୍ରୀ ବିକ୍ରି ଯୋଜନାକୁ ମିନ୍ତ୍ରା ଆଗେଇ ନେଉଛି। ଏଥିଲାଗି କମ୍ପାନୀ ଭାରି ମାତ୍ରାରେ ନିବେଶ କରୁଛି।
> – ଅମର ନାଗରାମ୍, ମିନ୍ତ୍ରା ଜବଙ୍ଗ୍ ମୁଖ୍ୟ



> କଲମ୍ବିଆ ପାସିଫିକ ଗ୍ରୁପ୍ ପକ୍ଷରୁ ବେଙ୍ଗାଲୁରୁଠାରେ ୮୦ କୋଟି ଟଙ୍କା ବ୍ୟୟରେ ସିନିୟର ଲିଭିଂ ରେସିଡେନ୍ସିଆଲ ପ୍ରକଳ୍ପ ନିର୍ମାଣ କରିବ।
> – ମୋହିତ ନିରୁଲା, କଲମ୍ବିଆ ପାସିଫିକ କମ୍ୟୁନିଟିଜ ସିଇଓ



### ମାନ୍ଦାବସ୍ଥା ଆଣିଛି ଘୋର ସଙ୍କଟ
# ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ

**ନୂଆଦିଲ୍ଲୀ,୧୦-୯**

ଭାରତ ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ପ୍ରଭାବ ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସମସ୍ତ କ୍ଷେତ୍ର ଏବେ ଘୋର ସଙ୍କଟ ଦେଇ ଗତିକରୁଛି। ଫଳସ୍ୱରୂପ ଆଗାମୀ ତୃତୀୟ ତ୍ରୈମାସ(ଅକ୍ଟୋବର-ଡିସେମ୍ବର) ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟି ସମ୍ଭାବନା ନାହିଁ କହିଲେ ଚଳେ। ଏହି ସମୟରେ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ଦେବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ୫୨ ପ୍ରତିଶତ ନିଜର କାର୍ଯ୍ୟବଳ ବା କର୍ମଚାରୀ ସଂଖ୍ୟାକୁ ଅପରିବର୍ତ୍ତିତ ରଖିବାକୁ ଚେଷ୍ଟା କରିବେ ବୋଲି ମତପୋଷଣ କରିଛନ୍ତି। ବିଶ୍ୱ ସ୍ତରରେ ହୋଇଥିବା ସର୍ଭେରୁ ଏହା ଜଣାପଡିଛି।

ବିଶ୍ୱର ଏକ ସଂସ୍ଥା 'ମ୍ୟାନପାୱାର ଗ୍ରୁପ୍ ଏମ୍ପ୍ଲଏମେଣ୍ଟ ଆଉଟଲୁକ୍' ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟକୁ ମଙ୍ଗଳବାର ଜାରି କରାଯାଇଛି। କମ୍ପାନୀମାନେ ଅକ୍ଟୋବର-ଡିସେମ୍ବର ମଧ୍ୟରେ ତୃତୀୟ ତ୍ରୈମାସ ମଧ୍ୟରେ ଆର୍ଥିକ ଦୃଶ୍ୟପଟ ଓ ନୂଆ ନିଯୁକ୍ତି ସମ୍ଭାବନା ନେଇ ଆଲୋଚନା କରିଛନ୍ତି। ଏଥିରୁ ଜଣାପଡିଛି ଯେ, କେବଳ ୧୯% ନିଯୁକ୍ତିଦାତା କର୍ମଚାରୀ ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି। ଏହାବ୍ୟତୀତ ୫୨ ପ୍ରତିଶତ କର୍ମଚାରୀ ସଂଖ୍ୟା ବଦଳାଇବାର ଆବଶ୍ୟକତା ନାହିଁ ବୋଲି ମତପୋଷଣ କରିଥିବା ବେଳେ ବର୍ତ୍ତମାନ ନିଯୁକ୍ତିକୁ ନେଇ କିଛି ହେବ ନାହିଁ ବୋଲି ୨୮% ମତ ଦେଇଛନ୍ତି।

**୪୪ ଦେଶର ୫୯ ହଜାର ନିଯୁକ୍ତିଦାତାଙ୍କୁ ନେଇ ସର୍ଭେ**

ମ୍ୟାନ୍‌ପାୱାର ପକ୍ଷରୁ ସାରା ବିଶ୍ୱର ୪୪ ଦେଶର ୫୯ ହଜାରରୁ ଅଧିକ କମ୍ପାନୀଙ୍କ ସହ ନୂଆ ନିଯୁକ୍ତି ନେଇ ଆଲୋଚନା କରାଯାଇଛି। ସର୍ଭେରୁ ଏହା ଜଣାପଡିଛି ଯେ, ଆଗାମୀ ୩ ମାସ ମଧ୍ୟରେ ୪୩ରୁ ୪୪ ଦେଶର ନିଯୁକ୍ତିଦାତାଙ୍କର ନିଜର କର୍ମଚାରୀ ସଂଖ୍ୟା ବଢ଼ାଇବା ଆଶାକରୁନାହାନ୍ତି। ଗତ ତ୍ରୈମାସ ସମ୍ପର୍କରେ ଆଲୋଚନାରୁ ଜଣାପଡୁଛି ଯେ, ୪୪ ଦେଶ ମଧ୍ୟରୁ ମାତ୍ର ୧୫ ଦେଶର କମ୍ପାନୀ ନୂଆ ନିଯୁକ୍ତିକୁ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ୨୩ ଦେଶର ନିଯୁକ୍ତିଦାତା ଦୁର୍ବଳ ରୋଜଗାର ସୃଷ୍ଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଚାଇନାର ମାତ୍ର ୪% କମ୍ପାନୀ ନୂଆ ନିଯୁକ୍ତି ସମ୍ପର୍କରେ ମତପୋଷଣ କରିଛନ୍ତି।



- ୫୨% କର୍ମଚାରୀ ସଂଖ୍ୟା ଅପରିବର୍ତ୍ତିତ ରଖିବେ
- ୨୮%ଙ୍କର ସ୍ଥିତି ଅସ୍ପଷ୍ଟ

**ନୂଆ ନିଯୁକ୍ତିକୁ ନେଇ ଭାରତ ଚତୁର୍ଥ ସ୍ଥାନରେ**

ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଅପେକ୍ଷାକୃତ ହାଲୁକା ପରିସଂଖ୍ୟାନ ସତ୍ତ୍ୱେ ଆସନ୍ତା ୩ ମାସ ଭିତରେ ନୂଆ ନିଯୁକ୍ତି ସୃଷ୍ଟିରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିବ ବୋଲି ସର୍ଭେରେ ଅନୁମାନ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟିରେ ଜାପାନ ପ୍ରଥମ, ତାଇୱାନ ଦ୍ୱିତୀୟ ଓ ଆମେରିକା ତୃତୀୟ ସ୍ଥାନରେ ରହିବ ବୋଲି ଆଶାକରାଯାଉଛି। ଜାପାନରେ ସର୍ବାଧିକ ୨୬% ନିଯୁକ୍ତିଦାତା ତୃତୀୟ ତ୍ରୈମାସରେ ନୂଆ ଚାକିରି ଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ଏହାପଛକୁ ତାଇୱାନ ୨୧% ଓ ଆମେରିକାର ୨୦% କମ୍ପାନୀ ନୂଆ ନିଯୁକ୍ତି ଦେବାକ ଚାହୁଁଛନ୍ତି। ମ୍ୟାନ୍‌ପାୱାର ଗ୍ରୁପ୍ ଅଧ୍ୟକ୍ଷ ତଥା ସିଇଓ ଜୋନାସ୍ ପ୍ରାଇସିଙ୍ଗ୍ କହିଛନ୍ତି ଯେ, ସାରା ବିଶ୍ୱରେ ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳିଛି। କେତେକ ବଡ଼ ଅର୍ଥନୀତି କ୍ଷେତ୍ରରେ ସ୍ଥିତି ଭଲ ରହିଥିବା ବେଳେ ବ୍ରେକ୍‌ଜିଟ୍ ଏବଂ ଶୁଳ୍କକୁ ନେଇ ଚାଲିଥିବା ଟଣାଓଟରା ଯୋଗୁ ଅନ୍ୟ ଦେଶରେ ନୂଆ ନିଯୁକ୍ତିକୁ ନେଇ ମନୋଭାବ ସେପରି ଭଲ ନୁହେଁ।

# ହିରୋ ଆଣିଲା ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

**ନୂଆଦିଲ୍ଲୀ, ୧୦-୯**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ୧୧୦ ମଡେଲକୁ ପ୍ରସ୍ତୁତ ହୋଇଛି। ଯାନଟିକୁ ଡିଲରମାନଙ୍କ ପାଖରେ ସଚେତନତା ଏବଂ ଟ୍ରେନିଂ ଲାଗି ଉପଲବ୍ଧ କରାଯାଇଛି। ଏହାର ବ୍ୟବସାୟିକ ଶୁଭାରମ୍ଭ ଶୀଘ୍ର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଡିଲର ଏବଂ କର୍ମଚାରୀଙ୍କୁ ମୋଟର ସାଇକେଲ ସମ୍ପର୍କରେ ତାଲିମ ଦେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ବିଏସ୍-୬ ମାନକ ଯୁକ୍ତ ମୋଟର ସାଇକେଲ ଏବଂ ସ୍କୁଟର ଧାର୍ଯ୍ୟ ସମୟ ପୂର୍ବରୁ ବଜାରକୁ ଛାଡିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ମଡେଲର ବଜାର ଦର ବର୍ତ୍ତମାନର ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ମୋଟର ସାଇକେଲଠାରୁ ୧୨ରୁ ୧୫% ଅଧିକ ହେବ ବୋଲି ଆଶା କରାଯାଉଛି। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକ୍ନୋଲୋଜିଠାରୁ ଏହା ବିଏସ୍-୬ ପ୍ରମାଣପତ୍ର ଲାଭ କରିଛି। ଜୟପୁରରେ ଥିବା କମ୍ପାନୀର ସେଣ୍ଟର ଫର ଇନୋଭେସନ ଆଣ୍ଡ ଟେକ୍ନୋଲୋଜିଠାରେ ଏହାକୁ ପ୍ରସ୍ତୁତ କରାଯାଇଛି।

# କୃଷି ଫାଇନାନ୍ସ ଶାଖା ଖୋଲିଲା ଆଲ୍ଲାହାବାଦ ବ୍ୟାଙ୍କ



**କଲିକତା, ୧୦-୯**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ କୃଷି ଫାଇନାନ୍ସ ଶାଖା ଏବଂ କିଶାନ ପ୍ରଗତି କେନ୍ଦ୍ର ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କିଶାନ ପ୍ରଗତି କେନ୍ଦ୍ର ଲକ୍ଷ୍ନୌ ସମେତ ୪୨ ଅନ୍ୟ ସ୍ଥାନରେ ଉନ୍ମୋଚନ କରିଛନ୍ତି। ଏହାବାଦ ସେ ୩୧ କୃଷି ଫାଇନାନ୍ସ ଶାଖାର ଆରମ୍ଭ କରିଛନ୍ତି। ଲକ୍ଷ୍ନୌର ଫିଲ୍ଡ ଜେନେରାଲ ମ୍ୟାନେଜର ରବୀନ୍ଦ୍ର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ନବୋଦୟ ପ୍ରକଳ୍ପ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୃଷକଙ୍କ ଆୟବୃଦ୍ଧି ଦିଗରେ ନିବେଶ କ୍ରେଡିଟ ମଞ୍ଜୁରୀ ଲାଗି ଏଭଳି ଯୋଜନା କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଡିଜିଟାଲ ମୋଡରେ ଋଣ ମଞ୍ଜୁରୀ କରାଯିବ। ଯୋଜନାର ସଫଳ ରୂପାୟନ ଲାଗି ଅଲ ବ୍ୟାଙ୍କ ଫାର୍ମ ଟେକ୍, ଅଲ୍ ବ୍ୟାଙ୍କ ଗ୍ରୀନ ହାଉସ, ଅଲବ୍ୟାଙ୍କ ହର୍ଟିକଲଚର, ଅଲ୍‌ବ୍ୟାଙ୍କ ଫୁଡ ପ୍ରୋସେସିଂ ଏବଂ ଅଲ୍‌ବ୍ୟାଙ୍କ ଇରିଗେଶନ ଭଳି ଯୋଜନା ଆରମ୍ଭ କରାଯାଇଛି। କିଶାନ ପ୍ରଗତି କେନ୍ଦ୍ର୨୬୦ କୋଟି ଟଙ୍କାର ୨୩୫ ପ୍ରସ୍ତାବ ମିଳିଛି। ଏହା ମଧ୍ୟରେ ୩୭ ପ୍ରସ୍ତାବରେ ୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# ଷ୍ଟାର୍ଟଅପ୍ ପ୍ରତିଷ୍ଠାରେ ଦିଲ୍ଲୀ-ଏନ୍‌ସିଆର୍ ସର୍ବାଗ୍ରେ

**ନୂଆଦିଲ୍ଲୀ,୧୦-୯**

ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ପ୍ରତିଷ୍ଠା କ୍ଷେତ୍ରରେ ମୁମ୍ବାଇ, ବେଙ୍ଗାଲୁରୁକୁ ପଛରେ ପକାଇ ଦେଇଛି ଦିଲ୍ଲୀ-ଏନ୍‌ସିଆର୍। ଏଠାରେ ଷ୍ଟାର୍ଟଅପ୍‌ଙ୍କ ସଂଖ୍ୟା ୭୦୩୯ରେ ପହଞ୍ଚିଛି ବୋଲି ଜିନୋଭ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। 'ଟର୍ବୋଚାର୍ଜିଂ ଦିଲ୍ଲୀ-ଏନ୍‌ସିଆର୍ ଷ୍ଟାର୍ଟଅପ୍ସ ଇକୋସିଷ୍ଟମ' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତିଷ୍ଠିତ ମୋଟ ଷ୍ଟାର୍ଟଅପ୍ ମଧ୍ୟରୁ ୨୩% କେବଳ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରତିଷ୍ଠା କରାଯାଇଛି। ରିପୋର୍ଟ ଅନୁଯାୟୀ କେବଳ ଦିଲ୍ଲୀରେ ୪୪୯୧, ଗୁରୁଗ୍ରାମରେ ୧୫୪୪ ଏବଂ ନୋଏଡାରେ ୧୦୦୪ ଷ୍ଟାର୍ଟଅପ୍ ରହିଛି। ସେହିପରି ବେଙ୍ଗାଲୁରୁରେ ଏହି ସଂଖ୍ୟା ୫୨୩୪, ମୁମ୍ବାଇରେ ୩୮୨୯ ଓ ହାଇଦ୍ରାବାଦ୍‌ରେ ୧୯୪୦ ରହିଛି। ୨୦୦୯ରୁ ୨୦୧୯ ମଧ୍ୟରେ ନୂଆ କମ୍ପାନୀ ପ୍ରତିଷ୍ଠା ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦, ବେଙ୍ଗାଲୁରୁରେ ୯, ମୁମ୍ବାଇ ଓ ପୁନେରେ ୨ଟି ଲେଖାଏ ଏବଂ ଚେନ୍ନାଇରେ ଗୋଟିଏ ୟୁନିକର୍ନ(ଏକକ ନିୟନ୍ତ୍ରଣରେ ଥିବା ନାମୀଦାମୀ ଷ୍ଟାର୍ଟଅପ୍) କମ୍ପାନୀ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ବିଶ୍ୱ ସ୍ତରରେ ୫ ଶୀର୍ଷ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ ହୋଇପାରିବ।




# ହୋଣ୍ଡାର ଜାତୀୟ ସଡ଼କ ସୁରକ୍ଷା ସଚେତନତା




**ବାଲେଶ୍ୱର, ୧୦-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାଲେଶ୍ୱରରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଡର୍ନ ପବ୍ଲିକ ସ୍କୁଲଠାରେ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି। ୩ ଦିନ ଧରି ଚାଲିଥିବା କମ୍ପାନୀର ଏହି ସଚେତନତା କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଏବଂ ସଡ଼କ ଶୃଙ୍ଖଳା ଉପରେ ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ପିଲାମାନଙ୍କୁ ଆଗକୁ ଆଇନ ଅନୁପାଳନକାରୀ ନାଗରିକମାନେ ଗଢି ତୋଳିବାରେ ସହାୟକ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ୯୦ ସହରରେ କମ୍ପାନୀ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ୨.୧୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଛି। ସୁରକ୍ଷା ପ୍ରସଙ୍ଗକୁ ହୋଣ୍ଡା ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ଆଇଡିବିଆଇର ରେପୋ ଲିଙ୍କଡ୍ ଗୃହ, ଅଟୋ ଲୋନ

**ନୂଆଦିଲ୍ଲୀ, ୧୦-୯**

ଚଳିତ ମାସ ୧୦ରୁ ଗୃହ ଏବଂ ଅଟୋ ଋଣ କ୍ଷେତ୍ରରେ ରେପୋ ଲିଙ୍କଡ ଋଣ ଯୋଗାଣ ନେଇ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ମାସ ୪ରେ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ନୂଆ ଫ୍ଲୋଟିଂ ଖୁଚୁରା ଋଣକୁ ଏକ୍ସଟରନାଲ ବେଞ୍ଚମାର୍କ ସହ ଅକ୍ଟୋବର ୧ରୁ ସଂଯୋଗ କରାଯିବ। ଏଣୁ ସେପ୍ଟେମ୍ବର ୧୦ରୁ ପ୍ରଚଳନ ହେବାକୁ ଥିବା ରେପୋ ସଂଯୋଗୀ ଗୃହ ଋଣ ଅଟୋ ଋଣ ବ୍ୟବସ୍ଥାକୁ ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ସ୍ଥଗିତ ରଖାଯାଇଛି।

# ୟେସ୍ ବ୍ୟାଙ୍କ ଅଂଶଧନ କିଣିବ ପେଟିଏମ୍

**ନୂଆଦିଲ୍ଲୀ,୧୦-୯**

ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଦେଶର ଅଗ୍ରଣୀ କମ୍ପାନୀ ପେଟିଏମ୍ ଘରୋଇ ୟେସ୍ ବ୍ୟାଙ୍କର ଅଂଶଧନ କିଣିବାକୁ ଯାଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ଅଂଶଧନ କିଣିବିକା ନେଇ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ସହ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କର ଆଲୋଚନା ଚାଲିଛି। ରିଜର୍ଭ ବ୍ୟାଙ୍କର ଅନୁମତି ମିଳିବା ପରେ ନେଣଦେଣ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସୂଚନାଥାଉ କି, ରାଣା କପୁର ଓ ତାଙ୍କ ପରିବାର ନିକଟରେ ୟେସ୍ ବ୍ୟାଙ୍କର ୯.୬% ଅଂଶଧନ ରହିଛି। ତେବେ ଅଂଶଧନ ବିକ୍ରି ନେଇ ବ୍ୟାଙ୍କ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନାହିଁ। ଅନ୍ୟପକ୍ଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବନୀତ ଗିଲ୍ କହିଛନ୍ତି ଯେ, ପ୍ରଶାସନ ଓ ନିୟମ ପାଳନ ଉପରେ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଛି। ଉଲ୍ଲେଖଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରସ୍ତୁତ ନିୟମକୁ ୟେସ୍ ବ୍ୟାଙ୍କ ଅଣଦେଖା କରିବା ଯୋଗୁ ରାଣା କପୁରଙ୍କୁ ବ୍ୟାଙ୍କ ଛାଡ଼ିବାକୁ ପଡିଛି।

# ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ

**ନୂଆଦିଲ୍ଲୀ, ୧୦-୯**

India Post Payments Bank
Aapka bank, aapke dwaar.

ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଇଲେକଟ୍ରୋନିକ୍ସ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ ଏହି ସେବାର ଆରମ୍ଭ କରିଛନ୍ତି। ବ୍ୟାଙ୍କ ନ ଥିବା ବା କମ୍ ସଂଖ୍ୟକ ବ୍ୟାଙ୍କ ଥିବା ଅଞ୍ଚଳରେ ଏହି ସେବା ଦ୍ୱାରା ଗ୍ରାହକ ଲାଭବାନ ହୋଇ ପାରିବେ। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ ବିଭାଗ ସଚିବ ଅନନ୍ତ ନାରାୟଣ ନନ୍ଦ, ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସୁରେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁବିଧା ଦ୍ୱାରା ଗ୍ରାମାଞ୍ଚଳରେ ଲୋକମାନେ ସୁବିଧାରେ ଆର୍ଥିକ ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ କହିଛନ୍ତି। ଜନସାଧାରଣଙ୍କ ଦ୍ୱାରଦେଶରେ ସେବା ପହଞ୍ଚାଇବା ଏହା ଦ୍ୱାରା ସହଜ ହେବ ବୋଲି ବ୍ୟାଙ୍କର ସିଇଓ ସୁରେଶ ସେଠୀ କହିଛନ୍ତି। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଡାକବାଲା ଏବଂ ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ନୂଆ ସେବା ଲୋକମାନଙ୍କୁ ଯୋଗାଇ ଦିଆଯିବ। ବ୍ୟାଙ୍କିଙ୍ଗ ସେବା ଯେଭଳି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ତାହା ଧ୍ୟାନରେ ରହିଛି ବୋଲି ଡାକ ବିଭାଗ ସଚିବ ଏ.ଏନ୍.ନନ୍ଦ କହିଛନ୍ତି।

# ଠିକ୍ ନିବେଶ ଏବେ ଚ୍ୟାଲେଞ୍ଜିଂ ହୋଇଛି

**ଭୁବନେଶ୍ୱର, ୧୦-୯ (ବ୍ୟୁରୋ)**

ବର୍ତ୍ତମାନର ଡିଜିଟାଲ ସମୟରେ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସବୁ କାମ ଅନଲାଇନରେ କରାଯିବା ଆବଶ୍ୟକ। ଅପରପକ୍ଷରେ ଦେଶର ଅଭିବୃଦ୍ଧି ନିମନ୍ତେ ବିନିଯୋଗ କରିବା ମଧ୍ୟ ଜରୁରୀ। ବିନିଯୋଗ ନିମନ୍ତେ କ୍ରୟ ଏବଂ କ୍ରୟ ଲାଗି ବିକ୍ରୟ କୁ ମଧ୍ୟ ବିଚାର କରିବାକୁ ହେବ। ଏଭଳି ସ୍ଥିତିରେ ଠିକ୍ ନିବେଶ କରିବା ଏବେ ଚ୍ୟାଲେଞ୍ଜିଂ ହୋଇଛି ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷ (ଆଇଇପିଏଫଏ)ଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଶ୍ରୀନିବାସ କହିଛନ୍ତି ଯେ, ନିବେଶ ପଦ୍ଧତିରେ ବହୁ ନିୟାମକ, ମଧ୍ୟସ୍ଥି ଏବଂ ବ୍ୟବସ୍ଥାପକ ସଂସ୍ଥାଗୁଡିକ ସଂଶ୍ଳିଷ୍ଟ। ଏହାକୁ ଧ୍ୟାନରେ ରଖି ନିବେଶକ ଶିକ୍ଷା ଏବଂ ସଚେତନତା ବୃଦ୍ଧି କରିବାକୁ ହେବ। ଏଥିଲାଗି ଏକ ନେଟ୍‌ୱର୍କ ସହ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାରକୁ ବିଚାରକୁ ନିଆଯିବା ସହ ଉକ୍ତ କ୍ଷେତ୍ରରେ ହେଉଥିବା ଠକେଇକୁ ରୋକାଯାଇ ପାରିବ ବୋଲି ଶ୍ରୀନିବାସ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭଲ ସମ୍ପର୍କ ରହିଲେ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଗ୍ରାମୀଣ ଅର୍ଥନୀତି ବିକାଶ ଦିଗରେ ନିବେଶକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିବେଶକ ନୀତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆଇଇପିଏଫଏର ଏଭଳି ପଦକ୍ଷେପ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମନୋଜ ପାଣ୍ଡେ, ଆଇଇପିଏଫଏ ସଦସ୍ୟ ରାଜୀବ ଶେଖର ସାହୁ, ଆଇସିଏଆଇ ସଭାପତି ପ୍ରଫୁଲ ପି.ଛୋଜେଦ ପ୍ରମୁଖ ଯୋଗଦେଇଥିଲେ।




**ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମ**



"ବିରାଟ କୋହଲିଙ୍କୁ ଆଉଟ କରିବା ଲାଗି ଆମ ଅନଭିଜ୍ଞ ବୋଲର ଆନ୍‌ରିଚ୍ ନୋର୍ଜେ, ଜୁନିୟର ଡାଲା, ବେରନ ହେଣ୍ଡ୍ରିକ୍ସ ଓ ଆଣ୍ଡିଲ୍ ଫେଲୁକ୍ୱେଓଙ୍କ ପାଇଁ ଚ୍ୟାଲେଞ୍ଜ ହେବ ।
–କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକା ପେସ୍ ବୋଲର

"ଜଣେ ଖେଳାଳି ଏବଂ ଅଧିନାୟକ ହିସାବରେ ଫାଫ୍ ଡୁ'ପ୍ଲେସିଙ୍କ ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ଭବିଷ୍ୟତରେ କ୍ୱିଣ୍ଟନ ଡି'କକ୍‌ଙ୍କ ନେତୃତ୍ୱ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ ।
–ଏନୋଚ୍ ଏନ୍‌କ୍ୱେ, ଦକ୍ଷିଣ ଆଫ୍ରିକା କ୍ରିକେଟ କାମଚଳା ନିର୍ଦ୍ଦେଶକ



## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍କ୍ୱାସ: କ୍ୱାର୍ଟରରେ ସୁବ୍ରତ

**ଭୁବନେଶ୍ୱର,୧୦।୯(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍କ୍ୱାସ ଚାମ୍ପିୟନଶିପ୍ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ଓଡ଼ିଆର ସୁବ୍ରତ୍ ଦାସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବ୍ରତ ୪-୨ରେ ନିଜ ରାଜ୍ୟର ଜାକିର ଅଲିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କିଙ୍ଗସୁକ ସାହା ୩-୨ରେ ଓଡ଼ିଶାର ସତ୍ୟକାମ ମହାନ୍ତିଙ୍କୁ ହରାଇଛନ୍ତି। ସେହିପରି ଛତିଶଗଡ଼ର ଆଦର୍ଶ ବର୍ମା ୩-୦ରେ ଓଡ଼ିଶାର ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରାକେଶ ରୋଶନ ପ୍ରଧାନ ୩-୨ରେ ନିଜ ରାଜ୍ୟର ଉଧ୍‌ବାସ ମହାପାତ୍ରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟୁର୍ନାମେଣ୍ଟରେ ଏକାଧିକ ଖେଳାଳି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ବାକିଥିବା ଗେଷ୍ଟ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ ଓ ପ୍ରି- କ୍ୱାର୍ଟର ଫାଇନାଲାରୁ ଅଭିଯାନ ଆରମ୍ଭ କରିବେ।

### ଅହମ୍ମଦାବାଦ୍‌ରେ ପିକେଏଲ୍ ଫାଇନାଲ

**ଅହମ୍ମଦାବାଦ,୧୦।୯(ପି.ଟି.):** ଆସନ୍ତାମାସ ୧୯ ତାରିଖରେ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଫାଇନାଲ ମ୍ୟାଚ୍ ଖେଳାଯିବ। ଲିଗ୍‌ର ଏହି ସପ୍ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଠାରେ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ମଧ ଖେଳାଯିବ। ଦୁଇଟି ଏଲିମିନେଟର ସମେତ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକ ଏଠାରେ ଆୟୋଜନ ହେବ। ଅକ୍ଟୋବର ୧୪ ତାରିଖରେ ଏଲିମିନେଟରଗୁଡ଼ିକ ଖେଳାଯିବ। ସେହିପରି ୧୬ ତାରିଖରେ ସେମିଫାଇନାଲ ଖେଳାଯିବ। ଏବେ ୧୨ଟି ଦଳ ମଧ୍ୟରୁ ଦବଙ୍ଗ ଦିଲ୍ଲୀ କେ.ସି. ୫୯ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିପରି ବେଙ୍ଗଲ ୱାରିୟର ୪୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୪୮ ପଏଣ୍ଟ ପାଇ ବେଙ୍ଗାଲୁରୁ ବୁଲ୍ସ ତୃତୀୟ ଓ ୪୬ ପଏଣ୍ଟ ପାଇ ହରିୟାଣା ଷ୍ଟିଲର୍ସ ଚତୁର୍ଥ ସ୍ଥାନରେ ରହିଛି। ବେଙ୍ଗାଲୁରୁ ବୁଲ୍ସ ଗତ ସଂସ୍କରଣରେ ଟାଇଟଲ ଜିତିଥିଲା। ଏପର୍ଯ୍ୟନ୍ତ ଲିଗ୍‌ରେ ୧୩୫ଟି ମ୍ୟାଚ୍ ଖେଳାଯାଇଛି।

### ବିଶ୍ୱ ଚାମ୍ପିୟନଶିପ
### ରୁଷିଆର ଆହୁରି ୧୧ ଆଥଲେଟ୍‌ଙ୍କୁ ଅନୁମତି


**ପ୍ୟାରିସ, ୧୦।୯ (ଏଏଫ୍‌ପି):** ଦୋହାଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଆଉ ଦୁଇ ସପ୍ତାହ ସମୟ ବାକି ଥିବାବେଳେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ(ଏଆଇଏଏଫ୍) ମଙ୍ଗଳବାର ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ ଲାଗି ଆହୁରି ୧୧ ରୁଷୀୟ ଆଥଲେଟଙ୍କୁ ଅନୁମତି ଦେଇଛି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆକୁ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱଚ୍ଛ ଆଥଲେଟ୍‌ମାନଙ୍କୁ ନିରପେକ୍ଷ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଅନୁମତି ମିଳିଥିଲା। ୨୦୧୭ରେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୁଷିଆର ୧୯ଜଣ ଏବଂ ବର୍ଲିନଠାରେ ୨୦୧୮ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨୯ ଜଣ ନିରପେକ୍ଷ ଆଥଲେଟ୍ ଭାବେ ଭାଗ ନେଇଥିଲେ। ୨୦୧୯ରେ ପ୍ରତିଯୋଗିତାରେ ଭାଗ ନେବାଲାଗି ମୋଟ ୧୨୮ ରୁଷୀୟ ପ୍ରତିଯୋଗୀଙ୍କୁ ଅନୁମତି ମିଳିଛି। ହେଲେ ରଷିଆନ ଆଥଲେଟିକ୍ସ ଫେଡେରେଶନ ଉପରୁ ଏପର୍ଯ୍ୟନ୍ତ ବାସନ୍ଦାଦେଶ ପ୍ରତ୍ୟାହାର ହୋଇ ନାହିଁ। ସଦ୍ୟ ଅନୁମତି ପାଇଥିବା ୬ ମହିଳା ଆଥଲେଟ୍ ହେଲେ କେସେନ୍ୟା ଆକ୍ସିନୋଭା (୪୦୦ମିଟର), ଇରିନା ଇଭାନୋଭା (ପୋଲ୍‌ଭଲ୍ଟ) ସାର୍ଦ୍ଦାନା ଟ୍ରୋଫିନା (୩୦୦୦ମିଟର ଷ୍ଟିପଲଚେଜ୍), ୟୁଲିଆ ଟୁରୋଭା (୨୦କିମି ରେସ୍ ୱାକ୍) ଏବଂ ନାଟାଲିଆ ଆକ୍ସିନୋଭା (ହାଇଜମ୍ପ)। ଯେଉଁ ୫ ପୁରୁଷ ଆଥଲେଟଙ୍କୁ ଅନୁମତି ମିଳିଛି ସେମାନେ ହେଲେ ମିଖାଇଲ ଆକିମେଙ୍କୋ (ହାଇଜମ୍ପ), ଭ୍ଲାଡିସ୍ଲାଭ ପାନାସେନ୍‌କୋଭ (ଜାଭେଲିନ୍), ଦିମିତ୍ରୀ ସୋରୋକିନ୍ (ଟ୍ରିପଲ ଜମ୍ପ), ଆନାଟୋଲି ରବରକୋଭ୍ (୫୦୦୦/୧୦,୦୦୦ ମିଟର) ଏବଂ କନଷ୍ଟାଣ୍ଟିନ ଶାବାନୋଭ (୧୧୦ମିଟର ହର୍ଡଲ୍ସ)।

# ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ପୁରସ୍କାର

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ଯୁବ କ୍ରିକେଟର ସ୍ୱସ୍ତିକ ସାମଲ ଏବଂ ରାଜ୍ୟର ଦୁଇ ଜଣାଶୁଣା ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ର ଚଳିତ ବର୍ଷର ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ପ୍ରଦାନର ଧାରା ଗତ ୧୬ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି। ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ଯୁବ କ୍ରିକେଟର ଅଫ୍ ଦି ଇୟର ଏବଂ ସତ୍ୟେନ୍ଦ୍ର ଓ ଅନନ୍ତ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପାଇବେ। ସରୋଜ ମହାସୁଆର ସ୍ମୃତି କମିଟି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ନେଇ ଗଠିତ ଚୟନ କମିଟି ଏହି ୩ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିଛି। ଚଳିତମାସ ୧୫ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ୨୦୧୬–୧୭ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଥିବା ସ୍ୱସ୍ତିକ ଭାରତୀୟ ଯୁବ ଦଳରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି କରିଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ଜେଡ୍‌ସିଏ ଏବଂ ଏନ୍‌ସିଏ ଶିବିରରୁ ଡାକରା ପାଇଛନ୍ତି। ଗତ ସିଜନରେ ସେ ୪୫୨ ରନ କରି ରାଜ୍ୟର ଅଗ୍ରଣୀ ସ୍କୋରର ହୋଇଥିଲେ। ଏଥିପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ) ଡାକରା ପାଇବା ସହ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସ୍ଥାନ ପାଇଥିଲେ। ସିନିୟର ବର୍ଗରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଦଳରେ ମଧ ସ୍ଥାନ ପାଇଥିଲେ। ରାଜ୍ୟ ଭିନୁ ମଙ୍କଡ ଓ କୁଚ୍‌ବିହାର ଟ୍ରଫିରେ ଦଳର ନେତୃତ୍ୱ ନେଇଥିଲେ। ୨୩ ବର୍ଷରୁ କମ୍ ସି.କେ.ନାଇଡୁ ଦଳରୁ ମଧ ଖେଳିଥିଲେ। ରାଉରକେଲା ଛେଣ୍ଡ କଲୋନୀର ମଧୁସ୍ମିତା ଓ ପୀୟୂଷ ପ୍ରକାଶ ସାମଲଙ୍କ ପୁଅ ସ୍ୱସ୍ତିକ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଭାବେ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛନ୍ତି।

ସତ୍ୟେନ୍ଦ୍ର ଓ ଅନନ୍ତ ଗତ ୩ ଦଶନ୍ଧିଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂ କରି ଆସୁଛନ୍ତି। ନିମାପଡ଼ାର ୫୪ ବର୍ଷୀୟ ସତ୍ୟେନ୍ଦ୍ର ୧୯୯୨ରୁ ଏବଂ ଭୁବନେଶ୍ୱରର ୪୯ ବର୍ଷୀୟ ଅନନ୍ତ ୧୯୯୦ରୁ ଅମ୍ପାୟରିଂ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପ୍ୟାନେଲ ଅମ୍ପାୟରଭାବେ ଉଭୟ ଆନ୍ତଃଜିଲା, ଆନ୍ତଃମହାବିଦ୍ୟାଳୟ, ରାଜ୍ୟସ୍ତରୀୟ, ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ମ୍ୟାଚ ପରିଚାଳନା କରିବାର ଦକ୍ଷତା ରଖିଛନ୍ତି। ଯୁବ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପୂର୍ବରୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆତିଶ ଜେନା, ୨୦୦୭ରେ ଆଲୋକ ସାହୁ–ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋଶନାରା ପରବିନ, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ରଣଜୀତ ସିଂ, ୨୦୧୭ରେ ପ୍ରୀତ ସିଂ କନୱର ଏବଂ ୨୦୧୮ରେ ରଘୁନାଥ ମଲ୍ଲ ପାଇଥିଲେ। ସେହିପରି ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନ୍ସିସ, ବିଭୁ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡିପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର ପୂର୍ବରୁ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାରେ ଏକ ମ୍ୟାଚ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ବାଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।



ସତ୍ୟେନ୍ଦ୍ର ମୋହନ ମହାନ୍ତି



ଅନନ୍ତ ବାସୁଦେବ ମିଶ୍ର



ସ୍ୱସ୍ତିକ ସାମଲ

## ସେଲ୍ ଥେରାପି ପାଇଁ ପ୍ୟାରିସ୍‌ରେ ସୁମାକର



**ପ୍ୟାରିସ୍, ୧୦।୯ (ଏଏଫ୍‌ପି):** ଆଘାତପ୍ରାପ୍ତ ୭ଥର ଚାମ୍ପିୟନ ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କୁ ପ୍ୟାରିସର ଜର୍ଜେସ ପମ୍ପିଡୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସେଲ୍ ଥେରାପି ସର୍ଜରି ହେବ ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ଫେରାରିର ପୂର୍ବତନ ଷ୍ଟାର ଡ୍ରାଇଭର ପୂର୍ବରୁ ଦୁଇଥର ଏହି ଚିକିତ୍ସା ହୋଇ ସାରିଛନ୍ତି। ୨୦୧୩ ଡିସେମ୍ବରରେ ଏକ ସ୍କି ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହେବା ପରେ ୬ ମାସ ଧରି ହସ୍ପିଟାଲରେ କୋମା ଅବସ୍ଥାରେ ଥିଲେ। ୨୦୧୪ ସେପ୍ଟେମ୍ବରରେ ସେ ନିଜ ବାସଭବନକୁ ଫେରି ଘରୋଇ ଭାବେ ଚିକିତ୍ସିତ ହୋଇ ଆସୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାହାରକୁ ଖୁବ୍ କମ୍ ସୂଚନା ଆସିଥାଏ।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆମେରିକାରେ ପଦାର୍ପଣ କରିବ ଦିନିକିଆ କ୍ରିକେଟ୍

**ଫ୍ଲୋରିଡା, ୧୦।୯:** କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଆମେରିକାରେ ଅନୁଷ୍ଠିତ ହେବାକୁ ଯାଉଛି। ଆଇସିସି ପୁରୁଷ ବିଶ୍ୱକପ୍ ଲିଗ୍-୨ ପର୍ଯ୍ୟାୟ ଅଂଶବିଶେଷ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ଶୁକ୍ରବାର ପପୁଆ ନ୍ୟୁ ଗିନିଆ ଘରୋଇ ଆମେରିକାକୁ ଭେଟିବ। ସ୍ଥାନୀୟ ଫୋର୍ଟ ଲୌଡରଡାଲେସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତୃତୀୟ ଦଳ ଭାବେ ନାମ୍ବିଆ ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ଅଂଶଗ୍ରହଣ କରୁଛି।

## ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି



**କୋଲକାତା, ୧୦।୯**

ଭାରତୀୟ କ୍ରିକେଟ ଦଳର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି ମିଳିଛି। ସାମିଙ୍କ ବିରୋଧରେ ହୋଇଥିବା ଗିରଫ ୱାରେଣ୍ଟ ଆଦେଶ ଉପରେ ଜିଲା କୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପୂର୍ବରୁ ସାମିଙ୍କ ସ୍ତ୍ରୀ ହସିନା ଜହାନ ତାଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଗତ ସପ୍ତାହରେ କୋର୍ଟ ସାମି ଏବଂ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ଆଡିଶନାଲ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ଏସିଜେଏମ୍) ଗିରଫ ୱାରେଣ୍ଟ ଜାରି କରିଥିଲେ। ସାମି ସେହି ସମୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଥିବାରୁ ସେଠାରୁ ଫେରିବାର ୧୫ ଦିନ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଏସିଜେଏମ୍‌ଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ସାମି ଏହାକୁ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେଠାରେ ସାମିଙ୍କ ଗିରଫ ୱାରେଣ୍ଟି ଉପରେ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ କୋର୍ଟ ଜଜ ରାଇ ଚଟ୍ଟୋପାଧ୍ୟାୟ ଅନ୍ତରୀଣ ରୋକ୍ ଲଗାଇଥିବା ତାଙ୍କ ଓକିଲ ଶେଖ ସଲିମ ରହମାନ କହିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ ବୋଲି ଜଣାପଡ଼ିଛି।

# ମହିଳା କ୍ରିକେଟ ଦଳ ଲାଗି ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତ ହେବେ

**ନୂଆଦିଲ୍ଲୀ, ୧୦।୯ (ପି.ଟି.):** ଜାତୀୟ ମହିଳା କ୍ରିକେଟ ଦଳ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରଫର୍ମାନ୍ସ ଆନାଲିଷ୍ଟ ବା ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତି ଦେବ। ଏ ନେଇ ବୋର୍ଡ ଦରଖାସ୍ତ ଆହ୍ୱାନ କରିଛି। ଟିମ୍ ମ୍ୟାନେଜମେଣ୍ଟ ଏହି ପଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସେପ୍ଟେମ୍ବର ୨୦କୁ ଆବେଦନ ଦାଖଲ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପରଫର୍ମାନ୍ସ ଆନାଲିଷ୍ଟଙ୍କ ବୟସ ୬୦ ବର୍ଷରୁ ଅଧିକ ହୋଇ ନ ଥିବ ବୋଲି କୁହାଯାଇଛି। ତଥ୍ୟକୁ ଭିତ୍ତି କରି ଆନାଲିଷ୍ଟ ତାଙ୍କର କାର୍ଯ୍ୟ କରିବେ ବୋଲି ବିସିସିଆଇ କହିଛି। ଖେଳାଳିମାନଙ୍କ ବୈଷୟିକ ଓ ଯୋଜନା ସମ୍ପର୍କିତ ଦୃଷ୍ଟିକୋଣକୁ ବୁଝିବା ଓ ଏହାକୁ ଆହୁରି ଦୃଢ଼ କରିବା ପାଇଁ ପରଫର୍ମାନ୍ସ ଆନାଲିଷ୍ଟ କୋଚିଂ ଷ୍ଟାଫ୍‌ଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ। ଏଥି ସହିତ ମ୍ୟାଚ୍ ପୂର୍ବରୁ ସବୁ ପ୍ରକାର ପ୍ରସ୍ତୁତିରେ ପରଫର୍ମାନ୍ସ ଆନାଲିଷ୍ଟ ସହଯୋଗ କରିବେ। ପୁଣି ପ୍ରତିପକ୍ଷ ଦଳ ଓ ଖେଳାଳିଙ୍କ ଦୁର୍ବଳତା ଓ ଦକ୍ଷତାକୁ ଆନାଲିଷ୍ଟ ବିଶ୍ଳେଷଣ କରି ନିଜ ଖେଳାଳିମାନଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇବେ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏହି ପଦ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର କୌଣସି ରାଜ୍ୟସ୍ତରୀୟ ସିନିୟର ଦଳ କିମ୍ବା ଆହୁରି ଉଚ୍ଚସ୍ତରର ଦଳ ସହ କାର୍ଯ୍ୟ କରିବାରେ ଅତିକମ୍‌ରେ ୩ ବର୍ଷ ଅଭିଜ୍ଞତା ରହିଥିବ। ୨୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ପରଫର୍ମାନ୍ସ ଆନାଲିଷ୍ଟଙ୍କୁ ନିଯୁକ୍ତି ଦିଆଯିବ।

## ଭାରତ ଯୋଗୁ ଶ୍ରୀଲଙ୍କା ଖେଳାଳି ରାଜି ହେଉନାହାନ୍ତି

**ଲାହୋର,୧୦।୯:** ଭାରତୀୟ କର୍ତ୍ତୃପକ୍ଷଙ୍କ ଚାପରେ ବଶବର୍ତ୍ତୀ ହୋଇ ଶ୍ରୀଲଙ୍କା କ୍ରିକେଟ ଖେଳାଳିମାନେ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉ ନ ଥିବା ଏହି ଦେଶ ଜଣେ ମନ୍ତ୍ରୀ ଫାୱାଦ ହୁସେନ ଅଭିଯୋଗ କରିଛନ୍ତି। ସୁରକ୍ଷାଜନିତ କାରଣରୁ ଶ୍ରୀଲଙ୍କାର ୧୦ଜଣ ଖେଳାଳି ପାକିସ୍ତାନ ଗସ୍ତରେ ଯିବା ଲାଗି ମନା କରିଦେବାର ଦିନକ ପରେ ମନ୍ତ୍ରୀ ଜଣକ ଏହି ଅଭିଯୋଗ କରିଛନ୍ତି। ଯେଉଁ ଖେଳାଳିମାନେ ପାକିସ୍ତାନରେ ଖେଳିବେ ସେମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଯିବ ନାହିଁ ବୋଲି ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ତରଫରୁ ଚେତାଇ ଦିଆଯାଇଛି। ଏହା ଏକ ହୀନ କୌଶଳ ଏବଂ କ୍ରୀଡ଼ା କ୍ଷେତ୍ରରେ ଏହା ଶୋଭନୀୟ ନୁହେଁ ବୋଲି ହୁସେନ କହିଛନ୍ତି। ସୁରକ୍ଷାଜନିତ କାରଣରୁ ଟି୨୦ ଅଧିନାୟକ ଲସିଥ ମାଲିଙ୍ଗା ଏବଂ ପୂର୍ବତନ ଅଧିନାୟକ ଦ୍ୱୟ ଆଞ୍ଜେଲୋ ମାଥ୍ୟୁସ ଓ ଥିସାରା ପେରେରା ଆସନ୍ତା ପାକିସ୍ତାନ ଟୁର୍‌ରୁ ଓହରି ଯାଇଛନ୍ତି। ୨୦୦୯ ମାର୍ଚ୍ଚରେ ଏକ ଟେଷ୍ଟ ମ୍ୟାଚ ବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଏକ ଆତଙ୍କବାଦୀ ଆକ୍ରମଣ ପରେ ଅଧିକାଂଶ ଅନ୍ତର୍ଜାତୀୟ ଟିମ୍ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉନାହାନ୍ତି। ପାକିସ୍ତାନ ବିପକ୍ଷରେ ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଲାଗି ଶ୍ରୀଲଙ୍କା ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଟୁର୍‌ରେ ଯିବା ଇଚ୍ଛାଧୀନ ବୋଲି ଖେଳାଳିମାନଙ୍କୁ କୁହାଯାଇଥିଲା। କରାଚୀରେ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ଏହି ସିରିଜରେ ୩ ଟି ଲେଖାଏଁ ଦିନିକିଆ ଓ ଟି୨୦ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଟୁର୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଅନ୍ୟ ୭ ଖେଳାଳି ହେଲେ ନିରୋଶାନ ଡିକ୍‌ୱେଲା, କୁସାଲ ପେରେରା, ଧନଞ୍ଜୟ ଡି' ସିଲ୍‌ଭା, ଆକିଲା ଦନଞ୍ଜୟ, ସୁରଙ୍ଗ ଲକମଲ, ଦୀନେଶ ଚାଣ୍ଡିମଲ ଓ ଦିମୁଥ କରୁଣାରତ୍ନେ।



ଫାୱାଦ ହୁସେନ

# ଭାରତ 'ଏ' ଦଳରେ ଓଡ଼ିଶାର ଦିବ୍ୟଦର୍ଶିନୀ

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ପ୍ରତିଭାସମ୍ପନ୍ନ ମହିଳା କ୍ରିକେଟ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଓଡ଼ିଶା କ୍ରିକେଟ ପାଇଁ ଆଣିଛନ୍ତି ଏକ ଖୁସି ଖବର। ପୂର୍ବରୁ ଭାରତୀୟ ବୋର୍ଡ ଏକାଦଶ ଦଳରେ ସାମିଲ ହୋଇ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇ ସାରିଥିବା ଦିବ୍ୟଦର୍ଶିନୀ ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଦଳରେ ସ୍ଥାନ ପାଇ ରାଜ୍ୟ କ୍ରିକେଟକୁ ଗର୍ବିତ କରିଛନ୍ତି। ଏଥିସହ ଏହି ଓଡ଼ିଆ ଝିଅ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ଦିଗରେ ଆଉ ଏକପାଦ ଅଗ୍ରସର ହୋଇଛନ୍ତି। ଦିବ୍ୟଦର୍ଶିନୀ ଜାଗୃତି କ୍ରିକେଟ ଏକାଡେମୀ(ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ଭାରତ'ଏ' ଦଳ କକ୍ସବଜାରସ୍ଥିତ ଶେଖ୍ କମଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ୩ଟି ଅନଅଫିସିଆଲ ଏକଦିବସୀୟ ମ୍ୟାଚ ଖେଳିବ। ଏହାପରେ ଚଟ୍ଟଗ୍ରାମର ଜହୁର ଅହମ୍ମଦ କ୍ରିକେଟ ଷ୍ଟାଡିୟମରେ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ବାଂଲାଦେଶ ଗସ୍ତପରେ ଭାରତ'ଏ' ଶ୍ରୀଲଙ୍କାରେ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ଏସିସି ଇମର୍ଜିଂ ମହିଳା ଏସିଆ କପ୍‌ରେ ଭାଗନେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟରେ ହେମଲତା କାଲାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍ବଭାରତୀୟ ମହିଳା ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଛି। ଦେବିକା ବୈଦ୍ୟଙ୍କୁ ଅଧିନାୟିକା ଏବଂ ଏସ୍.ମେଘନାଙ୍କୁ ଉପ ଅଧିନାୟିକା ମନୋନୀତ କରାଯାଇଛି।

**ଭାରତୀୟ ମହିଳା 'ଏ' ଦଳ**

ଦେବିକା ବୈଦ୍ୟ(ଅଧିନାୟିକା), ଏସ୍.ମେଘନା(ଉପ-ଅଧିନାୟିକା), ଯଷ୍ଟିକା ଭାଟିଆ, ତେଜାଲ ହାସବନିସ, ତନୁଶ୍ରୀ ସରକାର, ସିମରନ ଦିଲ ବାହାଦୁର, ନୁଜତ ପରବିନ, ଆର.କଳ୍ପନା, ମାନାଲି ଦକ୍ଷିଣୀ, କସ୍ମା ସିଂ, ଅଞ୍ଜଳି ସରୱାନୀ, ମିନୁ ମାନି, ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଟି.ପି. କନୱାର, ରଶି କାନୋଜିଆ।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।


**ବାଂଲାଦେଶ ବିପକ୍ଷ କାର୍ଯ୍ୟସୂଚୀ**

- ଅକ୍ଟୋବର ୪: ପ୍ରଥମ ଦିନିକିଆ, କକ୍ସବଜାର
- ଅକ୍ଟୋବର ୬: ଦ୍ୱିତୀୟ ଦିନିକିଆ, କକ୍ସବଜାର
- ଅକ୍ଟୋବର ୮: ତୃତୀୟ ଦିନିକିଆ, କକ୍ସବଜାର
- ଅକ୍ଟୋବର ୧୧: ପ୍ରଥମ ଟି୨୦, ଚଟ୍ଟଗ୍ରାମ
- ଅକ୍ଟୋବର ୧୨: ଦ୍ୱିତୀୟ ଟି୨୦, ଚଟ୍ଟଗ୍ରାମ
- ଅକ୍ଟୋବର ୧୪: ତୃତୀୟ ଟି୨୦, ଚଟ୍ଟଗ୍ରାମ

" କେ.ଏଲ୍. ରାହୁଲଙ୍କ ଫର୍ମକୁ ନେଇ ଦଳ ଚିନ୍ତିତ, ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଟେଷ୍ଟ ଦଳରେ ଓପନର ଭାବେ ନିଆଯାଇପାରେ ।
– ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା



" ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ମଧ୍ୟରେ ହୁଏତ ମତଭେଦ ଥାଇପାରେ, ଏହାର ଅର୍ଥ ନୁହେଁ ଯେ, ଦୁଇ ଖେଳାଳିଙ୍କ ମଧ୍ୟରେ ବିବାଦ ରହିଛି ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ପାରା ଅଲିମ୍ପିକ କମିଟିଠାରୁ ସ୍ୱୀକୃତି ପ୍ରତ୍ୟାହାର କଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୦।୯(ପି.ଟି.):** ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ଠାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ପିସିଆଇ ଜାତୀୟ କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ମନ୍ତ୍ରଣାଳୟ ଏହି କଡ଼ା ନିଷ୍ପତ୍ତି ନେଇଛି। ପିସିଆଇ ଅଧ୍ୟକ୍ଷ ରାଓ ଇନ୍ଦ୍ରଜିତ୍ ସିଂଙ୍କୁ ବହିଷ୍କାର କରିବାକୁ କମିଟି ନିଷ୍ପତ୍ତି ନେଇଥିଲା। ତାଙ୍କୁ ପିସିଆଇ ବହୁମତରେ ପଦରୁ ବିଦା କରାଯାଇଥିଲା। ଏ ନେଇ ପିସିଆଇ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ପିସିଆଇରେ ବ୍ୟାପକ କୁଶାସନ ଚାଲିଥିବାରୁ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ମନ୍ତ୍ରଣାଳୟ ତରଫରୁ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି। ପଦରୁ ବହିଷ୍କୃତ ହେବା ପରେ ଇନ୍ଦ୍ରଜିତ୍‌ଠାରୁ ମନ୍ତ୍ରଣାଳୟ ଅଭିଯୋଗ ପତ୍ର ପାଇଥିଲା। ନିଜ ଅଧ୍ୟକ୍ଷଙ୍କୁ ନିୟମର ବାହାରକୁ ଯାଇ ଓ ଅଗଣତାନ୍ତ୍ରିକ ଭାବେ ବହିଷ୍କାର କରାଯାଇଥିବା କଥା ମନ୍ତ୍ରଣାଳୟ ହୃଦୟଙ୍ଗମ କରିଥିଲା। ଉଲ୍ଲେଖଥାଉ କି, ୨୦୧୫ରେ ମଧ୍ୟ ତ୍ରୁଟିପୂର୍ଣ୍ଣ ଶାସନ ଯୋଗୁ ପିସିଆଇକୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ୨୦୧୬ରେ ଏହାକୁ ପୁଣିଥରେ ସ୍ୱୀକୃତି ପ୍ରଦାନ କାରଯାଇଥିଲା।

### ବିସିସିଆଇ-ଅଲ୍ ଇଣ୍ଡିଆ ରେଡିଓ ଦୁଇବର୍ଷିଆ ଚୁକ୍ତି

**ନୂଆଦିଲ୍ଲୀ, ୧୦।୯ (ପି.ଟି.):**ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଅଲ୍ ଇଣ୍ଡିଆ ରେଡିଓ (ଏଆଇଆର୍) ମଧ୍ୟରେ ଏକ ଦୁଇ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତଦନୁସାରେ ଅଲ୍ ଇଣ୍ଡିଆ ରେଡିଓ ଜାତୀୟ କ୍ରିକେଟ ଦଳ ନିଜ ଦେଶରେ ଖେଳିବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ସିଧାସଳଖ ଧାରାବିବରଣୀ ପ୍ରଦାନ କରିବ। ସମଗ୍ର ଭାରତରେ ଲକ୍ଷ ଲକ୍ଷ ଶ୍ରୋତା ଖେଳର ରେଡିଓ କମେଣ୍ଟ୍ରି ଶୁଣିପାରିବେ। ସେପ୍ଟେମ୍ବର ୧୫ରୁ ଧର୍ମଶାଳାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରୁ ଅଡିଓ କମେଣ୍ଟ୍ରି ଆରମ୍ଭ ହେବ। ଏଆଇଆର୍ ଏତଦ୍‌ବ୍ୟତୀତ ପୁରୁଷ ଓ ମହିଳା ଘରୋଇ ଟୁର୍ନାମେଣ୍ଟ ଏବଂ ମ୍ୟାଚଗୁଡ଼ିକର କଭରେଜ କରିବ। ଦୁଇ ବର୍ଷିଆ ଚୁକ୍ତି ୨୦୧୯ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବ ଏବଂ ୨୦୨୧ ଅଗଷ୍ଟ ୩୧ରେ ଶେଷ ହେବ। ରଣ୍ଜୀ ଟ୍ରଫି, ଇରାନୀ କପ୍, ଦେଓଧର ଟ୍ରଫି, ସୟେଦ ମୁସ୍ତାକ ଅଲି ଟ୍ରଫି ଏବଂ ମହିଳା ଚ୍ୟାଲେଞ୍ଜର ସିରିଜକୁ ଅଲ୍ ଇଣ୍ଡିଆ ରେଡିଓ କଭରେଜ କରିବ।

■ ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍

# ସାଇନା, ପଲକଙ୍କୁ ସ୍ୱର୍ଣ୍ଣ ପଦକ



ସାଇନା ସାଲୋନିକା, ପଲକ ମହାପାତ୍ର ଓ ୟାଶିତା ରାଉତ।

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚେସ୍‌ର ଭବିଷ୍ୟତଭାବେ ବିବେଚିତ ହେଉଥିବା ପ୍ରତିଭାସମ୍ପନ୍ନ ସାଇନା ସାଲୋନିକା ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ଆଉ ୨ଟି ପଦକ ଅର୍ଜନ କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର ଶେଷ ହୋଇଥିବା ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବାଳିକା ବ୍ଲିଜ୍‌ରେ ଏହି ମହିଳା ଫିଡେ ମାଷ୍ଟର(ଡବ୍ଲ୍ୟୁଏଫ୍‌ଏମ୍) ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାର ମୁଖ୍ୟ କ୍ଲାସିକାଲ ବିଭାଗରେ ରାଜ୍ୟର ଅନ୍ୟତମ ଚେସ୍ ପ୍ରତିଭା ପଲକ ମହାପାତ୍ର ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ସାଇନା ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ରୌପ୍ୟ ପଦକଲାଭ କରିଛନ୍ତି। ପ୍ରତିଯୋଗିତାରେ ସାଇନା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ୟାଶିତା ରାଉତ ୧୨ ବର୍ଷରୁ କମ୍ ବାଳିକା ବ୍ଲିଜ୍ ଫର୍ମାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ସାଇନା ପୂରା ୯ ପଏଣ୍ଟ ପାଇ ଅପରାଜେୟ ରହିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନ ହେବା ପଥରେ ସେ ଜଣେ ଲେଖାଏ ଶ୍ରୀଲଙ୍କା ଓ ବାଂଲାଦେଶ ଏବଂ ୭ ଜଣ ନିଜ ରାଜ୍ୟ/ଭାରତୀୟ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ମହିଳା କ୍ୟାଣ୍ଡିଡେଟ ମାଷ୍ଟର ବୃଷ୍ଟି ମୁଖାର୍ଜୀ ୭ ଓ ଆରୁଷୀ କୋଟ୍‌ୱାଲ ୬ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ କ୍ଲାସିକାଲ ବିଭାଗରେ ସାଇନା ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀଷ୍ମା ଆନନ୍ଦ ଧୁମାଲ ୭ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ସାଇନା ମୋଟ ୫ ମ୍ୟାଚ ଜିତିଥିବାବେଳେ ୩ ମ୍ୟାଚ ଡ୍ର ରଖିଥିଲେ ଏବଂ ଗୋଟିଏ ମ୍ୟାଚରେ ହାରି ଯାଇଥିଲେ। ୪ର୍ଥ ରାଉଣ୍ଡରେ ଧୁମାଲଙ୍କଠାରୁ ପରାଜୟ ଯୋଗୁ ସେ ସ୍ୱର୍ଣ୍ଣ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହି ୨ ପଦକକୁ ମିଶାଇ ସାଇନାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୁଲାନ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ଝିଅ ସାଇନା ସମ୍ପ୍ରତି କିଟ୍‌ରେ ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ।

ପ୍ରତିଯୋଗିତାର ୧୦ ବର୍ଷରୁ କମ୍ କ୍ଲାସିକାଲ ବିଭାଗ ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବାରୁ ପଲକ ଓଭରଅଲ୍ ୧୧ତମ ସ୍ଥାନରେ ଥିଲେ ହେଁ ବାଳିକାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରୁ ୫.୫ ପଏଣ୍ଟ ପାଇଥିଲେ। ସେ ୫ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୩ ମ୍ୟାଚରେ ହାରିଥିଲେ ଏବଂ ଗୋଟିଏ ମ୍ୟାଚ ଡ୍ର ରଖିଥିଲେ। ଏଥିରେ ଅନ୍ୟତମ ଭାରତୀୟ ଖେଳାଳି ଏସ୍.ପୌର୍ଣ୍ଣମି ଓ ସଚିନ ଜୈନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଇନା, ପଲକ ଓ ୟାଶିତାଙ୍କୁ ଏସ୍.ଆର୍. ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବୟକଟ୍, ଷ୍ଟ୍ରସ୍‌ଙ୍କୁ ନାଇଟ୍‌ହୁଡ ଉପାଧି

**ଲଣ୍ଡନ, ୧୦।୯ (ଏଏଫ୍‌ପି):** କିମ୍ବଦନ୍ତୀ କ୍ରିକେଟ୍ ଖେଳାଳି ଜେଫ୍ରି ବୟକଟ୍ ଓ ଆଣ୍ଡ୍ର୍ୟୁ ଷ୍ଟ୍ରସଙ୍କୁ ଇଂଲଣ୍ଡର ସର୍ବୋଚ୍ଚ ନାଗରିକ ସମ୍ମାନ ନାଇଟ୍‌ହୁଡ ଉପାଧିରେ ସମ୍ମାନିତ କରାଯାଇଛି। କ୍ରିକେଟ୍‌କୁ ଉଲ୍ଲେଖନୀୟ ଅବଦାନ ଲାଗି ୟୁନାଇଟେଡ୍ କିଙ୍ଗଡମର ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଉଭୟ ବୟକଟ୍ ଓ ଷ୍ଟ୍ରସ୍‌ଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରିଛନ୍ତି। ୭୮ ବର୍ଷୀୟ ବୟକଟ୍ ୧୯୬୪ରୁ ୧୯୮୨ ମଧ୍ୟରେ ୧୦୮ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ୪୭.୭୨ ଆଭରେଜରେ ୮,୧୧୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ବୟକଟ୍‌ଙ୍କ ନାମରେ ୧୫୧ ଶତକ ସହ ୪୮ ହଜାରରୁ ଊର୍ଦ୍ଧ୍ୱ ରନ୍ ରହିଛି। ୧୯୭୮ରେ ମଧ୍ୟ ବୟକଟ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅବସର ପରେ ସେ ବୟକଟ୍ କ୍ରିକେଟ୍ ଭାଷ୍ୟକାର ଭାବେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସେହିଭଳି ୪୨ ବର୍ଷୀୟ ଷ୍ଟ୍ରସ୍ ୨୦୦୪ରୁ ୨୦୧୨ ମଧ୍ୟରେ ୫୦ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ନେତୃତ୍ୱ ନେଇ ଦୁଇଥର (୨୦୦୯ ଓ ୨୦୧୦-୧୧)ଆଶେସ ସିରିଜ ବିଜୟୀ କରାଇଛନ୍ତି। ଷ୍ଟ୍ରସଙ୍କ ନେତୃତ୍ୱରେ ଇଂଲଣ୍ଡ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ଏହି ବାମହାତୀ ଓପନର୍ ୧୦୦ ଟେଷ୍ଟ ମ୍ୟାଚ୍‌ରୁ ୨୧ ଶତକ ସହାୟତାରେ ୭,୦୩୭ ରନ୍ ସଂଗ୍ରହ କରିଛନ୍ତି।



ଆଣ୍ଡ୍ର୍ୟୁ ଷ୍ଟ୍ରସ୍ ଓ ଜେଫ୍ରି ବୟକଟ।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ



**ଦୁବାଇ, ୧୦।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଦୁଇ ଅଷ୍ଟ୍ରେଲୀୟ କ୍ରିକେଟର୍ ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ଆଶେସ ସିରିଜର ମାଞ୍ଚେଷ୍ଟରରେ ଶେଷ ହୋଇଥିବା ୪ର୍ଥ ଟେଷ୍ଟରେ ଘରୋଇ ଇଂଲଣ୍ଡକୁ ୧୮୫ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଅଷ୍ଟ୍ରେଲିଆକୁ ସିରିଜ ବଜାୟ ରଖିବାରେ ଉଭୟ ସ୍ମିଥ୍ ଓ କୁମିନ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସ୍ମିଥ୍ ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୧୧ ଓ ୮୨ ରନ ସଂଗ୍ରହ କରିଥିଲେ। ବ୍ୟାଟିଂ ତାଲିକାରେ ୯୩୭ ରେଟିଂ ସହ ସ୍ମିଥ୍ ବର୍ତ୍ତମାନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଉପରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସ୍ମିଥ୍ ତାଙ୍କ ସର୍ବକାଳୀନ ରେଟିଂ ପଏଣ୍ଟଠାରୁ ଆଉ ୧୦ ପଛରେ ରହିଛନ୍ତି। ଭାରତ ଅଧିନାୟକ କୋହଲିଙ୍କଠାରୁ ସ୍ମିଥ୍ ୩୪ ପଏଣ୍ଟ ଅଧିକ ପାଇଛନ୍ତି। ଅପରପକ୍ଷରେ ୪ର୍ଥ ଟେଷ୍ଟରେ ୧୦୩ ରନ ବିନିମୟରେ ମୋଟ୍ ୭ ଉଇକେଟ୍ ନେଇଥିବା କୁମିନ୍ସ ୯୧୪ ରେଟିଂ ପଏଣ୍ଟ ସହ ବୋଲିଂ ତାଲିକାରେ ଶୀର୍ଷରେ

**ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍**

ସ୍ଥାନ ଦୃଢ଼ କରିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୬୩ ରେଟିଂ ପଏଣ୍ଟ ପଛରେ ରହି ତାଲିକାର ୨ୟ ଓ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଜୋଶ୍ ହାଜେଲଉଡ୍ ଚଳିତ ବର୍ଷ ପ୍ରଥମଥର ଲାଗି ଟପ୍-୧୦କୁ ପ୍ରବେଶ କରିଛନ୍ତି। ହାଜେଲଉଡ୍ ୪ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି।

# ଭାରତର ଉତ୍ସାହଜନକ ଆରମ୍ଭ

**୧୦।୯ (ପି.ଟି.)**

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆରମ୍ଭ ଉତ୍ସାହଜନକ ରହିଛି। ଭାରତର ବ୍ରିଜେଶ ଯାଦବ (୮୧କେଜି) ମଙ୍ଗଳବାର ଅନୁଷ୍ଠିତ ଏକ ଓପନିଂ ରାଉଣ୍ଡ ବାଉଟ୍‌ରେ ପୋଲାଣ୍ଡର ମାଲେକ୍ ଗୋଏନ୍‌ସ୍କିଙ୍କୁ ହରାଇ ଦେଇଛନ୍ତି। ଚଳିତ ବର୍ଷ ପ୍ରଥମଭାଗରେ ଇଣ୍ଡିଆ ଓପନ୍ ଏବଂ ଥାଇଲାଣ୍ଡ ଓପନ୍‌ରେ ରୌପ୍ୟ ଜିତିଥିବା ଯାଦବ ଗୋଏନ୍‌ସ୍କିଙ୍କୁ ୫-୦ରେ ପରାସ୍ତ କରିଥିଲେ। କିନ୍ତୁ ଲଢେଇବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମଙ୍ଗଳବାର ଭାରତର ଥିଲା ଏହା ଏକମାତ୍ର ବାଉଟ। ଯାଦବ ପରବର୍ତ୍ତୀ ରାଉଣ୍ଡରେ ତୁର୍କୀର ବେରାମ୍ ମାଲ୍‌କାନଙ୍କୁ ଭେଟିବେ। ଏହି ବକ୍ସର ରବିବାର ତାଙ୍କ ପ୍ରଥମ ରାଉଣ୍ଡ ମୁକାବିଲାରେ ବାଇ ପାଇଛନ୍ତି। ଭାରତର ୩ ଜଣ ବକ୍ସର ମଧ୍ୟ ସେମାନଙ୍କ କାଟେଗୋରିରେ ବାଇ ପାଇଛନ୍ତି। ସେମାନେ ହେଲେ ଅମିତ ଫଙ୍ଗାଲ (୫୨କେଜି), କବିନ୍ଦର ସିଂ ବିଷ୍ଟ(୫୭କେଜି) ଏବଂ ଆଶିଷ କୁମାର (୭୫କେଜି)। ବିଶ୍ୱ ଚାମ୍ପିୟନଶିପ୍‌ରେ ୮୭ଟି ଦେଶର ୪୫୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଏହାକୁ ଏକ ଅଲିମ୍ପିକ କ୍ୱାଲିଫାୟର ବିବେଚନା କରାଯାଇଥାଏ। ମାତ୍ର ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ)ରେ ପ୍ରଶାସନିକ ବିବାଦ ଯୋଗୁ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି ) ଏହି ମାନ୍ୟତା ପ୍ରତ୍ୟାହାର କରିନେଇଛି। ଟୁର୍ନାମେଣ୍ଟରେ ପାରମ୍ପରିକ ୧୦ ଡିଭିଜନ ପରିବର୍ତ୍ତେ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ସଂଶୋଧିତ ୮ଟି କାଟେଗୋରି (୫୨କେଜି, ୫୭କେଜି, ୬୩କେଜି, ୬୯କେଜି, ୭୪କେଜି, ୮୧କେଜି, ୯୧କେଜି ଓ +୯୧କେଜି)ରେ ମଧ୍ୟ ପ୍ରତିଯୋଗିତା ହେଉଛି।

୧୯ ବର୍ଷରୁ କମ୍ ଏସିଆ କପ୍

# ଭାରତ-ଶ୍ରୀଲଙ୍କା ସେମି

**କଲମ୍ବୋ, ୧୦।୯:** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିବା ଭାରତ ଗ୍ରୁପ୍-ବି'ର ୨ୟ ସ୍ଥାନରେ ଥିବା ଶ୍ରୀଲଙ୍କାକୁ ଭେଟିବ। ମଙ୍ଗଳବାର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ନିକଟରୁ ୪୨ ରନରେ ପରାସ୍ତ ହୋଇଥିଲେ ମଧ୍ୟ ଆୟୋଜକ ଶ୍ରୀଲଙ୍କା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି। ସେହିଭଳି ଗୁରୁବାର ହେବାକୁ ଥିବା ୨ୟ ସେମିଫାଇନାଲରେ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ଥିବା ବାଂଲାଦେଶ ଗ୍ରୁପ୍-ଏ'ର ୨ୟ ସ୍ଥାନରେ ଥିବା ଆଫଗାନିସ୍ତାନକୁ ଭେଟିବ। ଗ୍ରୁପ୍-ଏ'ରେ ଭାରତ ଓ ଗ୍ରୁପ୍-ବି'ରେ ବାଂଲାଦେଶ ୩ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛନ୍ତି।

# ବିରଳ ସଫଳତାର ଅଧିକାରୀ ହେବେ ପେନ୍

**ଲଣ୍ଡନ,୧୦।୯ (ଏଏଫ୍‌ପି)**



ଟିମ୍ ପେନ୍

ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ପାଇଥିବା ଟିମ୍ ପେନ୍ ଏବେ ଏକ ବିରଳ ସଫଳତାର ଅଧିକାର ହେବାକୁ ଯାଉଛନ୍ତି। ପୂର୍ବରୁ ଯାହା ଗ୍ରେଗ୍ ଚାପେଲ, ରିକି ପଣ୍ଟିଂ ଓ ମାଇକେଲ କ୍ଲାର୍କ ଯାହା କରିପାରି ନ ଥିଲେ ଏବେ ପେନ୍ ତାହା କରିବାକୁ ଯାଉଛନ୍ତି। ଚଳିତ ଆଶେସ୍‌ରେ ପେନ୍ ଅଧିନାୟକ ହିସାବରେ ଏହି ଅସାଧାରଣ ସଫଳତା ହାସଲ କରିବେ। ତେବେ ଆଗକୁ ଆୟୋଜନ ହେବାକୁ ଥିବା ପଞ୍ଚମ ଆଶେସ୍ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଅତିକମ୍‌ରେ ପରାଜୟ ଏଡାଇବାକୁ ପଡିବ। ଏହା ହୋଇପାରିଲେ ପେନ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଇଂଲଣ୍ଡ ମାଟିରେ ଆଶେସ ବିଜୟୀ ହୋଇପାରିବ। ପୂର୍ବରୁ ୧୮ ବର୍ଷ ତଳେ ଅଷ୍ଟ୍ରେଲିଆ ଶେଷଥର ପାଇଁ ଇଂଲଣ୍ଡରେ ଷ୍ଟିଭ୍ ୱଙ୍କ ନେତୃତ୍ୱରେ ୪-୧ରେ ଆଶେସି ସିରିଜ୍ ହାତେଇଥିଲା।

ୱ, ଚାପେଲ, ପଣ୍ଟିଂ ଓ କ୍ଲାର୍କ ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର ଭାବେ ପରିଗଣିତ ହେଉଛନ୍ତି। ଏବେ ଏମାନଙ୍କ ସହ ଯୋଡି ହେବାକୁ ଯାଉଛନ୍ତି ପେନ୍। ଚଳିତ ଆଶେସ୍‌ରେ ପେନ୍ ଉଚ୍ଚକୋଟୀର ନେତୃତ୍ୱର ପରାକାଷ୍ଠା ଦେଖାଇଛନ୍ତି। ପାରମ୍ପରିକ ଭାବେ ଅଷ୍ଟ୍ରେଲିଆ ତା'ର ଶ୍ରେଷ୍ଠ ୧୧ ଜଣ ଖେଳାଳିଙ୍କୁ ଚୟନ କରିଥାଏ। ଏହାପରେ ଏମାନଙ୍କ ମଧ୍ୟରୁ ଜଣକୁ ଅଧିନାୟକ ହିସାବରେ ନିଯୁକ୍ତି ଦେଇଥାଏ। ଅନ୍ୟପଟେ ଇଂଲଣ୍ଡ ନେତୃତ୍ୱର କଳା ଦେଖି ଅଧିନାୟକ ନିଯୁକ୍ତି କରିଥାଏ। ଅର୍ଥାତ ଜଣକୁ ପ୍ରଥମେ ଅଧିନାୟକ ନିଯୁକ୍ତ କରାଯାଇଥାଏ ଓ ପରେ ଇଂଲଣ୍ଡ ବାକି ୧୦ଜଣ ଖେଳାଳିଙ୍କୁ ଚୟନ କରିଥାଏ।

ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପେନ୍ କଥା ଭିନ୍ନ ମନେହୁଏ। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ନେତୃତ୍ୱ କାଢି ନିଆଯାଇଥିଲା। ସେହିପରି ଏହି ମାମଲାରେ ଓପନର ଡେଭିଡ ୱାର୍ନରଙ୍କୁ ମଧ୍ୟ ଉପ- ଅଧିନାୟକ ପଦରୁ ବହିଷ୍କୃତ କରାଯାଇଥିଲା। ଏହି ଦୁଇ ଖେଳାଳିଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ ୧୨ ମାସ ବାସନ୍ଦ କରିଥିଲା। ଏପରି ସ୍ଥଳେ ବଲ ଟ୍ୟାମ୍ପରିଂ ମାମଲାରେ ଛନ୍ଦିହୋଇ ନ ଥିବା ଜଣେ ଖେଳାଳିଙ୍କୁ ନେତତ୍ୱ ଦେବାକୁ କ୍ରିକେଟ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଥିଲା। ଫଳରେ ପେନ୍‌ଙ୍କୁ ନେତୃତ୍ୱର ଗୁରୁଦାୟିତ୍ୱ ମିଳିଥିଲା। ତେଣୁ ସେ ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳରେ ନେତୃତ୍ୱ ପାଇଥିଲେ।

ପେନ୍ ୨୦୧୦ରେ ଲର୍ଡ୍ସରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପଦାର୍ପଣ କରିଥିଲେ। ୨୦୧୭ରେ ଅବସର ନେଇ ଚାକିରି କରିବାକୁ ଏକଦା ପେନ୍ ମନବଳାଇଥିଲେ। ତେବେ ଏହା ଗୋଟିଏ ବର୍ଷ ପରେ କଥା ବଦଳିଯାଇଥିଲା। ପେନ୍ ନେତୃତ୍ୱ ନେଉଥିବାରୁ ଦଳରେ ସ୍ଥାନ ପାଇଛନ୍ତି। ନ ହେଲେ ତାଙ୍କର ଦଳରେ ରହିବାର ଯୋଗ୍ୟତା ନାହିଁ ବୋଲି କେତେଜଣ କହୁଛନ୍ତି।

ଚଳିତ ଆଶେସରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଘରୋଇ ଇଂଲଣ୍ଡଠାରୁ ପାଦେ ଆଗରେ ରହିଛି। ୩ଟି ଶତକ ସହ ୧୩୪.୨୦ ରନ ହାରରେ ସେ ୩ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୬୭୧ ରନ ସଂଗ୍ରହ କରିଛନ୍ତି। ଏଥିରେ ୨୧୧ ରନର ଏକ ଦ୍ୱିଶତକୀୟ ଇନିଂସ ମଧ୍ୟ ସାମିଲ ରହିଛି। ବାସନ୍ଦରୁ ଫେରିବା ପରେ ସ୍ମିଥ୍ ତାଙ୍କ ପ୍ରଥମ ଟେଷ୍ଟ ସିରିଜ ଖେଳୁଛନ୍ତି। ସ୍ମିଥ୍ ଜଣେ ଅସାଧାରଣ ଖେଳାଳି। ତାଙ୍କର ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି ବୋଲି ପେନ୍ କହିଛନ୍ତି।

# ମଜଭୁତ ସ୍ଥିତିରେ ଭାରତ-ଏ

**ଥିରୁଭାନନ୍ତପୁରମ, ୧୦।୯**

**ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ**



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

■ ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ- ୧୬୪/୧୦

■ ଭାରତ-ଏ ପ୍ରଥମ ଇନିଂସ- ୩୦୩/୧୦ (ଶୁବମନ ୯୦, ଋତୁରାଜ ଗାଏକ୍‌ୱାଡ ୩୦, ସକ୍ସେନା ୬୧*, ରିକି ଭୁଇ ୨୬, ଲୁନଗି- ୩/୫୦, ପିଡେଟ- ୩/୮୪)।

■ ଦକ୍ଷିଣ ଆଫ୍ରିକା ୨ୟ ଇନିଂସ- ୧୨୫/୫, ୩୫ ଓଭର (ମାର୍କରାମ ୪, କ୍ଲାସେନ ୩୫*, ହାମଜା ୪୪, ମଲଡର ୧୨*, ନଦିମ-୨/୧୩)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ୧୩୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩୫ ଓଭରରେ ୫ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଛି। ଉଇକେଟ୍‌କିପର ହେନରୀ କ୍ଲାସେନ ୩୫ ଓ ୱିଆନ ମଲ୍‌ଡର ୧୨ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଏଡେନ ମାର୍କରାମ ୪, ପିଟର ମଲାନ ୪, ଜୁବାୟର ହମାଜ ୪୪, ଖୟା ଜୋଣ୍ଡୋ ୧୦ ଓ ସେନୁରାନ ମୁଥୁସାମୀ ୪ ରନ୍ କରି ଆଉଟ୍ ହୋଇଛନ୍ତି। ଘରୋଇ ଭାରତ-ଏ ପକ୍ଷରୁ ଶାହବାଜ ନଦିମ ୨ ଏବଂ ମହମ୍ମଦ ସିରାମ, ଶାର୍ଦ୍ଦୁଳ ଠାକୁର ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ହାତରେ ୫ ଉଇକେଟ୍ ରହିଥିବାବେଳେ ଭାରତ-ଏ ଇନିଂସ ପରାଜୟ ଏଡ଼ାଇବା ପାଇଁ ଆହୁରି ୧୪ ରନ୍ ଆବଶ୍ୟକ କରୁଛି। ମ୍ୟାଚ୍ ଆହୁରି ୨ ଦିନ ବଳକା ରହିଥିବାବେଳେ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

ପୂର୍ବରୁ ଦକ୍ଷିଣ ଆଫ୍ରିକା-ଏ'ର ପ୍ରଥମ ଇନିଂସ ସ୍କୋର ୧୬୪ ରନ ଜବାବରେ ଭାରତ-ଏ ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୧୨୯ ରନ କରିଥିଲା। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ କରି ଭାରତ-ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ଯୋଗୁ ୮୭.୫ ଓଭରରେ ୩୦୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ସେ ନିଜ ପୂର୍ବଦିନର ସ୍କୋରରେ ଆଉ ୨୩ ରନ ଯୋଡ଼ି ଡେନ୍ ପିଡେଟ୍‌ଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ସେହିପରି ଉଇକେଟ୍‌କିପର ଶ୍ରୀକର ଭରତ ୩୩ ଓ ନିମ୍ନକ୍ରମରେ ଶାର୍ଦ୍ଦୁଳ ଠାକୁର ୩୪ ରନ କରିଥିବାବେଳେ ଜଲାଜ ସକ୍ସେନା ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଲୁନଗି ଏନ୍‌ଗିଡି ଓ ପିଡେଟ୍ ୩ଟି ଲେଖାଏ ଏବଂ ମାର୍କୋ ଜାନସେନ ଓ ଲୁଥୋ ସିପମଲ ୨ଟି ଲେଖାଏ ଉଇକେଟ୍ ବାଣ୍ଟି ନେଇଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



MARUTI SUZUKI ARENA
ପ୍ରସ୍ତୁତ ହେଉଛି
5 ବର୍ଷ ୱାରେଣ୍ଟି^
ଡିଜେଲ ରେ ଚାଲୁଥିବା ମାରୁତି ସୁଜୁକୀ କାର ଗୁଡ଼ିକ ଉପରେ ।#
Dzire, Swift ଏବଂ Vitara Brezza ଉପରେ 5 ବର୍ଷ ଫ୍ରି ୱାରେଣ୍ଟି ପ୍ରାପ୍ତ କରନ୍ତୁ, ଏବଂ ନିଜର ଡ୍ରାଇଭ୍‌କୁ ସମ୍ପୂର୍ଣ୍ଣ ଚିନ୍ତା ମୁକ୍ତ କରନ୍ତୁ ।
DDiS
ଡିଜେଲ ଇଞ୍ଜିନ୍
ହାଇ ଟୋର୍କ
ହାଇ ଫିଉଲ ଇଫିସିଏନ୍‌ସି
ସୁପିରିୟର ଡ୍ରାଇଭିଙ୍ଗ୍ ଏକ୍ସପିରିଏନ୍‌ସ
BIGGER SAVINGS
DZIRE ₹65,000*
SWIFT ₹60,000*
VITARA BREZZA ₹80,000*
+ FREE 5 YEAR WARRANTY^
DZIRE SWIFT VITARA BREZZA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
ODYSSEY MOTORS
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108
SKY AUTOMOBILES
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.
NARAYANI MOTORS
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.
*Offer includes consumer offer, corporate offer and exchange bonus (Wherever Applicable) on Dzire Diesel (all variants), Swift Diesel (all variants) and Vitara Brezza (all variants). ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. #Only applicable for Dzire, Swift and Vitara Brezza. Terms and Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. All offers are valid till 30th September 2019.




Hero
₹3000** Exchange Bonus
₹2000** Loyalty Bonus
GURUDAKSHINA OFFER
₹2500## Benefit
for TEACHERS on Hero Two-Wheelers
No. 1* GLAMOUR
CUSTOMER'S NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ୍# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
85 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
Splendor+ Super Splendor iSmart+ Passion Pro Glamour HF Deluxe Xtreme 200R Maestro Edge Pleasure Destini 125
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ## Guru-Dakshina scheme is applicable for Teachers only. As per cumulative dispatch numbers as on June, 2019. ** This offer is applicable for scooters only.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମାୟୀ ମୋଟର୍ସ - (06756) 250280, 9337774624. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଣ୍ୟା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ଭରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗଞ୍ଜେଇ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**ନୟାଗଡ଼ ଅଫିସ,୧୦।୯:** ଇଟାମାଟି ପୋଲିସ ମଙ୍ଗଳବାର ଏକ ଗଞ୍ଜେଇ ଚାଲାଣ ମାମଲାରେ ଜଡ଼ିତ ଥିବା ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମେଳାମ୍ବ ଗ୍ରାମର ରମେଶ ଲେଙ୍କା (୪୫) । ପ୍ରକାଶ ଯେ, ୨୦୧୬ ମସିହାରେ ରମେଶ ୧୫ଟି ବ୍ୟାଗରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ। ପୋଲିସ ଗଞ୍ଜେଇ ବ୍ୟାଗ ଜବତ କରିଥିବା ବେଳେ ରମେଶ ଫେରାର୍ ହୋଇଯାଇଥିଲେ। ଏ ନେଇ ରମେଶଙ୍କ ନାମରେ ୱାରେଣ୍ଟ ହୋଇଥିଲା। ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ରପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ମେଳାମ୍ବ ଗ୍ରାମରେ ରମେଶଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ବିଦେଶୀ ମଦ ଜବତ, ୧ ଗିରଫ

**ନୟାଗଡ଼ ଅଫିସ,୧୦।୯:** ଇଟାମାଟି ପୋଲିସ ଗଦାଧରପ୍ରସାଦ ଗ୍ରାମରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ୨୫ ବୋତଲ ବିଦେଶୀ ମଦ ଜବତ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ସନ୍ତୋଷ କୁମାର ମୁଦୁଲି। ସନ୍ତୋଷ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଇଟାମାଟି ଥାନାରେ ୧୨୧/୧୯ରେ ଏକ ମାମଲା ରୁଜୁ କରାଯାଇ ସନ୍ତୋଷଙ୍କୁ ଗିରଫ କରାଯାଇଥିବା ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଜବତ ମଦର ମୂଲ୍ୟ ୫ ହଜାର ଟଙ୍କା ହେବ ।

### ନାଳରେ ବୁଡ଼ି ଯୁବକ ମୃତ

**ନୟାଗଡ଼ ଅଫିସ,୧୦।୯:** ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ନୋଡର ଟାଙ୍ଗିପାଟଣା ଗ୍ରାମରେ ମଙ୍ଗଳବାର ସକାଳେ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ମାଧବ ପରିଡ଼ାଙ୍କ ପୁଅ ସୁମନ ପରିଡ଼ା (୨୦)। ପ୍ରକାଶ ଯେ, ସୁମନ ମଙ୍ଗଳବାର ଗ୍ରାମ ନିକଟସ୍ଥ ଏକ ନାଳକୁ ଶୌଚ ହେବା ପାଇଁ ଯାଇଥିଲେ। ନାଳରେ ବର୍ଷା ପାଣି ଭରି ରହିଥିବାରୁ ସେଠାରେ ସେ ବୁଡ଼ି ଯାଇଥିଲେ। ପରେ କିଛି ଲୋକ ଦେଖି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଇଟାମାଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଗଣେଶ ମୂର୍ତ୍ତି ଭସାଣିରେ ଗୋଷ୍ଠୀ ସଂଘର୍ଷ

**ଜଟଣୀ,୧୦।୯(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ କଂସପଦା ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣିକୁ ନେଇ ସୋମବାର ରାତିରେ ଅସବର୍ଣ୍ଣ-ସବର୍ଣ୍ଣ ଜାତିର ଦୁଇଗୋଷ୍ଠୀ ଯୁବକଙ୍କ ମଧ୍ୟରେ ମାରପିଟ ହୋଇ ୪ ଜଣ ଆହତ ହୋଇଛନ୍ତି। ଅସବର୍ଣ୍ଣ ସାହିର ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଯାଉଥିବା ବେଳେ ଏହି ବିବାଦ ଉପୁଜିଥିବା ଜଣାପଡିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତର୍କ ଦୃଷ୍ଟି ରଖିଛି।

# ଐତିହ୍ୟ ସଂରକ୍ଷଣ ପରିଷଦର ମଠ ପରିଦର୍ଶନ

**ପୁରୀ ଅଫିସ, ୧୦।୯**

ଐତିହ୍ୟ ସଂରକ୍ଷଣ ପରିଷଦ କର୍ମକର୍ତ୍ତା ମଙ୍ଗଳବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ମଠ ପରିଦର୍ଶନ କରିଛନ୍ତି। ଅପରାହ୍ନରେ ରାଧାବଲ୍ଲଭ ମଠ, ସାନଛତା ମଠ ବୁଲିବା ସହ ଉଚ୍ଛେଦରୁ ବାଦ୍ ଦିଆଯାଇଥିବା ଲଙ୍ଗୁଳି ମଠର ବିଜେସ୍ଥଳୀ ଦେଖିଛନ୍ତି। ସଦସ୍ୟମାନେ ମଠ ପୂଜାସ୍ଥଳୀର ବିଗ୍ରହ ସମୂହ ତଥା ପ୍ରାଚୀନ ଐତିହ୍ୟର ପର୍ଯ୍ୟବେକ୍ଷଣ କରିବା ପରେ ସମ୍ପୃକ୍ତ ମହନ୍ତମାନଙ୍କ ସହିତ ଆଲୋଚନା କରିଥିଲେ। ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ମଠର ସମ୍ମୁଖ ଭାଗରୁ କିଛି ଅଂଶ ଭଙ୍ଗାଯିବା ଲାଗି ପ୍ରଶାସନ ତାଙ୍କୁ ଜଣାଇ ଦେଇଛି। ମଠର ବିଜେସ୍ଥଳୀ ଏବଂ ଅନ୍ୟ ଅଂଶ ସୁରକ୍ଷିତ ରହିବ ବୋଲି ସେ ଆଶାବାଦୀ ଅଛନ୍ତି। ଦ୍ୱାଦଶ ଶତାବ୍ଦୀରେ ସନ୍ଥ ନିମ୍ବାର୍କ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମଠ ମହାପ୍ରଭୁଙ୍କ ନିକଟରେ ଆଲଟ ଚାମର



ମଠ ମହନ୍ତଙ୍କ ସହ ଆଲୋଚନା କରୁଛନ୍ତି ଐତିହ୍ୟ ସଂରକ୍ଷଣ ପରିଷଦ କର୍ମକର୍ତ୍ତା।

**ମହନ୍ତଙ୍କ ସହ ଆଲୋଚନା**

ସେବା ସହିତ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ଏବଂ ସୁଦର୍ଶନ ବିଜେ ସମୟରେ ପନ୍ତି ଭୋଗର ବ୍ୟବସ୍ଥା କରିଥାଏ। ଗୀତଗୋବିନ୍ଦର ରଚୟିତା କବି ଜୟଦେବ ଏହି ମଠରେ ଏକଦା ଅବସ୍ଥାନ କରୁଥିଲେ। ଏହି ପ୍ରାଚୀନ ମଠର ସୁରକ୍ଷାକୁ ପ୍ରଶାସନ ପ୍ରାଥମିକତା ହେବା ଦରକାର ବୋଲି ଆଲୋଚନା ହୋଇଥିଲା। ସେହିପରି ସାନଛତା ମଠ ମହନ୍ତ ରାମଭୂଷଣ ଦାସ କହିଥିଲେ, ରାମାନନ୍ଦୀ ସମ୍ପ୍ରଦାୟର ଏହି ମଠ ୧୬୭୦ ମସିହାରେ ସନ୍ଥ ଶ୍ରୀରାମ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହି ମଠର ଶ୍ରୀମନ୍ଦିରରେ ଆଲଟ ଚାମର ସେବା ରହିଛି। ଏକଦା ଦୋଳବେଦିର ସୁରକ୍ଷା ସହିତ ଦୋଳପୂର୍ଣ୍ଣିମାରେ ମହାପ୍ରଭୁଙ୍କ ବିଜେ ଓ ବାହୁଡ଼ା ସମୟରେ ଏହି ମଠର ସାଧୁମାନେ ସୁରକ୍ଷା ପ୍ରଦାନ କରୁଥିଲେ। ଶ୍ରୀମନ୍ଦିର ଦୁଆରଫିଟା ସମୟରେ ମଠ ପକ୍ଷରୁ ଚାରି ଦୁଆରେ ମଙ୍ଗଳ ଆବାହନୀ ଗାନ କରାଯାଏ। ପ୍ରବେଶ ତୋରଣର ଦୁଇପାର୍ଶ୍ୱରେ ଶ୍ରୀହନୁମାନ ଓ ଶ୍ରୀଗରୁଡ଼ଙ୍କ ପ୍ରାୟ ୩ ଫୁଟ ଉଚ୍ଚତାର ମୂର୍ତ୍ତି ଦଣ୍ଡାୟମାନ। ମଠ ଭଙ୍ଗାଗଲେ ମଠରେ ପୂଜିତ ଚତୁର୍ଦ୍ଧାବିଗ୍ରହଙ୍କ ସହିତ ଗୋପାଳ ଓ ଶାଳଗ୍ରାମଙ୍କ ନୀତିକାନ୍ତିରେ ବ୍ୟାଘାତ ଘଟିବ। ମଠ ଯଦି ଭଙ୍ଗାଯିବ ତେବେ ବିଗ୍ରହମାନଙ୍କୁ ସାଥିରେ ନେଇ ଅନ୍ୟତ୍ର ଚାଲିଯିବେ ବୋଲି ପରିଷଦ ସଦସ୍ୟଙ୍କ ସହ ଆଲୋଚନା ବେଳେ କହିଥିଲେ। ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର, ଦେବୀପ୍ରସନ୍ନ ନନ୍ଦ, ରାଜକୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଶ୍ୱଜିତ ସେନାପତି, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ଦାମୋଦର ପରିଡ଼ା ପ୍ରମୁଖ ପରିଦର୍ଶନରେ ସାମିଲ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୧୪୩ ଅଭିଯୋଗ ଶୁଣାଣି

**ନୟାଗଡ଼ ଅଫିସ,୧୦।୯**

ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁ ୧୪୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୩୩ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୩ଟି ଗ୍ରାମ ସମସ୍ୟା ଓ ୭ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ୮ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ପିଡି ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କ ସମତେ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।



ଜିଲାପାଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି।

## ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆ ପର୍ବ

# ସୁନା ଥାଳିଆରେ କାକରାପିଠା ଭୋଗଲାଗି

**ଓଡ଼ଗାଁ, ୧୦।୯(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ମଙ୍ଗଳବାର ସୁନିଆ ପର୍ବ ପାଳିତ ହୋଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ୩ ସୁନାଥାଳିଆରେ ୩ ବାଡ ସ୍ୱତନ୍ତ୍ର କାକରା ପିଠା ଲାଗି କରାଯାଇଛି । ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନ ଜନ୍ମ ମହୋତ୍ସବ ପାଳନ କରାଯାଇଥିଲା। ଏହି ଦିନଠାରୁ ଗଜପତି ମହାରାଜାଙ୍କ ନାମରେ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୨୭ସାଲ ଆରମ୍ଭ ହୋଇଛି । ବାମନ ଜନ୍ମ ଅବସରରେ ପରମ୍ପରା ଅନୁସାରରେ ଶ୍ରୀଜୀଉମାନେ ନୂତନ ପାଟବସ୍ତ୍ର, ବନାରସୀ ପୋଷାକ, ସୁବର୍ଣ୍ଣ ମୁକୁଟ ସହିତ ନାନାଦି ଅଳଙ୍କାରରେ ଭୂଷିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ସୁନିଆ ପାଳନ ଉପଲକ୍ଷେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ସୁନିଆ ନୀତିଲାଗି ଜୟ ବିଜୟ ଦ୍ୱାରକୁ ବିଜେ ହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ । ବିଜେ ପ୍ରତିମାଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୩ ବାଡ କାକରା ରାଜ ଭୋଗ (ପିଠା) ୩ଟି ସୁବର୍ଣ୍ଣ ଥାଳିରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହା ସହିତ ଶ୍ରୀଜୀଉଙ୍କୁ ମହା ଆଳତି ଲାଗି କରାଯାଇଥିଲା। ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଥାଳିରେ



ସୁବର୍ଣ୍ଣ ଥାଳିରେ କାକରା ପିଠା ଲାଗି କରାଯାଇଛି।

ଏହି ବିଶେଷ ଭୋଗ ଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ହୋଇଆସୁଛି। ଏହା ସହିତ ଶ୍ରୀଜୀଉଙ୍କ ସେବାରେ ଥିବା ଛତିଶା ନିଯୋଗ ତଥା ପୂଜକ ସେବକ, କର୍ମଚାରୀ, ଶ୍ରଦ୍ଧାଳୁ ଓ ଅଧିକାରୀମାନେ ପ୍ରଭୁଙ୍କୁ ଅଙ୍କ ଭେଟି ପ୍ରଦାନ କରି ପ୍ରଭୁକୃପା ଲାଭ କରିବାକୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ପ୍ରତ୍ୟାବର୍ତ୍ତନ ପରେ ମଧ୍ୟାହ୍ନ ଧୂପ ସହିତ ଶ୍ରୀଜୀଉଙ୍କ ଦିବା ପହୁଡ ହୋଇଥିଲା । ପାଳିଆ ପଣ୍ଡା ମନୋଜ କୁମାର ନନ୍ଦ ପୂଜାକାର୍ଯ୍ୟ ସମାପନ କରିଥିବା ବେଳେ ପୂଜକ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି କୋଠ ସୁଆର ଗୁଣ୍ଡିଚି ସାହୁ ସ୍ୱତନ୍ତ୍ର କାକରା ପ୍ରସ୍ତୁତ କରିଥିଲେ ।

## ଭସାଣି ଉତ୍ସବ
## ଘଣ୍ଟ ନାଦରେ ଉଚ୍ଛୁଳିଲା ବଡ଼ଦାଣ୍ଡ

**ପୁରୀ ଅଫିସ, ୧୦।୯**

ବଡ଼ଦାଣ୍ଡସ୍ଥିତ ଅଶୋକ ବଜାର ବ୍ୟବସାୟୀଙ୍କ ସହଯୋଗରେ ଅନୁଷ୍ଠିତ ଗଣେଶ ପୂଜା ଭସାଣି ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ୯ ଦିନ ଧରି ମଣ୍ଡପରେ ପୂଜା ପାଉଥିବା ଅଗ୍ରପୂଜ୍ୟଙ୍କୁ ମଙ୍ଗଳବାର ଅପରାହ୍ନରେ ଅଶୋକ ଗାଣପତ୍ୟ ସମିତିର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବଡ଼ଦାଣ୍ଡ ପରିକ୍ରମା କରାଇଥିଲେ। ଏହାପରେ ମୂଷାନଈରେ ଠାକୁରଙ୍କୁ ବିସର୍ଜନ କରିଥିଲେ। ତେବେ ଏହି ସମିତିର ସ୍ୱତନ୍ତ୍ରତା ସମ୍ପର୍କରେ ସଭାପତି ଜାନକୀ ନନ୍ଦନ ମହାନ୍ତି କୁହନ୍ତି, ଦିନକୁ ଦିନ ପ୍ରଦୂଷଣ ମାତ୍ରା ବଢୁଛି। ତେଣୁ ଆମ ସମିତି ସର୍ବଦା ପ୍ରଦୂଷଣଠାରୁ ଦୂରେଇ ରହିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ ଅଧିକ ସଂଖ୍ୟାରେ ମୂର୍ତ୍ତି ନିର୍ମାଣ ହେଉଛି। ବିସର୍ଜନ ପରେ ମୂର୍ତ୍ତିରେ ବ୍ୟବହୃତ ରାସାୟନିକ ରଙ୍ଗ ପାଣିରେ ମିଶି ଜଳ ପ୍ରଦୂଷଣ ବୃଦ୍ଧି କରୁଛି। ତେଣୁ ସମିତି ପକ୍ଷରୁ ଦୀର୍ଘବର୍ଷ ଧରି ଗଢାଯାଉଥିବା ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରା ନ ଯାଇ ପ୍ରାକୃତିକ ରଙ୍ଗ ଦିଆଯାଉଛି। ଚଳିତବର୍ଷ ଏକ ନୂତନ ପରମ୍ପରା ଅନୁଯାୟୀ, ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଆକର୍ଷଣୀୟ ତୋରଣ କରାଯାଇଥିଲା। ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଭସାଣି ଶୋଭାଯାତ୍ରାରେ ଅନୁଷ୍ଠାନର ସଭାପତି ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ଅଶୋକ କୁମାର ପୃଷ୍ଟି, କୋଷାଧକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ, ଗୋପାଳ ଚୌଧୁରୀ, ସତ୍ୟନାରାୟଣ ସାହୁ, ଶଙ୍କର ପ୍ରସାଦ ନାୟକ, ଦୋଳଗୋବିନ୍ଦ ମହାନ୍ତି, ଲଲାଟେନ୍ଦୁ ସାହୁ, ମୁରଲୀଧର ନାୟକ, ଅଶୋକ କୁମାର ପ୍ରଧାନ, ଶରତ ପୃଷ୍ଟି, ନେତ୍ରାନନ୍ଦ ପାତ୍ର, ତ୍ରିନାଥ ସାହୁଙ୍କ ସମେତ ପ୍ରମୁଖ ବ୍ୟବସାୟୀ ସାମିଲ ଥିଲେ।

# ଡିଏଭି ସ୍କୁଲର ପୂର୍ବତନ ଅଧକ୍ଷଙ୍କ ପରଲୋକ

**ନୟାଗଡ଼ ଅଫିସ,୧୦।୯**

ନୟାଗଡ଼ ଡିଏଭି ସ୍କୁଲର ପୂର୍ବତନ ଅଧକ୍ଷ ଅଭୟ କୁମାର ପ୍ରଧାନଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅଭୟଙ୍କ ବେକରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଟାଉନ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ବିଳମ୍ବରେ ଆସିବାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ପୂର୍ବରୁ ଅଭୟଙ୍କ ପରିବାର ଲୋକ ଘରକୁ ନେଇ ଯାଇଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟା ସମୟରେ ଡିଏଭି ସ୍କୁଲ ପରିସରରେ ଥିବା ଅଭୟଙ୍କ ଚ୍ୟାମ୍ବରରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସଙ୍ଗେସଙ୍ଗେ ସ୍କୁଲ କର୍ତ୍ତୃପକ୍ଷ ଓ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେକରେ ଆଘାତ ଲାଗି ତାଙ୍କର ମୃତ୍ୟୁ ଘଟିଥିବା ନେଇ ରାତ୍ର ୮ଟାରେ ରିପୋର୍ଟ ଦେଇଥିଲେ। ଏ ନେଇ ଟାଉନ ପୋଲିସକୁ ମଧ୍ୟ ସୂଚନା ଦିଆଯାଇଥିଲା। ଟାଉନ ପୋଲିସ ୮ଟା ୧୫ରେ ପହଞ୍ଚିବାବେଳକୁ ଅଭୟଙ୍କ ପରିବାର ଲୋକ ମୃତଦେହ ଘରକୁ ନେଇ ଯାଇଥିଲେ। ଏହା ପରେ ପୋଲିସ ତାଙ୍କ ଘରକୁ ଯାଇଥିଲେ ମଧ୍ୟ ମୃତଦେହ ଆଣି ପାରି ନ ଥିଲା। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ଅଭୟଙ୍କ ମୃତ୍ୟୁ ଖବର ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଥିଲା। ପରେ ପୋଲିସ ଗାଡ଼ି ତାଙ୍କ ଘରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଆଣିବାକୁ ଯାଇଥିଲା। ଦୂରରେ ଥିବା ତାଙ୍କ ଭାଇ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଅଣାଯିବ ବୋଲି ସେ ସୂଚନା ଦେଇଥିଲେ।

# ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଭାପୁର,୧୦।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବଜାର ପକ୍ଷରୁ ସବୁ ବର୍ଷ ପରି ଚଳିତ ବର୍ଷ ଦୁର୍ଗାପୂଜା ପାଳନ କରାଯିବ। ମା'ଙ୍କ ଶାରଦୀୟ ଉତ୍ସବ ପାଇଁ ମଙ୍ଗଳବାର ଭାପୁର ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ବଜାର ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କମିଟିର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ରାଧାଷ୍ଟମୀ ଦିନ ମାଟିପୂଜା ହୋଇ ମୂର୍ତ୍ତି ତିଆରି ଆରମ୍ଭ ହୋଇଛି। ସର୍ବସମ୍ମତି କ୍ରମେ ବଜାର ସଫା ସୁତରା ରଖିବା ଓ ନିଜ ଦୋକାନ ସମ୍ମୁଖ ନିଜେ ସଫା କରିବା ନିଷ୍ପତ୍ତି ହୋଇଥିଲା। ପ୍ରତି ମାସର ସଂକ୍ରାନ୍ତିରେ ବଜାର ବନ୍ଦ ରହୁଥିବା ବେଳେ ଏବର୍ଷ ହୋଲିରେ ମଧ୍ୟ ବଜାର ବନ୍ଦ ରହିବାକୁ ନିଷ୍ପତ୍ତି ହୋଇଛି।



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

# ଚାରା ଲଗାଇଲେ, ମଞ୍ଜି ଗୁଳା ଜଙ୍ଗଲକୁ ଫିଙ୍ଗିଲେ

**ଖୋର୍ଦ୍ଧା ଅଫିସ,୧୦।୯:** ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମି ଶାଖା ପକ୍ଷରୁ ବରୁଣେଇ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ଗ୍ରୀନ ଆର୍ମିର ସଦସ୍ୟମାନେ ଚାରା ଲଗାଇଲେ, ପର୍ଯ୍ୟଟକଙ୍କୁ ଚାରା ବାଣ୍ଟିଲେ ଓ ବରୁଣେଇ ଜଙ୍ଗଲ ଭିତରକୁ ମାଟି, ଗୋବର, ଗାମାକ୍ସିନ୍‌ର ଗୋଳାରେ ପଣସ, ଲିମ୍ବ, ହରିଡା, ବାହାଡାର ମଞ୍ଜି ସହ ଫୋପାଡି ଥିଲେ। ବଉଳ, ଖିରିକୋଳି, ଚମ୍ପା, କାଳବୂଆ, ଅଁଳା, ବାହାଡା, ହରିଡା ଆଦି ୨୦୦ ଚାରାରୋପଣ କରିଥିଲେ। ୨ ହଜାର ମଞ୍ଜିର ଗୁଳା ଜଙ୍ଗଲର ବିଭିନ୍ନ ସ୍ଥାନକୁ ଫୋପଡା ଯାଇଛି। ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମି ଶାଖାର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ସାମାଜିକ କର୍ମୀମାନେ ସହଯୋଗ କରିଥିଲେ।

# ଗୃହରକ୍ଷୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଗୃହରକ୍ଷୀମାନଙ୍କ ମଧ୍ୟରୁ ଇତିମଧ୍ୟରେ ୫ଜଣ ଅବସର ଗ୍ରହଣ କରଛନ୍ତି। ଖଣ୍ଡପଡା ଶୁଭମଣ୍ଡପ ପରିସରରେ ରବିବାର ଆୟୋଜିତ ଉତ୍ସବରେ ସେମାନଙ୍କୁ ଉତ୍ତରୀୟ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି ମୁଖ୍ୟଅତିଥି ଓ ନୟାଗଡ ଜିଲା ଗୃହରକ୍ଷୀ ସଂଘ ସଭାପତି ରଘୁନାଥ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅବସର ନେଇଥିବା ଗୃହରକ୍ଷୀ ଜୟକୃଷ୍ଣ ପ୍ରଧାନ, ସୁରେନ୍ଦ୍ର ନାରାୟଣ ଦାସ, ଦୁର୍ଯ୍ୟୋଧନ ପ୍ରଧାନ, ବୈକୁଣ୍ଠନାଥ ସାହୁ, ପରଲୋକଗତ ଗୃହରକ୍ଷୀ ଦେବରାଜ ପଣ୍ଡାଙ୍କ ପୁତ୍ର କୈଳାସ ଚନ୍ଦ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡା ଓ ଗଣିଆ ଥାନା ସମେତ ଫାଣ୍ଡିରେ କାର୍ଯ୍ୟରତ କର୍ମଚାରୀ ଯୋଗଦେଇଥିଲେ।



ଗୃହରକ୍ଷୀଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

## ନୀଳମାଧବ ଜୀଉଙ୍କ ପୀଠରେ ବାମନ ଜନ୍ମଦିବସ

# ପ୍ରାଚୀନ 'ଅଙ୍କ' ପରମ୍ପରା ଭୁଲିଗଲେଣି ଯୁବପିଢ଼ି

**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.)**

ମଙ୍ଗଳବାର କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ବାମନ ଜନ୍ମଦିବସ ପାଳନ କରାଯାଇଛି। ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଚଳଣିରେ ଏହି ପର୍ବକୁ 'ସୁନିଆ' ବା 'ଅଙ୍କ' ପର୍ବ ବୋଲି କୁହାଯାଏ। ଅଙ୍କ ପର୍ବ ପ୍ରଚଳିତ ପ୍ରାଚୀନ ପରମ୍ପରା ଓ ଐତିହ୍ୟ ଦୃଷ୍ଟିରୁ ବେଶ ଗୁରୁତ୍ୱ ବହନ କରିଆସିଛି। ଓଡିଶାରେ ଓଡିଆ ପାଞ୍ଜି ଆରମ୍ଭ ହୁଏ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିଠାରୁ। ଏହି ଦିନଟି ଓଡିଆଙ୍କ ନବବର୍ଷ ଭାବରେ ସାଧାରଣରେ ଗୃହୀତ ହୋଇଛି । ଓଡିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅର୍ଥାତ୍ ବାମନ ଜନ୍ମ ଦିବସରେ। ହେଲେ ଏହି ପରମ୍ପରାକୁ ଆଜିର ଯୁବପିଢି ଭୁଲିଗଲେଣି ବୋଲି କଂସାରି ସମାଜର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସୁନିଆ ହେଉଛି ଓଡିଆ ରାଜାଙ୍କର ରାଜତ୍ୱ ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ରାଜାରାଜୁଡା ଅମଳରେ ଏହି ଦିନଠାରୁ ରାଜସ୍ୱ ଆଦାୟ ଆରମ୍ଭ ହୋଇଥାଏ। ଏହି ଦୃଷ୍ଟିରୁ ସୁନିଆ ହେଉଛି ରାଜା, ପ୍ରଜା ଉଭୟଙ୍କର ବର୍ଷ ଆରମ୍ଭର ଦିବସ। ଧାନ ଅମଳ ପରେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ ସୁବିଧା ପାଇଁ ରାଜା ବା ଜମିଦାରମାନେ ଏହି ଅମଳ ଅଙ୍କ ବର୍ଷର ଆରମ୍ଭ ଆଜିର ଦିନଠାରୁ କରିଥିଲେ। ରାଜାରାଜୁଡା ଶାସନ ଉଚ୍ଛେଦ ପରେ ସୁନିଆ ଦିନର ଗୁରୁତ୍ୱ କମିଯାଇଛି ସତ ମାତ୍ର ଏଥି ମଧ୍ୟରେ ଏକ ସ୍ମୃତି ଅନ୍ତର୍ନିହିତ ରହିଛି । ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ଏବଂ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହାରେ ପ୍ରସିଦ୍ଧି ଲାଭ କରିଥିଲା । ଏହି ଶିଳ୍ପର ଶତାଧିକ କାରିଗର ସୁନିଆଁ ଦିନ କଂସା ପିତ୍ତଳ ସାମଗ୍ରୀ ପ୍ରସ୍ତୁତ କରି ମହାଜନ ବା ସାହୁକାର ଓ ଶିଳ୍ପ ସମବାୟ ସମିତିକୁ ଭେଟି ଦେଇଥାନ୍ତି । ଏହାପରେ ସମସ୍ତ କାରିଗର, ମହାଜନ ଓ ସମିତିର କର୍ମକର୍ତ୍ତାମାନେ ଏହି ଦିନକୁ ଆନନ୍ଦର ସହ ପାଳନ କରିଥାନ୍ତି। ଏବେ କିନ୍ତୁ କଂସା ପିତ୍ତଳ ବାସନ ଶିଳ୍ପ ବିଭିନ୍ନ କାରଣରୁ ବୁଡିଯିବାକୁ ବସିଲାଣି। କାରିଗରମାନେ ଜୀବନଜୀବିକା ହରାଇ ଅନ୍ୟ ଧନ୍ଦାରେ ନିୟୋଜିତ ହେଲେଣି। ଅପରପକ୍ଷରେ ମହାଜନମାନେ ବାସନ ଶିଳ୍ପର ରୁଗ୍‌ଣ ଅବସ୍ଥା ଯୋଗୁ କାରିଗରମାନଙ୍କୁ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସମ୍ଭବ ହେଉନି । ଫଳରେ ମହାଜନ ଏବଂ ବିଭିନ୍ନ ସମବାୟ ସମିତି ସହିତ କାରିଗରମାନଙ୍କ ବ୍ୟବସାୟିକ ସମ୍ପର୍କ ତୁଟି ଗଲାଣି । ତେବେ କେବଳ ପରମ୍ପରାକୁ ବଜାୟ ରଖିବାକୁ ଶିଳ୍ପ ଅନୁଷ୍ଠାନରେ ଅଙ୍କ ବା ସୁନିଆ ପୂଜା କରାଯାଉଥିଲା। ଏହି ଦିନରେ କଣ୍ଟିଲୋ ଅଞ୍ଚଳର କେତେକ କାରିଗର ନିଜ କୌଳିକ ବୃତ୍ତିକୁ ଆଦରି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସେମାନଙ୍କ ଉତ୍ପାଦିତ କଂସା ପିତଳ ବାସନ ସାମଗ୍ରୀ ଯୋଗାଉଛନ୍ତି । ପବିତ୍ର ଅଙ୍କ ପରମ୍ପରାକୁ ସେମାନେ ଭୁଲି ନ ଯାଇ ଆଡମ୍ବର ସହକାରେ ପାଳନ କରୁଥିବା ପରିଲକ୍ଷିତ ହୋଇଥିଲା। ଏହି ଶିଳ୍ପକୁ ବଞ୍ଚାଇ ରଖିଥିବା କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମ କାହ୍ନୁ ବ୍ରାସ ୟୁନିଟ୍‌ର ସନ୍ତୋଷ କୁମାର ମହାରଣା, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ଦଣ୍ଡପାଣି ସାହୁ ଓ ବିଦୁରବେହେରା ପାଟଣା ଗ୍ରାମର ଏକ ପୁରାତନ ପ୍ରତିଷ୍ଠାନ ତଥା ମହାଜନ ସ୍ୱର୍ଗତ ଭଗବାନ ସାହୁ ଏଣ୍ଡ୍‌କୋ ପରମ୍ପରାକୁ ମନେ ପକାଇ ସେମାନଙ୍କ ବଂଶଜ ସଞ୍ଜୟ କୁମାର ସାହୁ ଓ ଅଜୟ କୁମାର ସାହୁ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପାଖରେ ରଖି ଅଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି। ତେବେ ଆଜିର ଯୁବପିଢି ଏ ଅଙ୍କ ପରମ୍ପରାକୁ ଭୁଲିଯିବାକୁ ବସିଲେଣି ବୋଲି ନିଖିଳ ଉତ୍କଳ କଂସାରି ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ଶ୍ରୀପତି ମହାରଣା, କଂସାରି ସମାଜର ପୂର୍ବତନ ସଭାପତି ଇଂ. ନକୁଳ ସାହୁ ପ୍ରମୁଖ କ୍ଷୋଭର ସହ ପ୍ରକାଶ କରଛନ୍ତି।



ସୁନିଆ ପୂଜା କରାଯାଉଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୧ ସେପ୍ଟେମ୍ବର, ୨୦୧୯

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ । - ବ୍ୟାସଦେବ



## ସଂକ୍ଷେପରେ

### ସାମାନ୍ୟ ବଚସାକୁ ନେଇ ୨ ଗୋଷ୍ଠୀ ସଂଘର୍ଷ: ୬ ଆହତ

ଭାପୁର,୧୦।୯ (ଡି.ଏନ.ଏ): ଶ୍ୱଶୁର ଘର ଗାଁକୁ ଆସୁଥିବା ଜ୍ୱାଇଁଙ୍କ ବାଇକ୍ ସାଇଡ୍ ଦେବାକୁ ନେଇ ୨ ସାହି ମଧ୍ୟରେ ଗଣ୍ଡଗୋଳ ଘଟି ୬ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ସଁପୁର ଗ୍ରାମର ଘନଶ୍ୟାମ ବେହେରା ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ବେହେରା ନୟାଗଡ଼ ଜିଲା ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମର ଶ୍ୟାମ ସୁନ୍ଦର ପଲେଇଙ୍କ ଘରକୁ ସୋମବାର ସନ୍ଧ୍ୟାରେ ବାଇକ୍‌ରେ ଆସୁଥିଲେ। ଗାଁ ମୁଣ୍ଡରେ ଥିବା ପୋଖରୀ ନିକଟ ରାସ୍ତାରେ ଉକ୍ତ ଗ୍ରାମ ହରିଜନ ସାହିର କିଛି ଯୁବକ ଠିଆ ହୋଇଥିଲେ। ସେମାନଙ୍କୁ ସାଇଡ୍ ଦେବାକୁ ବାଇକ୍‌ରେ ଯାଉଥିବା ଦମ୍ପତି କହିବାରୁ ବଚସା ହୋଇଥିଲା। ଝିଅ ଜ୍ୱାଇଁ ଆସି ଶ୍ୱଶୁର ଘର ନିକଟରେ ପହଞ୍ଚିବା ପରେ ହରିଜନ ସାହିର ୪/୫ଜଣ ଯୁବକ ଖଣ୍ଡା ଧରି ଗୋପାଳ ସାହିରେ ପହଞ୍ଚିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହୋଇ ୬ ଆହତ ହୋଇଥିଲେ। ସେମାନେ ହେଲେ ଶ୍ୟାମସୁନ୍ଦର ପଲେଇ, ରମେଶ ପଲେଇ ଓ ଘନଶ୍ୟାମ ପଲେଇଙ୍କ ସହ ହରିଜନ ସାହିର ଚନ୍ଦନ ନାଏକ, ମୁନା ନାଏକ ଓ ପାପୁନି ନାଏକ । ଗୋପାଳ ସାହିର ଆହତମାନେ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ହରିଜନ ସାହିର ଯୁବକମାନେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସୁଭଦ୍ରା ବେହେରାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ଥାନାରେ ୧୫୫/୧୯ ଓ ହରିଜନ ସାହିର ଚନ୍ଦନ ନାଏକଙ୍କ ଅଭିଯୋଗକୁ ଭିତ୍ତି କରି ୧୫୬/୧୯ରେ ୨ଟି ମାମଲା ରୁଜୁ ହୋଇଛି। ମଙ୍ଗଳବାର ଉଭୟ ପକ୍ଷ ଭଦ୍ରବ୍ୟକ୍ତିଙ୍କ ସହାୟତାରେ ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ।

### ଖୁଦୁରୁକୁଣୀ ଭସାଣି ଉତ୍ସବ



**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.):** କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସାହିବସ୍ତିର ଯୁବତୀ, ମହିଳାମାନେ ସୋମବାର ଖୁଦୁରୁକୁଣୀ ଭସାଣି ଉତ୍ସବ ପାଳନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ହାଟମୁଣ୍ଡପାଟଣା, ଫକୀର ଅତବୁଦ୍ଧି ପାଟଣା ଆଦି ସାହିର ଝିଅ ଓ ବୟସ୍କା ମହିଳାମାନେ ଦଳ ଦଳ ହୋଇ ଖୁଦୁରୁକୁଣୀ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଇ କମେଇ ନଦୀରେ ବିସର୍ଜନ କରିଥିଲେ। ଡିଜେ ସାଉଣ୍ଡ ଗୀତର ତାଳେ ତାଳେ ସେମାନେ ନାଚି ନାଚି ଗାଁ ଦାଣ୍ଡରେ ଯାଉଥିବା ଦୃଶ୍ୟକୁ ଲୋକେ ଉପଭୋଗ କରିଥିଲେ।

# ପାହାଡ଼ରେ ଚାଲିଛି ବେଆଇନ ପଥରଖଣି

ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ.ଏ.),୧୦।୯

- ଦିନ ରାତି ହେଉଛି ବିସ୍ଫୋରଣ
- ପ୍ରଭାବରେ ଥରୁଛି ଘରଦ୍ୱାର
- ପଡ଼ିଆ ପଡୁଛି ଚାଷଜମି



ପାହାଡ଼ରେ ହୋଇଥିବା ପଥର ଖଣି।

ନୟାଗଡ ଜିଲାର ନୂଆଗାଁ ବ୍ଲକ ଓ ଖଣ୍ଡପଡ଼ା ବ୍ଲକ ସୀମାନ୍ତରେ ଥିବା ଦୁଇଟି ପାହାଡ଼ରେ ଚାଲିଛି ବେଆଇନ ପଥରଖଣି। ଏହି ଦୁଇ ଖଣିକୁ ଚଳାଉଥିବା ବେପାରୀ (ମାଫିଆ)ମାନେ ସରକାରୀ କର୍ମଚାରୀଙ୍କୁ ହାତ କରି ଦିନ ଦ୍ୱିପ୍ରହରରେ ଡିନାମାଇଟ ଦ୍ୱାରା ପାହାଡ଼କୁ ଫଟାଇ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଲୁଟି ନେଇଛନ୍ତି। ବର୍ଷ ବର୍ଷ ଧରି ମାଫିଆମାନେ ପାହାଡ଼ ଲୁଟ କରୁଥିଲେ ସୁଦ୍ଧା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନୀରବଦ୍ରଷ୍ଟା ସାଜି ହାତ ବାନ୍ଧି ବସିଛି। ଫଳରେ ଏହି ଖଣି ଦ୍ୱାରା ପ୍ରାୟ ୫ ଖଣ୍ଡ ଗ୍ରାମର ଲୋକେ ପ୍ରଭାବିତ ହେଉଛନ୍ତି। ଏ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ପ୍ରକାଶ ଯେ, ନୂଆଗାଁ ବ୍ଲକର ସିକ୍ରୀଡ଼ା ପଞ୍ଚାୟତ ମଙ୍ଗଳପୁର ନିକଟବର୍ତ୍ତୀ ଓ ଖଣ୍ଡପଡା ବ୍ଲକ ବଳଭଦ୍ରପ୍ରସାଦ ପଞ୍ଚାୟତ ସିଙ୍ଗିପୁର, କୁଶମଡା ସୀମାନ୍ତରେ ଥିବା ପାହାଡ଼ ଉପରେ ଚାଲିଛି ପଥର କଟା। ସେଠାରେ ରହିଛି ବିରାଟ ପଥର ଖଣି। ଜଙ୍ଗଲ ମଧ୍ୟରେ ଏତେ ବଡ ଖଣି ଚାଲୁଥିବା ବେଳେ ସେଠାରେ କାହା ଅନୁମତିରେ ଡିନାମାଇଟ ଲଗାଇ ପଥର ବିସ୍ଫୋରଣ କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଥର ମାଫିଆମାନେ ରାଜସ୍ଥାନରୁ ଆଣିଥିବା ଉନ୍ନତ ଧରଣର ବଡ ମେଶିନ ସାହାଯ୍ୟରେ ପାହାଡ଼ର ଅଗ୍ରଭାଗରେ ଶହେ ଫୁଟ ଗଭୀର ଆକାରରେ ଖୋଳି ଡିନାମାଇଟ ଦ୍ୱାରା ଫଟାଇ ଚାଲିଛନ୍ତି। ଫଳରେ ଆଖପାଖ ୫ ଖଣ୍ଡ ଗାଁ ଏହି ସମୟରେ ଥରି ଉଠୁଛି। ଏକ ପ୍ରକାର ଭୂମିକମ୍ପର ଭୟ ସୃଷ୍ଟି କରୁଛି । ଭୟରେ ରାତିରେ ଘରେ ଛୋଟ ପିଲାମାନେ ଶୋଇ ପାରୁ ନ ଥିବା ବେଳେ କାଳେ କିଛି ଅଘଟଣ ଘଟିବ ସେଥିପାଇଁ ପରିବାର ଲୋକେ ଜଗି ବସୁଛନ୍ତି। ବିସ୍ଫୋରଣ ସମୟରେ ଘର ଦୋହଲି ପଡୁଥିବା ବେଳେ କଂସା ବାସନ ସବୁ ଏପଟ ସେପଟ ହୋଇ ପଡୁଛି । ଗାଁ ଲୋକମାନେ ଦିନ ମଜୁରିଆ ଭାବେ କାମ କରି ଘର ଖଣ୍ଡିଏ କରିଥିବା ବେଳେ ସେଥିପ୍ରତି ବିପଦ ସୃଷ୍ଟି ହୋଇଛି। ସେହିପରି ଉକ୍ତ ପାହାଡ଼ରୁ ଛିଟିକି ପଡୁଥିବା ପଥର ଜମିରେ ପଡ଼ି ଉର୍ବରତା ନଷ୍ଟ କରିବା ସହ ଏହା ଫସଲ ଅମଳକୁ ପ୍ରଭାବିତ କରୁଛି। ଫଳରେ ଏହାର ଆଖପାଖରେ ଥିବା ଶହ ଶହ ଏକର ଜମି ବର୍ତ୍ତମାନ ପଡ଼ିଆ ପଡ଼ି ରହୁଛି। ଅନ୍ୟପକ୍ଷେ ପଥର ମାଫିଆମାନେ ପ୍ରଶାସନ ଆଖିରେ ଧୂଳି ଦେଇ ତିନିରୁ ଚାରି କିଲୋମିଟର ଜଙ୍ଗଲିଆ ରାସ୍ତାକୁ ତାଡ଼ି ଖୋଳି ପାହାଡ଼ର ଶୀର୍ଷ ଭାଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିଛନ୍ତି। ରାସ୍ତା ନିର୍ମାଣ ସମୟରେ ଶହ ଶହ ସଂଖ୍ୟାରେ ଗଛ କଟାଯାଇଥିଲେ ମଧ୍ୟ ସେସବୁ ଗଛ କାଟିବା ପାଇଁ କିଭଳି ଭାବେ ଅନୁମତି ଦିଆଯାଇଥିଲା ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖଣିରେ ଅହରହ ବିସ୍ଫୋରଣ କରି ପଥର, ଚିପ୍ସ ଏବଂ ମେଣ୍ଟାଲ କଢ଼ାଯାଇ ଜିଲା ଓ ଜିଲା ବହାରକୁ ପ୍ରତିଦିନ ଚୋରାଚାଲାଣ କରାଯାଉଛି । ଗ୍ରାମବାସୀ ଏ ନେଇ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା କେହି ଏ ନେଇ କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ତିନିବର୍ଷ ତଳେ ଅର୍ଥାତ ଜୁଲାଇ ୨୦୧୬ ମସିହାରେ ବଳଭଦ୍ରପ୍ରସାଦ ପଞ୍ଚାୟତବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ ଖଣ୍ଡପଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତଦନ୍ତ ପରେ ଖଣି ବନ୍ଦ କରି ନାଲି ପତାକା ମାରିଥିଲେ। କିନ୍ତୁ ଏହାର ଗୋଟିଏ ଦିନ ପରେ ପୁଣିଥରେ ଖଣି ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଦିନଠାରୁ ଏହି ଦୁଇଟି ଖଣିରେ ଦିନରାତି ବିସ୍ଫୋରଣ କରି ପଥର କଢ଼ା ଯାଉଛି। ଏ ନେଇ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ଏ ବିଷୟରେ ସେ ଜାଣିନାହାନ୍ତି। କୋସକା ଆରଆଇଙ୍କୁ କହି ଏହାର ତଦନ୍ତ କରିବେ ବୋଲି କହିଥିଲେ। ସେହିଭଳି ଏ ନେଇ ନୟାଗଡ଼ ତହସିଲଦାର ତଥା ନୂଆଗାଁ ତହସିଲଦାର ଦାୟିତ୍ୱରେ ଥିବା ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି କିଛିଦିନ ହେଲାଣି ମୁଁ ନୂଆଗାଁ ତହସିଲଦାର ଭାବେ ଦାୟିତ୍ୱ ନେଇଛି। ଏହିଭଳି ଖବର ଜାଣିବା ପରେ ଆରଆଇଙ୍କୁ କହି ଏହାର ତଦନ୍ତ କରିବି ।

### ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ପୁନର୍ଣ୍ଣବାଙ୍କ କୃତିତ୍ୱ



ଖଣ୍ଡପଡ଼ା, ୧୦।୯(ସ୍ୱ.ପ୍ର.)

ଶିକ୍ଷା ବିକାଶ ସମିତି ଓଡିଶା ଖୋର୍ଦ୍ଧା ବିଭାଗ ତରଫରୁ ଗତ ୬ ଓ ୭ ତାରିଖରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୟାଗଡ଼ଠାରେ ଆୟୋଜିତ ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଗଣିତ ପ୍ରୟୋଗରେ ସରସ୍ୱତୀ ଶିଶୁ ମନ୍ଦିର ଖଣ୍ଡପଡାର ୭ମ ଶ୍ରେଣୀ ଛାତ୍ରୀ ପୁନର୍ଣ୍ଣବା ମହାପାତ୍ର ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ଅକ୍ଟୋବର ୨ ତାରିଖରେ ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାନ୍ତସ୍ତରୀୟ ପ୍ରତିଯୋଗିତାରେ ସେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ସଂକୁଳସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତାଙ୍କର ଏହି ସଫଳତା ପାଇଁ ଖଣ୍ଡପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ତାଙ୍କୁ ଅଭିବାଦନ ଜଣାଇଛନ୍ତି ।

### ଦଶପଲ୍ଲା ଖବରଦାତାଙ୍କୁ ଆକ୍ରମଣ ଘଟଣା
# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ନୟାଗଡ଼ ଅଫିସ,୧୦।୯

**ପୋଲିସ ମହାନିର୍ଦ୍ଦେଶକଙ୍କୁ ଦେଲେ ଦାବିପତ୍ର**




ଖବରଦାତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଟାକେରା ଆଶ୍ରମ ବିଦ୍ୟାଳୟରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଖବରଦାତାମାନେ ଆମରଣ ଅନଶନରେ ବସିଥିବା ବେଳେ ଦଶପଲ୍ଲା ବିଧାୟକଙ୍କ ଉପସ୍ଥିତିରେ ତାଙ୍କର ସମର୍ଥକମାନେ ମଧ୍ୟ ସେମାନଙ୍କୁ ଆକ୍ରମଣ କରିଥିଲେ। ଅଗଷ୍ଟ ୧୪ ତାରିଖରେ ଏ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଖବରଦାତାମାନେ ଏସ୍‌ପିଙ୍କୁ ଭେଟିଥିଲେ। ପରେ ଦଶପଲ୍ଲା ପୋଲିସ ଟାକେରା ଆଶ୍ରମ ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କ ନାମରେ କୋର୍ଟରେ ଚାର୍ଜଶିଟ କରିଥିଲା। ହେଲେ ବିଧାୟକଙ୍କ ସମର୍ଥକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଘଟଣାକୁ ମାସେ ବିତି ଯାଇଥିଲେ ମଧ୍ୟ ପୋଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଫଳରେ ମଙ୍ଗଳବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ପୋଲିସ ମହାନିର୍ଦ୍ଦେଶକ ଡ. ବିଜୟ କୁମାର ଶର୍ମାଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଡା. ପୋମା ଟୁଡୁଙ୍କ ଜରିଆରେ ଖବରଦାତାମାନେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ପୋଲିସ ମହାନିର୍ଦ୍ଦେଶକ ଏ ଦିଗରେ ହସ୍ତକ୍ଷେପ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖବରଦାତାମାନେ ଦାବି କରିଛନ୍ତି। ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଖବରଦାତାମାନେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଜୁଲାଇ ୩ ତାରିଖରେ ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ଆଶ୍ରମ ବିଦ୍ୟାଳୟରେ କର୍ତ୍ତବ୍ୟବରତ ୩ ଜଣ ଖବରଦାତାଙ୍କୁ ଆକ୍ରମଣ କରାଯିବା ସହିତ ସେମାନଙ୍କୁ ଅଟକ ରଖିଥିଲେ। ଏ ନେଇ ଖବରଦାତାମାନେ ସେହି ସମୟରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଫଳରେ ଦଶପଲ୍ଲା ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କିଛିଦିନ ତଳେ ଦଶପଲ୍ଲା ଥାନା ଆଗରେ ଗଣଧାରଣା ଦିଆଯାଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ୧୭ ଦିନ ପରେ ଖବରଦାତାମାନେ ଦଶପଲ୍ଲା ଥାନା ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅଗଷ୍ଟ ୮ ତାରିଖରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ତାଙ୍କର କିଛି ସମର୍ଥକ ଅନଶନସ୍ଥଳରେ ପହଞ୍ଚି ଏଥିରୁ କ୍ଷାନ୍ତ ହେବାକୁ କହିଥିଲେ। ହେଲେ ଖବରଦାତାମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ବିଧାୟକଙ୍କ ସମ୍ମୁଖରେ ତାଙ୍କ ସମର୍ଥକମାନେ ଖବରଦାତାଙ୍କୁ ମାଡ଼ ମାରିବା ସହିତ ଟେଣ୍ଟ ଭାଙ୍ଗି ଦେଇଥିଲେ। ଜଣେ ଖବରଦାତା ଏଥିରେ ଗୁରୁତର ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ନିଶିକାନ୍ତ ରଥଙ୍କ ସମେତ ଏକାଧିକ ଖବରଦାତା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

### ମହାନଦୀରେ ବନ୍ୟା
# ଭାପୁରରେ ଚାଷଜମି ଜଳପ୍ଲାବିତ



ଜଳମଗ୍ନ ହୋଇପଡ଼ିଥିବା ଚାଷ ଜମି।

ଭାପୁର,୧୦।୯(ଡି.ଏନ.ଏ.)

ମହାନଦୀରେ ବନ୍ୟା ଯୋଗୁ ଭାପୁର ଅଞ୍ଚଳ ପ୍ରଭାବିତ ହୋଇଛି। ଅଞ୍ଚଳର ବ୍ୟାପକ ଚାଷଜମି ଜଳପ୍ଲାବିତ ହୋଇଛି। ମହାନଦୀ ଓ କାଳିଗିରି ନଦୀରେ ବନ୍ୟା ଆସିବା ଯୋଗୁଁ ଭାପୁର ବ୍ଲକର କରବର,ଫତେଗଡ଼ ଏବଂ ଶାସନ ପଞ୍ଚାୟତର ପ୍ରାୟ ୧୦ହଜାର ହେକ୍ଟର ଜମିରେ ଧାନ,ଆଖୁ, ପନିପରିବା ତଥା ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଣିରେ ବୁଡି ରହି ନଷ୍ଟ ହେବାରେ ଲାଗିଛି। ସୂଚନା ଯୋଗ୍ୟ, ଲଘୁ କିସମର ଧାନ କେଣ୍ଡା ବାହାରୁଥିଲା ବେଳେ ବନ୍ୟାଜଳରେ ବୁଡ଼ିରହିଥିବାରୁ ସେସବୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବଡ଼ବର, ମାଣିତ୍ରୀ, ଗୁଡୁପଡ଼ା, ଫତେଗଡ଼, ମଣିପୁର, କରବର, ଯଶୋବନ୍ତପୁର ପ୍ରଭୃତି ଗ୍ରାମରେ ଲଘୁ, ମଧ୍ୟମ ଓ ବଡ଼ କିସମର ଧାନ, ଆଖୁ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଚାଷ କରାଯାଇଥିବା ଭେଣ୍ଡି, ଝୁଡ଼ଙ୍ଗ, ବାଇଗଣ, ସାରୁ ସମେତ ଅନ୍ୟାନ୍ୟ ପନିପରିବା ଫସଲ ମଧ୍ୟ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି ।

### ରାସ୍ତା ଉପରେ ଝୁଲିରହିଛି ବିଦ୍ୟୁତ୍ ତାର
# ବିପଦ ଆଶଙ୍କାରେ ସାହିବାସୀ

ଖଣ୍ଡପଡା,୧୦।୯(ସ୍ୱ.ପ୍ର.)

କଣ୍ଟିଲୋ ଅଞ୍ଚଳ ଦେଇ ଯାଇଛି ଦଶପଲ୍ଲା–ଖୋର୍ଦ୍ଧା ରାଜ୍ୟ ରାଜପଥ। ଏହି ରାସ୍ତାର କଣ୍ଟିଲୋ ଅଞ୍ଚଳରେ ବିଦ୍ୟୁତ୍ ତାର ଝୁଲିରହିଥିବାରୁ ବିଭିନ୍ନ ସାହି, ବସ୍ତିର ଲୋକେ ବିପଦ ଆଶଙ୍କା କରିଛନ୍ତି। ଖଣ୍ଡପଡା ସେସୁ ବିଭାଗର କଣ୍ଟିଲୋ ବିଦ୍ୟୁତ୍ ସେକ୍ସନ ଅଧୀନରେ ପ୍ରାୟ ୧୩୦ କିଲୋମିଟର ୧୧ କେଭି ଓ ଏଲ୍‌ଟି ଲାଇନ ରହିଛି। ଏହି ଲାଇନର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ତାର ଝୁଲି ରହିଛି । ବିଶେଷ କରି ଦଶପଲ୍ଲ–ଖୋର୍ଦ୍ଧା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ୪୮ ନମ୍ବର ରାଜ୍ୟ ରାଜପଥ ଭାବେ ଘୋଷଣା କରାଯାଇ ନବୀକରଣ କରାଯିବାରୁ ଏହି ରାସ୍ତା ପ୍ରାୟ ଏକଫୁଟ ଉଚ୍ଚା ହୋଇଯାଇଛି । କଣ୍ଟିଲୋ ମୁଖ୍ୟ ବଜାରରେ ସିମେଣ୍ଟ ରାସ୍ତା ଉପରୁ ଏହି ଏଲଟି ଲାଇନ ଓ ୧୧ କେଭି ଲାଇନର ଉଚ୍ଚତା ପ୍ରାୟ ୧୦/୧୫ଫୁଟ ରହିଛି । ପ୍ରତ୍ୟହ ଉକ୍ତ ବଜାର ରାସ୍ତା ଦେଇ ଶତାଧିକ ଭରିଯାନ ସହିତ ଯାତ୍ରୀବାହୀ ବସ୍, ଟ୍ରକ, ଜେସିବି ଆଦି ଚଳାଚଳ କରୁଛି । ଅନେକ ସମୟରେ ବିଭିନ୍ନ ଭାରିଯାନ ଓ ଯାତ୍ରୀବାହୀ ବସ୍‌ରେ ଲଦା ହୋଇଥିବା ସାମଗ୍ରୀ ରାସ୍ତା ଉପରେ ଝୁଲି ରହିଥିବା ଲାଇନରେ ମାଡ ହୋଇ ବିଦ୍ୟୁତ୍ ତାର ଛିଣ୍ଡିବାର ନଜିର ରହିଛି । ବିଗତ ଦିନରେ ଏକ ଯାତ୍ରୀବାହୀ ବସ୍ ଛାତ ଉପରେ ବସିଥିବା ଜଣେ ବ୍ୟକ୍ତି ତାର ସଂସ୍ପର୍ଶରେ ଆସି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଗତ ଅଗଷ୍ଟ ୮ ତାରିଖରେ କୌଣସି ଏକ ଗାଡିରେ ଲୋଡ୍‌ହୋଇଥିବା ସାମଗ୍ରୀ ଝୁଲି ରହିଥିବା ବିଦ୍ୟୁତ ଲାଇନରେ ଲାଗିଯିବାରୁ ତାରଗୁଡିକ ୧୦/୧୫ ଫୁଟ ଯାଏ ଟାଣି ହୋଇ ଯାଇଥିଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଲାଇନକୁ ଉପରକୁ ଉଠାଇବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏହାର ପ୍ରତିକାର ହେଉନାହିଁ। ଏ ସମ୍ପର୍କରେ ନୟାଗଡ ସେସୁ ଡିଭିଜନର ମ୍ୟାନେଜର ତଥା ନିର୍ବାହୀଯନ୍ତ୍ରୀ ସୁଜିତ କୁମାର ସାହୁ କହନ୍ତି, ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ କରୁଥିବାରୁ ଏହା ସ୍ୱାଭାବିକ ଭାବେ ଉଚ୍ଚା ହେଉଛି । ସେହି ଅନୁପାତରେ ବିଦ୍ୟୁତ୍ ଲାଇନ କିପରି ଉଚ୍ଚ ହେବ ସେ ଦିଗରେ ପୂର୍ତ୍ତ ବିଭାଗ ଯତ୍ନଶୀଳ ହେବା କଥା। ବିଦ୍ୟୁତ୍ ବିଭାଗର ସୀମିତ ଅର୍ଥରେ ରାସ୍ତା ଉପରୁ ଏତେଗୁଡିଏ ଖୁଣ୍ଟ ଓ ବିଦ୍ୟୁତ୍ ଲାଇନକୁ ଅଧିକ ଉଚ୍ଚରେ ରଖିବା ସମ୍ଭବ ନୁହେଁ । ତଥାପି ଭବିଷ୍ୟତରେ ଯଦି ମେଣ୍ଟେନାନ୍ସ ପାଇଁ ଅଧିକ ଅର୍ଥ ଆସେ ତେବେ ଏ ଦିଗରେ ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରିବେ ବୋଲି ସେ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା କହନ୍ତି, ବିଦ୍ୟୁତ୍ ତାର ବା ଖୁଣ୍ଟ ଉଠାଇବା ନେଇ ଆମ ସେଭଳି କିଛି ବ୍ୟବସ୍ଥା ନାହିଁ। ଟେଣ୍ଡର ଡକାଯାଇ ଠିକାଦାର ମାଧ୍ୟମରେ ଏସବୁ କାର୍ଯ୍ୟ କରାଯାଉଛି।



କଣ୍ଟିଲୋ ମୁଖ୍ୟ ବଜାର ରାସ୍ତା ଉପରେ ବିଦ୍ୟୁତ୍ ତାର।

# ରଣପୁର ବଡ଼ଦାଣ୍ଡ ପାଲଟିଛି ନର୍ଦ୍ଦମା

ରଣପୁର,୧୦।୯(ସ୍ୱ.ପ୍ର.)



ରଣପୁର ବଡ଼ଦାଣ୍ଡରେ ନର୍ଦ୍ଦମା ପାଣି ଜମି ରହିଛି।

- ଡ୍ରେନ ସ୍ଥାନରେ କଂକ୍ରିଟ ରାସ୍ତା
- ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ପ୍ଲାନ୍ ଡାକିଆଣିଛି ଦୁର୍ଦ୍ଦଶା
- ରାସ୍ତା ତାଡ଼ି ପୁଣି କରାଯିବ ଡ୍ରେନ
- ସରକାରୀ ଅର୍ଥ ଅପବ୍ୟୟ ସତ୍ତ୍ୱେ ନାହିଁ ପଦକ୍ଷେପ

ଡ୍ରେନ ପାଇଁ ସ୍ଥାନ ନ ଛାଡି ସମୁଦାୟ ଅଞ୍ଚଳରେ କଂକ୍ରିଟ ରାସ୍ତା କରିଦେବାରୁ ନୂଆ ଜଗନ୍ନାଥ ସଡକର ରଣପୁର ବଡଦାଣ୍ଡ ନର୍ଦ୍ଦମା ପାଲଟିଛି। ଡ୍ରେନ ନ ଥିବାରୁ ବର୍ଷାଜଳ ଦୋକାନ ଘରେ ଓ ସ୍ଥାନୀୟ ଲୋକଙ୍କ ଘରେ ପଶୁଛି। ରାସ୍ତାରେ ବର୍ଷାଜଳ ଲହଡି ଭାଙ୍ଗି କୃତ୍ରିମ ପୋଖରୀ ସୃଷ୍ଟି କରୁଛି। ଅନ୍ୟପକ୍ଷେ ରାସ୍ତା ଉପରେ ବର୍ଷାଜଳ ବାରମ୍ବାର ପ୍ରବାହିତ ହୋଇ ଝର ବାହାରିଲାଣି। ବର୍ଷା ନ ହେଲେ ମଧ୍ୟ ରଣପୁର ବଜାର ରାସ୍ତା ତଥା ବଡଦାଣ୍ଡରେ ଝରଣା ପରି ଜଳ ପ୍ରବାହିତ ହେଉଛି। ଏପରି ସ୍ଥିତି ପଥଚାରୀ, ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଦୁର୍ଦ୍ଦଶା ଡାକି ଆଣିଥିବାବେଳେ ଝରଜଳ ରାସ୍ତାକୁ ନଷ୍ଟ କରିଚାଲିଛି । ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ପ୍ଲାନ ଯୋଗୁ ସାଧାରଣ ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଏହାର ସମାଧାନ କରିବାକୁ ହେଲେ ରାସ୍ତା ତାଡି ଡ୍ରେନ କରାଯିବ। ଏଥିପାଇଁ ପୁଣି ଲକ୍ଷାଧିକ ଟଙ୍କା ବ୍ୟୟ ହେବ। ରାସ୍ତା ନିର୍ମାଣ ନାଁରେ ସରକାରୀ ଅର୍ଥ ଅପବ୍ୟୟ ହେଉଥିଲେ ମଧ୍ୟ ପ୍ରଶାସନିକ ଓ ସରକାରୀ ସ୍ତରରେ ପଦକ୍ଷେପ ନାହିଁ।

ରଣପୁରରେ ଥିବା ଶ୍ରୀଜଗନ୍ନାଥଙ୍କ ପୀଠ ୨ୟ ଶ୍ରୀକ୍ଷେତ୍ର ରୂପେ ପରିଚିତ। ଏଠାରେ ପ୍ରତିବର୍ଷ ରଥଯାତ୍ରା ଓ ବାହୁଡା ଯାତ୍ରା ହୁଏ। ଏହି ଯାତ୍ରା ରଣପୁର ବଜାର ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡକ ଉପରେ ହୋଇଥାଏ। ରଥଯାତ୍ରା ଓ ବାହୁଡା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ରଣପୁର ବଜାରର ପ୍ରାୟ ଦେଢ଼କିମି ବଡଦାଣ୍ଡକୁ ସରକାର ଓସାରିଆ କରି ନିର୍ମାଣ କରିଥିଲେ। ହେଲେ ନିର୍ମାଣ ସମୟରେ ଡ୍ରେନ କରି ନ ଥିଲେ । ଏପରି କି ଡ୍ରେନ ପାଇଁ ସ୍ଥାନ ନ ଛାଡି ସମୁଦାୟ ଅଞ୍ଚଳରେ କଂକ୍ରିଟ ରାସ୍ତା ନିର୍ମାଣ କରିଦେଲେ। ରାସ୍ତା ନିର୍ମାଣ ସମୟରେ ଡ୍ରେନ ନିର୍ମାଣ ଦାବି ଉଠିଥିଲା। ହେଲେ ଲୋକଙ୍କ ଦାବିକୁ ଉପେକ୍ଷା କରାଯାଇ କେବଳ ରାସ୍ତା ନିର୍ମାଣ କରାଗଲା ।



ପ୍ରଦୀପ ପଟ୍ଟନାୟକ



ପ୍ରିୟବ୍ରତ ପ୍ରହରାଜ

ଏବେ ରାସ୍ତା ଉପରେ ଝର ଫିଟିବାରୁ ଶିଉଳି ହୋଇ ଦୁର୍ଘଟଣା ଘଟିଲାଣି। ଏ ସମ୍ପର୍କରେ ରଣପୁର ଏନ୍‌ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ କୁହନ୍ତି, ରାସ୍ତା ନିର୍ମାଣ ବେଳେ ଉଭୟ ପାର୍ଶ୍ୱରେ ଡ୍ରେନର ଆବଶ୍ୟକତା ଥିଲା। ଏ ନେଇ ଲୋକଙ୍କ ଦାବି ମଧ୍ୟ ରହିଥିଲା। କିନ୍ତୁ ପୂର୍ତ୍ତ ବିଭାଗ ଡ୍ରେନ ନ କରିବାକୁ ସାଧାରଣ ଲୋକ, ପଥଚାରୀ ହଇରାଣ ହେଉଛନ୍ତି। ଘରେ ପାଣି ପଶୁଛି । ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୀପ ପଟ୍ଟନାୟକ କୁହନ୍ତି, ରାସ୍ତା ନିର୍ମାଣ ବେଳେ ଡ୍ରେନ ନ ହେବାରୁ ଲୋକମାନଙ୍କ ଘରେ ପାଣି ପଶୁଛି। ପୁଣି ରାସ୍ତାରେ ପାଣି ଯାଉଛି। ଏଣୁ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ପୁଣି ଡ୍ରେନ କରାଯିବାକୁ ପଦକ୍ଷେପ ନିଆଯାଉଛି ।